

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.144, Saturday, 12 September 2026, Puri, Pages - 23, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୪, ଶନିବାର, ୧୨ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.144, Saturday, 12 September 2026, Puri, Pages - 23, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୪, ଶନିବାର, ୧୨ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

▸RNI No. ODIODI / 2014 / 56157▸ www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol.13, Issue.144, Saturday, 12 September 2026, Puri, Pages - 23, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୪, ଶନିବାର, ୧୨ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


### ଓରାଙ୍ଗଉଟାନ ଉଦ୍ଧାର ଘଟଣା

## ୩ ଜଣଙ୍କୁ ଉଠାଇନେଲା ଏସ୍‌ଟିଏଫ



ଭୁବନେଶ୍ୱର(ବ୍ୟୁରୋ)

୫ ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ୩ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି ଏସଟିଏଫ । ପଶ୍ଚିମବଙ୍ଗ ଦୀଘାର ଏକ ଘରୋଇ ହୋଟେଲରୁ ସେମାନଙ୍କୁ ଉଠାଇ ଆଣିଛି ଏସଟିଏଫ । ଏହି ଘରୋଇ ହୋଟେଲ୍ ମାଲିକଙ୍କର ଏକ କଳାରଙ୍ଗର ଥାର୍ ଗାଡ଼ି ଅଛି । ଓରାଙ୍ଗଉଟାନ ଉଦ୍ଧାର ହେବା ପରେ ଏକ କଳା ରଙ୍ଗର ଥାର ଗାଡିକୁ ନେଇ ଖୁବ ଆଲୋଚନା ହେଉଛି । ଯେଉଁ ଜଙ୍ଗଲରୁ ଓରାଙ୍ଗଉଟାନ ଉଦ୍ଧାର ହୋଇଥିଲେ ସେହି ଆଡକୁ କଳା ରଙ୍ଗର ଥାର ଗାଡି ଟିଏ ଯିବା ଓ କିଛି ସମୟ ପରେ ଫେରିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ଏସଟିଏଫର ଛାନଭିନ ବେଳେ ଏହି ସିସିଟିଭି ଦୃଶ୍ୟ ସାମ୍ନାକୁ ଆସିଥିଲା । ୫ ଓରାଙ୍ଗଉଟାନ୍ ଉଦ୍ଧାର ହୋଇଥିବା ସ୍ଥାନକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଛି ବିଚିତ୍ରପୁର ବନାଞ୍ଚଳକୁ ବନ ବିଭାଗ । ସେଠାକୁ ଜନସାଧାରଣ ଯିବା ଆସିବା ଉପରେ କଟକଣା ଲାଗିଛି । ତାରବାଡ଼ ଦେଇ ସର୍ବସାଧାରଣଙ୍କ ପ୍ରବେଶ ଉପରେ ରୋକ୍ ଲଗାଯାଇଛି । ଏବେ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଏସଟିଏଫ ଟିମ୍‌ର ତଦନ୍ତ ଜାରି ରହିଛି । ଏହି ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ଥାଇଲାଣ୍ଡ, ମାଲେସିଆ ଓ ଇଣ୍ଡୋନେସିଆ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି । ୫ ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ବିଧିବଦ୍ଧ ମାମଲା ରୁଜୁ କରିବା ପାଇଁଏସଟିଏଫ କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି। ସେ କହିଛନ୍ତି, ଏସଟିଏଫ ତଦନ୍ତ ପରେ ସବୁ ସ୍ପଷ୍ଟ ହେବ । ଖୁବଶୀଘ୍ର ଆକ୍ସନ ନିଆଯିବ । ୭/୮ ଦିନ ମଧ୍ୟରେ ମାମଲାର ପ୍ରଗତି ଦେଖିବାକୁ ମିଳିବ । କେଉଁ ରୁଟ୍‌ରେ, କିଏ ଆଣିଥିଲା, ଉଦ୍ଦେଶ୍ୟ କଣ ଥିଲା ତାହାର ଖୋଳତାଡ଼ ଚାଲିଛି ।

### ୟୁଏଇରେ ତିନି ଦିନିଆ ନିବେଶ ଅଭିଯାନ ଶେଷ

# ୨,୪୩,୧୬୨ କୋଟି ଟଙ୍କାର ପ୍ରସ୍ତାବ

- ୬,୧୮,୭୨୫ଟି ନିଯୁକ୍ତି ସମ୍ଭାବନା
- ଓଡ଼ିଶା ଭାରତର ପରବର୍ତ୍ତୀ ପୁଞ୍ଜିନିବେଶ ଗନ୍ତବ୍ୟସ୍ଥଳ : ମୁଖ୍ୟମନ୍ତ୍ରୀ
- ଦୁବାଇ ରୋଡ୍‌ସୋ': ଓଡ଼ିଶାର ପରବର୍ତ୍ତୀ ବିକାଶ କାହାଣୀ

ଭୁବନେଶ୍ୱର(ବ୍ୟୁରୋ)

ପୁଞ୍ଜି, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ ଭାଗିଦାରୀ ଏବଂ ଅନ୍ତର୍ଜାତୀୟ ବଜାରରେ ପ୍ରବେଶ ପାଇଁ ରାଜ୍ୟର ବିଶ୍ୱସ୍ତରୀୟ ପ୍ରୟାସକୁ ଜୋରଦାର କରାଯିବା ସହ ଓଡ଼ିଶା ୟୁଏଇରେ ଏହାର ତିନିଦିନିଆ ପୁଞ୍ଜିନିବେଶ ଅଭିଯାନ ଶେଷ କରିଛି। ଏହି ଅବସରରେ ମୋଟ ୨,୪୩,୧୬୨ କୋଟି ଟଙ୍କାର ପ୍ରସ୍ତାବିତ ପୁଞ୍ଜିନିବେଶ ଏବଂ ୬,୧୮,୭୨୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆବୁଧାବୀ ଏବଂ ଦୁବାଇରେ ଅନୁଷ୍ଠିତ ଏହି ତିନିଦିନିଆ କାର୍ଯ୍ୟକ୍ରମରେ ୫୨ ଟି ୱାନ୍-ଅନ୍-ୱାନ୍ ନିବେଶକ ବୈଠକ ଏବଂ ରାଉଣ୍ଡ ଟେବଲ୍ ଆଲୋଚନା ପରେ ୧୬ ଟି ବୁଝାମଣାପତ୍ର ଏବଂ ପୁଞ୍ଜିନିବେଶ ପ୍ରସ୍ତାବ ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୟୁଏଇ ନିବେଶକ, ବିଶ୍ୱସ୍ତରୀୟ ବ୍ୟବସାୟୀ, ସାର୍ବଭୌମ ତଥା ପ୍ରତିଷ୍ଠାନିକ ଅଂଶୀଦାର, ଭାରତୀୟ କୂଟନୈତିକ ପ୍ରତିନିଧି ଏବଂ ଓଡ଼ିଆ ପ୍ରବାସୀମାନେ ଏକାଠି ହୋଇଥିଲେ। ଉଦ୍‌ଯାପନୀ ଦିନଟି ଦୁବାଇରେ ଅନୁଷ୍ଠିତ 'ଓଡ଼ିଶା ନିବେଶକ ସମ୍ମିଳନୀ – ୟୁଏଇ ୨୦୨୬' ଉପରେ କେନ୍ଦ୍ରିତ ଥିଲା, ଯେଉଁଥିରେ ପ୍ରାୟ ୪୦୦ ଜଣ ବିଜନେସ୍ ଲିଡର, ନିବେଶକ ଏବଂ ୟୁଏଇ ବିଜନେସ



କମ୍ୟୁନିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶା ପାଇଁ ଏହାର ନିବେଶ ପ୍ରସ୍ତାବ ଉପସ୍ଥାପନ କରିବା ଏବଂ ବିଶ୍ୱବ୍ୟାପୀ ବ୍ୟବସାୟୀମାନଙ୍କୁ ରାଜ୍ୟରେ ସେମାନଙ୍କର ଉପସ୍ଥିତି ସ୍ଥାପନ କିମ୍ବା ସମ୍ପ୍ରସାରଣ କରିବା ପାଇଁ ସୁଯୋଗ ଦିଗରେ ସିଧାସଳଖ ମଞ୍ଚ ଯୋଗାଇ ଦେଇଥିଲା।ଆଜି ଦିନର ନିବେଶ ଆଲୋଚନାରେ ପର୍ଯ୍ୟଟନ, ଲଜିଷ୍ଟିକ୍ସ, ଆର୍ଥିକ ପୁଞ୍ଜିନିବେଶ, ଏଲ୍ଏନ୍‌ଜି ସଂରକ୍ଷଣ, ଗ୍ରୀନ୍ ଏନର୍ଜି, ଏଆଇ ଏବଂ ଡାଟା ସେଣ୍ଟର, ରେୟାର୍ ଆର୍ଥସ୍, ଜାହାଜ ମରାମତି, ପ୍ରପେଲାଣ୍ଟ ଉତ୍ପାଦନ, ସାର ଓ ରାସାୟନିକ ପଦାର୍ଥ, ଗୃହ ନିର୍ମାଣ, ଇସ୍ପାତ ଏବଂ ଇସ୍ପାତ ସମ୍ବନ୍ଧୀୟ ଶିଳ୍ପ ସହିତ ଅନ୍ୟାନ୍ୟ କ୍ଷେତ୍ର ସାମିଲ ଥିଲା। ପାରମ୍ପରିକ ଖଣି ଏବଂ ଖଣିଜ କ୍ଷେତ୍ର ବ୍ୟତୀତ ପ୍ରୋସେସ୍ଡ ଫୁଡ୍ ସବୁଠାରୁ ବଡ଼ ସୁଯୋଗ ହେବ। ଏଲ୍ଏନ୍‌ଜି ସଂରକ୍ଷଣ ପାଇଁ 'କାଜବା ପ୍ରୋଜେକ୍ଟ ଭେଞ୍ଚର୍ସ ଏଫ୍‌ଜେଡସିଓ' ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। 'ରାଣା ହୋଲ୍ଡିଂସ ଲିମିଟେଡ୍' ଗ୍ରୀନ୍ ଏନର୍ଜି, ଏଆଇ ଡାଟା ସେଣ୍ଟର ଏବଂ ରେୟାର ଆର୍ଥସ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। 'ଶରାଫ ଗ୍ରୁପ୍' ଆବାସିକ ଗୃହ କ୍ଷେତ୍ରରେ ଏବଂ 'ପିଟିସିଏଲ୍ ଇନଫ୍ରାଷ୍ଟ୍ରକଚର' ଷ୍ଟିଲ ଏବଂ ଷ୍ଟିଲ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଗୁଡ଼ିକ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଜାହାଜ ମରାମତି ପାଇଁ 'ଡାଲୱିନ୍ ମେରାଇନ୍' ଏବଂ 'ଟର୍ବୋ ପାୱାର୍ ଇଞ୍ଜିନିୟରିଂ', ପ୍ରୋପେଲାଣ୍ଟ ଉତ୍ପାଦନ କାରଖାନା ପାଇଁ 'ଆଇଅନ୍ ଟେକ୍ନୋଲୋଜିକ୍ ପ୍ରାଇଭେଟ୍ ଲିମିଟେଡ୍', ଏବଂ ସାର ତଥା ରସାୟନ ପାଇଁ 'ଆଗ୍ରିଫିଲ୍ଡସ ଏଫ୍‌ଜେଡସିଓ' ଠାରୁ ନିବେଶ ପ୍ରସ୍ତାବ ଗ୍ରହଣ କରାଯାଇଛି। ରୋଡ୍ ଶୋ' ସହିତ ମୁଖ୍ୟମନ୍ତ୍ରୀ ୟୁଏଇର ଅଗ୍ରଣୀ ବିଜନେସ୍ ଲିଡର ଏବଂ ନିବେଶକମାନଙ୍କ ସହିତ ୱାନ୍-ଟୁ-ୱାନ୍ ବୈଠକ କରିଥିଲେ, ଯାହାକି ପ୍ରକଳ୍ପ ସୁଯୋଗ, ଉତ୍ପାଦନ ଭିତ୍ତିଭୂମି, ମୂଲ୍ୟବୃଦ୍ଧି, ଟେକ୍ନୋଲୋଜି ସହଭାଗିତା ଏବଂ ଓଡ଼ିଶାରେ ଦୀର୍ଘକାଳୀନ ନିବେଶ ଉପରେ କେନ୍ଦ୍ରିତ ଥିଲା। ନିବେଶକ ବୈଠକ ପରେ ମୁଖ୍ୟମନ୍ତ୍ରୀ ଦୁବାଇରେ ରହୁଥିବା ଓଡ଼ିଆ ପ୍ରବାସୀମାନଙ୍କୁ ମଧ୍ୟ ଭେଟିଥିଲେ, ଯେଉଁଠାରେ ୮୦୦ରୁ ଅଧିକ ଓଡ଼ିଆ ତାଙ୍କୁ ଏକ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହି ସମାବେଶରେ ଶାସ୍ତ୍ରୀୟ ଓଡ଼ିଶୀ ଏବଂ ପାରମ୍ପରିକ ଲୋକନୃତ୍ୟ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା ପ୍ରଦର୍ଶିତ ହୋଇଥିଲା। ଦୁବାଇରେ ଓଡ଼ିଆ ସମ୍ପ୍ରଦାୟ

■ ପୃଷ୍ଠା-୧୫

### ହ୍ୱାଟସଆପ୍‌ରେ ଉପଲବ୍ଧ ହେଲା ଓଡ଼ିଶା ପୁଲିସର ୧୪ଟି ସେବା

ଭୁବନେଶ୍ୱର(ବ୍ୟୁରୋ)

ଏଣିକି ବିଭିନ୍ନ ଅତ୍ୟାବଶ୍ୟକୀୟ ସେବା ପାଇଁ ସାଧାରଣ ଲୋକଙ୍କୁ ଆଉ ବାରମ୍ବାର ଥାନା କିମ୍ବା ପୁଲିସ ଅଫିସଗୁଡ଼ିକର ଚକ୍କର କାଟିବାକୁ ପଡ଼ିବ ନାହିଁ। ଘରେ ବସି ନିଜ ମୋବାଇଲ ଫୋନ୍ ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଦେବ ଓଡ଼ିଶା ପୁଲିସ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଡିଜିଟାଲ ପଦକ୍ଷେପ ଅଧୀନରେ 'ଆମ ସାଥୀ' ହ୍ୱାଟ୍ସଆପ୍ ବଟରେ ୧୪ଟି ଗୁରୁତ୍ୱପୂର୍ଣ୍ଣ ପୁଲିସ-ନାଗରିକ ସେବା ଯୋଡ଼ାଯାଇଛି। ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ଆଜି ଅନ୍ତରୀଣ ପୁଲିସ ଡିଜି ବିନୟତୋଷ ମିଶ୍ର ଏହି ନୂଆ ଡିଜିଟାଲ ପୁଲିସିଂ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ସାଧାରଣ ଲୋକଙ୍କ ନିକଟରେ ସରକାରୀ ସେବା ସହଜରେ ପହଂଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ଗତ ଡିସେମ୍ବର ମାସରେ ଶୁଭାରମ୍ଭ କରିଥିବା ୨୪ଘଣ୍ଟିଆ ଡିଜିଟାଲ ସହାୟକ ପ୍ଲାଟଫର୍ମ 'ଆମ ସାଥୀ' ହ୍ୱାଟସଆପ୍ ବଟ୍ ରେ ପୁଲିସ ସେବା ଯୋଡ଼ି ହୋଇଛି।

### ଆଜିଠାରୁ ଦିଲ୍ଲୀରେ ୧୮ତମ ବ୍ରିକ୍ସ ସମ୍ମିଳନୀ

## ବିଜନେସ ଫୋରମକୁ ସମ୍ବୋଧିତ କଲେ ମୋଦୀ ଓ ପୁଟିନ

- ବ୍ରିକ୍ସ ଆଜି ୪ ଦେଶରୁ ୨୧ ଦେଶର ପରିବାର ହୋଇପାରିଛି
- ରୁଷ ଉପରେ ପଶ୍ଚିମ ଦେଶଗୁଡ଼ିକ ଲଗାଇଥିବା ବ୍ୟାନ ବେଆଇନ: ପୁଟିନ
- ଜି ୭କୁ ଭାରତ ମାଟିରୁ ଧୋଇଲେ ରୁଷ ରାଷ୍ଟ୍ରପତି

ନୂଆଦିଲ୍ଲୀ

ଦିଲ୍ଲୀରେ ୧୮ତମ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରାଯାଇଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଶୁକ୍ରବାର ସକାଳେ ଦିଲ୍ଲୀରେ ପହଞ୍ଚିଛନ୍ତି। ପୁଟିନ ତିନି ଦିନିଆ ଦିଲ୍ଲୀ ଗସ୍ତରେ ଅଛନ୍ତି। ୧୩ ଏବଂ ୧୪ ସେପ୍ଟେମ୍ବରରେ ଦିଲ୍ଲୀର ଭାରତ ମଣ୍ଡପମରେ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରାଯାଇଛି। ଆଜି ପୂର୍ବରୁ, ରୁଷ ରାଷ୍ଟ୍ରପତି ପୁଟିନ ଏବଂ ଭାରତୀୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଆଲୋଚନା ପରେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପୁଟିନ ବିଜନେସ ଫୋରମକୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ବ୍ରିକ୍ସର ବିଶେଷତ୍ୱ ବିଷୟରେ ବହୁତ କଥା ହୋଇଥିଲେ। ମୋଦୀ କହିଥିଲେ ଆମେ ୨୦୦୬ ରେ ଆରମ୍ଭ ହୋଇଥିବା ବ୍ରିକ୍ସର ଚଳିତ ବର୍ଷ ୨୦ ବର୍ଷ ପାଳନ କରୁଛୁ। ବ୍ରିକ୍ସ ୪ ଦେଶରୁ ୨୧ ଦେଶଙ୍କ ପରିବାରରେ ପରିଣତ ହୋଇଛି। ବ୍ରିକ୍ସ ଦେଶ ବିଶ୍ୱର ଅଧା ଜନସଂଖ୍ୟା ନେଇ ଗଠିତ। ଏହି ବର୍ଷ ଗୁଡ଼ିକରେ ବିଶ୍ୱ ଜିଡ଼ିପି ପ୍ରାୟ ଅଢ଼େଇ ଗୁଣ ବୃଦ୍ଧି ପାଇଥିବା ବେଳେ ବ୍ରିକ୍ସ ଦେଶ ଗୁଡ଼ିକର ମିଳିତ ଏଉଚ ପ୍ରାୟ




ସାଢ଼େ ଚାରି ଗୁଣ ବୃଦ୍ଧି ପାଇଛି। ବ୍ରିକ୍ସ ଦେଶ ଗୁଡ଼ିକ ବିଶ୍ୱସ୍ତରୀୟ ନବସୃଜନ ଏବଂ ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ମଧ୍ୟ ଉଭା ହେଉଛନ୍ତି।ଆମ ଦେଶରେ ନବସୃଜନ ପାଇଁ ନୂତନ ସମ୍ଭାବନା ଆକାର ନେଉଛି, ତୃଣମୂଳସ୍ତରୀୟ ପଦକ୍ଷେପ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ। ବ୍ରିକ୍ସର ବର୍ଦ୍ଧିତ ପରିସର, ଗତି ଏବଂ ଆଶା ଆମ ସମସ୍ତଙ୍କ ମଧ୍ୟରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ। ଏହି ଫୋରମ୍ ହେଉଛି ଭାରତରେ ଅନୁଷ୍ଠିତ ସର୍ବବୃହତ ବ୍ରିକ୍ସ ବିଜନେସ ଫୋରମ୍। ଭାରତ ଆଜି ବିଶ୍ୱସ୍ତରୀୟ ସମାଧାନ ପାଇଁ ଏକ କେନ୍ଦ୍ର ପାଲଟିଛି। ଭାରତ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଦିଲ୍ଲୀର ଭାରତ ମଣ୍ଡପମରେ ୪୫ ମିନିଟ୍ ଧରି ଆଲୋଚନା କରିଥିଲେ। ବୈଠକ ପରେ, ଦୁଇ ନେତା ଗୋଟିଏ କାରରେ ଶିଳ୍ପ ପ୍ରଦର୍ଶନୀ ସ୍ଥଳକୁ ଯାତ୍ରା କରିଥିଲେ। ସେମାନେ ଭାରତ-ରୁଷ ସମ୍ପର୍କ ସହିତ ମଧ୍ୟପ୍ରାଚ୍ୟ ଏବଂ କୃଷ୍ଣ ସାଗରର ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ପୁଟିନ୍ ମୋଦିଙ୍କୁ ୨୪ତମ ଭାରତ-ରୁଷ ଶିଖର ସମ୍ମିଳନୀ ପାଇଁ ରୁଷ ଗସ୍ତ କରିବାକୁ ନିମନ୍ତ୍ରଣ

■ ପୃଷ୍ଠା-୧୫

### ଏସଟି ଏସସି ବିଭାଗର ୨ ଅଡିଟରଙ୍କୁ କାବୁ କଲା ଭିଜିଲାନ୍ସ

## ୧୪ ଲକ୍ଷରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ଲାଞ୍ଚ ଟଙ୍କା ଜବତ

ବାରିପଦା(ଅମୃତ ମିଡ଼ିଆ)

ନିର୍ଭରଯୋଗ୍ୟ ସୂଚନା ଆଧାରରେ, ତା ୧୦.୦୯.୨୦୨୬ ବିଳମ୍ବିତ ରାତିରେ ଓଡ଼ିଶା ସରକାରଙ୍କ ଏସସି ଏସଟି ଉନ୍ନୟନ ବିଭାଗର ଦୁଇଜଣ ଅଡିଟର ପ୍ରଜ୍ଞା ପ୍ରକାଶ ପାତ୍ର ଏବଂ ପ୍ରଶାନ୍ତ ପ୍ରଧାନଙ୍କୁ ଓଡ଼ିଶା ଭିଜିଲାନ୍ସ କାବୁ କରିଛି । ଅଡିଟ କାର୍ଯ୍ୟ ଶେଷ କରି ସେମାନେ ବାରିପଦା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସରକାରୀ ସ୍କର୍ପିଓ ଗାଡ଼ି ଯୋଗେ ରକ୍ସି ଲେନରେ ଥିବା ମହାପାତ୍ର ହୋଟେଲକୁ ଫେରୁଥିବା ବେଳେ ଏହି ଚଢ଼ାଉ କରାଯାଇଥିଲା । ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୫୨ଟି ଲଫାପା ଏବଂ ୨୦ଟି ଖୋଲା ବିଡ଼ାରେ ଥିବା ମୋଟ ୫ଲକ୍ଷ ୫୧ହଜାର ୫୧୦ ଟଙ୍କା (ସନ୍ଦିଗ୍ଧ ଲାଞ୍ଚ ଟଙ୍କା) ମିଳିଥିଲା । ଯାହାର କୌଣସି ସନ୍ତୋଷଜନକ ଉତ୍ତର ସେମାନେ ଦେଇପାରି ନ ଥିଲେ । ଏହାପରେ ସେମାନେ ରହୁଥିବା ହୋଟେଲ କୋଠରୀରେ ତଲାସି ନିଆଯାଇଥିଲା । ହୋଟେଲ କୋଠରୀରୁ ଆହୁରି ୮ ଲକ୍ଷ ୮୬ହଜାର ୮୩୦ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି । ଏହି ବିପୁଳ ପରିମାଣର ଟଙ୍କା ସମ୍ପର୍କରେ କୌଣସି ହିସାବ ଦେଇ ନପାରିବାରୁ ସର୍ବମୋଟ ୧୪ ଲକ୍ଷ ୩୮ହଜାର ୩୪୦ ଟଙ୍କା ଭିଜିଲାନ୍ସ ଦ୍ୱାରା ଜବତ କରାଯାଇଛି । ଟଙ୍କାର ପ୍ରକୃତ ଉତ୍ସ ଜାଣିବା ପାଇଁ ବର୍ତ୍ତମାନ ସେମାନଙ୍କୁ ପଚରାଉଚରା କରାଯାଉଛି । ଏହା ସହିତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ସେମାନଙ୍କ ସମ୍ପର୍କିତ ବିଭିନ୍ନ ଠିକଣାରେ ମଧ୍ୟ ଚଢ଼ାଉ ଆରମ୍ଭ ହୋଇଛି । ଏହି ଦୁଇ ଅଡିଟର ବାରିପଦା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ଅଡିଟ କରିବା ପାଇଁ ଗତ ୩୦ ଅଗଷ୍ଟ ୨୦୨୬ରୁ ବାରିପଦାରେ ଡେରା ପକାଇଥିଲେ । ଏହା ଅଧୀନରେ ଥିବା ବିଭିନ୍ନ ଆଶ୍ରମ, ସେବାଶ୍ରମ, ହାଇସ୍କୁଲ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଏସଏସଡି ହଷ୍ଟେଲ ଗୁଡ଼ିକର ଅଡିଟ ଦାୟିତ୍ୱ ସେମାନେ ନେଇଥିଲେ । ସେମାନେ ପ୍ରଧାନଶିକ୍ଷକ ଓ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସମସ୍ତ ସ୍କୁଲ ଓ ହଷ୍ଟେଲ ରେଜିଷ୍ଟର ତଥା ଫାଇଲ ଧରି ବାରିପଦାରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ ।

### ସେ କହିଲେ...



"ଯଦି ପ୍ରତ୍ୟେକ ମହିଳା ହିତାଧିକାରୀ 'ବିକଶିତ ଭାରତ ୨୦୪୭' ଏବଂ 'ବିକଶିତ ଓଡ଼ିଶା ୨୦୩୬'ର ସଂକଳ୍ପ ଓ କୃତଜ୍ଞତାର ପ୍ରତୀକ ଭାବେ ଗୋଟିଏ ଲେଖାଏଁ ଦୀପ ପ୍ରଜ୍ୱଳନ କରିବେ, ତେବେ ସାରା ରାଜ୍ୟ ମହିଳା ସଶକ୍ତୀକରଣର ଆଲୋକରେ ଆଲୋକିତ ହୋଇଉଠିବ। ପ୍ରତିଟି ଦୀପ ଆମ ନାରୀଶକ୍ତିର ସାମର୍ଥ୍ୟ, ସ୍ୱାଭିମାନ, ଆଶା-ଆକାଂକ୍ଷା ଏବଂ ରାଜ୍ୟ ଓ ଦେଶର ବିକାଶରେ ସେମାନଙ୍କ ଯୋଗଦାନକୁ ପ୍ରତିଫଳିତ କରିବ।" ରାଜ୍ୟର ସମସ୍ତ ମହିଳା ହିତାଧିକାରୀ ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସନ୍ଧ୍ୟାରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ନିଜ ଘରେ ଦୀପ ପ୍ରଜ୍ୱଳନ କରନ୍ତୁ।

**ପ୍ରଭାତୀ ପରିଡ଼ା**
ଉପମୁଖ୍ୟମନ୍ତ୍ରୀ

### ଆନ୍ତଃରାଜ୍ୟ ବିବାଦ ନା ଅନୁମୋଦନରେ ବିଳମ୍ବ

## ଆଣ୍ଠେଇଛି ରାଜ୍ୟର ପ୍ରମୁଖ ଜଳସେଚନ ପ୍ରକଳ୍ପ

**ମହାନଦୀ, ବଂଶଧାରା, ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଅଟକିଥିବା ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ କେନ୍ଦ୍ର ଆଗରେ ଦାବି ରଖିବ ଓଡ଼ିଶା ସରକାର। ବିବାଦ ପାଇଁ ରାଜ୍ୟ ସରକାରଙ୍କ ଅନେକ ଗୁଡିଏ ଜଳପ୍ରକଳ୍ପ ଅଟକିକି ରହିଛି। କେଉଁଠି ଅନୁମୋଦନର ଅପେକ୍ଷା, ତ କେଉଁଠି ଆନ୍ତଃରାଜ୍ୟ ବିବାଦରେ ଫଶି ପ୍ରକଳ୍ପ କାମ ଆଗକୁ ବଢ଼ିପାରୁନି। ଏହି ସବୁ ପ୍ରକଳ୍ପରେ ବର୍ତ୍ତମାନର ସ୍ଥିତି କ'ଣ ରହିଛି ତା'ର ରିପୋର୍ଟ ମାଗିଛି ଜଳସମ୍ପଦ ବିଭାଗ। ତୁରନ୍ତ ଏସବୁର ସମାଧାନ ଲାଗି ରାଜ୍ୟ ସରକାର ତତ୍ପରତା ଦେଖାଇବା ଜରୁରୀ।**

ଭୁବନେଶ୍ୱର (ବ୍ୟୁରୋ)

ଓଡ଼ିଶାର ଜଳସେଚନ ପ୍ରକଳ୍ପର ଅଗ୍ରଗତି ଅଟକି ରହିଛି। କେଉଁଠି ଅଟକିଛି ଅନୁମୋଦନ ତ କେଉଁଠି ଅଟକିଛି କାମ ଓ ଆଉ କେଉଁଠି ରହିଛି ଅନ୍ତଃରାଜ୍ୟ ବିବାଦ। ଏସବୁର ସମାଧାନ ହୋଇପାରୁନି। କେନ୍ଦ୍ର ସରକାରଙ୍କ ସହ ଆଲୋଚନା ପୂର୍ବରୁ ଏବେ ଏହାର ପୂରା ହିସାବ ମାଗିଛନ୍ତି ରାଜ୍ୟ ସରକାର। ୯ଟି ପ୍ରମୁଖ ପ୍ରକଳ୍ପର ଅପଡେଟ୍ ତଥ୍ୟ ମାଗିଛି ଜଳସମ୍ପଦ ବିଭାଗ।

ମହାନଦୀ, ବଂଶଧାରା, ସୁବର୍ଣ୍ଣରେଖା ନଦୀର ଅବବାହିକାରେ ଅଟକିଥିବା ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ କେନ୍ଦ୍ର ଆଗରେ ଦାବି ରଖିବ ଓଡ଼ିଶା ସରକାର। ବିବାଦ ପାଇଁ ରାଜ୍ୟ ସରକାରଙ୍କ ଅନେକ ଗୁଡିଏ ଜଳପ୍ରକଳ୍ପ ଅଟକିକି ରହିଛି। କେଉଁଠି ଅନୁମୋଦନର ଅପେକ୍ଷା, ତ କେଉଁଠି ଅନ୍ତଃରାଜ୍ୟ ବିବାଦରେ ଫଶି ପ୍ରକଳ୍ପ



- କେନ୍ଦ୍ର ଆଗରେ ଦାବି ରଖିବ ଓଡ଼ିଶା
- ୯ ପ୍ରମୁଖ ପ୍ରକଳ୍ପର ଅପଡେଟ୍ ମଗାଗଲା
- କାଳ ସାଜିଛି ମହାନଦୀ ଜଳ ବିବାଦ

କାମ ଆଗକୁ ବଢ଼ିପାରୁନି। ଏହି ସବୁ ପ୍ରକଳ୍ପରେ ବର୍ତ୍ତମାନର ସ୍ଥିତି କ'ଣ ରହିଛି ତା'ର ରିପୋର୍ଟ ମାଗିଛି ଜଳସମ୍ପଦ ବିଭାଗ। ୯ଟି ପ୍ରମୁଖ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି, ଏପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ, ଅଟକିବାର କାରଣ, ଆବଶ୍ୟକ ହସ୍ତକ୍ଷେପ ଓ ଆଗାମୀ କାର୍ଯ୍ୟପନ୍ଥାର ରିପୋର୍ଟ ଶୀଘ୍ର ଦେବା ପାଇଁ ନିର୍ଦ୍ଦେଶ ଦେଇଛି ଜଳ ସମ୍ପଦ ବିଭାଗ। ତେଣୁ କେନ୍ଦ୍ର ସହ ଆଲୋଚନା ପୂର୍ବରୁ ଏବେ ତଥ୍ୟ ଯୋଗାଡ଼ କରୁଛି ରାଜ୍ୟ। କେଉଁ ପ୍ରକଳ୍ପ କେଉଁଠି ଅଟକିଛି ? କିଏ ଅଟକାଇଛି ? କେଉଁଠି ଆବଶ୍ୟକ କେନ୍ଦ୍ରର ହସ୍ତକ୍ଷେପ ? ସବୁର ତାଲିକା ପ୍ରସ୍ତୁତ ହେଉଛି। ଏସବୁର ହିସାବ ରାଜ୍ୟ ସରକାର ପ୍ରସ୍ତୁତ କରି କେନ୍ଦ୍ର ସହ ଯୋଗାଯୋଗରେ ରହି ସମାଧାନ ପନ୍ଥା ବାହାର କରିବା ନିହାତି ଜରୁରୀ।

ତେଲ ନଦୀ ସମନ୍ୱିତ ବହୁମୁଖୀ ପ୍ରକଳ୍ପଠାରୁ ଆରମ୍ଭ କରି ତେଲିଜୋର, ଲକ୍ଷ୍ମୀପଥର, କଟାଙ୍ଗି, ଅପର ଉଦନ୍ତୀ, ଲୋୟର ଉଦନ୍ତୀ, ସତିଘାଟ, ଖଡ଼ଗୋ ଓ କଳା ବ୍ୟାରେଜ୍ ପ୍ରକଳ୍ପଗୁଡ଼ିକରୁ ଅଧିକାଂଶ ମହାନଦୀ ବେସିନ୍ ସହ ଜଡ଼ିତ। କେତେକ ପ୍ରକଳ୍ପର ଡିପିଆର କିମ୍ବା ଫିଜିବିଲିଟି ରିପୋର୍ଟ କେନ୍ଦ୍ରୀୟ ଜଳ ଆୟୋଗରେ ଦାଖଲ ହୋଇଥିଲେ ମଧ୍ୟ ଆନ୍ତଃରାଜ୍ୟ ପ୍ରସଙ୍ଗ ଓ ମହାନଦୀ ଜଳ ବିବାଦ ଯୋଗୁଁ ପ୍ରକ୍ରିୟା ଆଗକୁ ବଢ଼ିପାରିନି। କେବଳ ମହାନଦୀ ନୁହେଁ ବଂଶଧାରା ଓ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣାଧୀନ ଅନେକ ପ୍ରକଳ୍ପ ବି ଅଟକି ରହିଛି। ଯାହାଫଳରେ ପ୍ରଭାବିତ ହେଉଛି ଓଡ଼ିଶାର ଜଳ ପରିଚାଳନା ବ୍ୟବସ୍ଥା। ଏବେ କେନ୍ଦ୍ର ଦରବାରରେ ଓଡ଼ିଶାର ଜଳ ପ୍ରକଳ୍ପର ପୂରା ହିସାବ ରଖିବାକୁ ପ୍ରସ୍ତୁତ ରାଜ୍ୟ ସରକାର। ଯେତେଶୀଘ୍ର ଏହି ସମସ୍ୟାର ସମାଧାନ ହେଇପାରିବ, ସେତେ ଭଲ। ରାଜ୍ୟ ସରକାର ଏନେଇ ତତ୍ପରତା ଦେଖାଇ କାର୍ଯ୍ୟ କରିବା ଉଚିତ। ଡବଲଇଞ୍ଜିନ ସରକାରରେ ଏସବୁର ସମାଧାନ ସରଳ ମନେ ହେଉଥିଲେ ହେଁ ଆନ୍ତଃରାଜ୍ୟ ବିବାଦର ସମାଧାନ କରାଯିବା ନିହାତି ଆବଶ୍ୟକ। ଏହା ସହ ମହାନଦୀ ଜଳ ବିବାଦ ପ୍ରମୁଖତା ବହନ କରୁଛି। ଏହାର ସମାଧାନ ବିଳମ୍ବ ହେଲେ ଓଡ଼ିଶା ବହୁ କ୍ଷତି ସହିବ। କେନ୍ଦ୍ର ସରକାରଙ୍କୁ ପ୍ରକଳ୍ପର ଅପଡେଟ୍ ଯୋଗାଇ ସମାଧାନ ପନ୍ଥା ତୁରନ୍ତ ବାହାର କରାଯିବା ଜରୁରୀ।

# ସନ୍ଦେହ ବଢ଼ାଉଛି ଓରାଙ୍ଗ୍ଉଟାନ

**ସନ୍ଦେହ ବଢ଼ାଉଛି ମଣିଷ ଭଳି ଦେଖାଯାଉଥିବା ବିରଳ ଓରାଙ୍ଗଉଟାନ। ଏତେ ଛୋଟ ଶିଶୁ ହଠାତ ଓଡ଼ିଶାକୁ ଆସିବା, ସେମାନଙ୍କ ଲାଳନପାଳନ ଓ ଭବିଷ୍ୟତକୁ ନେଇ ସନ୍ଦେହ ବଢ଼ିବା ସ୍ୱାଭାବିକ। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ବିଚିତ୍ରପୁର ନିକଟ ରଣକଠା ସଂରକ୍ଷିତ ଜଙ୍ଗଲରୁ ୫ଟି ଓରାଙ୍ଗଉଟାନ ଶାବକ ଉଦ୍ଧାର ହେବା ପରେ ଏହା ପଛରେ ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ଚାଲାଣକାରୀ ର୍ୟାକେଟ ରହିଥିବା ସନ୍ଦେହ କରାଯାଉଛି। ଏହି ଘଟଣାର ପର୍ଦ୍ଦାଫାଶ ପାଇଁ ରାଜ୍ୟ ପୋଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍ଟିଏଫ୍) ଏବଂ କେନ୍ଦ୍ରୀୟ ୱାଇଲ୍ଡଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି) ମିଳିତ ଭାବେ ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ ଏଭଳି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଓରାଙ୍ଗଉଟାନଗୁଡ଼ିକ କିପରି ଓ କାହା ମାଧ୍ୟମରେ ବାଲେଶ୍ୱର ଜଙ୍ଗଲକୁ ଆସିଲେ, ସେନେଇ ଏସ୍ଟିଏଫ ଓ ଡବ୍ଲ୍ୟୁସିସିବି ଅନ୍ତର୍ଜାତୀୟ ଓ ସ୍ଥାନୀୟ ଲିଙ୍କର ଖୋଳତାଡ଼ କରୁଛନ୍ତି। ଅନ୍ତର୍ଜାତୀୟ ବଜାରରେ ଗୋଟିଏ ଓରାଙ୍ଗ୍ଉଟାନର ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ହୋଇଥିବାରୁ ଏଗୁଡ଼ିକୁ ବିଦେଶୀ ଜଙ୍ଗଲରୁ ଚୋରାଚାଲାଣ କରାଯାଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷେ ରଣକଠା ଜଙ୍ଗଲ ନିକଟ ରାସ୍ତାରେ ଏକ କଳାରଙ୍ଗର ଏସ୍ୟୁଭି ଗାଡ଼ି ସନ୍ଦିଗ୍ଧ ଭାବେ ବୁଲୁଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଗାଡ଼ିର ମାଲିକଙ୍କୁ ଚିହ୍ନଟ କରାଗଲେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି କୁହାଯାଉଛି। ଅପରପକ୍ଷରେ ଏହି ଓରାଙ୍ଗଉଟାନଗୁଡ଼ିକୁ ନନ୍ଦନକାନନ ଚିଡ଼ିଆଖାନାକୁ ସ୍ଥାନାନ୍ତର କରାଯାଉଥିବା ଜଣାପଡ଼ିଛି।**



ସୁଶାନ୍ତ କୁମାର ଦାସ

ଓରାଙ୍ଗ୍ଉଟାନ ଭାରତୀୟ ଜଙ୍ଗଲରେ ଦେଖାଯାନ୍ତି ନାହିଁ। ଏଗୁଡ଼ିକ ମୁଖ୍ୟତଃ ଦକ୍ଷିଣ-ପୂର୍ବ ଏସିଆର ମାଲେସିଆ, ଇଣ୍ଡୋନେସିଆ, ବୋର୍ନିଓ ଏବଂ ସୁମାତ୍ରା ଦ୍ୱୀପର ଜଙ୍ଗଲରେ ଦେଖାଯାଇଥାନ୍ତି। ଉଦ୍ଧାର ହୋଇଥିବା ୫ଟି ଯାକ ଶାବକ ଓରାଙ୍ଗ୍ଉଟାନ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇ ଏସି କ୍ୱାରେଣ୍ଟାଇନ୍‌ରେ ରଖାଯାଇଛି। ସେମାନଙ୍କ ମଧ୍ୟରେ ୩ଟି ଅଣ୍ଡିରା ଓ ୨ଟି ମାଈ। ସେମାନଙ୍କ ବୟସ ପ୍ରାୟ ୬ ମାସ ହେବ। ଉଚ୍ଚତା ପ୍ରାୟ ଫୁଟେରୁ ଦେଢ଼ଫୁଟ। ବିଶେଷଜ୍ଞ ପ୍ରାଣୀ ଚିକିତ୍ସକ ଦଳ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି ଏବଂ ଗୋଟିଏ ଓରାଙ୍ଗ୍ଉଟାନ ଟିକେ ଅସୁସ୍ଥ ଅଛି। କ୍ୱାରେଣ୍ଟାଇନ୍‌ରେ ଓରାଙ୍ଗ୍ଉଟାନ ପ୍ରାୟ ମାସେ ପର୍ଯ୍ୟନ୍ତ ରହିବେ। ସେଥିପାଇଁ କଠୋର ଜୈବ ସୁରକ୍ଷା, ପରିମଳ ଓ ସ୍ୱଚ୍ଛତା ନିୟମାବଳୀ ପାଳନ ସହିତ ଉପଯୁକ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର କରାଯାଉଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଆନ୍ତଃରାଜ୍ୟ ତସ୍କରଙ୍କ ହାତଥିବା ସନ୍ଦେହ

ଏହି ଘଟଣାରେ ଆନ୍ତଃରାଜ୍ୟ ତସ୍କରଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ଏହାର ଛାନ୍‌ଭିନ ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଏହାସହିତ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏ ସମ୍ପର୍କରେ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଅନ୍ୟପକ୍ଷରେ କୌଣସି ଚିଡ଼ିଆଖାନାରୁ ଓରାଙ୍ଗ୍ଉଟାନ ଗାଏବ ଅଛନ୍ତି କି ନାହିଁ, ତାହା ଜାଣିବା ପାଇଁ ଓଡ଼ିଶା ଜଙ୍ଗଲ ବିଭାଗ ପକ୍ଷରୁ ଦେଶର ସମସ୍ତ ପ୍ରାଣୀଉଦ୍ୟାନକୁ ସୂଚନା ପଠାଯାଇଛି। ଏହାସହ ବିମାନବନ୍ଦର, ବନ୍ଦର, ରେଳଷ୍ଟେଶନର ସିସିଟିଭି ଏବଂ ଜଳପଥ ଚାଲାଣ ସନ୍ଦେହରେ କୋଷ୍ଟଗାର୍ଡ ସହ ମଧ୍ୟ ଯୋଗାଯୋଗ କରାଯାଉଛି। ପୂର୍ବରୁ ୨୦୦୩ରେ ପୁଣେ ଚିଡ଼ିଆଖାନାରୁ ନନ୍ଦନକାନନକୁ ଏକ ମାଈ ଓରାଙ୍ଗ୍ଉଟାନ ଅଣାଯାଇଥିଲା। ୨୦୧୯ରେ ୪୧ ବର୍ଷ ବୟସରେ ବିନି ମୃତ୍ୟୁ ପରଠାରୁ ନନ୍ଦନକାନନର ଓରାଙ୍ଗ୍ଉଟାନ ଏନ୍‌କ୍ଲୋଜର ଖାଲିପଡ଼ିଥିଲା। ଏହି ୫ ଓରାଙ୍ଗ୍ଉଟାନ୍‌ଙ୍କୁ ନନ୍ଦନକାନନରେ ରଖିବା ପାଇଁ ସେଣ୍ଟ୍ରାଲ



ଜୁ' ଅଥରିଟି (ସିଜେଡ୍ଏ)କୁ ଅନୁମତି ମଗାଯାଇଥିବା ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏସ୍‌ଟିଏଫ୍ ଆଇଜି ହିମାଂଶୁ ଲାଲଙ୍କ ନିର୍ଦ୍ଦେଶକ୍ରମେ ଜଣେ ଏସ୍‌ପି ପାହ୍ୟା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ବାଲେଶ୍ୱରରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏସ୍‌ଟିଏଫ୍ ଡିଆଇଜି କନଓ୍ୱର ବିଶାଲ ସିଂଙ୍କ କହିବା ଅନୁଯାୟୀ, ସ୍ଥାନୀୟ ପ୍ରମାଣ ସଂଗ୍ରହ କରାଯିବା ସହ କେନ୍ଦ୍ରୀୟ ଜଙ୍ଗଲ ବିଭାଗ ସହିତ ଯୋଗାଯୋଗ କରାଯାଉଛି। ଏହାସହ ସନ୍ଦିଗ୍ଧ କଳା ଏସ୍ୟୁଭି ଗାଡ଼ି ସମ୍ପର୍କରେ ମଧ୍ୟ ଖୋଳତାଡ଼ ଚାଲିଛି।

## ଗଠନ କଲା ୪ଜଣିଆ ତଦନ୍ତ ଟିମ୍

ବାଲେଶ୍ୱରରୁ ଉଦ୍ଧାର ୫ ଓରାଙ୍ଗ୍ଉଟାନ ମାମଲାରେ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ଅପରାଧ ନେଟ୍‌ୱର୍କର ସମ୍ପୃକ୍ତି ନେଇ ଡବ୍ଲ୍ୟୁସିସିବି ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଅତିରିକ୍ତ ନିର୍ଦ୍ଦେଶିକା ରୁଚିକା ରିଶି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ, ଡବ୍ଲ୍ୟୁସିସିବିର ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସହ ମାମଲା ସମ୍ପର୍କିତ ଆବଶ୍ୟକ ତଥ୍ୟ ଓ ପ୍ରମାଣ ସଂଗ୍ରହ କରିବ। ଡବ୍ଲ୍ୟୁସିସିବିର ଆରଡିଡି ଡା. ପାଟିଲ ସୁଯୋଗ ସୁଭାଷ ରାଓଙ୍କ ଅଧକ୍ଷତାରେ ୪ ଜଣିଆ ଟିମ୍ ଗଠନ ହୋଇଛି। ଏଥିରେ ଡା. କିଶୋର କୁମାର ଶର୍ମା, ଡବ୍ଲ୍ୟୁଏଲ୍ଆଇ-ଭୋପାଳ, କୌଶିକ ମଣ୍ଡଳ ଡବ୍ଲ୍ୟୁସିସିବି କୋଲକାତା-ଡବ୍ଲ୍ୟୁଏଲ୍ଆଇ ଏବଂ ମଳୟ ଦାସ-ଡବ୍ଲ୍ୟୁସିସିବି କୋଲକାତା ସଦସ୍ୟ ରହିଛନ୍ତି। ଏହି ଟିମ୍ ଓଡ଼ିଶା ବନ ବିଭାଗ ଏବଂ ଚାଲିଥିବା ଯୁଗ୍ମ ଟାସ୍କଫୋର୍ସର ତଦନ୍ତରେ ସମନ୍ୱୟ କରିବ। ବିଶେଷକରି ଓରାଙ୍ଗ୍ଉଟାନ ଭଳି ବିଦେଶୀ ବନ୍ୟପ୍ରାଣୀଙ୍କ ଚୋରାଚାଲାଣ ସହ ଜଡ଼ିତ ଆପରାଧିକ ନେଟ୍‌ୱର୍କ, କାର୍ଯ୍ୟପ୍ରଣାଳୀ ଓ ଅନ୍ୟ ମାମଲା ସହ ସମ୍ଭାବ୍ୟ ସମ୍ପର୍କ ଉପରେ ତଦନ୍ତକାରୀ ଟିମ୍ ଗୁରୁତ୍ୱ ଦେବ। ମାମଲାର ଶୀଘ୍ର ନିଷ୍କର୍ଷ ଆଣିବାକୁ ଡବ୍ଲ୍ୟୁସିସିବି ନିର୍ଦ୍ଦେଶ ଦେଇଥିବା ପତ୍ରରେ କୁହାଯାଇଛି।

## ଡିଜିଙ୍କ ହସ୍ତକ୍ଷେପ ଲୋଡ଼ିଲେ ପିସିସିଏଫ୍

ବହୁଚର୍ଚ୍ଚିତ ଓରାଙ୍ଗ୍ଉଟାନ ମାମଲାକୁ ନେଇ ବୁଧବାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ପ୍ରେମ କୁମାର ଝା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡିଛନ୍ତି। ପିସିସିଏଫ୍ ଝା ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ୫ ଓରାଙ୍ଗ୍ଉଟାନଙ୍କ ଚାଲାଣ ପଛରେ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ର୍ୟାକେଟ ଥିବା ସନ୍ଦେହ କରାଯାଉଛି। ଏସବୁକୁ ଦୃଷ୍ଟିରେ ରଖି ତୁରନ୍ତ ଉକ୍ତ ମାମଲାରେ ହସ୍ତକ୍ଷେପ କରି ଘଟଣାର ତଦନ୍ତ କରିବା ସହିତ ଏହା ପଛରେ କାହାର ପ୍ରଚ୍ଛନ୍ନ ହାତ ରହିଛି, ତାହାକୁ ଠାବ କରାଯାଉ। ଏ ଦିଗରେ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ। ଏହାସହିତ ୱାଇଲ୍ଡଲାଇଫ କ୍ରାଇମ କଣ୍ଟ୍ରୋଲ ବୋର୍ଡ ଏବଂ ଅନ୍ୟାନ୍ୟ ବିଭାଗ ପକ୍ଷରୁ ମଧ ଅନୁସନ୍ଧାନ ଜାରି ରହିଛି। ଯଦି ଆବଶ୍ୟକ ପଡ଼େ ତେବେ ଯୁଗ୍ମ ଟାସ୍କ ଫୋର୍ସ ଅଧିକାରୀ ଡିସିଏଫ୍ ବିବେକ କୁମାରଙ୍କୁ ଯୋଗାଯୋଗ କରିବାକୁ ପିସିସିଏଫ୍ ଝା ପତ୍ରରେ ଦର୍ଶାଇଛନ୍ତି।

## ସନ୍ଦେହ ଘେରରେ କଳା ଥାର୍ ଗାଡ଼ି

ଓରାଙ୍ଗଉଟାନ ଲିଙ୍କ୍‌ରେ ଗୋଟିଏ କଳା ଥାର୍ ଗାଡ଼ି ସନ୍ଦେହ ଘେରକୁ ଆସିଛି। ସିସିଟିଭି ଫୁଟେଜ୍ ଅନୁସାରେ ସୋମବାର ଉକ୍ତ ଜଙ୍ଗଲ ରାସ୍ତାରେ ରାତି ପ୍ରାୟ ୧୧ଟା ୨୫ ସମୟରେ କାର ଯାଇଥିବା ବେଳେ ୧୧ଟା ୪୦ ରେ ଫେରିଥିଲା। ଓରାଙ୍ଗଉଟାନ୍ ଉଦ୍ଧାର ହୋଇଥିବା ସ୍ଥାନଠାରୁ ପ୍ରାୟ ୫୦ ମିଟର ଦୂରରେ ଏକ ମୋଟା ଚକା ଚିହ୍ନ ପଡିଥିବା ଦେଖିବାକୁ ମିଳିଛି। ତେବେ ସେହି ଥାର ଗାଡିରେ ଓରାଙ୍ଗଉଟାନ୍ ଚୋରା ଚାଲାଣ ହେଉଥିବା ସହ ଏଥିରେ ବନ ବିଭାଗର ସମ୍ପୃକ୍ତି ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

## ଭୋପାଳ ଓ କୋଲକାତା ଟିମ୍‌ର ତଦନ୍ତ

ଓରାଙ୍ଗଉଟାନ୍ ପଛରେ ନିହାତି ଅନ୍ତର୍ଜାତୀୟ ଲିଙ୍କ୍ ଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗରୁ ସ୍ଥଳପଥ ଦେଇ ଏମାନଙ୍କୁ ଚାଲାଣ ହେଉଥିଲା। ଏନଏଚ୍ ରେ ଚେକିଂ କଡ଼ା ଥାଏ, କିନ୍ତୁ ଗାଁ ରାସ୍ତା ନିର୍ଜନ ଓ ଚେକିଂ ହୁଏନି। ତେଣୁ ସେମାନେ ଇଣ୍ଟେରିଅର ରାସ୍ତା ଦେଇ ଆସୁଥିଲେ। ବର୍ତ୍ତମାନ ସେହି ରୁଟ୍‌ର ସମସ୍ତ ସିସିଟିଭି ଯାଞ୍ଚ କରାଯାଉଛି। କାରଣ ଏହାକୁ ସ୍ଥାନୀୟ ଲୋକେ ଏଠାରେ ରଖିପାରିବେନି। ମିଆଁମାରକୁ ଲାଗି ନର୍ଥ ଇଷ୍ଟ, ନର୍ଥ ଇଷ୍ଟକୁ ଲାଗି ପୂର୍ବ ଭାରତ। ଭୌଗୋଳିକ ଦୃଷ୍ଟିରୁ ସୁବିଧା ଥିବାରୁ ଏହି ପଥ ଦେଇ ଓରାଙ୍ଗଉଟାନ୍‌ଙ୍କୁ ଅଣା ଯାଉଥିବା ସନ୍ଦେହ କରାଯାଉଛି। ୨ଟି ଟିମ୍ ଭୋପାଳ ଓ କୋଲକାତାରୁ ଆସି ତଦନ୍ତରେ ସହଯୋଗ କରୁଛନ୍ତି ବୋଲି ଜଣାପଡ଼ିଛି।

## ମିଳିଥିବା ମାସ୍କକୁ ନେଇ ଚାଲିଛି ତଦନ୍ତ

୩ଦିନ ବିତିଲାଣି, ହେଲେ ଏବେ ବି ସମାନ ପ୍ରଶ୍ନ। ପୁଳା ପୁଳା ପ୍ରଶ୍ନ ଭିତରେ କିଛି ବି ସ୍ପଷ୍ଟ ହୋଇପାରୁନି। ପଶ୍ଚିମବଙ୍ଗ ଦୀଘା ଯାଇ ତଦନ୍ତ ଜୋରଦାର କରିଛି ଏସଟିଏଫ୍। ମେରାଇନ୍ ଥାନାରେ ସମ୍ଭାବ୍ୟ ଜଳପଥ ଓ ଜାହାଜ କି ଟ୍ରଲରରେ ଚୋରାଚାଲାଣ ନେଇ ତନାଘନା ହୋଇଛି। ଏପଟେ ୱାଇଲ୍ଡଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ଓ ପୋଲିସ ମିଳିତ ଭାବେ ବିମାନବନ୍ଦର ଓ ରେଳ ଷ୍ଟେସନର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଓୟୁଏଟି ଅଧୀନରେ ଥିବା ସେଣ୍ଟର ଫର ୱାଇଲ୍ଡ ଲାଇଫ ହେଲ୍‌ଥ କମିଟିର ପରାମର୍ଶରେ ଓରାଙ୍ଗଉଟାନଙ୍କ ଦେହରେ କିଛି ସଂକ୍ରମଣ ଅଛି ନା ନାହିଁ, ସେମାନେ ଗୋଟିଏ ମା'ର ଛୁଆ କି ନୁହେଁ, ସେମାନଙ୍କ ପ୍ରକୃତ ବୟସ ଏବଂ କେଉଁ ପ୍ରଜାତିର ଜଣାପଡିବ। ଅନ୍ୟପକ୍ଷରେ ବଡ଼ପାହି ଜଙ୍ଗଲର ଯେଉଁସ୍ଥାନରେ ଓରାଙ୍ଗଉଟାନଗୁଡ଼ିକୁ ଠାବ କରାଯାଇଥିଲା, ତା' ନିକଟରୁ ଏକ ମାସ୍କ ମିଳିଛି। ବଡ଼ପାହି ଗ୍ରାମର ଜଣଙ୍କ ଘର ନିକଟରେ ମାସ୍କଟି ଥିବା ଜଣାପଡ଼ିଛି। ଏହି ମାସ୍କକୁ ତଦନ୍ତ ପରିସରଭୁକ୍ତ କରାଯାଇଥିବା ଜଣାପଡ଼ିଛି। ଏହି ମାସ୍କଟି କାହାର ଏବଂ ଏହାର ଘଟଣା ସହ କି ସମ୍ପର୍କ ରହିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ବିଭିନ୍ନ ତଦନ୍ତ ଜାରି ରହିଥିବା ବେଳେ ଓରାଙ୍ଗଉଟାନ୍‌ଙ୍କୁ ବଞ୍ଚାଇ ରଖାଯିବା ବଡ଼ କଥା। ଏଠାକାର ଜଳବାୟୁ, ଖାଦ୍ୟପେକ୍ଷ ଓ ମା' ଠାରୁ ଅଲଗା ହୋଇ ଶିଶୁଶାବକମାନେ ବଞ୍ଚିବା ବଡ଼ କଷ୍ଟକର। ଯଦିଓ ସେମାନଙ୍କୁ ଆଳୁ ଶିଝା, କଦଳି, କ୍ଷୀର ଆଦି ଯୋଗାଇ ଦିଆଯାଉଛି ଓ ଖେଳିବା ପାଇଁ କଣ୍ଢେଇ ରଖାଯାଇଛି, ତଥାପି ସେମାନଙ୍କୁ ଅଧିକ ଯତ୍ନ ଓ ଚିକିତ୍ସା ଯୋଗାଯିବା ନିହାତି ଜରୁରୀ। ଚୋର ଖୋଜିବା ଆଳରେ ସେମାନଙ୍କ ଜୀବନକୁ ଅଣଦେଖା କରାନଯିବା ଏକାନ୍ତ ଆବଶ୍ୟକ। ମୁଖ୍ୟମନ୍ତ୍ରୀ ଏଭଳି ଚୋରାଚାଲାଣକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାକୁ ଏଭଳି ଚୋରାଚାଲାଣର ମାର୍ଗ ହେବାକୁ ଆଦୌ ଦିଆଯିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ସରକାର ଓ ବିଭାଗୀୟ ଅଧିକାରୀମାନେ ଏନେଇ ଅଧିକ ଯତ୍ନବାନ ହେବା ନିହାତି ଆବଶ୍ୟକ।











# ଗନ୍ଧମାର୍ଦ୍ଦନ ସୁରକ୍ଷା ନେଇ ୪ ଦଫା ଦାବିପତ୍ର

## ରାଷ୍ଟ୍ରପତିଙ୍କଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଦାବି ଜଣାଇଲା ସୁରକ୍ଷା ଆହ୍ୱାନ କମିଟି

**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ଜୈବ ବିବିଧତାରେ ସମୃଦ୍ଧ ଗନ୍ଧମାର୍ଦ୍ଦନ ପର୍ବତମାଳାର ସୁରକ୍ଷା ଓ ଖଣିଜ ସମ୍ପଦର ଅବାଧ ଲୁଟ୍‌କୁ ରୋକିବା ଦାବିରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆହ୍ୱାନ କମିଟି (ସିଭିଲ ସୋସାଇଟି) ପକ୍ଷରୁ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାପାଳ, ବଲାଙ୍ଗୀର ଓ ବରଗଡ଼ ଏସ୍ ?ପି ଏବଂ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ନିକଟକୁ ଏହି ଦାବିପତ୍ର ପଠାଯାଇଛି।



**କମିଟିର ୪ ଦଫା ପ୍ରମୁଖ ଦାବି ହେଲା –**

**ଆଦାନୀ ଆରବ ଏମିରେଟ୍ସ ସହ ସ୍ୱାକ୍ଷରିତ ଏମ୍‌ଓୟୁ ବାତିଲ:**

ଗନ୍ଧମାର୍ଦ୍ଦନ ଅଞ୍ଚଳ ଓ ଏହାର ପ୍ରାକୃତିକ ସମ୍ପଦ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ଆଶଙ୍କା ଥିବାରୁ ଆଦାନୀ ଆରବ ଏମିରେଟ୍ସ ସହ ସ୍ୱାକ୍ଷରିତ ଏମ୍‌ଓୟୁକୁ ତୁରନ୍ତ ବାତିଲ କରାଯାଉ।

**ଖଣି ସଂଶୋଧନ ଆଇନ ପ୍ରତ୍ୟାହାର:**

କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ଖଣିଜ ସମ୍ପଦ ଉପରେ ଅଧିକ ସୁଯୋଗ ଦେଇ ଖଣି ଲୁଟ୍ ?କୁ ସହଜ ଓ ଅବାଧ କରିବାର ଆଶଙ୍କା ଥିବା ଖଣି ସଂଶୋଧନ ବିଲ୍/ଆଇନକୁ ପ୍ରତ୍ୟାହାର କରାଯାଉ। ଏହା ନେଇ ଲୋକଙ୍କ ସହ ବ୍ୟାପକ ଆଲୋଚନା ଓ ମତାମତକୁ ଗୁରୁତ୍ୱ ଦିଆଯାଉ।

**ଗନ୍ଧମାର୍ଦ୍ଦନ ପାଇଁ ସ୍ଥାୟୀ ସୁରକ୍ଷା ଆଇନ:**

ଔଷଧୀୟ ଉଦ୍ଭିଦ, ଜଙ୍ଗଲ, ଜୀବଜନ୍ତୁ ଓ ଅମୂଲ୍ୟ ପ୍ରାକୃତିକ ସମ୍ପଦରେ ଭରପୂର ଗନ୍ଧମାର୍ଦ୍ଦନ ପର୍ବତମାଳାକୁ ସୁରକ୍ଷା ଦେବା ପାଇଁ ଏକ ସ୍ୱତନ୍ତ୍ର ଓ ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ କରାଯାଉ। ଯାହା ଫଳରେ ଭବିଷ୍ୟତରେ ଖଣି ଖନନ ଓ ଅନ୍ୟାନ୍ୟ ବାଣିଜ୍ୟିକ କାର୍ଯ୍ୟକଳାପ ଯୋଗୁଁ ଏହି ପର୍ବତମାଳାର ପରିବେଶ ଓ ଜୈବ ବିବିଧତା ନଷ୍ଟ ନହୁଏ।

**ଅସୁରକ୍ଷିତ ଭିତ୍ତିଭୂମି ନିର୍ମାଣ ବନ୍ଦ କରାଯାଉ:**

ସ୍ପେସ୍ ଟେକ୍ନୋଲୋଜି ନାମରେ ଏଭଳି ଭିତ୍ତିଭୂମି ନିର୍ମାଣକୁ ବନ୍ଦ କରାଯାଉ, ଯାହାର ନିରାପତ୍ତା, ଗୁଣବତ୍ତା ଓ ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠୁଛି। ଉନ୍ନୟନ କାର୍ଯ୍ୟର ମୂଳ ଲକ୍ଷ୍ୟ ବ୍ୟବସାୟିକ ସ୍ୱାର୍ଥ ନହୋଇ ଜନସ୍ୱାର୍ଥ, ପ୍ରକୃତି ସୁରକ୍ଷା ଓ ଆବଶ୍ୟକତା ଆଧାରିତ ବିକାଶ ହେବା ଉଚିତ।

କମିଟି ପକ୍ଷରୁ କୁହାଯାଇଛି ଯେ, ଗନ୍ଧମାର୍ଦ୍ଦନ କେବଳ ଏକ ପର୍ବତମାଳା ନୁହେଁ, ଏହା ଅଞ୍ଚଳର ପରିବେଶ, ଜୈବ ବିବିଧତା ଓ ଜନଜୀବନ ସହ ଗଭୀର ଭାବେ ଜଡ଼ିତ। ତେଣୁ ବିକାଶ ନାମରେ ପ୍ରାକୃତିକ ସମ୍ପଦର କ୍ଷୟକୁ କୌଣସି ପରିସ୍ଥିତିରେ ପ୍ରୋତ୍ସାହନ ଦିଆଯିବା ଉଚିତ ନୁହେଁ। ଦାବିପତ୍ର ପ୍ରଦାନ ସମୟରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆହ୍ୱାନ କମିଟିର ସୁଶୀଲ କୁମାର ନାୟକ, ଅନୁପ କୁମାର ସାହୁ, ଟେକେନ୍ଦ୍ର ଜାଲ, ନିରାକାର ଛୁରା, ବିପ୍ର ବିଶି, ଟିକେଶ୍ୱର ଧରୁଆ, ଜଳଧର ତାଣ୍ଡି, ମହିନାଥ ସୁନା, ଶଶିକାନ୍ତ ଧରୁଆ, ସୁବାଷ ଧରୁଆ, ତରଣୀସେନ ସାହୁ, ଚମ୍ପେଶ୍ୱର ରାଜପୁତ, ବୃନ୍ଦାବନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାରେ ଘରେ ଘରେ ବନ୍ଧୁକ, ବଢ଼ୁଛି ଗୁଳିକାଣ୍ଡ ଘଟଣା

## ବନ୍ଧୁକ ଜବତ କରିବାରେ ପୁଲିସ ବିଫଳ

**ସମ୍ବଲପୁର(ଅମୃତ ମିଡିଆ):** ସମ୍ବଲପୁର ଜିଲ୍ଲାରେ ଘରେ ଘରେ ବନ୍ଧୁକ। ଜିଲ୍ଲାରେ ଚାଲିଛି ଗନ୍ କଲଚର। ଗତ କିଛିଦିନ ହେଲା ଗୁଳିକାଣ୍ଡ ଘଟଣା ବଢ଼ିବାରେ ଲାଗିଛି। କିଏ ବନ୍ଧୁକ ନେଇ ଶିକାର କରୁଛି ତ କିଏ କଥା କଥାକେ ଫୁଟାଉଛି ଗୁଳି। ଜୀବନ ନେବାକୁ ପଛାଉ ନାହାନ୍ତି ଦୁର୍ବୃତ୍ତ। ଗତ ସେପ୍ଟେମ୍ବର ୧୦ ତାରିଖରେ ରେଢ଼ାଖୋଲ ଲାଣ୍ଡିମାଲ ଗାଁର ଡମ୍ବରୁ ମିର୍ଦ୍ଧା ଗାଁ ଜଙ୍ଗଲରୁ ନିଜ ଘରକୁ ଫେରୁଥିବା ବେଳେ ପୋଲିସ ଡମ୍ବରୁ ହାତରେ ଏକ ଦେଶୀ ବନ୍ଧୁକ ଦେଖିବାକୁ ପାଇଥିଲା। ପରେ ଡମ୍ବରୁ ଚମ୍ପଟ ମରୁଥିବା ବେଳେ ପୁଲିସ ତାଙ୍କୁ କାବୁ କରିଥିଲା। ଡମ୍ବରୁ ବନ୍ଧୁକର ଲାଇସେନ୍ସ ଦେଖାଇପାରିନଥିବାରୁ ତାକୁ ଗିରଫ କରିଛି ପୁଲିସ। ସେହିପରି ସେପ୍ଟେମ୍ବର ୭ ତାରିଖରେ ରେଢ଼ାଖୋଲ ନାକଟିଦେଉଳ ଲାଣ୍ଡିମାଲ ଗାଁରେ ଫୁଟିଥିଲା ଗୁଳି। ନିଶାସକ୍ତ ଅବସ୍ଥାରେ ସ୍ୱୀ ଅମ୍ବିକା ମିର୍ଦ୍ଧାଙ୍କୁ ଗୁଳିକରି ହତ୍ୟା କରିଥିଲା ସ୍ୱାମୀ ଚରଣ ମିର୍ଦ୍ଧା। ଉଭୟଙ୍କ ମଧ୍ୟରେ ବଚସା ପରେ ଦେଶୀ ବନ୍ଧୁକରେ ସ୍ତ୍ରୀକୁ ହତ୍ୟା କରିଥିଲା ସ୍ୱାମୀ। ଗତ ଅଗଷ୍ଟ ୨୯ ତାରିଖରେ ମଧ୍ୟ ବୁର୍ଲା କିର୍ବା ଛକରେ ଘଟିଥିଲା ବୀଭତ୍ସ ହତ୍ୟାକାଣ୍ଡ। ମାଂସ ବ୍ୟବସାୟୀ ଏମ୍‌ଡି ଅନିଶଙ୍କୁ ଏକ ଦେଶୀ ବନ୍ଧୁକରେ ଗୁଳି କରି ହତ୍ୟା କରିଥିଲା ରଜା ସ୍ୱାମୀ ନାମକ ଜଣେ ଯୁବକ। ସେହିପରି ଗତ ଜୁଲାଇ ୨୪ ତାରିଖରେ ସମ୍ବଲପୁର ରେଢ଼ାଖୋଲ ଡଇଁଚା ହିନ୍ତରାଇ ଗାଁରେ ପୂର୍ବଶତ୍ରୁତାରୁ ଗାଁର ଭରତ ଦଣ୍ଡସେନାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଗାଁର କରୁଣାକର ମାଝୀ ଗୁଳି ମାରି ତାଙ୍କୁ ହତ୍ୟା କରିଥିଲେ। ପରେ କରୁଣାକରକୁ ଗିରଫ କରି କୋର୍ଟଚାଲାଣ କରିଥିଲା ପୁଲିସ।



# ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଘର ଧାରଣା




**ବଲାଙ୍ଗୀର (ଅମୃତ ମିଡିଆ):** ବହୁ ପ୍ରତୀକ୍ଷିତ ସପ୍ତାହନ୍ତ ଛୁଟି ଓ ପିଏଲଆଇରେ ଭେଦଭାବ ଦୂର କରିବା ଦାବିରେ ଆଜି ଦେଶବ୍ୟାପୀ ଏକଦିନିଆ କାର୍ଯ୍ୟବନ୍ଦ ଡାକରା ଦେଇଛି ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ସଂଘ । ଦେଶର ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର କର୍ମଚାରୀ ଓ ଅଧିକାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । କର୍ମଚାରୀଙ୍କ ପାଇଁ ସପ୍ତାହନ୍ତ ଛୁଟି ଲାଗୁ କରିବା ସହ ପିଏଲ୍‌ଆଇରେ ଥିବା ଭେଦଭାବ ଦୂର କରିବା ନେଇ ସଂଘ ଦାବି କରିଛି । ଏହାସହ ଆସନ୍ତା ୨୭, ୨୮ ଓ ୨୯ ତାରିଖରେ ମଧ୍ୟ ବ୍ୟାଙ୍କ କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି । ସରକାର ଦାବି ପ୍ରତି କର୍ଣ୍ଣପାତ ନକଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟକାଳୀନ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି । ତେବେ ପର୍ବପର୍ବାଣୀ ସମୟରେ ଗ୍ରାହକଙ୍କ ସୁବିଧାକୁ ନଜରରେ ରଖି ବିକଳ୍ପ ବ୍ୟବସ୍ଥା କରାଯାଇଥିବା ନେଇ ସଂଘ ପକ୍ଷରୁ କୁହାଯାଇଛି ।

# ନୂଆଁଖାଇ ପର୍ବ ପାଇଁ ତିନିଦିନ ଛୁଟି ଦାବିକଲେ ନରସିଂହ

**ବଲାଙ୍ଗୀର(ଅମୃତ ମିଡିଆ):** ନୂଆଁଖାଇ ପଶ୍ଚିମ ଓଡିଶାର ସର୍ବବୃହତ ଗଣପର୍ବ ଅଟେ । ଏହି କୃଷିଭିତ୍ତିକ ପର୍ବ ଏହି ଅଂଚଳର ପ୍ରତ୍ୟେକ ପରିବାର ପାଳନ କରିଥାନ୍ତି । ଘର ଠାରୁ ଯିଏ ଯେତେ ଦୂରରେ ଥିଲେ ମଧ୍ୟ ପ୍ରତ୍ୟେକ ପରିବାରର ଲୋକେ ନିଜ ଭିଟାମାଟିକୁ ଏ ପର୍ବ ପାଳନ ପାଇଁ ଫେରି ଆସିଥାନ୍ତି । ଜିଲ୍ଲା ବାହାରେ ଥାଆନ୍ତୁ କି ରାଜ୍ୟ ବାହାରେ କି ଦେଶ ବାହାରେ ଥିଲେ ମଧ୍ୟ ନୂଆଁଖାଇ ପର୍ବ ସମସ୍ତଙ୍କୁ ଘରମୁହାଁ କରିଥାଏ । ତେଣୁ ଏହି କୃଷିଭିତ୍ତିକ ଗଣପର୍ବ ପାଇଁ ଆମ ଅଂଚଳ ଲୋକଙ୍କ ପାଇଁ ନୂଆଁଖାଇ ଦିନ ପୂର୍ବରୁ ଏବଂ ପର ଦିନ ମଧ୍ୟ ଛୁଟି ଦରକାର ହୋଇଥାଏ । ବହୁ ଆଗରୁ ବିଜୁ ପଟ୍ଟନାୟକଙ୍କ ସରକାର ସାରା ଓଡିଶାରେ ଗୋଟିଏ ଦିନ ନୂଆଁଖାଇ ପର୍ବ ପାଇଁ ଦିନ ଧାର୍ଯ୍ୟ କରିଥିଲେ । ପରବର୍ତ୍ତି ସରକାରମାନେ ସେ ସବୁ କୁ ପାଳନ କରୁଥିଲେ ହେଁ ନୂଆଁଖାଇ ପରବର୍ତ୍ତି ଦିନ ସେହି ଅଂଚଳର ରାଜସ୍ୱ କମିଶନରମାନେ ଆଉ ଗୋଟିଏ ଦିନ ଛୁଟି ଘୋଷଣା କରିଥାନ୍ତି କିନ୍ତୁ ଯେହେତୁ ନୂଆଁଖାଇ ପର୍ବ ପାଇଁ ଲୋକେ ଦୂରଦୂରାନ୍ତରୁ ଘରକୁ ଫେରିଥାନ୍ତି ତେଣୁ ପୁଣି କର୍ମସ୍ଥାନକୁ ଫେରିବାରେ ଲୋକଙ୍କୁ ସମୟ ଦରକାର ହୋଇଥାଏ । ସେଥି ପାଇଁ ରାଜ୍ୟ ସରକାରଙ୍କୁ ମୁଁ ଦାବି ଜଣାଉଁଛି ଯେ ରାଜ୍ୟ ସରକାର ପଶ୍ଚିମ ଓଡିଶା ବାସୀଙ୍କ ଭାବାବେଗ ସହିତ ଜଡିତ ଏହି କୃଷିଭିତ୍ତିକ ପର୍ବ ନୂଆଁଖାଇ ପାଇଁ ତିନିଦିନ ଛୁଟି ଘୋଷଣା କରନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଆଗରେ ଦାବି କରିଛନ୍ତି । ତା ସହ ଶ୍ରୀ ମିଶ୍ର ଏହା ମଧ୍ୟ ଦାବି କରୁଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏହି ପର୍ବର ଗୁରୁତ୍ୱ କୁ ବୁଝି ରାଜ୍ୟରେ ଛାତ୍ର ଛାତ୍ରୀମାନଙ୍କର ତଥା ନିଯୁକ୍ତି କ୍ଷେତ୍ରରେ ପୂର୍ବରୁ ସ୍ଥିରୀକୃତ ହୋଇଯାଇଥିବା ପରୀକ୍ଷା ତାରିଖ ଗୁଡିକ ସମୟ ଥାଇ ପରିବର୍ତ୍ତନ କରାନ୍ତୁ । ଏହି ଛୁଟି ଭିତରେ ଯେପରି କୌଣସି ପ୍ରକାର ପରୀକ୍ଷା ରାଜ୍ୟ ହେଉ କି କେନ୍ଦ୍ରୀୟ ସ୍ତରରେ ହେଉ ସେସବୁକୁ ବାତିଲ ତଥା ଅନ୍ୟ ତାରିଖରେ କରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିକଟରେ ଦାବି କରିଛନ୍ତି ।



# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜବରଦଖଲ ଜମି ପୁନରୁଦ୍ଧାର ପାଇଁ ଦାବି



**ବଲାଙ୍ଗୀର(ଅମୃତ ମିଡିଆ):** ବହୁ ଦିନରୁ ଦାବି ହୋଇଆସୁଥିବା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାମରେ ଥିବା ୧୫୦ରୁ ୨୦୦ ଏକର ଜମିର ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟି ଦାବି କରିଛି । ଏ ସମ୍ବନ୍ଧରେ କିଛିଦିନ ତଳେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଲ୍ଲେଖ ମଧ୍ୟ କରିଥିଲେ । ଦୁଃଖର ବିଷୟ ଯେ, ବହୁ ଉପେକ୍ଷିତ ପଶ୍ଚିମ ଓଡ଼ିଶାର ସର୍ବପୁରାତନ ରାଜେନ୍ଦ୍ର କଲେଜର ଜମି ପ୍ରଶାସନର ଅବହେଳା ଯୋଗୁଁ କ୍ରମଶଃ ସଂକୁଚିତ ହୋଇ ୫୬ ଏକରରେ ପହଂଚିଛି। ଜବରଦଖଲରେ ଥିବା ଏହି ବଳକା ଜମିକୁ କଲେଜ ଅଧୀନକୁ ଫେରାଇ ଆଣିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ଭୀମ ଭୋଇ ମେଡିକାଲ କଲେଜକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତିକରଣ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟିର ଆବାହକ ଇଂ. ବେଲାସିଂ ଭୋଇ, ସଂଯୋଜକ ମନୋରଂଜନ ସାହୁ, ସଭ୍ୟ ମନୋରଂଜନ ମିଶ୍ର, ରଘୁ ନନ୍ଦନ ସିଂହ, ସୁବୋଧ ନାଗ, ବାଦଲ ମହାକୁଡ ଓ ଦିବାକର ହୋତା ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏ ସଂକ୍ରାନ୍ତରେ ଜିଲ୍ଲାପ୍ରଶାସନ ସକ୍ରିୟ ରହିବା ସହ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ଇସଲୱାର ପ୍ରତିଶୃତି ଦେଇଛନ୍ତି ।



# ଜାତୀୟ ସଫେଇ କର୍ମଚାରୀ ଆୟୋଗର ଉପାଧ୍ୟକ୍ଷଙ୍କ ଗୋଲାମୁଣ୍ଡା ବ୍ଲକ ଗସ୍ତ

## ସମ୍ବର୍ଦ୍ଧନା ସଭାରେ ଶତାଧିକ ଜନସାଧାରଣ ଓ ମହିଳା ସଂଗଠନର ଯୋଗଦାନ

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ଆଜି ଏକ ଭବ୍ୟ ଏବଂ ରାଜନୈତିକ ତଥା ପ୍ରଶାସନିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଗସ୍ତରେ ଥିବା ଜାତୀୟ ସଫେଇ କର୍ମଚାରୀ ଆୟୋଗର ମାନ୍ୟବର ଉପାଧ୍ୟକ୍ଷ ଶ୍ରୀ କୈଶବ ବିହାରୀ ଆଜି ଗୋଲାମୁଣ୍ଡା ବ୍ଲକ ପରିଦର୍ଶନରେ ପହଞ୍ଚିଥିଲେ। କେନ୍ଦ୍ର ସରକାରଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ଆୟୋଗର ଉପାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳକୁ ଏହା ତାଙ୍କର ପ୍ରଥମ ସରକାରୀ ଗସ୍ତ ହୋଇଥିବାରୁ, ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।ଏହି ଗସ୍ତ ଅବସରରେ ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ପଞ୍ଚାୟତ ସମିତି ସଭାଗୃହଠାରେ ଏକ ସ୍ୱେଚ୍ଛାକୃତ ସ୍ୱାଗତ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶ୍ରୀ କୈଶବ ବିହାରୀ ସଭାଗୃହରେ ପହଞ୍ଚିବା ପରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ ଏବଂ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। କେନ୍ଦ୍ରୀୟ ପଦାଧିକାରୀଙ୍କୁ ନିକଟରେ ପାଇ ସ୍ଥାନୀୟ ଲୋକେ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଉକ୍ତ ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏବଂ ବହୁ ବିଶିଷ୍ଟ ଜନପ୍ରତିନିଧି ଯୋଗଦେଇ କାର୍ଯ୍ୟକ୍ରମର ଗୌରବ ବଢ଼ାଇଥିଲେ। ପ୍ରଶାସନ ପକ୍ଷରୁ ଗୋଲାମୁଣ୍ଡା ବ୍ଲକର ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ନାୟକ ଏବଂ ଅତିରିକ୍ତ ତହସିଲଦାର ଅନୁଭବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହାସହିତ ଜନପ୍ରତିନିଧି ଓ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୃଷଭ ନାଏକ, ଗୋଲାମୁଣ୍ଡା ଜୋନ ମଣ୍ଡଳ ସଭାପତି ବୈଶାଖୁ କେତକୀ,ପ୍ରମୋଦ ପଧାନ,ଜୟକୃଷ୍ଣ ସାହୁ, ଜୟନ୍ତ ସିଂ, ଏବଂ ଭାଗ୍ୟବାନ ବାଗ,ଲଳିତ ମୋହନ ପଧାନ,ଅଭିମନ୍ୟୁ ଦାଶ,କେଶବ ସାହୁ,ଉମେଶ ମେହେର,ଦୁର୍ବର୍ଣ୍ଣ ମେହେର,ସନ୍ତୋଷ ସୁନାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।ଏହି ସମ୍ବର୍ଦ୍ଧନା ସଭାର ମୁଖ୍ୟ ଆକର୍ଷଣ ଥିଲା ଅଞ୍ଚଳର ମହିଳା ଶକ୍ତିଙ୍କ ଅଭୂତପୂର୍ବ ଯୋଗଦାନ। ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ସଦସ୍ୟାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ଏହି ସଭାରେ ସାମିଲ ହୋଇଥିଲେ। ମାନ୍ୟବର ଉପାଧ୍ୟକ୍ଷଙ୍କ ଏହି ପ୍ରଥମ ଗସ୍ତକୁ ସ୍ମରଣୀୟ କରିବା ପାଇଁ ସଭାଗୃହଟି ସମ୍ପୂର୍ଣ୍ଣ ଭାବେ ଲୋକାରଣ୍ୟ ହୋଇଉଠିଥିଲା। ସଫେଇ କର୍ମଚାରୀଙ୍କ କଲ୍ୟାଣ ଓ ସେମାନଙ୍କ ସାମାଜିକ ସୁରକ୍ଷା ଦିଗରେ ଆୟୋଗଙ୍କ ପଦକ୍ଷେପକୁ ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ହୋଇଥିଲା।

# ନଦୀକୁ ଡେଇଁ ବିବାହିତ ଯୁବକ ନିଖୋଜ



**ରାଉରକେଲା(ଅମୃତ ମିଡିଆ):** ପାରିବାରିକ କଳହରୁ ଉତ୍ତେଜିତ ହୋଇ ଜଣେ ମହିଳାଙ୍କ ଆଗରେ ପୋଲ ଉପରୁ ବ୍ରାହ୍ମଣୀନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି ଜଣେ ଯୁବକ । ଆଜି ସକାଳ ପ୍ରାୟ ୮ଟାରେ ବ୍ରାହ୍ମଣୀ ନୂଆ ପୋଲ ଉପରେ ଏମିତି ଅଭାବନୀୟ ଘଟଣା ଘଟିଛି । ବ୍ରାହ୍ମଣୀତରଙ୍ଗ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି ।

ଗାଡ଼ିଚାଳକ ପୁଲିସ ଓ ଅଗ୍ନିଶମ କାର୍ଯ୍ୟାଳୟକୁ ଖବର ଦେଇଥିଲେ ଉଦିତନଗରର ଟ୍ରାନ୍ସପୋର୍ଟ ବ୍ୟବସାୟୀ ଶିବରାମ ସାହୁ ପରିବାର ସହ ରହନ୍ତି । ଆଜି ସକାଳେ କୌଣସି କଥାକୁ ନେଇ ପରିବାରରେ କଳି ଝଗଡା ହୋଇଥିଲା । ଶିବରାମ ପ୍ଲାଣ୍ଟସାଇଟରେ ରହୁଥିବା ଜଣେ ମହିଳାଙ୍କୁ ଡାକିଥିଲେ । ମହିଳା ଜଣକ ଘରେ ପହଂଚିବାପରେ ଶିବରାମ କଥା ହୋଇଥିଲେ । ପରେ ତାଙ୍କୁ ନିଜ କାରରେ ବସାଇ ବେଦବ୍ୟାସ ଟିସିଆଇ ଛକ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ତାଙ୍କ ଆଗରେ କାର ଭିତରେ କିଛି ଔଷଧ ଖାଇଦେଇଥିଲେ । ମହିଳା ଜଣକ ବାରଣ କରିବା ସହ ବୁଝାସୁଝା କେଇଥିଲେ ଶିବରାମ ମାନି ନଥିଲେ । ସେଠାରୁ ତାଙ୍କୁ ପୁଣି ଗାଡ଼ିରେ ବସାଇ ବ୍ରାହ୍ମଣୀ ନୂଆ ପୋଲ ଉପରୁ ଆସିଥିଲେ । ମହିଳା ଜଣକ ପଛ ସିଟରେ ଗାଡ଼ିରେ ବସିଥିବା ବେଳେ ଶିବରାମ ହଠାତ ଓହ୍ଲାଇ ପୋଲ ଉପରୁ ନଦୀକୁ ଡେଇଁ ପଡ଼ିଥିଲେ। ମହିଳା ଜଣକ ଗାଡ଼ିରୁ ବାହାରି ଶିବରାମଙ୍କୁ ବଞ୍ଚାଇବାକୁ ପାଟି କରିଥିଲେ । ରାସ୍ତାରେ ଯାଉଥିବା ଗାଡ଼ିଚାଳକ ଏ ସଂକ୍ରାନ୍ତରେ ପୁଲିସ ଓ ଅଗ୍ନିଶମ କାର୍ଯ୍ୟାଳୟକୁ ଖବର ଦେଇଥିଲେ । କୁହାଯାଉଛି ଶିବରାମ ମହିଳାଙ୍କୁ ଭଲ ପାଉଥିବାରୁ ପରିବାର ସହ କଳି ଝଗଡା ହେଉଥିଲା । ଶିବରାମଙ୍କ ନିଜ ପତ୍ନୀ ଓ ତାଙ୍କ ପରିବାର ମହିଳାଙ୍କ ସହ ନ ମିଶିବାକୁ ବାରଣ କରୁଥିଲେ ହେଁ ସେ ମାନୁ ନ ଥିଲେ । ପୁଲିସ ଘଟଣାର ତଦନ୍ତ ଚଳାଇଛି ।

## ୪.୨ ଫୁଟ୍ ଉଚ୍ଚତା, ସ୍ୱପ୍ନ କିନ୍ତୁ ଆକାଶଛୁଆଁ

# ଭିମ୍‌ସାରରେ ଡାକ୍ତରୀ ପଢ଼ିବେ ପ୍ରିୟଙ୍କା

**ସମ୍ବଲପୁର(ଅମୃତ ମିଡିଆ):** ଅସ୍ଥିଶଲ୍ୟ ସମସ୍ୟା ଯୋଗୁଁ ଉପଯୁକ୍ତ ଶାରୀରିକ ବିକାଶ ହୋଇପାରି ନାହିଁ। ତାଙ୍କ ଉଚ୍ଚତା ମାତ୍ର ୪.୨ ଫୁଟ୍‌ରେ ସୀମିତ ରହିଯାଇଛି। ହାଡ଼ ମଧ୍ୟ ଦୁର୍ବଳ ରହିଛି। ତେଣୁ ବେଶି ଦୌଡ଼ିପାରନ୍ତି ନାହିଁ। ମିସ୍ତ୍ରି କାର୍ଯ୍ୟ କରୁଥିବା ବାପା ଜନ୍ମଜୟ ବେହେରାଙ୍କ ଦେହାନ୍ତ ହୋଇଯାଇଛି। ମା’ ଗୌରୀ ଛୋଟ ପରିବା ବିକ୍ରେତା। ଗୋଟିଏ ସମୟ ଥିଲା ଯେତେବେଳେ ତାଙ୍କର ବହି କିଣିବା ପାଇଁ ମଧ୍ୟ ଟଙ୍କା ନଥିଲା। ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଦୃଢ଼ ମନୋବଳ ଓ କଠିନ ପରିଶ୍ରମ ବଳରେ ଦୃଷ୍ଟାନ୍ତନୀୟ ସଫଳତା ହାସଲ କରିଛନ୍ତି ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ୍ ଅନ୍ତର୍ଗତ ବରଗାଁର ପ୍ରିୟଙ୍କା ବେହେରା। ସେ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍)ରେ ଯୋଗ୍ୟତା ହାସଲ କରି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ରେ ନାମଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କିଛିଦିନ ପୂର୍ବରୁ ଓଡ଼ିଶା ଜେଇଇକୁ ଯାଇ ୩୭ ହଜାର ଦାଖଲ କରି ସାରିଛନ୍ତି। ନଭେମ୍ବର ମାସରେ ଭିମସାରରେ ନାମ ଲେଖାଇବେ ପ୍ରିୟଙ୍କା।

ପ୍ରିୟଙ୍କା କହନ୍ତି, ରାଜ୍ୟର ବିଶିଷ୍ଟ ଚିକିତ୍ସକ ତଥା ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଗାଁ ହେଉଛି ବରଗାଁ। ଛୋଟବେଳୁ ତାଙ୍କ ବିଷୟରେ ଶୁଣୁଥିଲି। ଅନେକ ସମୟରେ ତାଙ୍କୁ ଭେଟି ଖୁସି ହେଉଥିଲି। ମା ମଧ୍ୟ କହନ୍ତି, ବଡ଼ ହେଲେ ଡାକ୍ତର ହେବୁ। ତେଣୁ ବରଗାଁ ସ୍କୁଲରେ ପାଠପଢ଼ା ସମୟରୁ ହିଁ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରହିଥିଲା। ଯୁକ୍ତଦୁଇରେ ଉତ୍ତୀର୍ଣ୍ଣ ହେବାପରେ ଅଚାନକ ବାପାଙ୍କ ଦେହାନ୍ତ ଯୋଗୁଁ ବିପଦ ମାଡ଼ି ଆସିଥିଲା। ସେତେବେଳକୁ ମା’ଙ୍କର କୌଣସି ରୋଜଗାର ମଧ୍ୟ ନଥିଲା। ମେଡିକାଲ ପ୍ରସ୍ତୁତି ପାଇଁ କୋଚିଂ ଓ ବହି ପାଇଁ ଅନେକ ଅର୍ଥର ଆବଶ୍ୟକତା ଥିଲା। ଏଥିପାଇଁ କେତେ ଯେ ସମସ୍ୟା ସୃଷ୍ଟି ହୋଇଥିଲା, କହି ହେବ ନାହିଁ।



ଏହା ସତ୍ତ୍ୱେ ହାରିନଥିଲେ ପ୍ରିୟଙ୍କା। ନିଟ୍ ପ୍ରସ୍ତୁତି ପାଇଁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସମ୍ବଲପୁର ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇଥିଲେ। ଏଣେ ସାମାଜିକ ସୁରକ୍ଷା ବିଭାଗ ମଧ୍ୟ ନିଜ ତରଫରୁ ମେଧାବୀ ଛାତ୍ରୀଙ୍କ ନିଟ୍ ପ୍ରସ୍ତୁତି ପାଇଁ ଟଙ୍କାର ଆବଶ୍ୟକତା ଥିବା ଜାଣିବାକୁ ପାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌର ପାଣିଙ୍କ ପ୍ରଚେଷ୍ଟାରେ ବିଭାଗ ପକ୍ଷରୁ ୨୪ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇ ଥିଲା। ଏହାର ସୁବିନିଯୋଗ କରି ପ୍ରିୟଙ୍କା ନିଟ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ। ନଭେମ୍ବରରେ ଭିମସା ?ରେ ଆଡମିସନ ପାଇଁ ୭୦ ହଜାର ଟଙ୍କା ଯୋଗାଡ଼ କରିବା ପ୍ରିୟଙ୍କାଙ୍କ ମା’ଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ। ଏଥିପାଇଁ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିବେ ବୋଲି ପ୍ରିୟଙ୍କା କହିଛନ୍ତି। କମ ଉଚ୍ଚତା ଯୋଗୁଁ କେବେ କେହି ତାଚ୍ଛଲ୍ୟ କଲେ ପ୍ରିୟଙ୍କା ତାକୁ ମନରେ ଧରନ୍ତି ନାହିଁ। କାହା କଥାକୁ ସେ ଗୁରୁତ୍ୱ ଦିଅନ୍ତି ନାହିଁ। ଆଗକୁ ମଧ୍ୟ ଦେବେ ନାହିଁ। ପାଠପଢ଼ି ଏମ୍‌ବିବିଏସ୍, ପିଜି ଉତ୍ତୀର୍ଣ୍ଣ ହୋଇ ଭଲ ଡାକ୍ତର ହେବାକୁ ଲକ୍ଷ୍ୟ ଥିବା କହିଛନ୍ତି।

## ସମ୍ପାଦକୀୟ...

# ଆଇନ୍-ଆନ୍ଦୋଳନ

ଶବ୍ଦ ଦୁଇଟି ମଧ୍ୟରେ ଅର୍ଥଗତ ଫରକ୍ ରହିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ କିନ୍ତୁ ସାମ୍ୟ ରହିଛି । ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ହେଉ ଉଭୟ ଶବ୍ଦ ମଧ୍ୟରେ କିନ୍ତୁ ସାମ୍ୟ ରହିଛି । କଥାଟା କାହାକୁ କେମିତି ଲାଗିପାରେ ହେଲେ କଥା ଭିତରେ ରହିଛି ଯଥାର୍ଥତା ଯାହାକୁ ବୁଝିବା ଦରକାର । ବୁଦ୍ଧିଜୀବୀମାନେ ତ ସହଜରେ ବୁଝିଯିବେ ହେଲେ ସମାଜରେ ବୁଦ୍ଧିଜୀବୀଙ୍କ ଅଭିନୟ କରୁଥିବା କେତେକ ନିର୍ବୁଦ୍ଧିଆ କିନ୍ତୁ ଏତେ ସହଜରେ ବୁଝିପାରିବେ ନାହିଁ । ତେବେ ସମାଜର ତଥାକଥିତ ଆଇନ୍ ବିଶାରଦମାନେ କିନ୍ତୁ ଅତି ସହଜରେ ବୁଝିପାରିବେ ଯେ ଆଇନ୍ ଏବଂ ଆନ୍ଦୋଳନ ମଧ୍ୟରେ ଫରକ୍ କେତେଦୂର । ତେବେ ଭଲଭାବେ ନିରୀକ୍ଷଣ କଲେ ଯାହା ଜଣାଯାଏ ଉଭୟଙ୍କ ଦିଗ କିନ୍ତୁ ଭିନ୍ନ ଭିନ୍ନ । ଦେଶରେ ଆଇନ୍ ଯଦି ଅଛି ତେବେ ତେବେ ପୁଣି ଆନ୍ଦୋଳନ କାହିଁକି ? କାରଣ କେବେ କେବେ ସମାଜରେ କିଛି ବେଆଇନ୍ କାମ ବି ହୋଇଯାଏ । ତେବେ ସବୁଠାରୁ ବଡ଼ କଥା ହେଲା ଆଇନ୍ ଭିତରେ ବି କେବେ କେବେ କିଛି ବେଆଇନ୍ ପଶିଯାଏ ! କଥାଟା ଶୁଣିବାକୁ ଅଡୁଆ ଲାଗିଲେ ବି ସତ । ଯେତେବେଳେ ଯାହା ବି ଆଇନ୍ ଆସୁଛି କିମ୍ବା ଯେତେବେଳେ ଯାହା ବି ଆଇନ୍ ତିଆରି ହେଉଛି ତାହାର ମୂଳ ଉଦ୍ଦେଶ୍ୟ ହେଉଛି ଜନକଲ୍ୟାଣ ଅବା ରାଷ୍ଟ୍ର କଲ୍ୟାଣ । ଏହା ହିଁ ସର୍ବଦା ଆଇନ୍ ପ୍ରଣୟନର ମୂଳଧର୍ମ ଏବଂ ମୂଳ ଉଦ୍ଦେଶ୍ୟ ସାବ୍ୟସ୍ତ ହୋଇଛି ଯାହାକୁ କେବେ ବି ଅସ୍ୱୀକାର କରାଯାଇନପାରେ ।ତଥାପି ଅନେକ ସମୟରେ ସମାଜରେ ..ଦେଶର ରାଜରାସ୍ତାରେ କେବେ କେବେ ଆରମ୍ଭ ହୋଇଯାଏ ଦୁର୍ବାର ଆନ୍ଦୋଳନ ଯାହା ପଛରେ ସାଧାରଣ କାରଣ ହେଉଛି ପ୍ରଣୀତ ଆଇନ୍‌ରେ କେକେ କେବେ ସେମିତିକା କିଛି କଥା ରହିଯାଇଥାଏ, ଯାହାକୁ ଜାତି - ଧର୍ମ - ସମ୍ପ୍ରଦାୟ ନିର୍ବିଶେଷରେ ଦେଶର ନିର୍ଦ୍ଦିଷ୍ଟ କେତେକ ଗୋଷ୍ଠୀ ଅବା ଜେନ୍ ଜି ଅବା ତଥାକଥିତ ଦିମାଗୀ ନକ୍ସଲଙ୍କ ଭଳି ସମାଜର ଅତ୍ୟାଧୁନିକ ଗୋଷ୍ଠୀ ବୋଲାଉଥିବା ଯୁବସମାଜ ସମୟ ସମୟରେ ମଧ୍ୟ ସେମିତି କାଣ୍ଡ କାରନାମା କରିବାକୁ ପଛାନ୍ତି ନାହିଁ ; କହିବାର ମାନେ ଆନ୍ଦୋଳନ ଅବା ବିକ୍ଷୋଭ - ଧାରଣା ଦେବାକୁ ମଧ୍ୟ ପଛାନ୍ତି ନାହିଁ । ଶେଷରେ ଦେଶର ଶାସକ ଦଳଙ୍କ ବିପକ୍ଷରେ ସେମାନଙ୍କ ତଥାକଥିତ ଶତ୍ରୁ ଅଛନ୍ତି । ଯେଉଁମାନେ ଶାସକ ଦଳଙ୍କୁ ପ୍ରାୟ ସବୁ ସମୟରେ ବିରୋଧ କରନ୍ତି । ଯାହା କି ବିରୋଧୀଙ୍କ କର୍ମ ଏବଂ ଧର୍ମ ଏବଂ ଯାହାକି ଏକ ସୁସ୍ଥ ଗଣତନ୍ତ୍ରରେ ଅତ୍ୟନ୍ତ ଜରୁରୀ । ଏଇ ଯେମିତି ଏବେ ବିରୋଧୀ ଇଣ୍ଡି ମେଣ୍ଟ ଆରମ୍ଭ କରିଛି ଦେଶବ୍ୟାପୀ ଏକ ବଡ଼ ଆନ୍ଦୋଳନ । ପ୍ରସଙ୍ଗ ହେଉଛି ଏମ୍‌ଏମ୍‌ଡିଆର୍ ସଂଶୋଧିତ ଆଇନକୁ ବିରୋଧ । ତେବେ ୧୯୫୭ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁକରାଯାଇଥିବା ଏହି ମିନରାଲ୍ସ ଆଣ୍ଡ ମାଇନ୍ସ ଡେଭଲପ୍‌ମେଣ୍ଟ ଆକ୍ଟ ଯାହାକି ଦେଶର ଖଣି ଏବଂ ଖଣିଜ ଦ୍ରବ୍ୟର ସୁରକ୍ଷା ତଥା ସେମାନଙ୍କର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଥିଲା ଉଦ୍ଦିଷ୍ଟ । ଯେବେ କେନ୍ଦ୍ରରେ ଥିଲା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ କଂଗ୍ରେସ ଶାସନ ଯାହା ପଛରେ ଏହିସବୁ ଉଦ୍ଦେଶ୍ୟ ନିହିତ ଥିଲା ଯେମିତି କି ଦେଶର ଖଣି ଏବଂ ଖଣିଜାତ ସାମଗ୍ରୀକୁ ଦେଶ ହିତରେ ବ୍ୟବହାର କରିବା ଦେଶର ମେଜର ମିନରାଲ୍ସ ସବୁ କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନରେ ରହୁଥିବାର ପ୍ରାବଧାନ ରହୁଥିବା ବେଳେ ଦେଶର ମାଇନର୍ ମିନରାଲ୍ସ ସବୁ ସଂପୃକ୍ତ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବ । ତେବେ ବର୍ତ୍ତମାନ ସମୟରେ କେନ୍ଦ୍ରର ଏନଡିଏ ନେତୃତ୍ୱରେ ପରିଚାଳିତ ବିଜେପି ସରକାର ଏମ୍‌ଏମ୍‌ଡିଆର୍ ଆକ୍ଟରେ ଏଭଳି କିଛି ସଂଶୋଧନ ଆଣିଛନ୍ତି ଯାହାକୁ ତୀବ୍ର ବିରୋଧ କରୁଛି ଦେଶ ତଥା ରାଜ୍ୟର ବିରୋଧୀ ଦଳ । ତେବେ ରାହୁଲ୍ ଗାନ୍ଧୀଙ୍କ ନେତୃତ୍ୱରେ ଇଣ୍ଡି ମେଣ୍ଟ ଏବେ କେନ୍ଦ୍ର ସରକାରଙ୍କ ଏହି ସଂଶୋଧନ ନିଷ୍ପତ୍ତି ବିରୋଧରେ ଆରମ୍ଭ କରିଛି ଆନ୍ଦୋଳନ ଯାହା ଆଗାମୀ ଦିନରେ ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି । ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଏହି ସଂଶୋଧିତ ଆଇନ୍ ସମ୍ପୂର୍ଣ୍ଣ ରାଜ୍ୟ ସ୍ୱାର୍ଥ ବିରୋଧୀ । ଏହି ଆଇନ୍‌ର ପ୍ରଣୟନ ଫଳରେ ରାଜ୍ୟ ତା'ର ବକେୟା ବାବଦକୁ ପ୍ରାୟ ଏକଲକ୍ଷ କୋଟି ଟଙ୍କା ହରାଇବ ଏବଂ ବାର୍ଷିକ ପ୍ରାୟ ୧୨ ହଜାର କୋଟି ହରାଇବ । ଏଣୁ କେନ୍ଦ୍ର ସରକାର ତୁରନ୍ତ ଏଭଳି ଆଇନ୍ ପ୍ରତ୍ୟାହାର ଉପରେ ବିଚାର କରନ୍ତୁ ନଚେତ ଆଗାମୀ ଦିନରେ କିଛି ଭଲ ହେବନି ।

## ଜ୍ଞାନାମୃତ

# ରାଜାଙ୍କ ମହାଦାନ

ଭାରତର ପୂର୍ବପ୍ରାନ୍ତରେ ସ୍ଥିତ କୌଣସି ଏକ ରାଜ୍ୟରେ ରହୁଥିଲେ ଜଣେ ମହାନ ରାଜା ଯେ କି ତାଙ୍କର ଦାନ ଧର୍ମ ପାଇଁ ବହୁତ ପରିଚିତ ଥିଲେ । ସେପାଇଁ ତାଙ୍କ ମନରେ ଅବଶ୍ୟ ଅହଂକାର ଥିଲା । ହେଲେ ନିଜର ସେହି ଅହଂକାରକୁ କେବେ ବି ବୁଝୁନଥିଲେ କିମ୍ବା ବୁଝିବାକୁ ଚେଷ୍ଟା କରୁ ନଥିଲେ । ତେବେ ଥରେ ରାଜାଙ୍କ୍ ଜଣେ ପାରିଷଦ ରାଜାଙ୍କୁ ଭିନ୍ନ ଏକ ରାଜ୍ୟର ଜଣେ ରାଜାଙ୍କର ଦାନର ମହାନତା ବିଷୟରେ କିଛି ବିଶେଷ କଥା ବଖାଣିବାରୁ ରାଜା ସେ ବିଷୟରେ ତାଙ୍କ ପାରିଷଦଙ୍କ ଠାରୁ କିଛି ସେ ବିଷୟରେ ଜାଣିବା ପାଇଁ ଉତ୍ସୁକତା ପ୍ରକାଶ କଲେ । ତେବେ ସେହି ମହାନ ରାଜା ତାଙ୍କର ମହାନତାର ପରିପ୍ରକାଶ ପାଇଁ କାହାର ବି କଥାକୁ ଏତେ ସହଜରେ ଗ୍ରହଣ କରି ପାରୁ ନଥିଲେ । ତଥାପି ଥରେ ପାରିଷଦଙ୍କ୍ କଥାକୁ ଥରେ ଅଧେ ଶୁଣିନେବା ପାଇଁ ଶେଷରେ ରାଜା ଇଚ୍ଛା ପ୍ରକାଶ କରିବାରୁ ପାରିଷଦ ଭିନ୍ନ ପ୍ରାନ୍ତର ଜଣେ ରାଜାଙ୍କ ଦାନ ପୁଣ୍ୟର କାହାଣୀ କହିବାରୁ ରାଜା ନିଜେ ଗଲେ ପାରିଷଦଙ୍କ ପାଖକୁ ତାଙ୍କ ସହିତ ସେହି ରାଜାଙ୍କୁ ସାକ୍ଷାତ୍ କରିବା ପାଇଁ । ଯେ କି ତାଙ୍କର ଦାନ ଧର୍ମ ପାଇଁ ବହୁତ ପରିଚିତ ଥିଲେ । ସେପାଇଁ ତାଙ୍କ ମନରେ କିନ୍ତୁ ଟିକିଏ ବି ଅହଂକାର ନ ଥିଲା । ହେଲେ ନିଜର ଦାନ ଧର୍ମର ଗାରିମାକୁ ସେ କେବେ ବି କାହା ଆଗରେ ପ୍ରକାଶ କରୁ ନଥିଲେ । ତେବେ ରାଜାଙ୍କ ଯେବେ ତାଙ୍କର ଜଣେ ପାରିଷଦ ସହିତ ସେହି ରାଜାଙ୍କ ଦରବାରରେ ପହଞ୍ଚିଲେ; ଦରବାର ତ ନଥିଲା ବରଂ ଥିଲା ସାଧାରଣ ଏକ ଘର ଯେଉଁଥିରେ ସେହି ରାଜା ଅତି ଖୁସିରେ ନିଜର କାଳାତିପାତ କରୁଥିଲେ । ସେହି ରାଜ୍ୟର ସେହି ରାଜାଙ୍କର ଦାନର କିଛି ବିଶେଷ ମହାନତା ବିଷୟରେ କିଛି ବିଶେଷ କଥା ଜାଣିଲା ପରେ ପୂର୍ବ ରାଜା ଯାହା ସେ ବିଷୟରେ ତାଙ୍କ ପାରିଷଦଙ୍କ ଠାରୁ ସେ ବିଷୟରେ ସେ ପୂର୍ବରୁ କିଛି ଶୁଣିଥିଲେ ଅବା ଜାଣିଥିଲେ ତାହା ଧୀରେ ଧୀରେ ସଠିକ୍ ବୋଲି ରାଜା ନିଜେ ବି ଅନୁଭବ କଲେ । ଏଇ ଯେମିତି ସେହି ରାଜାଙ୍କ ସରଳତା ଏବଂ ଜନସମ୍ପର୍କ ଯାହାକି ପ୍ରତ୍ୟହ ତାଙ୍କ ନିକଟକୁ ଟାଣି ଆଣୁଥିଲା ବହୁତ ସାଧାରଣ ଲୋକଙ୍କୁ ଯେଉଁମାନେ ରାଜାଙ୍କ ନିକଟକୁ ଅବଶ୍ୟ କିଛି ସାହାଯ୍ୟ ଉଦ୍ଦେଶ୍ୟରେ ଆସୁଥିଲେ ଏବଂ ସେହି ରାଜା ନିଜର ସାଧ୍ୟମତେ ଏବଂ ସେମାନଙ୍କର ଆବଶ୍ୟକତା ଅନୁସାରେ ସେମାନଙ୍କୁ ମଧ୍ୟ କିଛି କିଛି ଦାନ ଦେଇ ତାଙ୍କ ହିସାବରେ ଧର୍ମ ଅର୍ଜନ କରୁଥିଲେ । ଯାହାକି ପୂର୍ବ ରାଜାଙ୍କ ପାଇଁ କିଛି ପ୍ରେରଣାଦାୟକ ଥିଲା ନିଶ୍ଚୟ ।

# ଜେନ-ଜୀ କା ଜଲୱା



ଡ. ପ୍ରଦୀପ୍ତ କୁମାର ମିଶ୍ର

ଜୀବନ ଏକ ଅଭିନୟ । ଅଭିନୟର ବିନ୍ଦୁରେ ମଣିଷର ସ୍ଥିତି । ଜୀବନରେ ଫୁଲ ବିଛଣାର ସ୍ୱପ୍ନ ଦେଖିବା ସହଜ ନୁହେଁ କଷ୍ଟ । କଳ୍ପନାର ଜୀବନଠାରୁ ବାସ୍ତବ ଜୀବନ ହାହାକାର ମୟ । ସମାଜ ସାଧନାର ବେଦୀ । ମଣିଷର ସ୍ୱପ୍ନ କେତେବେଳେ ସପ୍ତରଙ୍ଗ ରଂଜିତ ଇନ୍ଦ୍ରଧନୁ ତ ଆଉ କେତେବେଳେ କଳାବାଦଲ ଭିତରେ ବିଜୁଳି । ଅସୁନ୍ଦର ଭିତରେ ସୌନ୍ଦର୍ଯ୍ୟ, କଳାମେଘ କୋଳରେ ବିଜୁଳି, ପଙ୍କରେ ପଙ୍କଜ, ଶାମୁକାରେ ମୁକ୍ତା, ଦାରିଦ୍ର୍ୟ ଭିତରେ ପ୍ରତିଭା ଏସବୁ ନିୟତିର ନିୟମ ଅଟେ । ଦାରିଦ୍ର୍ୟକୁ ନେଇ ସାମାଜିକ ସଂଘର୍ଷ ଭିତରେ ଲଢେଇ ଯିଏ କରିଛି ତାର ଜୀବନ ହାହାକାର ମୟ ହୋଇଛି ।

ଆସନ୍ତୁ ଆଜିର ଜେନ ଜୀ ର ପିଢ଼ି ବୋଲାଉଥିବା ଏକ ସମୟର ଯୁବବର୍ଗଙ୍କ ଜୀବନଶୈଳୀ ଉପରକୁ ଦୃଷ୍ଟି ପକାଇବା । ଭାରତବର୍ଷ ଋଷିମୁନିଙ୍କ ବର୍ଷ ଭାବରେ କାହିଁ କେଉଁ ଯୁଗରୁ ବିଦିତ ହୋଇଆସିଛି । ତେଣୁ ପ୍ରତି ଭାରତୀୟପାଇଁ ମୁନିଋଷି ହିଁ ଜୀବନର ମାର୍ଗଦର୍ଶକ ସାଜିଥାନ୍ତି । ପ୍ରଥମ ପର୍ଯ୍ୟାୟରେ କହିବି ଜୀବନର ଆଦର୍ଶକୁ ଜାଣିବା ପାଇଁ ଆଜିର ଜେନ ଜୀ ବର୍ଗ ମୁନିଋଷିଙ୍କ ଆଦର୍ଶପ୍ରତି ଜମାରୁ କର୍ଣ୍ଣପାତ କରନ୍ତି ନାହିଁ । ମଣିଷର ମାନବିକତା ପ୍ରାପ୍ତିପାଇଁ ଜୀବନଶୈଳୀ ଏକ ପ୍ରମୁଖ ଅସ୍ତ୍ର । ଆଦର୍ଶ ବିହୀନ ଜୀବନ ସ୍ୱାଦ ଶୂନ୍ୟ ଅଟେ । କାକ ସ୍ନାନ ବା ରାବ, ବକ ଧ୍ୟାନ, ଶ୍ୱାନ ନିଦ୍ରା, ଅଳ୍ପ ଆହାର, ଗୃହ ତ୍ୟାଗ ଆମ ଭାରତୀୟ ବିଦ୍ୟାର୍ଥୀର ପରିଚୟ ଅଟେ । ମାତ୍ର ଆଜି ଗଣିତର ସୂତ୍ର ପରି ବିଦ୍ୟାର୍ଥୀର ଏହିସୂତ୍ର ଜେନ ଜୀ ନିକଟରେ ନାହିଁ । ଯେମିତି ଉପବାସ ବିନା ପ୍ରାର୍ଥନା ମୂଲ୍ୟହୀନ, ତେଣୁ ପ୍ରାର୍ଥନା ହିଁ ଯଥାର୍ଥ ଉପବାସ । ଠିକ ସେହିପରି ବିଦ୍ୟାର୍ଥୀର ସୂତ୍ର ନ ଧରି ବିଦ୍ୟାପ୍ରାପ୍ତି ଅର୍ଥ ଦେଇପାରେ ମାତ୍ର ମାନବିକତା ଦେବ ନାହିଁ । ଆଜି ବିଦ୍ୟାର୍ଥୀର ସୂତ୍ର ସ୍ଥାନରେ ପରିବର୍ତ୍ତନର ଚିହ୍ନ ଦେଖାଦେଇଛି । ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ ଓ ସ୍ନାନ ବଦଳରେ ବ୍ରାହ୍ମ ମୁହୂର୍ତ୍ତରେ ଜେନ ଜୀ ଶୋଇବା ଆରମ୍ଭ କରୁଛି । ଅର୍ଥାତ ରାତି ବ୍ରାହ୍ମ ମୁହୂର୍ତ୍ତର କିଛି ସମୟ ପୂର୍ବରୁ ଜେନ ଜୀ ଶୋଇବା ଆରମ୍ଭ କରୁଛି । ସୃଷ୍ଟିର ନିୟମ ଯେ ରାତ୍ରି ଶୋଇବା ପାଇଁ ଉଦ୍ଦିଷ୍ଟ, ସେ କ୍ଷେତ୍ରରେ ଜେନ ଜୀ ବିଦ୍ୟା ସଂଗ୍ରହ କରୁଛି । ବ୍ରାହ୍ମ ମୁହୂର୍ତ୍ତ ଯେ ବିଦ୍ୟା ଗ୍ରହଣ ପାଇଁ ଉଦ୍ଦିଷ୍ଟ, କିନ୍ତୁ ସେତେବେଳେ ସେ ଶୋଇ ରହୁଛି । ଆମ ଶାସ୍ତ୍ର କହେ 'ବିଦ୍ୟା ଦଦାତି ବିନୟମ୍' । ବିଦ୍ୟା ଓ ଶିକ୍ଷା ଭିତରେ ପ୍ରଭେଦ ଅନେକ । ବିଦ୍ୟା ଅର୍ଜନ ଓ ଶିକ୍ଷା ଗ୍ରହଣର ତତ୍ତ୍ୱ ବୁଝିବା ଆମର ମୌଳିକ କର୍ତ୍ତବ୍ୟ . । ଆଜିର ବ୍ୟତିକ୍ରମ ହେଉଛି ଏକ ସୁସ୍ଥ ଚେତନା ପାଇବାରେ ଜେନ ଜୀ ଅସହାୟତାର ପ୍ରମାଣ ଦେଉଛି । ଭୁଲର ସଂଶୋଧନ କରିବାରେ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୁଏ । ଜେନ ଜୀ ଯେ ଭୁଲ କରୁଛି ତାହା କହିବିନି, କେବଳ ଏତିକି କହିବି ସୁସ୍ଥ ମାନସିକତା ବ୍ରାହ୍ମ ମୁହୂର୍ତ୍ତର ଉପଯୋଗରୁ ନିର୍ମାଣ ହୁଏ । ଦ୍ୱିତୀୟରେ ଆଜି ବିଜ୍ଞାନର ଜୟଯାତ୍ରାରେ ଅଧିକ ବାସ୍ତବବାଦୀ ହୋଇ ଜେନ ଜୀ ଯୁକ୍ତିପ୍ରବଣତାରେ ନିଜକୁ ସାମିଲ କରୁଛି । ଆମକୁ ଜାଣିବାକୁ ପଡିବ ଜୀବନରେ ବିତଣ୍ଡ ବା ଅବାନ୍ତର ଯୁକ୍ତିରେ ଜଡିତ ରହିଲେ ଶାନ୍ତି ପାଇବା ଅସମ୍ଭବ । ମଣିଷ ସର୍ବଦା ସନ୍ତୋଷରୁ ମିଳୁଥିବା ସୁଖକୁ ଚିରନ୍ତନ ଦେଖିବାକୁ ଚାହେଁ । ଜେନ ଜୀର ପଠନ ଓ ଜୀବନ ଗଠନଶୈଳୀ ଆଜି ସମ୍ପୂର୍ଣ୍ଣ ଭିନ୍ନ । ଜୀବନକୁ ଗଠନ କରିବାର ତରିକା ଯୁକ୍ତିପ୍ରିୟତାରେ ନଥାଏ, ଏହା ନମ୍ରତାର ଗୁଣରେ ନିହିତ ଥାଏ । ଆଜିର ଜେନ ଜୀ ଜୀବନରେ ପୁଳାପୁଳା ଅର୍ଥସଂଗ୍ରହକୁ ଜୀବନଗଠନ ବୋଲି ଧରିନେଇଛି । ବଞ୍ଚିବାର ଅର୍ଥ କଦାପି ବ୍ୟାଙ୍କର ସଂଚିତ ଅର୍ଥସହ ତୁଳନୀୟ ନୁହେଁ । ବଞ୍ଚିବାର ଅର୍ଥ ହେଉଛି ବିଚାର, ବଚନ ଓ କର୍ମ ମଧ୍ୟରେ ମଧୁର ସମ୍ପର୍କକୁ ସନ୍ତୋଷପ୍ରାପ୍ତିର ଉତ୍ସ ଭାବେ ନିର୍ମାଣ କରିବା । ଆମେ ଜାଣୁ କଠିନ ପରିଶ୍ରମର ବିକଳ୍ପ ନାହିଁ, କିନ୍ତୁ କେଉଁ ସମୟରେ ପରିଶ୍ରମ କରୁଛୁ ତାହା ଚିନ୍ତନର କର୍ମ ହେବା ଜରୁରୀ । ଜୀବନରେ ସମସ୍ୟା ଉପରେ ଚିନ୍ତାକରି ଶକ୍ତି ସାରିବା ଅପେକ୍ଷା ସମାଧାନ ଲାଗି ମନ ଦେବା ଶ୍ରେୟସ୍କର । କିନ୍ତୁ ଆଜିର ଜେନ ଜୀ ସମାଜରେ ସମସ୍ୟା ବଢାଇବାରେ ବ୍ୟସ୍ତ ରହୁଛି । ନିଜ ସହିତ ନିଜର ପ୍ରତିଦ୍ୱନ୍ଦ୍ୱିତା କଲେ ମଣିଷ ବିଜୟର ଟୀକା ପିନ୍ଧିପାରେ, କିନ୍ତୁ ସେ କ୍ଷେତ୍ରରେ ଆଜିର ପିଢ଼ି ଆମର କିଛି ପିତାମାତାଙ୍କ ଆତୁରତାର ଶିକାର ହୋଇ ଅନ୍ୟ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି । ଫଳରେ ପିଲା ଭିତରେ ସନ୍ତୋଷ ପରିବର୍ତ୍ତେ ଶତ୍ରୁତାର ଶକ୍ତି ବୃଦ୍ଧିପାଉଛି । ଉତ୍ତରପିଢ଼ିକୁ ନିର୍ମାଣ କରିବାରେ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବାପା ମା ର ଦାୟିତ୍ୱ କଣ ନ ଜାଣି ବାପା ମା ହେବା ଏକ ଅଜ୍ଞତା । ପଡୋଶୀ ଘରର ପିଲାକୁ ଉଦାହରଣ ଦେଇ ନିଜ ପିଲା ଉପରେ ମାନସିକ ଚାପ ସୃଷ୍ଟି କରିବା ଅର୍ଥ ବାପାମା ଙ୍କ ଦ୍ୱାରା ପିଲା ନିର୍ଯ୍ୟାତନା ପାଇବା । ନିଜ ଘରର ସଂସ୍କାର ପ୍ରକ୍ରିୟା ଉପରେ ନିଜ ସନ୍ତାନ ଭଲ ବା ମନ୍ଦ ହେବା ନିର୍ଭର କରେ । ଆଜି ସମାଜରେ ଯୌଥ ପରିବାର ବଦଳରେ ଏକାନ୍ନବର୍ତ୍ତୀ ପରିବାର ଜେନ ଜୀ ମଧ୍ୟରେ ଉଗ୍ରତା ବା ଯୁକ୍ତିବାଦିତା ତିଆରି କରିବାର ଏକ ପ୍ରମୁଖ ଅଂଶ । ନିଜ ଚିନ୍ତାଧାରା ବଦଳାଇ ନ ପାରିଲେ କିଛି ମଧ୍ୟ ବଦଳିବା ଅସମ୍ଭବ । ଜେନ ଜୀ ଭାବବାଦୀ ଅପେକ୍ଷା ଅଧିକ ବସ୍ତୁବାଦୀ । ବସ୍ତୁବାଦ ଦୁଃଖ ଓ ଭାବବାଦ ହିଁ ଆନନ୍ଦ । ଜେନ ଜୀ ବୁଝିଛି ଜୀବନ ଗଠନର ଅର୍ଥ ଏକ ବୃତ୍ତିକୁ ଆପଣେଇବା, କିନ୍ତୁ ସେ ଜାଣିବା ଦରକାର ଜୀବନଗଠନର ଅର୍ଥ ଏକ ବ୍ରତକୁ ଗ୍ରହଣ କରିବା । ଜେନ ଜୀ ବ୍ରତ ଓ ବୃତ୍ତିର ପ୍ରଭେଦ, ସଂସ୍କାର ଓ ଅହଂକାରର ସଂଜ୍ଞା, ସରଳତା ଓ ସଫଳତାର ଶିଢ଼ି ଜାଣିବାକୁ ପ୍ରୟାସ କରିବାପାଇଁ ଭାରତୀୟ ଯେଉଁ ଶ୍ରୀମଦ ଭଗବତଗୀତାରୁ ପ୍ରାପ୍ତ କର୍ତ୍ତବ୍ୟ ଜ୍ଞାନ, ରାମାୟଣରୁ ପ୍ରାପ୍ତ ଜୀବନ ବଞ୍ଚିବା କୌଶଳ, ମହାଭାରତରୁ ପ୍ରାପ୍ତ ଜୀବନରେ ଅଗ୍ରଣୀ ହେବାର ତରିକା ଓ ଭାଗବତରୁ ପ୍ରାପ୍ତ ମୋହମୁକ୍ତ ଚେତନା ପ୍ରାପ୍ତ ହେବା ଜରୁରୀ । ସମସ୍ୟା ତିଆରି କରି ଜ୍ଞାନ ପରିଚୟ ଦେବାକୁ ଶ୍ରେୟ ନ ଭାବି ସମାଧାନର ସୂତ୍ର ଶିଖିବାରେ ଜେନ ଜୀ ର ଧ୍ୟାନ କେନ୍ଦ୍ରୀଭୂତ ହେବା ଜରୁରୀ । ଆମକୁ ଜାଣିବାକୁ ପଡିବ ଆତ୍ମବିଶ୍ୱାସୀ ମଣିଷ ଅନ୍ୟକୁ କ୍ଷୁଦ୍ରକରି ନିଜେ ବଡ଼ ହୁଏ ନାହିଁ । ସମାଜ ଚାହେଁ ସଂହତି, ସଂପ୍ରୀତି ଓ ସୁସ୍ଥ ତଥା ସୁନ୍ଦର ସନ୍ଦେଶ ପ୍ରାପ୍ତି । ଦୀର୍ଘଜୀବନ ନୁହେଁ ଅର୍ଥପୂର୍ଣ୍ଣ ଜୀବନ ଲୋଡା । ଯାହାର ହୃଦୟ ସୁନ୍ଦର, ତାର ଜୀବନ ସୁନ୍ଦର । ଆମେ ଜାଣିବା ଦରକାର ନିଜ ଉପରେ ବିଶ୍ୱାସ ରଖିଥିବା ବ୍ୟକ୍ତି ଅନ୍ୟକୁ ଇର୍ଷା କରେ ନାହିଁ । ଆଜିର ପିଢ଼ି ବୁଝିବା ଦରକାର ଭୁଲକୁ ବୁଝିବାର ଦକ୍ଷତା କାମକୁ ସୁଧାରିବାର ସୁଯୋଗ ଦିଏ । ବ୍ୟକ୍ତିଗତ ସ୍ୱାର୍ଥରୁ ଦୂରେଇ ସାମୁହିକ ସ୍ୱାର୍ଥର ଲକ୍ଷ୍ୟ ରଖୁଥିବା ମଣିଷ ଜାଣିଛି ପ୍ରତିକୂଳ ସମୟ, ଶତ୍ରୁ ଓ ସମାଲୋଚନା ହେଉଛନ୍ତି ଜୀବନର ପ୍ରକୃତ ଶିକ୍ଷାଦାତା । ଜୀବନକୁ ଗଠନ କରିବା ଦିଗରେ ପ୍ରଥମେ ସୁସ୍ଥ ମାନସିକତା ତିଆରି କରିବା ଦରକାର । ସବୁ ବାପାମା ଆଜି ନିଜ ପିଲାକୁ ବଡ଼ ମଣିଷ ହେବାର ସ୍ୱପ୍ନକୁ ବଦଳାଇ ଯଦି ଭଲ ମଣିଷ ହେବାର ସ୍ୱପ୍ନ ଦେଖନ୍ତେ ତେବେ ଜେନ ଜୀ ନିକଟରେ ସଂସ୍କାରର ମହତ୍ୱ ବଢ଼ି ଉଠନ୍ତା । ବଡ଼ ଭିତରେ ଭଲ ନ ଥାଏ, ମାତ୍ର ଭଲ ମଣିଷ ହିଁ ବଡ଼ ମଣିଷ ହୋଇଥାଏ । ବଡ଼ ଓ ଭଲର ପ୍ରଭେଦ ବୁଝିଗଲେ ଏକ ସୁନ୍ଦର ସମାଜ ତିଆରି ହୋଇପାରିବ । ସର୍ବୋପରି ଜେନ ଜୀ ନିଜକୁ ଗଠନ କରିବାପାଇଁ ଜୀବନର ସୂତ୍ରକୁ ଶିଖିବା ଜରୁରୀ । ରହିଲି, ନମସ୍କାର ।

ଅଧ୍ୟାପକ ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ, ନୀଳଗିରି, ବାଲେଶ୍ୱର

# ଶୁଭାରମ୍ଭରେ ଗଣନାଥ : ବିଘ୍ନବିନାଶକଙ୍କ ଚରଣରେ ଭକ୍ତିପୂତ ପ୍ରଣାମ



ସୁବ୍ରତ କୁମାର ଦାସ

ଶୁଭ କାର୍ଯ୍ୟର ପ୍ରଥମ ପଦକ୍ଷେପରେ ଗଣେଶଙ୍କୁ ସ୍ମରଣ କରିବା କେବଳ ଏକ ପରମ୍ପରା ନୁହେଁ; ଏହା ପଛରେ ରହିଛି ଗଭୀର ଆଧ୍ୟାତ୍ମିକ ଭାବନା । ମଣିଷ ଯେତେବେଳେ କୌଣସି ନୂଆ କାମ ଆରମ୍ଭ କରେ, ତା' ମନରେ ଥାଏ ଅନେକ ଆଶା, ଆକାଂକ୍ଷା ଓ ସଫଳତାର ସ୍ୱପ୍ନ । କିନ୍ତୁ ପଥରେ ଆସିପାରେ ଅନେକ ବାଧା । ସେହି ବାଧାକୁ ଦୂର କରି ଶୁଭପଥକୁ ପ୍ରଶସ୍ତ କରନ୍ତି ବିଘ୍ନବିନାଶକ ଶ୍ରୀଗଣେଶ, ଏହା ଭକ୍ତମାନଙ୍କର ଅଟଳ ବିଶ୍ୱାସ ।

ଭାରତୀୟ ପରମ୍ପରାରେ ପ୍ରତ୍ୟେକ ଶୁଭକାର୍ଯ୍ୟର ଆରମ୍ଭ ହୁଏ ଈଶ୍ୱରଙ୍କ ସ୍ମରଣରୁ । ଆଉ ଦେବତାଙ୍କ ଆରାଧନା ପୂର୍ବରୁ ଯେଉଁ ଦେବତାଙ୍କୁ ସର୍ବାଗ୍ରେ ପୂଜା କରାଯାଏ, ସେ ହେଉଛନ୍ତି ଶ୍ରୀଗଣନାଥ । ତେଣୁ ସେ 'ପ୍ରଥମପୂଜ୍ୟ', 'ବିଘ୍ନବିନାଶକ', 'ସିଦ୍ଧିଦାତା', 'ମଙ୍ଗଳମୂର୍ତ୍ତି' ଓ 'ବୁଦ୍ଧିଦାତା' ଭାବରେ ସମଗ୍ର ସମାଜରେ ପୂଜିତ ।

ପୁରାଣରେ ବର୍ଣ୍ଣିତ ଅଛି, ମାତା ପାର୍ବତୀ ନିଜ ଦେହର ମଳି ରୁ ଏକ ବାଳକଙ୍କୁ ସୃଷ୍ଟି କରି ତାଙ୍କୁ ନିଜ ଦ୍ୱାରର ରକ୍ଷକ ଭାବେ ନିଯୁକ୍ତ କରିଥିଲେ । ମାତାଙ୍କ ଆଦେଶ ପାଳନ କରିବାକୁ ଯାଇ ସେ ବାଳକ ଭଗବାନ ଶିବଙ୍କୁ ମଧ୍ୟ ଭିତରକୁ ପ୍ରବେଶ କରିବାକୁ ଦେଇ ନଥିଲେ । ଏହାକୁ କେନ୍ଦ୍ର କରି ଘଟିଥିବା ଘଟଣାରେ ତାଙ୍କ ମୁଣ୍ଡ ଛେଦ ହୋଇଥିଲା । ପରେ ମାତା ପାର୍ବତୀଙ୍କ ଅନୁରୋଧରେ ଭଗବାନ ଶିବ ହାତୀର ମୁଣ୍ଡ ସ୍ଥାପନ କରି ତାଙ୍କୁ ପୁନର୍ଜୀବିତ କରିଥିଲେ ।

ଏହି ବାଳକ ହିଁ ପରେ ହେଲେ ଗଣପତି, ଗଣନାଥ, ଗଜାନନ, ଏକଦନ୍ତ ଓ ବିଘ୍ନରାଜ । ଦେବତାମାନଙ୍କ ମଧ୍ୟରେ ସେ ସର୍ବପ୍ରଥମେ ପୂଜା ପାଇବେ ଏବଂ ତାଙ୍କ ପୂଜା ବିନା କୌଣସି ଶୁଭକାର୍ଯ୍ୟ ସମ୍ପୂର୍ଣ୍ଣ ହେବ ନାହିଁ— ଏପରି ବର ମଧ୍ୟ ତାଙ୍କୁ ପ୍ରଦାନ କରାଯାଇଥିବା ପୁରାଣୀୟ ପରମ୍ପରାରେ ବର୍ଣ୍ଣିତ ।

ଗଣନାଥଙ୍କ ପ୍ରତିମା କେବଳ ଏକ ଦେବତାଙ୍କ ମୂର୍ତ୍ତି ନୁହେଁ; ଏହା ଜୀବନର ଅନେକ ମୂଲ୍ୟବୋଧର ପ୍ରତୀକ । ତାଙ୍କର ବିଶାଳ ହାତୀମୁଣ୍ଡ ବୁଦ୍ଧି, ଜ୍ଞାନ ଓ ଦୂରଦୃଷ୍ଟିର ପ୍ରତୀକ । ବଡ଼ କାନ ଆମକୁ ଅଧିକ ଶୁଣିବାର ଶିକ୍ଷା ଦିଏ । ଛୋଟ ଆଖି ଏକାଗ୍ରତାର ସନ୍ଦେଶ ଦିଏ । ତାଙ୍କର ବକ୍ର ଶୁଣ୍ଢ ବିବେକ ଓ ପରିସ୍ଥିତି ଅନୁସାରେ ନିଜକୁ ଖାପ ଖୁଆଇବାର ପ୍ରତୀକ ଅଟେ । ବିଶାଳ ଉଦର ଜୀବନର ଭଲମନ୍ଦ, ସୁଖଦୁଃଖକୁ ଧୈର୍ଯ୍ୟର ସହ ଗ୍ରହଣ କରିବାର ଶିକ୍ଷା ଦିଏ ।

ଏକଦନ୍ତ ମଧ୍ୟ ଏକ ଗଭୀର ବାର୍ତ୍ତା ବହନ କରେ— ଜୀବନରେ ଭଲକୁ ଗ୍ରହଣ କରି ଅପ୍ରୟୋଜନୀୟ କୁ ତ୍ୟାଗ କରିବା । ଗଣେଶଙ୍କ ବାହନ ମୂଷିକ ମଧ୍ୟ ଏକ ପ୍ରତୀକ । ମଣିଷର ଅସୀମ ଇଚ୍ଛା ଓ ଚଞ୍ଚଳ ମନକୁ ନିୟନ୍ତ୍ରଣ କରି ବିବେକର ଅଧୀନରେ ରଖିବାର ସନ୍ଦେଶ ଏଥିରେ ଦେଖାଯାଏ ।

ଗଣେଶ ପୂଜାରେ ଦୂବ ଘାସ ଅର୍ପଣର ଏକ ବିଶେଷ ମହତ୍ତ୍ୱ ରହିଛି । ସରଳ, ସବୁଜ ଓ ସହଜରେ ମିଳୁଥିବା ଦୂବଘାସ ଭକ୍ତିର ସରଳତାକୁ ପ୍ରକାଶ କରେ । ଏହା ଆମକୁ ମନେ ପକାଇଦିଏ ଯେ, ଈଶ୍ୱରଙ୍କ ନିକଟରେ ଆଡ଼ମ୍ବର ନୁହେଁ, ନିଷ୍କପଟ ଭକ୍ତି ହିଁ ପ୍ରଧାନ ।

ସେହିପରି ପ୍ରସାଦ ରୂପରେ ଲଡୁ ଭୋଗ କୁ ଜ୍ଞାନ ଓ ଆଧ୍ୟାତ୍ମିକ ଆନନ୍ଦର ପ୍ରତୀକ ଭାବେ ଦେଖାଯାଏ । ଏହା ମଧ୍ୟ ଏକ ସୁନ୍ଦର ଜୀବନଦର୍ଶନ ଦିଏ ।

'ପ୍ରଥମେ ଗଣେଶ'ଙ୍କୁ କାହିଁକି ପୂଜା କରାଯାଏ ? କାରଣ; ବିବାହ ହେଉ, ଗୃହପ୍ରବେଶ ହେଉ, ଯଜ୍ଞ ହେଉ, ପୂଜା ହେଉ, ନୂଆ ବ୍ୟବସାୟ ହେଉ କିମ୍ବା ନୂଆ ଶିକ୍ଷାର ଆରମ୍ଭ ସବୁଠି ପ୍ରଥମେ ଗଣେଶଙ୍କୁ ସ୍ମରଣ କରାଯାଏ । ତାର ଅର୍ଥ ଶୁଭକାର୍ଯ୍ୟର ଆରମ୍ଭରେ ମନକୁ ନିର୍ମଳ କରି, ଅହଂକାରକୁ ଦୂରେଇ, ଈଶ୍ୱରଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବା ହେଉଛି ଆମ ସଂସ୍କୃତିର ମୂଳ ଭାବନା ।

ଗଣେଶଙ୍କ ପୂଜା ଆମକୁ କେବଳ 'ବିଘ୍ନ ଦୂର ହେଉ' ବୋଲି ପ୍ରାର୍ଥନା କରିବା ଶିଖାଏ ନାହିଁ; ବରଂ ବିଘ୍ନକୁ ସାହସର ସହ ସାମ୍ନା କରିବା ପାଇଁ ବୁଦ୍ଧି, ବିବେକ ଓ ଧୈର୍ଯ୍ୟ ଲାଭ କରିବାକୁ ପ୍ରେରଣା ଦିଏ ।



ତେଣୁ ଗଣନାଥଙ୍କ ପୂଜାର ପ୍ରକୃତ ଅର୍ଥ ହେଉଛି— ନିଜ ମନର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ଜାଳିବା । ନିଜ ଅହଂକାରକୁ ତ୍ୟାଗ କରି ନମ୍ରତାର ପଥରେ ଚାଲିବା । ଜୀବନର ପ୍ରତ୍ୟେକ କଠିନ ପଥରେ ଭଗବାନଙ୍କୁ ସ୍ମରଣ କରି ନିଷ୍ଠାର ସହ କର୍ମ କରିବା ।

"ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ ।
ନିର୍ବିଘ୍ନଂ କୁରୁ ମେ ଦେବ, ଶୁଭକାର୍ଯ୍ୟେଷୁ ସର୍ବଦା ?"

ହେ ବକ୍ରତୁଣ୍ଡ ମହାକାୟ ! ହେ କୋଟି ସୂର୍ଯ୍ୟଙ୍କ ସମ ତେଜସ୍ୱୀ ପ୍ରଭୁ ! ଆମର ସମସ୍ତ ଶୁଭକାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ ହେଉ । ଆମ ମନରୁ ଅଜ୍ଞାନ ଦୂର ହେଉ, ବୁଦ୍ଧି ଓ ବିବେକର ବିକାଶ ହେଉ ଏବଂ ଆପଣଙ୍କ ଆଶୀର୍ବାଦରେ ଆମ ଜୀବନ ମଙ୍ଗଳମୟ ହେଉ । ଶ୍ରୀ ଗଣେଶାୟ ନମଃ ।

ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ ।
ମୋ:୯୪୩୭୭୩୧୯୦୩

# ଶ୍ରୀମନ୍ଦିର ଓ ଶ୍ରୀଫଳ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭକ୍ତ ଦାସିଆ ବାଉରୀଙ୍କ ସରଳ ଆବେଗ ମିନତୀଭରା ବାରି ନଡ଼ିଆ ଜଗନ୍ନାଥଙ୍କ ପାଇଁ ପଠାଇ ଥିବାର କଥା, କିମ୍ବଦନ୍ତୀ କାହାଣୀ ଯୁଗ ଯୁଗ ପାଇଁ ଲିପିବଦ୍ଧ ହୋଇ ରହିଯାଇଛି । ଆମ ଓଡ଼ିଆ ଚଳଣୀ, ପୂଜାପାଠ, ଘରୋଇ କାର୍ଯ୍ୟରେ ମଧ୍ୟ ଶ୍ରୀଫଳ ବା ନଡ଼ିଆ ଆବଶ୍ୟକ ହୋଇଥାଏ । ଅନେକ ଘରେ, ମନ୍ଦିରରେ, କଳସରେ ଶ୍ରୀଫଳ ଆବଶ୍ୟକ ହୋଇଥାଏ । ତେବେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ରୋଷଘରରେ ମହାପ୍ରସାଦ ଠାରୁ ନିତିଦିନିଆ ବିଭିନ୍ନ ମଣୋହୀ ପ୍ରସ୍ତୁତି ଠାରୁ ପିଠପଣା, ବ୍ୟଞ୍ଜନ, କୋରା ସବୁଥିରେ ଆବଶ୍ୟକ ହୋଇଥାଏ । ଶ୍ରୀମନ୍ଦିରର 'ସ୍ୱତ୍ତ୍ୱଲିପି' ଓ 'ମାଦଳା ପାଞ୍ଜି'ରେ ରହିଥିବା ତଥ୍ୟ ଅନୁଯାୟୀ ମହାପ୍ରସାଦ ବ୍ୟତୀତ ଅନ୍ୟ କେତେକ ବ୍ୟଞ୍ଜନରେ 'ନଡ଼ିଆ କ୍ଷୀର', 'ନଡ଼ିଆ ରସ' ଆବଶ୍ୟକ ହୋଇଥାଏ । ମହାପ୍ରଭୁଙ୍କ ଷାଠିଏ ପଉଟି ଭୋଗ ଭିତରେ ଦିନରେ ଯେଉଁ ବ୍ୟଞ୍ଜନ ଅର୍ପଣ ହୋଇଥାଏ ତାହା ଭିତରୁ ପୋଟଳ ରସା ଅନ୍ୟତମ । ସେହିପରି ଅନ୍ୟ ବ୍ୟଞ୍ଜନରେ ମଧ୍ୟ ଉପରୋକ୍ତ ଦୁଇଟି ସାମଗ୍ରୀ ଦରକାର ପଡ଼ିଥାଏ । ତାଜା ନଡ଼ିଆକୁ କୋରି ଭଲ ଭାବରେ ଚିପୁଡ଼ି ସେଥିରୁ ଯେଉଁ ରସ ବା କ୍ଷୀର ବାହାରିଥାଏ ତାହା ହିଁ 'ରସା' ଏହା ହିଁ ଶ୍ରୀଜଗନ୍ନାଥଙ୍କ ବ୍ୟଞ୍ଜନ ପ୍ରସ୍ତୁତିର ଅନ୍ୟ ଏକ ଆକର୍ଷଣ ।

ଅନେକ ହୁଏତ ଜାଣିନଥିବେ ଶ୍ରୀମନ୍ଦିର ରୋଷେଇ ଘରର ପରିପାକ ବ୍ୟବସ୍ଥା ଆମ ଓଡ଼ିଆ ଘର ଚଳଣୀ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଗୋଟିଏ ଥରରେ ସମସ୍ତ ସାମଗ୍ରୀ ଓଜାଡ଼ି ପ୍ରସାଦ ପ୍ରସ୍ତୁତି ହୁଏ । ଯଦିଓ କିଛି ପ୍ରସାଦ ପାକ ହେବାର ଏକ ତୃତୀୟାଂଶ ସମୟ ହୋଇଗଲେ କିଛି ଗୁଡ଼, ଖଣ୍ଡ ବା ଅନ୍ୟ କିଛି ବ୍ୟଞ୍ଜନ ଉପଯୋଗୀ ସାମଗ୍ରୀ ମିଶା ଯାଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ଭିତରେ ଅନ୍ୟତମ ଲୋକପ୍ରିୟ ନଡ଼ିଆ କ୍ଷୀରରେ ତିଆରି 'ନଡ଼ିଆ ଅନ୍ନ' ସମସ୍ତଙ୍କର ଆଗ୍ରହର କେନ୍ଦ୍ର ବିନ୍ଦୁ ହୋଇଥାଏ । ଶ୍ରୀମନ୍ଦିରର ସ୍ୱତ୍ତ୍ୱଲିପିରେ ଯାହା ଉଲ୍ଲେଖ ରହିଛି ମକର ସଂକ୍ରାନ୍ତି କିଛି ବାର୍ଷିକ ସ୍ୱତନ୍ତ୍ର ପର୍ବପର୍ବାଣୀରେ ଶ୍ରୀଜୀଉଙ୍କ ପ୍ରସାଦ ନୀତିରେ ନଡ଼ିଆ ରସ ଯୋଗ କରାଯାଇଥାଏ । ଏତଦ୍ ବ୍ୟତୀତ କୋଠଭୋଗ ବଡ଼ ସୁଆର ନିଯୋଗ ତଥ୍ୟ ଅନୁଯାୟୀ 'ନଡ଼ିଆ କୋରା', 'ନଡ଼ିଆ ପାତି', 'ଡାଲମା', ବିଭିନ୍ନ ବ୍ୟଞ୍ଜନରେ ନଡ଼ିଆ ଦରକାର ପଡ଼ିଥାଏ । ବିଶେଷକରି ନଡ଼ିଆ କ୍ଷୀର ଅଧିକ ଆବଶ୍ୟକ ହୋଇଥାଏ । ମିଠା ଅନ୍ନ ଓ ପୋଟଳ ପିଠା ଆଦି ପ୍ରସାଦରେ ଏହି ନଡ଼ିଆ ରସ ଯୋଗ କରାଯାଏ । ବର୍ଷରେ ଥରେ ଧନୁ ସଂକ୍ରାନ୍ତିରେ ଯେଉଁ ଧନୁ ମୁଆଁ ଅର୍ପଣ ହୋଇଥାଏ ସେଥିରେ ନଡ଼ିଆ ପାତି ଯୋଗ କରାଯାଏ । ସେହିପରି 'କୋରା ଖଇ'ରେ ବି ନଡ଼ିଆ ଆବଶ୍ୟକ ହୋଇଥାଏ । ଆମ ଶ୍ରୀମନ୍ଦିର ପରମ୍ପରା ଓଡ଼ିଆ ଘରର ଆବଶ୍ୟକତା ସହିତ ସମଗ୍ର ଭାରତରେ ବିଶେଷକରି ଦକ୍ଷିଣ ଭାରତରେ ନଡ଼ିଆ ଏକ ନିତିଦିନିଆ ଜୀବନର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ । ନଡ଼ିଆ କୋରା ଠାରୁ କ୍ଷୀର, ନଡ଼ିଆ ତେଲ ଠାରୁ ବିଭିନ୍ନ ପ୍ରକାର ଚଟଣୀ ଓ ତରକାରୀ କେବଳ ସାକାହାରୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥାଏ । ତେବେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରେ ବିଶେଷକରି ରୋଷଘରେ ଶ୍ରୀଫଳ ରସ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକୀୟ ଅଟେ ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଉଦ୍‌ଯାପିତ
## ‘ଝାରମୁଣ୍ଡା ଓଏଭିର ସୌମ୍ୟାଶ୍ରୀଙ୍କ ବାଜିମାତ୍’



**ବଲାଙ୍ଗୀର (ଅମୃତ ମିଡିଆ) :** ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର କନଫରେନ୍ସ ହଲ୍‌ରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଆଲୋଚନାଚକ୍ର ବିଷୟ ‘ଭାରତର ଶକ୍ତି ସମ୍ପଦ ୨୦୪୭: ସମ୍ଭାବନା ଓ ଆହ୍ୱାନ’ ରହିଥିବା ବେଳେ ଜିଲ୍ଲାର ୧୪ଟି ବ୍ଲକରୁ ମନୋନୀତ ଛାତ୍ରଛାତ୍ରୀମାନେ ଏଥିରେ ଯୋଗଦେଇ ନିଜର ତଥ୍ୟଭିତ୍ତିକ ଓ ଚିନ୍ତନଶୀଳ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇ ନିଜ ବକ୍ତବ୍ୟରେ କହିଥିଲେ ବିଜ୍ଞାନ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନ ରହି ଚିନ୍ତା,ଅନୁସନ୍ଧାନ ଓ ଦୈନନ୍ଦିନ ଜୀବନ ସହ ଜଡ଼ିତ ହେବା ଆବଶ୍ୟକ। ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ଓ ଆତ୍ମନିର୍ଭର ରାଷ୍ଟ୍ରରେ ପରିଣତ କରିବାରେ ଶକ୍ତି ସମ୍ପଦର ସୁବିଚାରିତ ବ୍ୟବହାର, ନବୀକରଣୀୟ ଶକ୍ତିର ବିକାଶ ଓ ଶକ୍ତି ସଂରକ୍ଷଣରେ ଯୁବପିଢ଼ିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଭଳି ବିଜ୍ଞାନଭିତ୍ତିକ ଆଲୋଚନା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୁକ୍ତିଶୀଳ ଚିନ୍ତନ ଓ ସମସ୍ୟା ସମାଧାନର ଦକ୍ଷତା ବିକଶିତ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ରୀନା କୁମାରୀ ବେହେରା ଓ ସେବାଶ୍ରୀ ଭୋଇ ନିଜ ବକ୍ତବ୍ୟରେ ଏଭଳି ଆଲୋଚନାଚକ୍ର ମାଧ୍ୟମରେ ପିଲାମାନଙ୍କ ପ୍ରତିଭାକୁ ଚିହ୍ନଟ କରି ତାହାକୁ ଆହୁରି ବିକଶିତ କରିବାର ସୁଯୋଗ ମିଳୁଛି ବୋଲି କହିଥିଲେ। ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ, ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ଶତପଥୀ, ଜଗଦୀଶ ମିଶ୍ର ଏବଂ ପଞ୍ଚସଖା ଶିକ୍ଷା ସେତୁର ଆବାହକ ଦୁର୍ଗା ପ୍ରସାଦ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ନିଜର ଦକ୍ଷତା, ତଥ୍ୟ ଓ ଯୁକ୍ତିପୂର୍ଣ୍ଣ ଉପସ୍ଥାପନ ମାଧ୍ୟମରେ ଲୋଇସିଂହା ବ୍ଲକର ଓଏଭି ଝାରମୁଣ୍ଡାର ଦଶମ ଶ୍ରେଣୀ ଛାତ୍ରୀ ସୌମ୍ୟାଶ୍ରୀ ଥନାପତି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବଙ୍ଗୋମୁଣ୍ଡା ବ୍ଲକ ଓଏଭି ଭାଲୁମୁଣ୍ଡାର ନବମ ଶ୍ରେଣୀ ଛାତ୍ରୀ ଲିପି ସଗରିଆ ଦ୍ୱିତୀୟ ଏବଂ ବଲାଙ୍ଗୀର ସଦର ବ୍ଲକର ଧୋବା ହାଇସ୍କୁଲ, ହର୍ଡାଟାଲର ଦଶମ ଶ୍ରେଣୀ ଛାତ୍ରୀ ଶିବାନ୍ୟା ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ପ୍ରତିଯୋଗୀମାନେ ଅତିଥିମାନଙ୍କ ଠାରୁ ଟ୍ରଫି ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ। ବିଚାରକ ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ରିଡର ଡ. ଜଗଜିତ କାମିଲା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ନାୟକ ଯୋଗଦେଇ ପ୍ରତିଯୋଗୀମାନଙ୍କ ବକ୍ତବ୍ୟର ମୂଲ୍ୟାୟନ କରିଥିଲେ। ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଓଏଭି ଝାରମୁଣ୍ଡାର ଛାତ୍ରୀ ସୌମ୍ୟାଶ୍ରୀ ଥନାପତି ଆସନ୍ତା ସେପ୍ଟେମ୍ବର ୨୫ ତାରିଖରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ବଲାଙ୍ଗୀର ଜିଲ୍ଲାର ପ୍ରତିନିଧିତ୍ୱ କରିବେ।

# ୧୩ତମ ଜିଲ୍ଲାସ୍ତରୀୟ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ




**ସୁବର୍ଣ୍ଣପୁର (ଅମୃତ ମିଡିଆ) :** ଆଜି ସୁବର୍ଣ୍ଣପୁର ଜିଲ୍ଲାର ଅଭ୍ୟନ୍ତରୀଣ ବ୍ୟାଡମିଣ୍ଟନ ଷ୍ଟାଡିୟମରେ ୧୩ତମ ଜିଲ୍ଲାସ୍ତରୀୟ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ପ୍ରତିଯୋଗୀମାନଙ୍କର ମନୋବଳ ବଢ଼ାଇଥିଲେ। ଯୋଗ, ଟାଇକାଣ୍ଡୋ, ବ୍ୟାଡମିଣ୍ଟନ, ସନ୍ତରଣ, ଥାଙ୍ଗ୍‌-ଟା ଏବଂ ବକ୍ସିଂ ପ୍ରତିଯୋଗିତାରେ ମୋଟ ୧୬୦ ଜଣ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହୋଇ ଆସି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ସଭାରେ ମଞ୍ଚାସୀନ ଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଅମ୍ଳାନ କୁମାର ପାଣ୍ଡିଆ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଉଲୁଣ୍ଡା ଅଜୟ ଲୁହା, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବୀରମହାରାଜପୁର ଅଭିଷେକ କୁମାର ଭୋଇ ଏବଂ ବିଭିନ୍ନ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଓ ପ୍ରତିଯୋଗୀମାନଙ୍କର ଅଭିଭାବକମାନେ ଉପସ୍ଥିତ ଥିଲେ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜବରଦଖଲ ଜମି ପୁନରୁଦ୍ଧାର ପାଇଁ ଦାବିକଲା ଜିଲ୍ଲା ସିଭିଲ ସୋସାଇଟି



**ବଲାଙ୍ଗୀର (ଅମୃତ ମିଡିଆ) :** ବହୁ ଦିନରୁ ଦାବି ହୋଇଆସୁଥିବା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାମରେ ଥିବା ୧୫୦ରୁ ୨୦୦ ଏକର ଜମିର ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟି ଦାବି କରିଛି। ଏ ସମ୍ବନ୍ଧରେ କିଛିଦିନ ତଳେ ରାଜେନ୍ଦ୍ର ବିଶ୍ୱିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଲ୍ଲେଖ ମଧ୍ୟ କରିଥିଲେ। ଦୁଃଖର ବିଷୟ ଯେ, ବହୁ ଉପେକ୍ଷିତ ପଶ୍ଚିମ ଓଡ଼ିଶାର ସର୍ବପୁରାତନ ରାଜେନ୍ଦ୍ର କଲେଜର ଜମି ପ୍ରଶାସନର ଅବହେଳା ଯୋଗୁଁ କ୍ରମଶଃ ସଂକୁଚିତ ହୋଇ ୫୬ ଏକରରେ ପହଂଚିଛି। ଜବର ଦଖଲରେ ଥିବା ଏହି ବଳକା ଜମିକୁ କଲେଜ ଅଧୀନକୁ ଫେରାଇ ଆଣିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ଭୀମ ଭୋଇ ମେଡିକାଲ କଲେଜକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତିକରଣ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟିର ଆବାହକ ଇଂ. ବେଲାସିଂ ଭୋଇ, ସଂଯୋଜକ ମନୋରଂଜନ ସାହୁ, ସଭ୍ୟ ମନୋରଂଜନ ମିଶ୍ର, ରଘୁ ନନ୍ଦନ ସିଂହ, ସୁବୋଧ ନାଗ, ବାଦଲ ମହାକୁଡ ଓ ଦିବାକର ହୋତା ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏ ସଂକ୍ରାନ୍ତରେ ଜିଲ୍ଲାପ୍ରଶାସନ ସକ୍ରିୟ ରହିବା ସହ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ଇସଲୱାର ପ୍ରତିଶୃତି ଦେଇଛନ୍ତି।

# ଆଗକୁ ପଞ୍ଚାୟତ ଭୋଟ: ଦ୍ୱିତୀୟସ୍ତରର ନେତା ଅଭାବ, ଶୀର୍ଷଙ୍କ ମୁଣ୍ଡରେ ସବୁ ଦାୟିତ୍ୱ



**ବଲାଙ୍ଗୀର (ଅମୃତ ମିଡିଆ) :** ରାଜ୍ୟରେ ଯେଉଁ ଦଳର ସରକାର ଥାଉ, ବଲାଙ୍ଗୀର ଜିଲ୍ଲାରୁ ପ୍ରତିନିଧିତ୍ୱ ସବୁବେଳେ ଓଜନଦାର ରହିଥାଏ। ବିଜେପି ସରକାରରେ ଉପମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ଏହାର ଏକ ସଦ୍ୟ ପ୍ରମାଣ। ଆଗକୁ ପଞ୍ଚାୟତ ନିର୍ବାଚନ। ଗତ ସାଧାରଣ ନିର୍ବାଚନରେ ବଲାଙ୍ଗୀରକୁ ବାଦ୍ ଦେଇ ବାକି ୪ଟି ନିର୍ବାଚନମଣ୍ଡଳୀରେ ବିଜେପି ବାଜି ମାରିଥିଲା। ଏବେ ସେହି ବିଜୟୀ ପ୍ରାର୍ଥୀଙ୍କ ଅସଲ ରିପୋର୍ଟ କାର୍ଡ ପଞ୍ଚାୟତ ନିର୍ବାଚନରେ ଖୋଲିବ। ତେଣୁ, ସ୍ୱାଭାବିକ ଭାବେ ବିଜେପି ପଞ୍ଚାୟତ ନିର୍ବାଚନକୁ ଗୁରୁତ୍ୱର ସହ ନେଇଛି। କିଛି ଦିନ ତଳେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ବଲାଙ୍ଗୀର ଜିଲ୍ଲା ଗସ୍ତ କରି ବଛାବଛା ନେତାଙ୍କ ସହ ରୁଦ୍ଧଦ୍ୱାର ବେ?ଠକ କରି ଫେରିଛନ୍ତି। ପଞ୍ଚାୟତ ନିର୍ବାଚନ ପାଇଁ ଦଳକୁ ଆଗୁଆ ପ୍ରସ୍ତୁତି ଆରମ୍ଭ କରିବାକୁ ମନ୍ତ୍ର ଦେଇ ଶ୍ରୀ ସାମଲ ବାହୁଡ଼ିଛନ୍ତି। କିନ୍ତୁ, ଜିଲ୍ଲାରେ ବିଜେପି ପଞ୍ଚାୟତ ନିର୍ବାଚନ ପାଇଁ ସେଭଳି ସକ୍ରିୟ ହେଲା ଭଳି ମନେ ହେଉନାହିଁ। ପ୍ରଥମତଃ, ଦଳରେ କୌଣସି ନିର୍ବାଚନମଣ୍ଡଳୀରେ ଦ୍ୱିତୀୟ ସ୍ତରର ନେତା ନାହାନ୍ତି। ମନ୍ତ୍ରୀ ଏବଂ ବିଧାୟକମାନେ ବର୍ଷର ଅଧିକାଂଶ ସମୟ ଭୁବନେଶ୍ୱରରେ ରହୁଛନ୍ତି। ଜିଲ୍ଲା ଗଠନ ପ୍ରସଙ୍ଗରେ ସଭିଏଁ ଚୁପ୍ ଅତି ଜରୁରି କାର୍ଯ୍ୟକ୍ରମ ଥିଲେ ସେମାନେ ନିର୍ବାଚନମଣ୍ଡଳୀରେ ରହୁଛନ୍ତି। ସେମାନଙ୍କ ଅନୁପସ୍ଥିତିରେ ନିର୍ବାଚନମଣ୍ଡଳୀରେ ସଂଗଠନ ପରିଚାଳନା କରିବାକୁ ଆଉ ନେତା ନାହାନ୍ତି। ଜିଲ୍ଲା ସଂଗଠନ ମଧ୍ୟ ସମ୍ପୂର୍ଣ୍ଣ ଭାବେ ମନ୍ତ୍ରୀ ଏବଂ ବିଧାୟକଙ୍କ ଉପସ୍ଥିତି ଉପରେ ନିର୍ଭର କରୁଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ସ୍ଥିତି ରହିଲେ ବିଜେପିକୁ ବହୁ ମହଙ୍ଗା ପଡ଼ିବ ବୋଲି ସମୀକ୍ଷକମାନେ ମତ ରଖୁଛନ୍ତି। ବଲାଙ୍ଗୀରକୁ କେ?ଣସି ବଡ଼ ପ୍ରକଳ୍ପ ଆଣିବା, ଆଖିଦୃଶିଆ ଯୋଜନା ପ୍ରଣୟନ କରିବାରେ ଦଳ ବିଫଳ ହୋଇଛି। ବରଂ, ଧାନକିଣା ବିଭ୍ରାଟ, ଦାଦନ ସୁଅ ମାମଲାରେ ଦଳ ସମାଲୋଚନାର ଶିକାର ହେଉଛି। ଉଭୟ ପ୍ରସଙ୍ଗରେ ବିରୋଧୀ ଦଳ ବିଜେପିକୁ ଘେରିବାର ସହଜ ବାଟ ପାଇଛନ୍ତି। କେବଳ ରାଜନେ?ତିକ ଦୃଷ୍ଟିକୋଣରୁ ବିଜେପି ସେଭଳି କିଛି ଆଖିଦୃଶିଆ ଅଗ୍ରଗତି କରିନାହିଁ। କ୍ଷମତା କେବଳ ମନ୍ତ୍ରୀ, ସାଂସଦ କିମ୍ବା ବିଧାୟକଙ୍କ ହାତରେ ସୀମିତ ରହିଛି। ପୁରୁଖା ନେତାଙ୍କ ନିଗମ କିମ୍ବା ପରିଷଦ ପଦ ପାଇବା ଆଶା ମଉଳି ଯାଇଛି। ଫଳରେ ପଞ୍ଚାୟତ ନିର୍ବାଚନ ପାଇଁ ଶିବିରରେ ଉତ୍ସାହ ନାହିଁ। ବିଜେଡି ବର୍ଷତମାମ କୌଣସି ବଡ଼ କାର୍ଯ୍ୟକ୍ରମ କରି ନିଜ ଶକ୍ତି ପ୍ରଦର୍ଶନ କରିନାହିଁ। ପରାଜିତ ପ୍ରାର୍ଥୀ, ପ୍ରାର୍ଥିନୀଙ୍କ କାର୍ଯ୍ୟକ୍ରମ କେବଳ ନିଜ କ୍ୟାରିଅର ବଞ୍ଚାଇବା ଭିତରେ ସୀମିତ। ଧାନକିଣାରେ ବିଭ୍ରାଟ ହେଉ କିମ୍ବା ଅନ୍ୟ ପ୍ରସଙ୍ଗ ହେଉ, ବିଜେଡି ତାକୁ ଜୀବନ୍ତ ରଖିବାରେ ବିଫଳ ହୋଇଛି। ଆଗାମୀ ନିର୍ବାଚନ ଯାଏଁ ଭୋଟର ଯେମିତି ଚିହ୍ନି ରଖିଥିବେ, ସେ ନେଇ ଦଳର ନେତାନେତ୍ରୀମାନେ ଉଦ୍ୟମ ରଖିଛନ୍ତି। ପ୍ରସଙ୍ଗଗୁଡ଼ାଏ ଥିଲେ ବି ଦଳର ବିକ୍ଷିପ୍ତ ଆଚରଣ ବିଜେପିକୁ କାଟୁ କରିନାହିଁ। ନୂତନ ଜିଲ୍ଲା ଗଠନ ଦାବିକୁ ବିଜେଡି ଅନ୍ତତଃ ଆଗାମୀ ୨୦୨୯ ନିର୍ବାଚନ ଯାଏଁ ସତେଜ ରଖି ରାଜନୀତି କରିବ ବୋଲି ଚର୍ଚ୍ଚା ହେଉଥିଲା। ସ୍ଥାନୀୟ ପ୍ରସଙ୍ଗରେ ଶାସକ ଦଳକୁ ବିଜେଡି ଠିକ୍? ଭାବେ ଟାର୍ଗେଟ୍ କରି ପାରୁନାହିଁ। ରାଜ୍ୟସ୍ତରରୁ ଯାହା ବିକ୍ଷୋଭ, ରାଲି କରିବାକୁ ନିର୍ଦ୍ଦେଶ ଆସିଲେ ଛାମୁଆ ନେତାଙ୍କୁ ଦେଖିବାକୁ ମିଳୁଛି। କଂଗ୍ରେସ ଦଳ ଭିତରେ ଥିବା ଫାଟ ଜଳଜଳ ହୋଇ ଦିଶୁଛି। ଗତ ସାଧାରଣ ନିର୍ବାଚନ ପରଠାରୁ ଦଳ ନିଜକୁ ସମ୍ଭାଳି ପାରିନାହିଁ। ଏକକ ନେତୃତ୍ୱକୁ ନେଇ ବାଦବିବାଦ ଲାଗି ରହିଛି। ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ବେଳେ ତାଙ୍କୁ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଏକାକୀ ଭେଟିଥିଲେ। ହେଲେ, ସୁରକ୍ଷା ଦୃଷ୍ଟିକୋଣରୁ ଜିଲ୍ଲା ସଭାପତିଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ପୁଲିସ ଉଠାଇ ନେଇଥିଲା। ଯାହାକୁ ନେଇ ଦଳ ଭିତରେ ଜୋରଦାର ତର୍କବିତର୍କ ହୋଇଥିଲା। ଏବେ ମାମଲା ଥଣ୍ଡା ଥିଲେ ହେଁ ଅନ୍ତର୍ଦ୍ୱନ୍ଦ୍ୱ ପ୍ରଶମିତ ହୋଇନାହିଁ। ଯାହାର ପ୍ରତିଫଳନ ପଞ୍ଚାୟତ ନିର୍ବାଚନରେ ଆହୁରି ସ୍ପଷ୍ଟ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି।

# ୨୦ ଫୁଟ୍ ତଳକୁ ଖସିଲା ବଲେରୋ, ୫ ଗୁରୁତର

**କଳାହାଣ୍ଡି (ଅମୃତ ମିଡିଆ) :** ନବରଙ୍ଗପୁରଜିଲ୍ଲା ମୈଦଲପୁର ଥାନା ଖଡକା ଜଙ୍ଗଲ ନିକଟରେ ଏକ ବଲେରୋ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାରୁ ୨୦ ଫୁଟ ତଳକୁ ଖସି ୫ ଜଣ ଗୁରୁତର ହୋଇଛନ୍ତି। ୩ ଜଣ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି। ଗୁରୁତର ସମସ୍ତଙ୍କୁ ପାପଡାହାଣ୍ଡି ମେଡିକାଲରେ ଭର୍ତ୍ତି କରିଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ ମୈଦଲପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ପ୍ରକାରେ ଆଜି ସକାଳ ୮ ଘଣ୍ଟା ସମୟରେ ନବରଙ୍ଗପୁର ଠାରୁ କଳାହାଣ୍ଡି ଜିଲ୍ଲା କୋକସରା ଏକ ବଲେରୋ ଯୋଗେ ଡ୍ରାଇଭର ସହ ୮ ଜଣ ଟାୱାର ତିଆରି କରିବାକୁ ଯାଉଥିଲେ। ଖଡକା ଜଙ୍ଗଲ ନିକଟରେ ଭାରସାମ୍ୟ ହରାଇ ରାସ୍ତାରୁ ୨୦ ଫୁଟ ତଳକୁ ଖସି ଯାଇଥିଲା। ଫଳରେ ୮ ଜଣଙ୍କ ମଧ୍ୟରୁ ୫ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ମେଡିକାଲ ନିଆଯାଇଥିଲା। ସମସ୍ତଙ୍କ ଚିକିତ୍ସା ଜାରି ରହିଥିବା ସୂଚନା ରହିଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପରମହଂସ ଶ୍ରୀ ସ୍ୱାମୀଜୀ ମହାରାଜଙ୍କ ୭୧ତମ ଜନ୍ମୋତ୍ସବ



**ବଲାଙ୍ଗୀର (ଅମୃତ ମିଡିଆ) :** ବିଶ୍ୱାତ୍ମ ବିଦ୍ୟାମନ୍ଦିର, ଆନନ୍ଦ ନିକେତନ, ଖୁଜେନପାଲି ପରିସରରେ ଆଜି ପୂଜ୍ୟପାଦ ପରମହଂସ ଶ୍ରୀ ସ୍ୱାମୀଜୀ ମହାରାଜଙ୍କ ୭୧ତମ ଜନ୍ମୋତ୍ସବ ଓ ବିଶ୍ୱାତ୍ମ ବିଦ୍ୟାମନ୍ଦିରର ୩୧ତମ ପ୍ରତିଷ୍ଠା ଦିବସ ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକ ଉଲ୍ଲାସର ସହ ପାଳିତ ହୋଇଯାଇଛି। ପୂଜ୍ୟପାଦ ସଦ୍‌ଗୁରୁଦେବ ପରମହଂସ ଶ୍ରୀ ସ୍ୱାମୀଜୀ ମହାରାଜଙ୍କ ଗରିମାମୟ ଉପସ୍ଥିତି ସମଗ୍ର ପରିବେଶକୁ ଆଧ୍ୟାତ୍ମିକ ଚେତନା ଓ ଗୁରୁକୃପାରେ ଭରିଦେଇଥିଲା। ଏଥିସହ ବିଭିନ୍ନ ସାଧୁସନ୍ଥ ଓ ମହାତ୍ମାଙ୍କ ଉପସ୍ଥିତି କାର୍ଯ୍ୟକ୍ରମର ଗରିମାକୁ ଆହୁରି ବଢ଼ାଇଥିଲା। ଭଜନ ଓ ସଂକୀର୍ତ୍ତନରୁ ଆରମ୍ଭ ହୋଇଥିବା ଏହି ପବିତ୍ର ସମାରୋହରେ ଦୀପ ପ୍ରଜ୍ୱଳନ, ମାଲ୍ୟାର୍ପଣ ଓ ସ୍ୱାଗତ ସଙ୍ଗୀତ ମାଧ୍ୟମରେ ସଦ୍?ଗୁରୁଦେବଙ୍କୁ ଅଭିନନ୍ଦନ ଜଣାଯାଇଥିଲା। ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ପ୍ରେରଣାଦାୟୀ ବକ୍ତବ୍ୟ ରଖି ନିଜର ଭାବନା ଓ ଚିନ୍ତାଧାରା ପ୍ରକାଶ କରିଥିଲେ। ଏହି ଅବସରରେ ବିଶ୍ୱାତ୍ମ ଚେତନା ପରିଷଦ ପକ୍ଷରୁ ଆୟୋଜିତ ଶ୍ଳୋକ ଆବୃତ୍ତି ଓ ବକ୍ତୃତା ପ୍ରତିଯୋଗିତା ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ‘ପ୍ରଜ୍ଞା ପୁରସ୍କାର’ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଶ୍ୱାତ୍ମ ଚେତନା ପରିଷଦର ସାଧାରଣ ସମ୍ପାଦକ ପୂଜ୍ୟ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଜୀଙ୍କ ପ୍ରେରଣାଦାୟୀ ଉଦ୍?ବୋଧନରେ ଜ୍ଞାନ, ସଂସ୍କାର, ସେବା ଓ ଆଧ୍ୟାତ୍ମିକ ଜୀବନର ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା। ପୂଜ୍ୟ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀଜୀ ମହାରାଜ, ପୂଜ୍ୟ ସ୍ୱାମୀ ପରମାନନ୍ଦ ସରସ୍ୱତୀଜୀ ମହାରାଜ, ପୂଜ୍ୟ ସ୍ୱାମୀ ନିତ୍ୟବୁଦ୍ଧାନନ୍ଦଜୀ ମହାରାଜ ଏବଂ ପୂଜ୍ୟ ବାବା ଶ୍ୟାମାନନ୍ଦ ଦାସଜୀଙ୍କ ଗରିମାମୟ ଉପସ୍ଥିତି ଓ ଆଶୀର୍ବଚନ ଅବସରକୁ ଅଧିକ ମଙ୍ଗଳମୟ କରିଥିଲା। ପୂଜ୍ୟପାଦ ସଦ୍‌ଗୁରୁଦେବ ପରମହଂସ ଶ୍ରୀ ସ୍ୱାମୀଜୀ ମହାରାଜ ତାଙ୍କ ପବିତ୍ର ଆଶୀର୍ବଚନରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଉପସ୍ଥିତ ଭକ୍ତମାନଙ୍କୁ ଜୀବନରେ ଜ୍ଞାନ, ଚରିତ୍ର, ଶୃଙ୍ଖଳା, ସେବା ଓ ସଦାଚାରକୁ ଆପଣାଇ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ସମାରୋହର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଛାତ୍ରଛାତ୍ରୀଙ୍କ କଳାତ୍ମକ ପ୍ରତିଭା ଓ ଉତ୍ସାହକୁ ଉପସ୍ଥିତ ଦର୍ଶକମାନେ ଭୂୟସୀ ପ୍ରଶଂସା କରିଥିଲେ।

# ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଦ୍ୱାରା ପରବର୍ତ୍ତୀ ପିଢ଼ିର ଖଣି ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶିତ



**ଝାରସୁଗୁଡା (ଅମୃତ ମିଡିଆ) :** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କୋଲକାତାର ବିଶ୍ୱ ବଙ୍ଗଳା ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ଷଷ୍ଠ କୋଲ୍ ଲଗ୍ ଇଣ୍ଡିଆ (ସିଏଲଆଇ) ଏକ୍ସପୋ ୨୦୨୬ ରେ ଏହାର ପ୍ରଯୁକ୍ତିବିଦ୍ୟା-ଆଧାରିତ ଖଣି କାର୍ଯ୍ୟ ଏବଂ ଗୋଷ୍ଠୀ ବିକାଶ ପଦକ୍ଷେପ ପ୍ରଦର୍ଶନ କରିଛି। ଭାରତୀୟ କୋଇଲା ଫୋରମ୍ ଏବଂ କୋଇଲା ଉତ୍ପାଦକ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ଭାରତର କୋଇଲା ଏବଂ ଖଣି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଏକାଠି ହୋଇଥିଲେ। ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଷ୍ଟଲକୁ ଶ୍ରୀ ଆଲୋକ ପର୍ତ୍ତି, ଆଇଏଏସ୍ (ଅବସରପ୍ରାପ୍ତ) ଅଧ୍ୟକ୍ଷ, ଭାରତୀୟ କୋଇଲା ଫୋରମ୍ ଏବଂ ପୂର୍ବତନ ସଚିବ, କୋଇଲା ମନ୍ତ୍ରଣାଳୟ; ଶ୍ରୀ କପିଲ ଧଗତ, ଅଧ୍ୟକ୍ଷ, କୋଇଲା ଉତ୍ପାଦକ ସଂଘ (ସିପିଏ); ଏବଂ ଶ୍ରୀ ପାର୍ଥ ଏସ୍. ଭଟ୍ଟାଚାର୍ଯ୍ୟ, ଅଧ୍ୟକ୍ଷ, ପିୟରଲେସ୍ ଗ୍ରୁପ୍ ଏବଂ ପୂର୍ବତନ ଅଧ୍ୟକ୍ଷ, କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ବେଦାନ୍ତର କର୍ମଚାରୀମାନଙ୍କ ସହିତ ଉଦଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶା ଏବଂ ଛତିଶଗଡ଼ରେ କମ୍ପାନୀର ପ୍ରମୁଖ କୋଇଲା ଖଣି ସମ୍ପର୍କିତ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ କୁରାଲୋଇ, ଜାମଖାନି, ଘୋଘରପଲ୍ଲୀ, ରାଧିକାପୁର ଏବଂ ବର୍ଗା ଅନ୍ତର୍ଭୁକ୍ତ ଥିଲା, ଯାହା ପରିଦର୍ଶକମାନଙ୍କୁ ଏହାର ଖଣି କାର୍ଯ୍ୟ, ଭୂପୃଷ୍ଠ ଏବଂ କୋଇଲା ଖନନ ପ୍ରକ୍ରିୟା, ସୁରକ୍ଷା ଅଭ୍ୟାସ ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତକ୍ଷେପ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମ ବିଷୟରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେସ କୁମାର କହିଛନ୍ତି, ଟେକ୍ନୋଲୋଜି ସୁରକ୍ଷିତ, ଅଧିକ ଦକ୍ଷ ଏବଂ ଦାୟିତ୍ୱବାନ ଖନନ ପାଇଁ ଏକ ପ୍ରମୁଖ ସହାୟକ ଭାବରେ ଉଭା ହେଉଛି। ସିଏଲ୍ଆଇ ୨୦୨୬ ଏହି ପରିବର୍ତ୍ତନ ଉପରେ ଦୃଷ୍ଟିକୋଣ ବିନିମୟ କରିବା ଏବଂ ଆମର ଖଣି କାର୍ଯ୍ୟକଳାପ ମଧ୍ୟରେ ଆମର ଯାତ୍ରାକୁ ପ୍ରଦର୍ଶିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା। ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଏବଂ ଆମ ଖଣି ଆଖପାଖର ସମ୍ପ୍ରଦାୟଗୁଡ଼ିକୁ ସହାୟତା କରିବା ଜାରି ରଖିବା ସହିତ ଆମେ ସୁରକ୍ଷା, ପରିଚାଳନା ଏବଂ ଦକ୍ଷତାକୁ ମଜବୁତ କରିବା ପାଇଁ ଡିଜିଟାଲ୍ ଟେକ୍ନୋଲୋଜି ଏବଂ ଡାଟା-ପରିଚାଳିତ ଅନ୍ତର୍ଦୃଷ୍ଟିର ଲାଭ ଉଠାଉଛୁ । ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ପ୍ରୟାସକୁ ପ୍ରଶଂସା କରି ଭାରତୀୟ କୋଇଲା ଫୋରମର ଅଧ୍ୟକ୍ଷ ତଥା କୋଇଲା ମନ୍ତ୍ରଣାଳୟର ପୂର୍ବତନ ସଚିବ ଆଲୋକ ପର୍ତ୍ତି କହିଛନ୍ତି, ପ୍ରଯୁକ୍ତି ଏବଂ ନବସୃଜନ ଭାରତର ଖଣି କ୍ଷେତ୍ରକୁ ଅଧିକ ଆକାର ଦେଉଛି, ଅଧିକ ଉତ୍ପାଦକତା, ସୁରକ୍ଷା ଏବଂ ସମ୍ବଳ ଦକ୍ଷତାକୁ ପରିଚାଳିତ କରୁଛି। ବେଦାନ୍ତର ସମନ୍ୱିତ କୋଇଲା, ଶକ୍ତି ଏବଂ ଆଲୁମିନିୟମ ପରିଚାଳନା ପ୍ରଦର୍ଶନ କରୁଛି ଯେ କିପରି ପ୍ରଯୁକ୍ତିବିଦ୍ୟା ଭାରତର ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିପାରିବ, ଯେତେବେଳେ କି ଖଣି ଅଭ୍ୟାସର ଆଧୁନିକୀକରଣ ଉପରେ ଏହାର ପଦକ୍ଷେପ ଆବଶ୍ୟକତା ସହିତ ମେଳ ଖାଉଛି । ପ୍ରଦର୍ଶନୀର ଏକ ପ୍ରମୁଖ ବିଶେଷତ୍ୱ ଥିଲା ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ଆଧୁନିକ ଖନନ ପ୍ରତି ପ୍ରଯୁକ୍ତିବିଦ୍ୟା ପରିଚାଳିତ ଆଭିମୁଖ୍ୟ। କମ୍ପାନୀ ସୁରକ୍ଷା, ପରିଚାଳନା ଦୃଶ୍ୟମାନତା ଏବଂ ଉତ୍ପାଦକତା ବୃଦ୍ଧି ପାଇଁ ନିୟୋଜିତ ଡିଜିଟାଲ୍ ସମାଧାନ ପ୍ରଦର୍ଶନ କରିଥିଲା, ଯେଉଁଥିରେ ରିଅଲ୍ ଟାଇମ୍ ମନିଟରିଂ, ଏଆଇ-ଆଧାରିତ ତଦାରଖ ଏବଂ ଉନ୍ନତ ଖଣି ପରିଚାଳନା ବ୍ୟବସ୍ଥା ଅନ୍ତର୍ଭୁକ୍ତ । ଏକ ସମନ୍ୱିତ ପରିଚାଳନା ଡାସବୋର୍ଡ ଉପକରଣ ଉପଯୋଗ, କୋଇଲା ପ୍ରେରଣ ଏବଂ ମହଜୁଦର ଗୁଣବତ୍ତା ଦର୍ଶାଇବାକୁ ରିଅଲ୍ ଟାଇମ୍ ଡାଟା ପ୍ରଦାନ କରେ। ବେଦାନ୍ତ ଆଲୁମିନିୟମ କୋଇଲା ଖଣି କର୍ମଚାରୀମାନେ ମଧ୍ୟ ଏକ ସ୍ୱତନ୍ତ୍ର ବି୨ବି ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ କୋଇଲା ପରିଚାଳନା, ଖଣି ବିକାଶ ଏବଂ ସମ୍ପତ୍ତି ପରିଚାଳନା ଉପରେ ଦୃଷ୍ଟିକୋଣ ବାଣ୍ଟିଥିଲେ। ଏହି ଷ୍ଟଲରେ ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ସମର୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚଜି)ର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯାହା ତୃଣମୂଳ ସ୍ତରରେ ଉଦ୍ୟମିତା ଏବଂ ସ୍ଥାୟୀ ଜୀବିକା ପାଇଁ ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତି, ବିଶେଷଜ୍ଞ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ୫୦୦ ରୁ ଅଧିକ ପରିଦର୍ଶକଙ୍କୁ ଆକୃଷ୍ଟ କରି, ଏହି ପ୍ରଦର୍ଶନୀ ଦାୟିତ୍ୱବାନ ଅଭିବୃଦ୍ଧି ପାଇଁ ବେଦାନ୍ତର ସମନ୍ୱିତ ଆଭିମୁଖ୍ୟକୁ ରେଖାଙ୍କିତ କରିଥିଲା। ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ଜୀବିକା ବୃଦ୍ଧି କ୍ଷେତ୍ରରେ କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ କୋଇଲା ଖଣିର ଗୋଷ୍ଠୀ କାର୍ଯ୍ୟକ୍ରମ ୨୬ଟି ଗାଁର ୨ ଲକ୍ଷରୁ ଅଧିକ ଲୋକଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି।





# ମୟୂରଭଞ୍ଜରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା

## କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ ବ୍ୟବସ୍ଥାର କଲେ ସମୀକ୍ଷା



**ବାରିପଦା(ଅମୃତମିଡିଆ):** ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଏବଂ ଆୟୋଗର ସଦସ୍ୟ କସ୍ତୁରୀ ମିଶ୍ର ଶିଶୁ ଅଧିକାର ସୁରକ୍ଷା ଓ ବିଭିନ୍ନ ଶିଶୁକଲ୍ୟାଣମୂଳକ ବ୍ୟବସ୍ଥାର ସ୍ଥିତି ସମୀକ୍ଷା ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଛନ୍ତି । ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷା, ପୋଷଣ, ଶିକ୍ଷା, ସ୍ୱାସ୍ଥ୍ୟ, ନିର୍ଯାତନା ଓ ଶୋଷଣରୁ ମୁକ୍ତି, ଉପଯୁକ୍ତ ଯତ୍ନ ଓ ପୁନର୍ବାସ ସହିତ ଶିଶୁ ଅଧିକାରର ସୁରକ୍ଷାକୁ ସୁନିଶ୍ଚିତ କରିବା । ଅଧକ୍ଷା ଓ ସଦସ୍ୟମାନେ ଶୁକ୍ଳି ଆଇସିଡିଏସ ଅଧୀନସ୍ଥ ଖୁଁଟିଂ ଅଙ୍ଗନବାଡି ପରିଦର୍ଶନ କରିଥିଲେ । ପରେପରେ ରରୁଆଁ ସ୍ଥିତ ମା' ବାସୁଳୀ ଟିଏଚଆର (ଟେକ୍ ହୋମ ରାସନ) ଛତୁଆ ୟୁନିଟ୍ ପରିଦର୍ଶନ କରିଥିଲେ । ଏହାପରେ ରାଇରଙ୍ଗପୁରସ୍ଥିତ ୱାନ୍ ଷ୍ଟପ୍ ସେଣ୍ଟର, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଶିଶୁରୋଗ ଚିକିତ୍ସା ୱାର୍ଡ, ପ୍ରସୂତି ୱାର୍ଡ ଏବଂ ଶିଶୁ ଅନୁକୂଳ ପୁଲିସ ଥାନା ପରିଦର୍ଶନ କରି ସେଠାକାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଅପରାହ୍ନରେ ବିଜାତଳା ବ୍ଲକର ବଡାମତଳିଆ ଏସଏସଡି ଏବଂ ବିଶୋଇଠାରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲ ପରିଦର୍ଶନ କରିବା ପରେ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ । କ୍ଷେତ୍ର ପରିଦର୍ଶନ ସମୟରେ ଅଧକ୍ଷା, ମୁଖ୍ୟତଃ ଶିଶୁମାନଙ୍କ ସୁରକ୍ଷା ଓ ନିରାପତ୍ତା, ହଷ୍ଟେଲ ଓ ଅନ୍ୟାନ୍ୟ ଶିଶୁ ଆଶ୍ରୟସ୍ଥଳୀରେ ଶିଶୁମାନଙ୍କ ନିରାପଦ ପରିବେଶ, ଯତ୍ନ ଓ ତଦାରଖ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିଥିଲେ । ସେହିପରି ଅଙ୍ଗନବାଡି କେନ୍ଦ୍ର ଏବଂ ଟିଏଚଆର ୟୁନିଟ୍ ପରିଦର୍ଶନ ସମୟରେ ଶିଶୁମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟର ଗୁଣବତ୍ତା, ନିୟମିତତା, ସ୍ୱାସ୍ଥ୍ୟ ପରୀକ୍ଷା ଓ ବିକାଶ ନିରୀକ୍ଷଣ ଆଦିର ଅନୁଧ୍ୟାନ କରିଥିଲେ । ଶିଶୁମାନଙ୍କ ପ୍ରତି ଶାରୀରିକ, ମାନସିକ ନିର୍ଯାତନା, ଅବହେଳା ଓ ଶୋଷଣ ରୋକିବା ସହିତ ଅଭିଯୋଗ ମିଳିଲେ ଏହାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ । ଶିଶୁଶ୍ରମ ଓ ଶୋଷଣ ରୋକିବା, ଶିଶୁ ଭିକ୍ଷାବୃତ୍ତିରୁ ମୁକ୍ତ କରି ସେମାନଙ୍କ ଶିକ୍ଷା ସୁରକ୍ଷା ଓ ପୁନର୍ବାସ ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ । ତତ୍ ସହିତ ପରିବାର ଭିତ୍ତିକ ଶିଶୁଯତ୍ନ ସମ୍ଭବ ହେଲେ ଶିଶୁମାନଙ୍କୁ ପରିବାରରୁ ଅଲଗା ନକରି, ପରିବାରକୁ ଆବଶ୍ୟକ ସହାୟତା ଓ ସରକାରୀ ଯୋଜନା ଭୁକ୍ତ କରାଇବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ଶିଶୁ ଅନୁକୂଳ ପୁଲିସ ବ୍ୟବସ୍ଥାରେ ଶିଶୁମାନେ ପୁଲିସ ସହିତ ସମ୍ପର୍କରେ ଆସିଲେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ଓ ଶିଶୁ ଆନୁକୂଳ ବ୍ୟବହାର, ଆଇନଗତ ଅଧିକାରର ସୁରକ୍ଷା ଏବଂ ଆବଶ୍ୟକ ସହାୟତା ଉପଲବ୍ଧ ଉପରେ ଅନୁଧ୍ୟାନ କରିଥିଲେ । ସର୍ବୋପରି ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ କମିଟି, ଶିଶୁ ଯତ୍ନ ଅନୁଷ୍ଠାନ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ଓ କାର୍ଯ୍ୟକାରିତା ଉପରେ ଅଧକ୍ଷା ଗୁରୁତ୍ୱାରୋପ କରିଥିଲେ । ପକ୍ସୋ ପୀଡିତା ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ପରାମର୍ଶ କକ୍ଷ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ । ଅବାଞ୍ଛିତ ଗର୍ଭଧାରଣଜନିତ ଜନ୍ମିତ ଶିଶୁଙ୍କ ଥଇଥାନ ପାଇଁ ଉପଯୁକ୍ତ କାଉନସେଲିଂ ପାଇଁ ପରାମର୍ଶ ଦେଇଥିଲେ । କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ସମୟରେ ତା'ଙ୍କ ସହିତ ଜିଲ୍ଲା ପ୍ରଶାସନର ରାଇରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ, ଆଇସିଡିଏସ୍‌ର ପ୍ରୋଗ୍ରାମ ଅଧିକାରିଣୀ ଜୟଶ୍ରୀ ହୋତା, ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଅନିତାରାଣୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ଡାକରାରେ ସମସ୍ତ କର୍ମଚାରୀ ସାମିଲ




**ବାରିପଦା(ଅମୃତମିଡିଆ):** ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ୍ ୟୁନିଅନର( ୟୁଏଫ୍‌ବିୟୁ) ପକ୍ଷରୁ ଶୁକ୍ରବାର ଦିନିକିଆ ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ଡାକରାରେ ବାମନଘାଟୀ ଉପଖଣ୍ଡର ସମସ୍ତ ସରକାରୀ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଛନ୍ତି । ବ୍ୟାଙ୍କ ସେବା ସଂପୂର୍ଣ୍ଣ ଠପ୍ । ଏହା ସହ ବ୍ୟାଙ୍କିଙ୍ଗ୍ ସେବା ମାସର ଦ୍ୱିତୀୟ ଶନିବାର, ରବିବାର, ସୋମବାର ଗଣେଶ ପୂଜା ଏବଂ ମଙ୍ଗଳବାର ନୂଆଖାଇ ଛୁଟି ଯୋଗୁ ବନ୍ଦ ରହିବ । ବ୍ୟାଙ୍କ ଛୁଟି ଫଳରେ ଚେକ୍ କ୍ଲିୟରାନ୍ସ, ଟଙ୍କା ଜମା ଏବଂ ଉଠାଣ ସହ ଅନ୍ୟାନ୍ୟ ସେବା ପ୍ରଭାବିତ ହେବାକୁ ଯାଉଛି । ଗ୍ରାହକମାନେ ଆସି ଫେରିବାକୁ ପଡୁଛି । ସରକାର ବହୁ ବର୍ଷ ହେଲା ବ୍ୟାଙ୍କ ସଂଘର ନ୍ୟାୟୋଚିତ ଦାବିକୁ ପୂରଣ ନ କରି ଗଡ଼େଇ ଚାଲିଛନ୍ତି । ୨୦୨୪ର ଉଭୟ ପକ୍ଷ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରୁନାହାନ୍ତି । ସେମାନଙ୍କର ମୁଖ୍ୟ ଦାବି ମଧ୍ୟରେ ସପ୍ତାହରେ ପାଞ୍ଚ ଦିନିଆ କାର୍ଯ୍ୟ ଦିବସ ଲାଗୁ କରିବା, ପ୍ରଦର୍ଶନ ଆଧାରିତ ପ୍ରୋତ୍ସାହନ ( ପିଏଲ୍ ଆଇ)ସ୍କିମ୍‌କୁ ମତଭେଦ, ବ୍ୟାଙ୍କରେ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ଆଦି ରହିଛି । ଓଡ଼ିଶାରେ ୭୦ ହଜାରରୁ ଉର୍ଦ୍ଧ୍ୱ ବ୍ୟାଙ୍କ୍ କର୍ମଚାରୀ ଓ ଅଧିକାରୀ ସମେତ ସାରା ଭାରତରେ ୯୦ ଲକ୍ଷ କର୍ମଚାରୀ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି । ଯଦି ସରକାର ଦାବି ନ ଶୁଣନ୍ତି, ତେବେ ଚଳିତ ମାସର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ଧର୍ମଘଟ କରାଯିବ । ଏହା ପରେ ଯଦି ସରକାର ୟୁନିଅନର ଦାବିକୁ ଅଣଦେଖା କରନ୍ତି, ତେବେ ଆନ୍ଦୋଳନକୁ ତୀବ୍ରତର କରାଯାଇ ଅକ୍ଟୋବର ୨୬ ପରଠାରୁ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଆଜି ରାଇରଙ୍ଗପୁରର ଏସବିଆଇ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ପିଏନବି ବ୍ୟାଙ୍କ, ୟୁନିଅନ ବ୍ୟାଙ୍କ, ବ୍ୟାଙ୍କ୍ ଅଫ୍ ବରୋଦା, ଏଚଡିଏଫସି,ଏକ୍ସିସ ବ୍ୟାଙ୍କ, ଆଇସିସିଆଇ ବ୍ୟାଙ୍କ ସମେତ ସମସ୍ତ ରାଷ୍ଟ୍ରାୟତ ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଅଲ୍ ଓଡିଶା ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏମ୍ପ୍ଲୟଜ୍ ୟୁନିଅନର ସହ ସାଧାରଣ ସଂପାଦକ ସୁରାଇ ମୁର୍ମୁ , ଏସବିଆଇ ୟୁନିଟ ସଂପାଦକ ପ୍ରଭାସ ଦାସ ପ୍ରମୁଖ ସରକାରଙ୍କ ବ୍ୟାଙ୍କ କର୍ମଚାରୀ ମାରଣନୀତିକୁ ସମାଲୋଚନା କରିଛନ୍ତି । ଆଜିର ଧର୍ମଘଟରେ ବିଭିନ୍ନ ବ୍ୟାଙ୍କର ନେତୃବୃନ୍ଦ ଯଥା- ଏସବିଆଇର ବିଦ୍ୟାଧର ହେମ୍ବ୍ରମ, ବ୍ୟାଙ୍କ ଅଫ୍ ଇଣ୍ଡିଆ ୟୁନିଟ୍ ସେକ୍ରେଟାରୀ ଲକ୍ଷ୍ମଣ ଟୁଡୁ, ଶଙ୍କର ବେହେରା, ୟୁନିଅନର ବ୍ୟାଙ୍କର ମିକୁ ସିଂ ଏବଂ ଗୋପିନାଥ ମାଝୀ, କାନାରା ବ୍ୟାଙ୍କର କେ. ସି. ହେମ୍ବ୍ରମ୍, ପିଏନବି ବ୍ୟାଙ୍କର ସୌମ୍ୟ ରଞ୍ଜନ, ୟୁନିଅନ ବ୍ୟାଙ୍କର ଅନୁପମା ସାମଲ, ଲାଦୁରା ପୁର୍ତ୍ତି ସମେତ ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଥିଲେ ।

# ମଣ୍ଡୁଆ ନିକଟରୁ ୪ ଗୋରୁ ଉଦ୍ଧାର; ଗାଡ଼ି ଛାଡ଼ି ଚାଳକ ଫେରାର

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ଥାନା ପୁଲିସ ମଣ୍ଡୁଆ ଗ୍ରାମ ନିକଟରୁ ଏକ ଟାଟା ଏସ୍ ଗାଡ଼ି ସହ ୪ଟି ଗୋରୁ ଉଦ୍ଧାର କରିଛି । ଉଦ୍ଧାର ଗୋରୁଙ୍କ ମଧ୍ୟରେ ୨ଟି କଳା ଗାଇ, ଗୋଟିଏ ଫିକା ଲାଲ ଗାଇ ଓ ଗୋଟିଏ ଫିକା ରଙ୍ଗର ଷଣ୍ଢ ରହିଛି । ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ଆଇ ସୁଧାଂଶୁ ଶେଖର ସେଠୀ ଷ୍ଟାଫଙ୍କ ସହ ଦିବା ପାଟ୍ରୋଲିଂରେ ଥିବାବେଳେ ଏକ ଧଳା ରଙ୍ଗର ଟାଟା ଏସି ଗାଡ଼ିରେ ଗୋରୁ ବୋଝେଇ ହୋଇ ମଣ୍ଡୁଆ ଆଡ଼କୁ ଆସୁଥିବା ଖବର ପାଇଥିଲେ । ଏହାପରେ ପୁଲିସ ଟିମ୍ ମଣ୍ଡୁଆ ଛକ ଅଭିମୁଖେ ଯାଇ ଯାଞ୍ଚ ଆରମ୍ଭ କରିଥିଲେ । ପୁଲିସ ଗାଡ଼ିକୁ ଦେଖି ଗାଡ଼ି ଚାଳକ ଦ୍ରୁତ ଗତିରେ ଗାଡ଼ିକୁ ଏକ ନିର୍ଜନ ରାସ୍ତା ଆଡ଼କୁ ନେଇଯାଇଥିଲା । ପରେ ମାଣ୍ଡୁଆ ଗ୍ରାମ ନିକଟରେ ଗାଡ଼ିକୁ ଛାଡ଼ି ଚାଳକ ଫେରାର ହୋଇଯାଇଥିଲା । ଯାଞ୍ଚ ବେଳେ ଗାଡ଼ି ନମ୍ବର ଓଡି ୦୯ ଏବି ୨୩୬୫ରେ ୪ଟି ଗୋରୁଙ୍କୁ ଅମାନବୀୟ ଓ ନିର୍ଦ୍ଦୟ ଭାବେ ବୋଝେଇ ନିଆଯାଉଥିବା ଜଣାପଡ଼ିଥିଲା । ଘଟଣାସ୍ଥଳରେ କିଛି ସମୟ ଅପେକ୍ଷା କରିଥିଲେ ମଧ ଗୋରୁ ପରିବହନର କୌଣସି ମାଲିକ କିମ୍ବା ଦାବିଦାର ଆସିନଥିଲେ । ପରେ ପୁଲିସ ଗାଡ଼ି ଓ ୪ଟି ଗୋରୁକୁ ଜବତ କରି ଥାନାକୁ ଆଣିଥିଲା । ଏହି ଘଟଣାକୁ ନେଇ କରଞ୍ଜିଆ ଥାନାରେ ବିଭିନ୍ନ ଧାରାରେ ଏକ ମାମଲା ରୁଜୁ ହୋଇଛି । ଫେରାର ଚାଳକ ଓ ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୁଲିସ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି ।

# ସନ୍ଥ ଶିରୋମଣି ଶ୍ରୀ ରବିଦାସଜୀଙ୍କ ୬୫୦ତମ ଜୟନ୍ତୀ ଅବସରରେ ସମରସ ସଂକଳ୍ପ ଅଭିଯାନ



**ବାରିପଦା /କରଞ୍ଜିଆ(ଅମୃତମିଡିଆ):** ସନ୍ଥ ଶିରୋମଣି ଶ୍ରୀ ରବିଦାସଜୀଙ୍କ ୬୫୦ତମ ଜୟନ୍ତୀ ବର୍ଷ ପାଳନ ଅବସରରେ କରଞ୍ଜିଆରେ 'ସମରସ ସଂକଳ୍ପ ଅଭିଯାନ' ଅନୁଷ୍ଠିତ ହୋଇଛି । ଏହି ଅବସରରେ କାଶୀସ୍ଥିତ ସନ୍ଥ ରବିଦାସଜୀଙ୍କ ଜନ୍ମସ୍ଥାନର ପବିତ୍ର ମଠଗୁଡ଼ିକରୁ ଆସିଥିବା ପବିତ୍ର ମୃତ୍ତିକା ସଂଗ୍ରହ କରାଯାଇ କଳସ ଶୋଭାଯାତ୍ରା ବାହାରିଥିଲା । ଏହା କରଞ୍ଜିଆ ବଡ଼ଦାଣ୍ଡ ଦେଇ ଗୁଡିସହି ଠାରେ ଏକ ସାଧାରଣ ସଭା ପରେ ଶ୍ରୀ ଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରଠାରେ ପହଞ୍ଚିଥିଲା । ଉଭୟ ସ୍ଥାନରେ ପବିତ୍ର ମୃତ୍ତିକା ଓ କଳସକୁ ବିଧିବଦ୍ଧ ଭାବେ ସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ମଠରୁ ଆସିଥିବା ସାଧୁସନ୍ଥଙ୍କ ସମେତ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ ବିଜେପିର ବିଭିନ୍ନ ପଦାଧିକାରୀ ଓ ଜନପ୍ରତିନିଧି ମଧ ଉପସ୍ଥିତ ଥିଲେ । ପଶ୍ଚିମ ମୟୂରଭଞ୍ଜ ଏସି ମୋର୍ଚ୍ଚା ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଉପ ସଭାପତି ଇଂ. ମୋନୋଜ କୁମାର ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଙ୍କ ମଧ୍ୟରେ କୃପାସିନ୍ଧୁ ମହାନ୍ତ, ପ୍ରଶାନ୍ତ କୁମାର ମିଶ୍ର, ପଶ୍ଚିମ ମୟୂରଭଂଜ ବିଜେପି ଉପସଭାପତି ଆଶିଷ କୁମାର ମହାନ୍ତ, ନଗର ସଭାପତି ସମ୍ବିଧାନ ମହାପାତ୍ର, ଜିଲ୍ଲା ସଂଯୋଜକ ସଞ୍ଜୀବ ପାଣିଗ୍ରାହୀ, କରଞ୍ଜିଆ ନଗର ଏସସି ମୋର୍ଚ୍ଚା ଉପ ସଭାପତି ମନ ଜେନା, ଗଙ୍ଗାଧର ଦାସ, ରଞ୍ଜିତ ଜେନା, ଚିରଞ୍ଜୀବ ଜେନା, ଲକ୍ଷ୍ମୀ ଝା, ନାରୀ ନେତ୍ରୀ ଜ୍ୟୋତ୍ସ୍ନାରାଣୀ ମହାନ୍ତ, ମାମିନା ସେଠୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

# ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ



**ବାରିପଦା / କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ସ୍ଥିତ ପାଞ୍ଚପିଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତ ବିଭାଗର ଅଧାପିକା ଦିବ୍ୟଶ୍ରୀ ବାରିକ ଓ ପିଜିଟି ଦେବଯାନୀ ନାଏକଙ୍କ ନେତୃତ୍ୱ ରେ ସଂସ୍କୃତ ଦିବସ ଅବସର ରେ ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ସଂସ୍କୃତି, ପରମ୍ପରା, ପ୍ରଥାକୁ ନେଇ ଯଥା- ସଂସ୍କୃତ ଭାଷାରେ ବକ୍ତୃତା, ଶ୍ଳୋକ, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କୃତି ପ୍ରତିଯୋଗୀ ମାନଙ୍କୁ ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ସଂସ୍କୃତ ଭାଷା ଉପରେ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧାପକ ମାନସ ରଞ୍ଜନ ବେହେରା, ଜୟ କୁମାର ସାହା, ଇଂରାଜୀ ଅଧାପିକା ପ୍ରୀୟଙ୍କା ପାତ୍ର, ପିଜିଟି ତର୍କଶାସ୍ତ୍ର ରୂପମଣୀ ମାଝୀ ଉପସ୍ଥିତ ଛାତ୍ରୀମାନଙ୍କୁ ଅବଗତ କରାଇବା ସହ ନିଜ ଭାଷା ଓ ସଂସ୍କୃତିକୁ ସୁରକ୍ଷା ଦେବା ପାଇଁ ପରିମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସଂସ୍କୃତ ବିଭାଗର ପିଜିଟି ଦେବଯାନୀ ନାଏକ ସଭାରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୀମସେନ ବେହେରା ସହଯୋଗ କରିଥିଲେ ।

# ଜଙ୍ଗଲ ଅଧିକାର ଶିରୋନାମା ବଣ୍ଟନ





**ବାରିପଦା(ଅମୃତମିଡିଆ):** ଠାକୁରମୁଣ୍ଡା ତହସିଲ ଆନୁକୂଲ୍ୟରେ ଠାକୁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଜଙ୍ଗଲ ଶିରୋନାମା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ସମ୍ବିତ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବ୍ରୁ, ସମ୍ମାନିତ ଅତିଥି ଭାବେ ବିଡିଓ ସ୍ୱପ୍ନେଶ୍ୱର ବେହେରା, ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା, ପ୍ରଦାନର ପ୍ରଫୁଲ୍ଲ କୁମାର ମହାନ୍ତ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡବ୍ଲୁଇଓ, ରାକେଶ କୁମାର ଦାସ ଯୋଗଦେଇ ସମସ୍ତ ହିତାଧିକାରୀମାନଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏଥିରେ ଏହି ବ୍ଲକ, ସାଲେଇବେଡା ପଂଚାୟତ, ଖପରଖାଇ ଓ କାଶିବେଡା ଗ୍ରାମର ୬୯ଜଣ ଜଙ୍ଗଲ ଅଧିବାସୀଙ୍କୁ ବିଧାୟକ ଶ୍ରୀ ହାଇବ୍ରୁ ଜଙ୍ଗଲ ଶିରୋନାମା ବଣ୍ଟନ କରି ସ୍ୱଚ୍ଛନ୍ଦ ଜୀବନଯାପନ କରିବାକୁ ପରାଶର୍ମ ଦେଇଥିଲେ । ବ୍ଲକର ଅନ୍ୟ ପଂଚାୟତରେ ଚିହ୍ନିତ ହୋଇ ଥିବା ଅନ୍ୟ ଜଙ୍ଗଲ ଅଧିବାସୀମାନଙ୍କୁ ପର୍ଯ୍ୟାୟ କ୍ରମେ ଜଙ୍ଗଲ ଶିରୋନାମା ପ୍ରଦାନ କରାଯିବ ବୋଲି ସଭାପତି ତଥା ତହସିଲଦାର ଶ୍ରୀ କର ସୂଚନା ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାତରପାଣିରେ ଗୋ ବନ୍ଧ୍ୟାକରଣ ନିରାକରଣ ଶିବିର



**ବାରିପଦା /ସାହାରପଡା(ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା, ସାହାରପଡା ବ୍ଲକ ଅନ୍ତର୍ଗତ ଚାତରପାଣି ଗ୍ରାମରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଲିନା କୋଲଙ୍କ ନେତୃତ୍ୱରେ ଗୋ ବନ୍ଧ୍ୟାକରଣ ନିରାକରଣ ଓ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୬ ଜଣିଆ ପ୍ରାଣୀ ଚିକିତ୍ସା ଦଳ ଯୋଗଦେଇ ଗ୍ରାମର ୪୨ଟି ପରିବାରର ଗାଇଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିଲେ । ଚିକିତ୍ସା ପରେ ଆବଶ୍ୟକୀୟ ଔଷଧ ବଣ୍ଟନ କରାଯିବା ସହ ସମସ୍ତ ଗାଇଙ୍କୁ କୃମିନାଶକ ବଟିକା ଓ ଆବଶ୍ୟକ ଟିକା ପ୍ରଦାନ କରାଯାଇଥିଲା । ଶିବିର ପରିଚାଳନାରେ ପ୍ରାଣୀ ନିରୀକ୍ଷକ (ଏଲ୍ ?ଆଇ) ବିରଞ୍ଚି ମହାନ୍ତଙ୍କ ସମେତ ସହାୟକ କର୍ମଚାରୀମାନେ ସହଯୋଗ କରିଥିଲେ । ଗ୍ରାମାଞ୍ଚଳରେ ଗୋରୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ପଶୁପାଳକଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଲିନା କୋଲଙ୍କ ସୂଚନା ଅନୁଯାୟୀ, ଆସନ୍ତା ଶୁକ୍ରବାର ବାଇକଳା ପଞ୍ଚାୟତ ଅନ୍ତର୍ଗତ ବିଲା ଗ୍ରାମରେ ମଧ ଏହିପରି ଏକ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହେବ ।

# ଭିବି-ଜି ରାମ-ଜି କାର୍ଯ୍ୟସ୍ଥଳ ପରିଦର୍ଶନ କଲେ ବିଡିଓ





**ବାରିପଦା /ସାହାରପଡ଼ା (ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା,ସାହାରପଡ଼ା ବ୍ଲକ ଅନ୍ତର୍ଗତ ଦମାହୁଦା ଓ ଡାଳପକା ଗ୍ରାମ ପଞ୍ଚାୟତରେ ଚାଲିଥିବା ଭିବି-ଜି ରାମ-ଜି କାର୍ଯ୍ୟର ବ୍ଲକ ବିଡିଓ ରଣଜିତ କୁମାର ମହାନ୍ତ ସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଏହି ଅବସରରେ ବିଡିଓ ବିଭିନ୍ନ କାର୍ଯ୍ୟସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି, ଗୁଣବତ୍ତା ଓ ନିର୍ଦ୍ଧାରିତ ମାନଦଣ୍ଡ ସମ୍ପର୍କରେ ତଦାରଖ କରିଥିଲେ । ଏଥିସହ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଓ ସଠିକ ମାନରେ ସମ୍ପନ୍ନ କରିବା ନେଇ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ । ବିଡିଓଙ୍କ ସହ ସହକାରୀ ଯନ୍ତ୍ରୀ, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଅତିରିକ୍ତ ଉନ୍ନୟନ ଅଧିକାରୀ ଓ ସମ୍ପୃକ୍ତ ସରପଞ୍ଚ ଉପସ୍ଥିତ ରହି କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ପାଳିତ





**ବାରିପଦା(ଅମୃତ ମିଡିଆ):** ସର୍ବ ଭାରତୀୟ ସ୍ତରରେ ବ୍ୟାଙ୍କ ଅଫ ଇଣ୍ଡିଆର ୧୨୧ ତମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ କରାଯାଉଥିବା ଅବସରରେ ଯଶିପୁରସ୍ଥିତ ବ୍ୟାଙ୍କର ଶାଖା କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଯଶିପୁର ବିଓଆଇ ଶାଖା ପରିଚାଳକ ଭକ୍ତରାମ ମେହେରଙ୍କ ନେତୃତ୍ୱରେ ଓ ଅନ୍ୟ ବ୍ୟାଙ୍କ କର୍ମଚାରୀଗଣ ନିକଟସ୍ଥ ଠାକୁରଗୋଡା ସ୍ଥିତ ଗଣେଶ ଆଶ୍ରମକୁ ଯାଇ ଅନ୍ତେବାସୀଙ୍କୁ ଶିକ୍ଷା ଉପକରଣ ପ୍ରଦାନ କରିବା ସହ ଆଶ୍ରମ ପରିସରରେ ଚାରାରୋପଣ କରିଥିଲେ । ତତ୍ପରେ ବ୍ୟାଙ୍କ ଖତାଧାରୀ ଓ ବ୍ୟାଙ୍କ କର୍ମଚାରୀଙ୍କ ଗହଣରେ ବିଏମ ଶ୍ରୀ ମେହେର ପ୍ରଦୀପ ପ୍ରଜ୍ୱଳନ ସହ କେକ୍ କାଟି ପରସ୍ପର କେକ୍ ଖୁଆଇ ଉତ୍ସାହିତ କରିବା ସହ ବ୍ୟାଙ୍କର ଉନ୍ନତି କାମନା କରିଥିଲେ । ବ୍ୟାଙ୍କ କର୍ମଚାରୀ ଅମିତ ସେଠୀ, ଯଶବନ୍ତ ସାହୁ, ବଳରାମ ମୁର୍ମୁ, ସୁମାନସୀ ଜରିଆ, ଝରଣା କେରକେଟା, ଶିବ ମୁଣ୍ଡା, ଦିଲୀପ ନାଏକ, ରାଜକିଶୋର ବେହେରା, ପରେଶ ବେହେରା, ଲକ୍ଷ୍ମୀଧର ବେହେରା, ରାହୁଲ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ଏମ୍‌ସିଏଏମ୍ କଲେଜର ୨୮ତମ ପ୍ରତିଷ୍ଠା ଦିବସ ପାଳିତ

## 'ଛାତ୍ରଛାତ୍ରୀଙ୍କୁ ଦକ୍ଷ, ସୃଜନଶୀଳ ଓ ଆତ୍ମନିର୍ଭର କରିବା ଉଚ୍ଚଶିକ୍ଷାର ପ୍ରମୁଖ ଲକ୍ଷ୍ୟ'




**ବାରିପଦା(ଅମୃତମିଡିଆ):** ବାରିପଦା ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ) କଲେଜର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କଲେଜର ପ୍ରତିଷ୍ଠାତା ତଥା ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା କେବଳ ଡିଗ୍ରୀ ହାସଲ ଯଥେଷ୍ଟ ନୁହେଁ; ଛାତ୍ରଛାତ୍ରୀଙ୍କୁ ଦକ୍ଷ, ସୃଜନଶୀଳ ଓ ଆତ୍ମନିର୍ଭର କରିବା ହେଉଛି ଉଚ୍ଚଶିକ୍ଷାର ପ୍ରମୁଖ ଲକ୍ଷ୍ୟ ବୋଲି କହିଥିଲେ । କଲେଜ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ଦାଶ ମୁଖ୍ୟବକ୍ତା, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ସୁଶୀଲ କୁମାର ଦତ୍ତ ବିଶିଷ୍ଟ ଅତିଥି, ପୂର୍ବତନ ଅଧକ୍ଷା ପ୍ରଫେସର ଡ. ପୁଷ୍ପା ପାତ୍ର, ବିଶିଷ୍ଟ କଷ୍ଟ ଆକାଉଣ୍ଟାଟ ଆଶୁତୋଷ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ସହିତ ବ୍ୟବହାରିକ ଜ୍ଞାନ ଓ ଦକ୍ଷତା ହାସଲ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସର ରେ କଲେଜରୁ ଶିକ୍ଷା ସମାପ୍ତ କରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଅଭିନେତା ସୁଜୟ ମହାନ୍ତି, ରାମଚନ୍ଦ୍ର ମୁଖୀ, ସ୍ୱସ୍ତିକା ଦାଶ, ଇଶିକା ଦାସ, ବୈଜୟନ୍ତୀମାଳା ଭୋଇ, ତୃପ୍ତି ଦାସ ଓ ଆୟୁଷ ପଟ୍ଟନାୟକଙ୍କୁ ଏମସିଏଏମ ଗ୍ଲୋରୀ ସମ୍ମାନ ଏବଂ ମୟୂରଭଞ୍ଜ ଜିଲ୍ଲା ତଥା ସମାଜର ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ବିବେକାନନ୍ଦ ରାଜ, କାଳୀପ୍ରସନ୍ନ ମହାନ୍ତି, ସାମ୍ବାଦିକ ମନୋଜ କୁମାର ପଣ୍ଡା, ଶିକ୍ଷକ ଆନନ୍ଦ ସାହୁ ଓ ସୁନିଲ କୁମାର ମହାନ୍ତଙ୍କୁ ମୟୂରଭଞ୍ଜ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ବିତର୍କ ପ୍ରତିଯୋଗିତାରେ ମଧୁସ୍ମିତା ନାୟକ ପ୍ରଥମ, ବିଜୟଲକ୍ଷ୍ମୀ ଗିରି ଦ୍ୱିତୀୟ ଓ ଶୁଭାସ୍ମିତା ବେହେରା ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ପ୍ରାରମ୍ଭରେ ଉପାଧକ୍ଷା ସଂଘମିତ୍ରା ରାଉତ ବିବରଣୀ ପାଠ କରିଥିବା ବେଳେ, ଆଇନ ବିଭାଗର ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପିକା ଦେବାଶ୍ରିତା ବିଶ୍ୱାଳ, ଅଭୀପ୍ସା ନାୟକ, ପୂର୍ଣ୍ଣିମା ମହାନ୍ତି, ଦୀପ୍ତିଶ୍ରୀ ବେହେରା, ସୁଜାତା ପାଲ, ଅଧାପକ କୀର୍ତ୍ତିକୌଶିକ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧାପିକା ରୂପାମଞ୍ଜରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# କାମ ନକରି ସରକାରୀ ଅର୍ଥ ହଡ଼ପ ଅଭିଯୋଗ

## ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ





**ବାରିପଦା(ଅମୃତମିଡିଆ):** ଗ୍ରାମାଞ୍ଚଳ ବିକାଶ ପାଇଁ ଆସୁଥିବା ସରକାରୀ ଅନୁଦାନର ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଭିଯୋଗ ଅନୁଯାୟୀ, ୧୫ଶ ଆର୍ଥିକ ଆୟୋଗ ଏବଂ ଜିପିଡିପି ଆନୁଆଲ ଏକ୍ସନ ପ୍ଲାନ ୨୦୨୫-୨୬ ଅଧୀନରେ ବାରିପଦା ବ୍ଲକ ଅନ୍ତର୍ଗତ ହାତୀକୋଟ ଗ୍ରାମପଞ୍ଚାୟତର ଭାସ୍କର ସିଂ (ହାତିକୋଟ), ଲୋକନାଥ (ହାତିକୋଟ), ମାରୱାଡ଼ି (ଭାଦୁଶୋଳ), ଦୁର୍ଗା ଚରଣ ବାସ୍କେ (ଜାମଦାପାଳ) ଓ ବିକ୍ରମ (ବତାକୋଟା)ଙ୍କ ଘର ନିକଟରେ ମୋଟ ୫ଟି କୂଅ ଚାନ୍ଦିନୀ ନିର୍ମାଣ ପାଇଁ ପ୍ରତ୍ୟେକ କୂଅ ଚାନ୍ଦିନୀ ପାଇଁ ୪୦ହଜାର ଟଙ୍କା ଲେଖାଏଁ ମୋଟ ୨ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିଲା । ଦାୟିତ୍ୱରେ ଥିବା ବ୍ଲକ, ଗ୍ରାମପଞ୍ଚାୟତ ଅଧିକାରୀ ଏବଂ ଭେଣ୍ଡର ମିଶି ମୋଟ ୫ ଟି କୂଅ ଚାନ୍ଦିନୀ ମଧ୍ୟରୁ ଜାମଦାପାଳ ଏବଂ ବତାକଟା ଗ୍ରାମରେ କୂଅ ଚାନ୍ଦିନୀ ଆଦୌ ନିର୍ମାଣ କରାନଯାଇ ଗତ ୨୦୨୫ ମସିହା ଅକ୍ଟୋବର ମାସରେ ବିଲ ଉଠାଇ ନିଆଯାଇଥିବାର ଅଭିଯୋଗ କରାଯାଇଛି । ଏବାବଦରେ ଗ୍ରାମବାସୀ ମାନେ ଗତ ଜୁଲାଇ ମାସରୁ ଜିଲ୍ଲା ପାଳଙ୍କ ନିକଟରେ ସବିଶେଷ ପ୍ରମାଣ ସହ ଅଭିଯୋଗ ଦଖଲ କରିଥିଲେ ମଧ ଅର୍ଥ ହଡ଼ପ ଘଟଣାରେ ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀ ତଥା ଭେଣ୍ଡରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ୨୦୨୫ ମସିହା ଅକ୍ଟୋବର ମାସରୁ ବିଲ ଉଠାଯାଇ ସାରିଥିଲେ ମଧ ଆଜି କୂଅ ଚାନ୍ଦିନୀ ନିର୍ମାଣ ପାଇଁ ବାଲି ପକାଇ କାମ କରିବାକୁ ଯାଉଥିବା ବେଳେ, ଗ୍ରାମବାସୀ ମାନେ ଉତ୍ୟକ୍ତ ହୋଇ କାମ ବନ୍ଦ କରିବା ସହ ପ୍ରଥମେ ଦୁର୍ନୀତି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଏବଂ ନିର୍ଦ୍ଦିଷ୍ଟ ଭେଣ୍ଡର ପାତ୍ର ସପ୍ଲାୟାର ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବେଆଇନ ଭାବେ ଉଠାଯାଇଥିବା ଅର୍ଥ ଫେରସ୍ତ କରିବାକୁ ଗ୍ରାମବାସୀ ବଗଦା ମାରାଣ୍ଡି, ଚୈତନ ମାରାଣ୍ଡି, ଦିମା ମାରାଣ୍ଡି, ଅଜୟ ଘୋଷ, ସଂଜୀବ ଘୋଷ, ବସନ୍ତ ପ୍ରଧାନ, ରୁହ୍ୟା ମାରାଣ୍ଡି, କାଦୁ ମାରାଣ୍ଡି, ଥିବୁ ମାରାଣ୍ଡି, ତପନ ମାରାଣ୍ଡି, ଶ୍ରୀମାତ ମାରାଣ୍ଡି, ପିଥ ହାଁସଦା, କାଳିଆ ବାସ୍କେ, କାହ୍ନୁ ହାଁସଦା, ଲକ୍ଷ୍ମଣ ହାଁସଦା, ଶ୍ୟାମ ବାସ୍କେ, ବାସୁ ହାଁସଦା ପ୍ରମୁଖ ଦାବି କରିଛନ୍ତି । ଅଭିଯୋଗ ବାବଦରେ ବାରିପଦା ବ୍ଲକ ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ପଚାରିବାରୁ ସେ ଘଟଣା ବିଷୟରେ ଆଜି ଜାଣିବା ପରେ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତରେ ତୃଟି ଜଣାପଡିଲେ ଦୋଷୀ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟାରେ କହିଛନ୍ତି ।



# ସମବାୟ ନଗରୀ ଆସିକାରେ ଭୁଶୁଡୁଛି ସମବାୟ ସଂସ୍ଥା

## ଏବେ ସଙ୍କଟରେ ଐତିହ୍ୟବାହୀ ଉତ୍କଳ ଆୟୁର୍ବେଦ କୋଅପରେଟିଭ ଫାର୍ମାସୀ

**ଆସିକା (ଅମୃତ ମିଡିଆ):** 'ସମବାୟ ନଗରୀ' ଭାବେ ପରିଚିତ ଥିବା ଆସିକାରେ ଏବେ ଗୋଟିଏ ପରେ ଗୋଟିଏ ସମବାୟ ସଂସ୍ଥା ଦୁର୍ବଳ ହେବାକୁ ନେଇ ପ୍ରଶ୍ନ ଉଠିଛି। ପରିଚାଳନାଗତ ଅବ୍ୟବସ୍ଥା, ଆର୍ଥିକ ଦୁର୍ବଳତା, ପରିଚାଳନା କମିଟି ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଭଳି ଅଭିଯୋଗ ମଧ୍ୟରେ ଐତିହ୍ୟବାହୀ ସମବାୟ ସଂସ୍ଥାଗୁଡ଼ିକର ଭବିଷ୍ୟତ ନେଇ ଚିନ୍ତା ବଢ଼ିଛି। ଆସିକା ବହୁମୁଖୀ କେନ୍ଦ୍ର ସମବାୟ ସଂସ୍ଥାର ବିଭିନ୍ନ ସମ୍ପତ୍ତି ଓ ବ୍ୟବସାୟିକ ପ୍ରତିଷ୍ଠାନ ଅନ୍ୟ ହାତକୁ ଯାଇଥିବା ନେଇ ପ୍ରଶ୍ନ ଉଠିଥିବା ବେଳେ ଆସିକା ସମବାୟ ଚିନିଶିଳ୍ପ ମଧ୍ୟ ଦୀର୍ଘଦିନ ଧରି ଆର୍ଥିକ ସମସ୍ୟାରେ ରହିଛି। ଏହି ତାଲିକାରେ ଏବେ ଯୋଡି ହୋଇଛି ଆସିକାର ଐତିହ୍ୟବାହୀ ଉତ୍କଳ ଆୟୁର୍ବେଦ କୋଅପରେଟିଭ ଫାର୍ମାସୀ ଲିମିଟେଡ୍।



୧୯୩୭ ମସିହାରେ ପ୍ରଖ୍ୟାତ କବିରାଜ ସ୍ୱର୍ଗତ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମାଙ୍କ ସମେତ ବହୁ ବରିଷ୍ଠ ଓ ବିଜ୍ଞ କବିରାଜ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଉଦ୍ୟମରେ ଏହି ଆୟୁର୍ବେଦିକ ଅନୁଷ୍ଠାନର ମୂଳଦୁଆ ପଡିଥିଲା। ପରବର୍ତ୍ତୀ ସମୟରେ ୧୯୫୨ ମସିହାରେ ଏହା ସରକାରଙ୍କୁ ହସ୍ତାନ୍ତର ହୋଇ 'ଉତ୍କଳ ଆୟୁର୍ବେଦ କୋଅପରେଟିଭ ଫାର୍ମାସୀ ଲିଃ' ଭାବେ ପରିଚିତ ହୋଇଥିଲା।

ଏକ ସମୟରେ ଏହି ଫାର୍ମାସୀ ଆସିକା ଓ ଗଞ୍ଜାମ ପାଇଁ ଗୌରବର ପ୍ରତୀକ ଥିଲା। ଏଠାରେ ଶହ ଶହ ପ୍ରକାରର ଆୟୁର୍ବେଦିକ ଔଷଧ ପ୍ରସ୍ତୁତ ହୋଇ ରାଜ୍ୟ ତଥା ରାଜ୍ୟ ବାହାରକୁ ପଠାଯାଉଥିଲା। ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଢେଙ୍କାନାଳ, ସୋମପେଟା, ଗୁଣପୁର, ପୁରୀ, ପାରଳାଖେମୁଣ୍ଡି, ଅନୁଗୁଳ, ଟାଙ୍ଗି, ଭଦ୍ରକ ଓ କୋଲକାତା ଭଳି ସ୍ଥାନରେ ଏହାର କାର୍ଯ୍ୟାଳୟ ଓ ବିକ୍ରୟ ବ୍ୟବସ୍ଥା ରହିଥିବା କୁହାଯାଏ।

କିନ୍ତୁ ସମୟ ବଦଳିବା ସହ ଫାର୍ମାସୀର ସ୍ଥିତି ମଧ୍ୟ ବଦଳିଛି। ଅନେକ ସ୍ଥାନରେ ଥିବା କାର୍ଯ୍ୟାଳୟ ଓ ବିକ୍ରୟ କେନ୍ଦ୍ର ବନ୍ଦ ହୋଇଛି। ବ୍ରହ୍ମପୁରରେ ଥିବା ସଂସ୍ଥାର ଏକ କୋଠା ଭଡାରେ ଦିଆଯାଇଥିବା ବେଳେ ସେଠାରେ ଥିବା ଔଷଧ ବିକ୍ରୟ କେନ୍ଦ୍ର ବନ୍ଦ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି।

### କ୍ରମାଗତ କ୍ଷତି, ବେତନ ନପାଇ ଅସନ୍ତୋଷ

ଅନୁଷ୍ଠାନର ଆର୍ଥିକ ସ୍ଥିତି ନେଇ ମଧ୍ୟ ଗୁରୁତର ପ୍ରଶ୍ନ ଉଠିଛି। ୨୦୦୯-୧୦ ମସିହାଠାରୁ ସଂସ୍ଥା କ୍ରମାଗତ ଭାବେ କ୍ଷତିରେ ଚାଲିଥିବା ଅଭିଯୋଗ ରହିଛି। ବର୍ତ୍ତମାନ କଞ୍ଚାମାଲ କିଣିବା ପାଇଁ ମଧ୍ୟ ଅର୍ଥାଭାବ ଦେଖାଦେଇଥିବା କୁହାଯାଉଛି।

କର୍ମଚାରୀଙ୍କ ବେତନ ନିୟମିତ ଭାବେ ମିଳୁନଥିବା ଅଭିଯୋଗ ମଧ୍ୟ ଆସିଛି। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଅନେକଥର ଆସିକା ଏ.ଆର୍.ସି.ଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ସମାଧାନ ଦାବି କରାଯାଇଥିବା ଜଣାପଡିଛି।

କୋରମ ଅଭାବରୁ ଅଟକୁଛି ପରିଚାଳନା! ଫାର୍ମାସୀର ପରିଚାଳନା ବ୍ୟବସ୍ଥା ମଧ୍ୟ ଏବେ ଚର୍ଚ୍ଚାରେ। ନିର୍ବାଚିତ ପରିଚାଳନା କମିଟିର କେତେକ ନିର୍ଦ୍ଦେଶକ ବୈଠକରେ ଯୋଗ ଦେଉନଥିବାରୁ କୋରମ ହୋଇପାରୁନଥିବା ଅଭିଯୋଗ ରହିଛି। ଫଳରେ ବୈଠକ ଓ ଗୁରୁତ୍ୱପୂର୍ଣ୍ଣ ରେଜୁଲେସନ୍? ଗ୍ରହଣରେ ବାଧା ସୃଷ୍ଟି ହେଉଥିବା କୁହାଯାଉଛି।

ପରିଚାଳନା କମିଟି ଓ ସମବାୟ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଆବଶ୍ୟକ ସମନ୍ୱୟ ନଥିବା ଯୋଗୁଁ ସମସ୍ୟା ଆହୁରି ଜଟିଳ ହୋଇଥିବା କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଅଭିଯୋଗ କରୁଛନ୍ତି।

### ପୁରୁଣା ଅଭିଯୋଗର ଖୋଲିବ କି ଫାଇଲ

ଫାର୍ମାସୀର ପୂର୍ବତନ ପରିଚାଳନାକୁ ନେଇ ମଧ୍ୟ ବିଭିନ୍ନ ଆର୍ଥିକ ଅନିୟମିତତାର ଅଭିଯୋଗ ଉଠିଛି। ୨୦୧୮-୧୯ ମସିହାରେ ଫଲ୍ସ ବିଲ୍, ଇନସୁରାନ୍ସ କ୍ଲେମ୍, ତିତଲି ସହାୟତା ଅର୍ଥର ବ୍ୟବହାର, ଜମି ଓ କୋଠା ଲିଜ୍ ପ୍ରଦାନ ସମେତ ବିଭିନ୍ନ ଅନିୟମିତତା ହୋଇଥିବା ଅଭିଯୋଗ ରହିଛି।

ବନ୍ୟା ପ୍ରଭାବିତ ଔଷଧ ଓ କଞ୍ଚାମାଲର ବ୍ୟବହାରକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ଏସବୁ ଅଭିଯୋଗର ସତ୍ୟତା ସ୍ୱାଧୀନ ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ। ତେଣୁ ୨୦୧୮-୧୯ ମସିହାର ସମସ୍ତ ଆର୍ଥିକ କାରବାର ଉପରେ ସ୍ୱତନ୍ତ୍ର ଅଡିଟ୍? କରାଯାଇ ତଥ୍ୟ ସାମ୍ନାକୁ ଆଣିବାକୁ ଦାବି ହୋଇଛି।

### ହୃତଗୌରବ ଫେରିବ ତ

ଆଠ ଦଶନ୍ଧିରୁ ଅଧିକ ସମୟ ଧରି ଆୟୁର୍ବେଦିକ ଔଷଧ କ୍ଷେତ୍ରରେ ପରିଚୟ ସୃଷ୍ଟି କରିଥିବା ଏହି ଅନୁଷ୍ଠାନ ଆଜି ଆର୍ଥିକ ସଙ୍କଟ, ଉତ୍ପାଦନ ସମସ୍ୟା ଓ କର୍ମଚାରୀ ଅସନ୍ତୋଷ ମଧ୍ୟରେ ରହିବା ଆସିକାର ସମବାୟ ବ୍ୟବସ୍ଥା ପାଇଁ ଏକ ବଡ ପ୍ରଶ୍ନ ଠିଆ କେବଳ ଅନୁଦାନ ଦେଇ ସଂସ୍ଥାକୁ ବଞ୍ଚାଇ ରଖିବା ବଦଳରେ ଏହାର ଆର୍ଥିକ ସ୍ଥିତି, ପରିଚାଳନା, ଉତ୍ପାଦନ, ବଜାର ବ୍ୟବସ୍ଥା ଓ ସମ୍ପତ୍ତିର ସୁରକ୍ଷା ନେଇ ସମ୍ପୂର୍ଣ୍ଣ ସମୀକ୍ଷା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। କର୍ମଚାରୀଙ୍କ ବକେୟା ବେତନ ପ୍ରଦାନ, ଅଭିଯୋଗଗୁଡିକର ନିରପେକ୍ଷ ତଦନ୍ତ, ସ୍ୱତନ୍ତ୍ର ଅଡିଟ୍ ଏବଂ ଫାର୍ମାସୀର ପୁନରୁଦ୍ଧାର ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ସମବାୟ ନଗରୀ ଆସିକାର ଏହି ଐତିହ୍ୟବାହୀ ସଂସ୍ଥାର ହୃତଗୌରବ ଫେରିବ ନା ଏହା ମଧ୍ୟ ଧୀରେ ଧୀରେ ଅସ୍ତିତ୍ୱ ହରାଇବ—ଏବେ ତାହା ହିଁ ବଡ ପ୍ରଶ୍ନ।

# ଲକ୍ଷ୍ମୀବରାହ ଜୀଉ ମନ୍ଦିର ପାର୍ଶ୍ୱରୁ ଖସିଲା ସିଂହମୂର୍ତ୍ତି

**ଆଳି (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳବାସୀଙ୍କ ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିର ଉପର ଭାଗରେ ଥିବା ସିଂହ ମୂର୍ତ୍ତିର ମୁଖ ଗୁରୁବାର ଦିନ ଭାଙ୍ଗି ଖସିପଡ଼ିଛି। ଏହି ପଥର ଖସିବା ସମୟରେ ପ୍ରବଳ ବର୍ଷା ବିଜୁଳି ମାରୁଥିବାରୁ ମନ୍ଦିର ଭିତରେ ସେବାୟତ ଓ ଶ୍ରଦ୍ଧାଳୁମାନେ ରହି ଯାଇଥିବାରୁ ବଡ଼ ଅଘଟଣ ଟଳିଯାଇଛି। କାରଣ ପଥରଖଣ୍ଡ ଯେଉଁଠି ଖସି ପଡିଛି ସେହି ସ୍ଥାନରେ ଲକ୍ଷ୍ମୀବରାହ ଜୀଉଙ୍କ ପାଦୁକ କୁଣ୍ଡ ରହିଛି। ଶ୍ରଦ୍ଧାଳୁ ମାନେ ଠାକୁରଙ୍କ ଦର୍ଶନ ସାରି ବେଢା ପରୀକ୍ରମା କରି ପାଦୁକ କୁଣ୍ଡରୁ ପାଦୁକ ନେଇଥାନ୍ତି। ବର୍ଷା ପାଇଁ ଏକ ବଡ଼ ବିପଦ ଟଳିଯାଇଥିବା ନେଇ ସେବାୟତ ମାନେ କହିଛନ୍ତି। ସୂଚନା ଅନୁଯାୟୀ ଆଳିର ଲକ୍ଷ୍ମୀବରାହ ଜୀଉ ଶହଶହ ବର୍ଷର ପୁରାତନ ମନ୍ଦିର। ଏହି ମନ୍ଦିରକୁ ପ୍ରତିଦିନ ବିଭିନ୍ନ ପ୍ରାନ୍ତରୁ ଶହ ଶହ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି। ଗୁରୁବାର ଦିନ ପ୍ରାୟ ୧୧ଟା ସମୟରେ ବର୍ଷା ଲାଗି ରହିଥିବା ବେଳେ ହଠାତ ମନ୍ଦିର ପାର୍ଶ୍ୱରେ ଥିବା ୧୧ ଟି ସିଂହ ମୂର୍ତ୍ତି ମଧ୍ୟରୁ ଉତ୍ତର ପାର୍ଶ୍ୱରେ ଥିବା ଏକ ସିଂହ ମୂର୍ତ୍ତି ମୁଖ ଖସି ପଡି ପାଦୁକ କୁଣ୍ଡ ନିକଟରେ ପଡିଥିଲା। ଯେଉଁ ସମୟରେ ଏହି ପଥର ପଡିଥିଲା ସେହି ସମୟରେ ବର୍ଷା ହେଉଥିବା ଯୋଗୁଁ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ସେବାୟତ ଓ ଶ୍ରଦ୍ଧାଳୁ। ଲଘୁଚାପ ପ୍ରଭାବରୁ ବର୍ଷା ହେବାରୁ ଶ୍ରଦ୍ଧାଳୁ ଓ ସେବାୟତ ମାନେ ମନ୍ଦିର ମଧ୍ୟରେ ରହି ଯାଇଥିବାରୁ ଅଳ୍ପକେ ରକ୍ଷାପାଇ ଯାଇଛନ୍ତି।



ଏହି ପଥର ଖଣ୍ଡ ଖସିବା ପରେ ମନ୍ଦିରର ସେବାୟତ ଓ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ମନ୍ଦିରରୁ ପଥର ଖସିବା ପରେ ଏହି ଘଟଣାକୁ ନେଇ ସେବାୟତ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ସେବାୟତ ମାନେ ଅଭିଯୋଗ କରିଛନ୍ତି ଯେ ଏହି ମନ୍ଦିର ବହୁ ପୁରାତନ ହୋଇଥିଲେ ମଧ୍ୟ ଏହାର ରକ୍ଷଣା ବେକ୍ଷଣନ ଠିକ୍ ଭାବେ ହେଉନି। କିଛିଦିନ ପୂର୍ବେ ମନ୍ଦିର ଉପରି ଭାଗରେ ହୋଇଥିବା ଅନାବନା ଗଛ ଉଠିଥିବା ବେଳେ ତାହା କଟା ଯାଇଥିଲା। ଏପରିକି ପୂର୍ବ ସରକାର ସମୟରେ ମନ୍ଦିର ଉନ୍ନତି ନିମନ୍ତେ କୋଟି କୋଟି ଟଙ୍କା ଆସିଥିବା ବେଳେ ତାହା ମଧ୍ୟ ଠିକ ଭାବେ ଖର୍ଚ୍ଚ ହୋଇ ପାରୁନି। ମନ୍ଦିର କାର୍ଯ୍ୟ ନେଇଥିବା ଠିକାଦାର ନୂଆ ପଥର ବଦଳରେ ପୁରୁଣା ପଥରକୁ ପଲିସୀ କରି ବିଛାଇ ଦେଇ ବିଲ କରିନେଲେ। ପୂର୍ବରୁ ରୋଷଶାଳ ନିକଟରେ ଏକ ସିଂହ ଖସିଥିବା ବେଳେ ଗୁରୁବାର ଦିନ ଆଉ ଏକ ସିଂହ ମୁଖ ଖସିବା ଘଟଣା ଶ୍ରଦ୍ଧାଳୁ ଓ ସେବାୟତ ମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମାତ୍ର କେଉଁ ପରିସ୍ଥିତିରି ମନ୍ଦିର ଉପରି ଭାଗରୁ ସିଂହ ମୁହଁ ଖସି ପଡିଲା ତାହାକୁ ତୁରନ୍ତ ମନ୍ଦିର ଟ୍ରଷ୍ଟ ଓ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ମନ୍ଦିର ଦୀର୍ଘଦିନ ହେବ ଅସୁରକ୍ଷିତ ଅବସ୍ଥାରେ ଥିବା ବେଳେ ଏହା ଉପରେ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ତୁରନ୍ତ ପ୍ରତ୍ନତତ୍ତ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇ ମନ୍ଦିରର ରକ୍ଷଣା ବେକ୍ଷଣା ନିମନ୍ତେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି। ଏ ବିଷୟରେ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧିକାରୀ ଅଲ୍ୟଳ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ପୂର୍ବରୁ ଏକ ସିଂହ ଭାଙ୍ଗିଥିବା ବେଳେ ଆଜି ଆଉ ଏକ ସିଂହ ଭାଙ୍ଗି ଯାଇଛି। ଏ ବିଷୟରେ ସେ ସଂସ୍କୃତି ବିଭାଗକୁ ଅବଗତ କରିବେ।

# ବାଲ୍ୟବିବାହ ନିଷେଧ ଆଇନ-୨୦୦୬ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ଛତ୍ରପୁର (ଅମୃତ ମିଡିଆ):** ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ର ସଠିକ୍ କାର୍ଯ୍ୟକାରିତା ଓ ବାଲ୍ୟ ବିବାହ ନିଷେଧ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସଚ୍ଚିଦାନନ୍ଦ ନାୟକ ଅଧ୍ୟକ୍ଷତା କରି ବାଲ୍ୟ ବିବାହ ରୋକିବାରେ ବାଲ୍ୟ ବିବାହ ନିଷେଧ ଅଧିକାରୀମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲ୍ୟ ବିବାହ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ସମନ୍ୱିତ ଭାବେ ତ୍ୱରିତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ୟୁନିସେଫ୍, ଭୁବନେଶ୍ୱରର ଶିଶୁ ସୁରକ୍ଷା ବିଭାଗର ରାଜ୍ୟ ପରାମର୍ଶଦାତା ଘାସିରାମ ପଣ୍ଡା ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ବାଲ୍ୟ ବିବାହର କାରଣ ଓ ପ୍ରଭାବ, ବାଲ୍ୟ ବିବାହ ନିଷେଧ ଆଇନର ବ୍ୟବସ୍ଥା, ପ୍ରତିରୋଧ, ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। 'ବାଲ୍ୟ ବିବାହ ମୁକ୍ତ ଭାରତ' ପୋର୍ଟାଲରେ ରିପୋର୍ଟିଂ ଓ ମନିଟରିଂ ସହ ଗଞ୍ଜାମ ପାଇଁ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତି ନେଇ ମଧ୍ୟ ଆଲୋଚନା ହୋଇଥିଲା।

ପ୍ରଶିକ୍ଷଣରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ୧୭୬ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୪୦ ଜଣ ଛାତ୍ରାବାସ ଅଧୀକ୍ଷକ ଓ ମାଟ୍ରନ୍? ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ୨୪ ଜଣ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଟି. ସୁଶାନ୍ତ, ମହିଳା ସୁରକ୍ଷା ଅଧିକାରୀ ଡି. ନାଗୋରାନ୍ତମ ଓ କାର୍ଯ୍ୟକ୍ରମ ଅଧିକାରୀ ଏସ୍. ରାଜେଶ୍ୱରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ହିତଧାରୀ ଯୋଗଦେଇଥିଲେ। ଏହି ଅବସରରେ ମଧ୍ୟ ଏକ ଶପଥ ପାଠ କରାଯାଇଥିଲା।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ



**ଛତ୍ରପୁର (ଅମୃତ ମିଡିଆ):** ଚମାଖଣ୍ଡି ଥାନା ଅନ୍ତର୍ଗତ ରେଗିଡି ଛକ ଠାରେ ସଡ଼କ ଦୁର୍ଘଟଣା ରେ ଜଣକ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ସୂର୍ଯ୍ୟନାରାୟଣ ପୁର ଗ୍ରାମର ଇ ସୀମାଦ୍ରୀ ବିଲରୁ ଘରକୁ ଫେରିବା ସମୟରେ ଏକ ଟ୍ରକ ଧକ୍କା ଦେଇଥିଲା ଘଟଣା ସ୍ଥଳରେ ଶ୍ରୀମାଦ୍ରୀ ଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସ୍ଥଳରେ ଚମାଖଣ୍ଡି ଓ ବେଲ ଗାଁ ପୋଲିସ ପଂହଁଚି ସ୍ଥାନୀୟ ଲୋକ ମାନଂକୁ ବୁଝାଇବା ସହିତ ମୃତ ଶ୍ରୀମାଦ୍ରୀ ଙ୍କ ଶବକୁ ବେବଚ୍ଛେଦ ପାଇଁ ପଠାଇବା ପଠାଇଥିଲେ।

# ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ସାକ୍ଷରତା ଓ ସାଇବର ସୁରକ୍ଷା କର୍ମଶାଳା

## ପ୍ରତ୍ୟେକ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କ ପରାମର୍ଶ

**ଛତ୍ରପୁର (ଅମୃତ ମିଡିଆ):** ଛାତ୍ରଛାତ୍ରୀଙ୍କୁ ଆର୍ଥିକ ଭାବେ ସଚେତନ କରିବା ସହ ଡିଜିଟାଲ ମାଧ୍ୟମର ସୁରକ୍ଷିତ ବ୍ୟବହାର ଓ ସାଇବର ଅପରାଧରୁ ସୁରକ୍ଷିତ ରହିବା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀ ଭାରତ ପତି ମହାବିଦ୍ୟାଳୟ ଏବଂ ଜବାହାର ନବୋଦୟ ବିଦ୍ୟାଳୟ, ସୁରଙ୍ଗିଠାରେ ଆର୍ଥିକ ସାକ୍ଷରତା ଓ ସାଇବର ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା ଛାତ୍ରଛାତ୍ରୀଙ୍କୁ ସଞ୍ଚୟର ଅଭ୍ୟାସ ଗଢ଼ି ତୋଳିବା ସହ ଜୀବନର ପ୍ରତ୍ୟେକ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଓ ଜ୍ଞାନର ସଠିକ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ନିଜକୁ ଜଣେ ଆଦର୍ଶ ନାଗରିକ ଭାବେ ଗଢ଼ି ତୋଳିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା କ୍ଷୁଦ୍ର ସଞ୍ଚୟ ଅଧିକାରୀ ସୁଦାମ କୁମାର ସ୍ୱାଇଁ ନିୟମିତ ସଞ୍ଚୟର ଗୁରୁତ୍ୱ ଏବଂ ଅନଲାଇନ୍? କାରବାର ଓ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ।



ଛତ୍ରପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ସାଇବର ସେଲ୍‌ର ସହକାରୀ ଆରକ୍ଷୀ ଉପନିରୀକ୍ଷକ କିରଣ କୁମାର ପାତ୍ର ଅଜଣା ଆପ୍ କିମ୍ବା ଫାଇଲ୍ ଡାଉନଲୋଡ୍ ନକରିବା, ଅନଲାଇନ୍ ପ୍ରତାରଣା ଓ ମିଥ୍ୟା ଜରୁରୀକାଳୀନ ଫୋନ୍ କଲ୍‌ରୁ ସତର୍କ ରହିବା, ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରଖିବା ଏବଂ ମୋବାଇଲ୍‌ରେ ଡିଜିଟାଲ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପାତ୍ରପୁର ଡାକ ବିଭାଗର ସୁନିଲ କୁମାର ସଞ୍ଚୟ, ଆର୍ଥିକ ଅନ୍ତର୍ଭୁକ୍ତି ଓ ଆର୍ଥିକ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ସୁକନ୍ୟା ସମୃଦ୍ଧି ଯୋଜନାର ଉପକାରିତା ବିଷୟରେ ସଚେତନ କରିଥିଲେ। କର୍ମଶାଳାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ମତ୍ସ୍ୟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

## ଆର୍ଯ୍ୟପଲ୍ଲୀ ଫିସିଂ ହାର୍ବର କାର୍ଯ୍ୟକ୍ଷମ ପାଇଁ ଦାବି

**ଛତ୍ରପୁର (ଅମୃତ ମିଡିଆ):** ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶୁକ୍ରବାର ଗଞ୍ଜାମ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ବିଭିନ୍ନ ମତ୍ସ୍ୟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସହ ମନ୍ତ୍ରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମେ ମନ୍ତ୍ରୀ ଆର୍ଯ୍ୟପଲ୍ଲୀଠାରେ ପ୍ରସ୍ତାବିତ ଫିସିଂ ହାରବର ଅଞ୍ଚଳ ପରିଦର୍ଶନ କରି ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଥିଲେ। ମତ୍ସ୍ୟଜୀବୀଙ୍କ ଆର୍ଥିକ ଉନ୍ନତି, ସୁରକ୍ଷା ଓ ମତ୍ସ୍ୟ ଉତ୍ପାଦନର ସୁଚାରୁ ପରିଚାଳନା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଥିଲେ। ଫିସିଂ ହାରବର ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ସଙ୍କଟ

## କଂଗ୍ରେସ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ଛତ୍ରପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାରେ ବହୁ ଡାକ୍ତର ପଦବି ଖାଲି ପଡିଥିବା ନେଇ ରୋଗୀମାନେ ସମସ୍ୟା ହେଉଛନ୍ତି। ଏଣୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଛତ୍ରପୁର କଂଗ୍ରେସ ପକ୍ଷରୁ ଏକ ଦାବି ପତ୍ର ଓଡିଶା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଜରିଆରେ ପ୍ରଦାନ କରାଯାଇଛି। ଛତ୍ରପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାଗିରଥୀ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ସାକ୍ଷତ କରି ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ସୂଚନାନୁସାରେ, ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାରେ ବର୍ତମାନ ୭ ରୁ ୮ ଜଣ ଡାକ୍ତର ଅଛନ୍ତି। ଛତ୍ରପୁର ବ୍ଲକ, ଗଞ୍ଜାମ ବ୍ଲକ ସମେତ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମବାସୀ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ହେଲେ ଏହି ଡାକ୍ତରଖାନାରେ ୫୦ ଡାକ୍ତର ରହିବା ସ୍ଥାନରେ ମାତ୍ର ୮ ଜଣ ଡାକ୍ତର ଅଛନ୍ତି। ଦୈନିକ ୫ ଶହରୁ ଅଧିକ ରୋଗୀ ଏହି ଡାକ୍ତରଖାନାକୁ ଆସୁଛନ୍ତି। ଡାକ୍ତରଙ୍କ ଅଭାବରୁ ରୋଗୀମାନେ ଘଂଟା ଘଂଟା ଧରି ଲାଇନ୍ ବାନ୍ଧି ଛିଡା ହେବାକୁ ପଡୁଛି। ଯଦ୍ୱାରା ଏହି ବ୍ଲକ ଗୁଡିକ ଗ୍ରାମର ରୋଗୀ ଏବଂ ସେମାନଙ୍କ ସଂପର୍କୀୟ ହଇରାଣ ହରକତ ହେଉଛନ୍ତି। ଛତ୍ରପୁର ଡାକ୍ତରଖାନାର ଏଭଳି ସମସ୍ୟା ନେଇ ରୋଗୀମାନେ ଏଠାକୁ ଆସିବା ବଦଳରେ ସିଧାସଳଖ ବ୍ରହ୍ମପୁରକୁ ଯିବାକୁ ପଡୁଛି। ଫଳରେ ଅଧିକା ଖର୍ଚ୍ଚାନ୍ତ ସହ ହଇରାଣ ହେବାକୁ ପଡୁଛି। ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବଡ ବଡ ହାକିମବାବୁ ଅଛନ୍ତି। ହେଲେ ମଧ ଛତ୍ରପୁର ଡାକ୍ତରଖାନା ପ୍ରତି କାହାରି ଦରଜ ନାହିଁ। ଯଦ୍ୱାରା ବହୁଦିନ ଧରି ଡାକ୍ତର ସମସ୍ୟା ରହୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ପୂର୍ବରୁ ଛତ୍ରପୁର ଡାକ୍ତରଖାନାରେ ଡାକ୍ତର ଓ ଷ୍ଟାଫ୍ ନର୍ସର ସଙ୍କଟ ନେଇ ରୋଗୀ ଏଠାକୁ ଆସିବା ପାଇଁ ମୁହଁ ଫେରାଉଛନ୍ତି। ଛତ୍ରପୁର ହସ୍ପିଟାଲ ପୂର୍ବରୁ ଯେଉଁ ସୁନାମ ରଖିଥିଲା ତାହା ଧିରେ ଧିରେ ହ୍ରାସ ହେବାକୁ ଲାଗିଛି। ଏଣୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ କଂଗ୍ରେସ ପକ୍ଷରୁ ଏକ ଦାବି ପତ୍ର ମାଧ୍ୟମରେ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରା, ପୂର୍ବତନ ସରପଂଚ ଡି.ରାମସ୍ୱାମୀ ରେଡ୍ଡୀ, ରାଜ୍ୟ ଛାତ୍ର କଂଗ୍ରେସର ସାଧାରଣ ସଂପାଦକ ଚକ୍ରପାଣି ପୋଲାଇ ଓ ମହେଶ କୁମାର ଗୌଡ, କାଳୁଚରଣ ତ୍ରିପାଠୀ, ଜିତୁ ରାଉଳ, ପି.ଧର୍ମା ରେଡ୍ଡୀ, ରଞ୍ଜିତ ରଥ ପ୍ରମୁଖ ଉପସ୍ଥିତ ଥିଲେ।



# ପୋଲିସ ସଂସ୍କାର ଲାଗି ସରକାରଙ୍କୁ ସାଧୁବାଦ

**ବ୍ରହ୍ମପୁର (ଅମୃତ ମିଡିଆ):** ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ଅଗଷ୍ଟ ମାସ ୧୨ ତାରିଖ ଦିନ ପୋଲିସ ବିଭାଗରେ ଯୁଗୋପଯୋଗୀ ସଂସ୍କାର, ଟେକ୍ନୋଲୋଜିର ବହୁଳ ବ୍ୟବହାର ତଥା ପୋଲିସ ବ୍ୟବସ୍ଥାକୁ ଆଧୁନିକ କରଣ କରି ବିଭଗରେ ଥିବା ଖାଲି ପଦ ପୂରଣ ଭଳି କେତେ ଗୁଡ଼ିଏ ଉପାଦେୟ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଭିତ୍ତିକ ଏକ ସ୍ମାରକ ପତ୍ର ଗହବିଭାଗ, ଡିଜିପି ଓ ରାଜ୍ୟ ସରକାରଙ୍କ ନିକଟରେ ରଖିଥିଲା। ନିକଟରେ ରାଜ୍ୟ ସରକାର ସେଥିରୁ ଅଧିକାଂଶ ପ୍ରସ୍ତାବକୁ କର୍ଯ୍ୟକାରି କରିବାକୁ ପଦକ୍ଷେପ ନେଇଛନ୍ତି। ଏଇ କିଛି ଦିନ ତଳେ ରାଜ୍ୟ ସରକାର ଖାଲି ଥିବା ପଦବୀ ପୂରଣ ନେଇ ପଦକ୍ଷେପ ନେବା ସହ କିଛି ନୂତନ ଅତିରିକ୍ତ ପଦବୀ ମଧ୍ୟ ସୃଷ୍ଟି କରିଛନ୍ତି। ସେହିଭଳି ସ୍ଥାନୀୟ ସ୍ତରରେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିପି ମଧ୍ୟ ଆମର ଚିଠି ଆଧାରରେ ବ୍ରହ୍ମପୁର ଏସପିଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଧାରରେ ବର୍ତ୍ତମାନ ବ୍ରହ୍ମପୁର ଏସପି ବ୍ରହ୍ମପୁର ପୋଲିସ ଜିଲ୍ଲାରେ କାର୍ଯ୍ୟରତ କର୍ମଚାରୀଙ୍କୁ ନୂତନ ଟେକ୍ନୋଲୋଜିର ପ୍ରୟୋଗ ଓ ବ୍ୟବହାର ନିମନ୍ତେ କିଛି ଅତ୍ୟାଧୁନିକ ସାଜ ସରଞ୍ଜାମ ଯୋଗାଇ ଦେବାକୁ ପଦକ୍ଷେପ ନେଉଥିବା ଜଣାପଡ଼ିଛି। ସୁତରାଂ କମିଟି ଉପସ୍ଥାପନ ଓ ପ୍ରଦାନ କରିଥିବା ଅଧିକାଂଶ ପ୍ରସ୍ତାବକୁ ରାଜ୍ୟ ସରକାର ଗ୍ରହଣ କରି ପୋଲିସ ବ୍ୟବସ୍ଥାରେ ଆବଶ୍ୟକୀୟ ସଂସ୍କାର ଆଣିବାକୁ ପ୍ରୟାସ କରିଥିବାରୁ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ସଚିବ, ପୋଲିସ ଡ଼ିଜି, ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଓ ବ୍ରହ୍ମପୁର ଏସପି ଙ୍କୁ ସାଧୁବାଦ ଜଣାଉଛି। ସେହିପରି ଆଉ ଯେଉଁ ପ୍ରସ୍ତାବ କାର୍ଯ୍ୟକାରି ନହୋଇ ରହିଯାଇଛି ତାହାକୁ ମଧ୍ୟ କାର୍ଯ୍ୟକାରି କରି ପୋଲିସ ବିଭାଗରେ ଆରମ୍ଭ କରିଥିବା ସଂସ୍କାର ପ୍ରକ୍ରିୟାକୁ ଚୂଡ଼ାନ୍ତ ରୂପ ଦେବେ। ଏହି ପରିପ୍ରେକ୍ଷୀରେ କମିଟି ଆଶା କରୁଛି ଯେ ବ୍ରହ୍ମପୁର ନିମନ୍ତେ ଆଶ୍ୟକ ହେଉଥିବା କମିଶନରେଟ ପୋଲିସ ବ୍ୟବସ୍ଥାକୁ ମଧ୍ୟ କାର୍ଯ୍ୟକାରି କରିବା ନିମନ୍ତେ ରାଜ୍ୟ ସରକାର ଖୁବ୍ ଶୀଘ୍ର ନିଷ୍ପତ୍ତି ନେବେ ବୋଲି କମିଟି ଆଶା କରୁଛି। କାରଣ କମିଟି ଦ୍ୱାରା ବ୍ରହ୍ମପୁରରେ ପୋଲିସ କମିଶନରେଟ୍ ପୋଲିସ ବ୍ୟବସ୍ଥା ଲାଗୁ କରିବା ସକାଶେ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୱରେ ଏକ ଦାବୀ ପତ୍ର ଗତ ମାର୍ଚ୍ଚ ମାସରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଦେଇଥିଲୁ। ମାନ୍ୟବର ଆରଡିସି ଏ ସଂକ୍ରାନ୍ତରେ ବିଭାଗ ଦ୍ୱାରା ସ୍ଥାନୀୟ ସ୍ତରରେ ଅଦ୍ୟାବଧି ନିଆଯାଇଥିବା ନିଷ୍ପତ୍ତି ଓ ପଦକ୍ଷେପ ବ୍ରହ୍ମପୁର ଏସପିଙ୍କୁ କାଗଜ ପତ୍ର ମାଗିଥିଲେ। । ବ୍ରହ୍ମପୁର ଏସପି ଜିଲ୍ଲା ପୋଲିସ ପକ୍ଷରୁ ଏ ବାବଦରେ ଆଦାନ ପ୍ରଦାନ ହୋଇଥିବା ଚିଠି ପତ୍ର ଆରଡିସିଙ୍କ ନିକଟତର ଦାଖଲ କରିଥିଲେ। ଆରଡିସି ଏସପିଙ୍କ କାର୍ଯ୍ୟାଳୟରୁ ନଥିପତ୍ର ପାଇଲା ପରେ ତାକୁ ଆଧାର କରି ବ୍ରହ୍ମପୁରରେ ପୋଲିସ କମିଶନରେଟ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମେନ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ସୁପାରିଶ କରିଥିଲେ। ମୁଖ୍ୟ ଶାସନ ସଚିବ ଗୃହ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପଦକ୍ଷେପ ନେବା ନିମନ୍ତେ ଅନୁରୋଧ କରିଥିଲେ।

### ॥ ୧୬୪ ଦିନରେ ନୀରବ ପଦଯାତ୍ରା ॥

# ଶ୍ରୀମନ୍ଦିର ଦର୍ଶନ ପାଇଁ ସ୍ଥାୟୀ ବ୍ୟବସ୍ଥା ଦାବି





**ପୁରୀ (ବ୍ୟୁରୋ):** ଶ୍ରୀମନ୍ଦିରରେ ପୁରୀବାସୀଙ୍କ ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ଏବଂ ସ୍ଥାୟୀ ବ୍ୟବସ୍ଥା ଦାବିରେ ଆରମ୍ଭ ହୋଇଥିବା ଅହିଂସାପୂର୍ଣ୍ଣ ସଚେତନତା ପଦଯାତ୍ରା ଆଜି ୧୬୪ ଦିନ ପୂରଣ କରିଛି। ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ପୁରୀବାସୀ ଦୀର୍ଘଦିନ ଧରି ଶାନ୍ତି, ଶୃଙ୍ଖଳା ଓ ଅହିଂସାର ମାର୍ଗରେ ନିଜର ଆନ୍ଦୋଳନ ଜାରି ରଖିଛନ୍ତି। ଆଜି ୧୬୪ତମ ଦିନରେ ମଧ୍ୟ ସତ୍ୟାଗ୍ରହୀମାନେ ଭକ୍ତ ସାଲବେଗ ପୀଠରେ ସମବେତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଶ୍ରୀମନ୍ଦିର ଦିଗକୁ ପଦଯାତ୍ରା କରିଥିଲେ। ଶ୍ରୀମନ୍ଦିର ନିକଟରେ ପହଞ୍ଚି ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ଦାବି ଉପରେ ଶୀଘ୍ର ନ୍ୟାୟସଙ୍ଗତ ନିଷ୍ପତ୍ତି ନିଆଯିବା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ଏହି ଆନ୍ଦୋଳନର ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ। ଏହା ପୁରୀବାସୀଙ୍କ ଦୀର୍ଘଦିନର ଭାବନା ଓ ଦାବିର ଏକ ଶାନ୍ତିପୂର୍ଣ୍ଣ ଅଭିବ୍ୟକ୍ତି। ପୁରୀବାସୀଙ୍କ ଧାର୍ମିକ ଭାବନା ଓ ଶ୍ରୀମନ୍ଦିର ସହ ସେମାନଙ୍କର ପାରମ୍ପରିକ ସମ୍ପର୍କକୁ ସମ୍ମାନ ଦେଇ ସ୍ଥାୟୀ ଦର୍ଶନ ବ୍ୟବସ୍ଥା ପାଇଁ ସରକାର ଉଚିତ ପଦକ୍ଷେପ ନେବା ଆବଶ୍ୟକ। ଆଲୋଚନା ଓ ପାରସ୍ପରିକ ସଂଳାପ ମାଧ୍ୟମରେ ଏହାର ସମାଧାନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଛନ୍ତି।ସତ୍ୟାଗ୍ରହୀମାନଙ୍କ ମତରେ, ୧୬୪ ଦିନ ଧରି ଚାଲିଥିବା ଏହି ପଦଯାତ୍ରା ପ୍ରମାଣ କରିଛି ଯେ ଦାବିଟି କୌଣସି କ୍ଷଣିକ ଆବେଗର ପରିଣାମ ନୁହେଁ। ଏହା ପୁରୀବାସୀଙ୍କ ଦୀର୍ଘଦିନର ଆଶା, ଅନୁଭବ ଓ ଅଧିକାରବୋଧରୁ ଜନ୍ମ ନେଇଥିବା ଏକ ନିରନ୍ତର ଆନ୍ଦୋଳନ। ସରକାର ଏହି ଦାବିକୁ ଗୁରୁତ୍ୱ ଦେଇ ପୁରୀବାସୀଙ୍କ ସହ ଆଲୋଚନା କରି ଏକ ସ୍ଥାୟୀ ସମାଧାନର ବାଟ ଖୋଜନ୍ତୁ ବୋଲି ସେମାନେ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ନୃସିଂହନାଥ ନାୟକ, ଜଗଦାନନ୍ଦ ରାୟ, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ପ୍ରଣତୀ ରାୟ, ଅଞ୍ଜୁବାଳା ମହାନ୍ତି, ନିହାରିକା ତ୍ରିପାଠୀ, ମମତା ସ୍ୱାଇଁ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ପ୍ରକାଶ ଚନ୍ଦ୍ର ନାୟକ, ସନ୍ତୋଷ ସେନାପତି, ଲିଙ୍ଗରାଜ ସାହୁ, ଭୋଳା ଦାଶ, ବରୁଣ ମହାପାତ୍ର, ବାପିନା ସାମନ୍ତରାୟ, ସୁବାଷ ପଟ୍ଟନାୟକ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଉପସ୍ଥିତ ଥିଲେ।

# ବିଭିନ୍ନ ଅପରାଧିକ ମାମଲାରେ ନାବାଳକଙ୍କ ସମ୍ପୃକ୍ତି



**ପୁରୀ (ବ୍ୟୁରୋ):** ପୁରୀ ସହରରେ ଚଳିତବର୍ଷ ଯେତେ ହତ୍ୟା, ଆତ୍ମହତ୍ୟା, ହତ୍ୟା ଉଦ୍ୟମ, ଚୋରି, ଡକାୟତି ଆଦି ଘଟଣା ଘଟିଛି ସେଥିରୁ ଅଧିକାଂଶ ମାମଲାରେ ନାବାଳକଙ୍କ ସମ୍ପୃକ୍ତି ରହିଥ?ିବା ଦେଖ?ିବାକୁ ମିଳିଛି। ବର୍ତ୍ତମାନ ପିଲାଙ୍କ ମଧ୍ୟରେ ମୋବାଇଲ ନିଶା ଏବଂ ସାମାଜିକ ଗଣମାଧ୍ୟମରେ ପତିଆରା ଜାହିର କରିବା ନିଶା ଅତି ମାତ୍ରାରେ ବଢ଼ିଯାଇଛି। ଡ଼ିଜିଟାଲ ନିଶା ପିଲାଙ୍କ ଆଚାର, ବିଚାର ଏବଂ ବ୍ୟବହାରରେ ସ୍ପଷ୍ଟ ପ୍ରତିଫଳିତ ହେଉଛି। ଛୋଟ ଛୋଟ ବିଷୟକୁ ନେଇ ପିଲାମାନେ ଅଭିଭାବକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ସାମାଜିକ ଜୀବନରୁ ଦୂରେଇ ଯାଇ ଘଣ୍ଟା ଘଣ୍ଟା ଧରି ମୋବାଇଲରେ ସମୟ ଅତିବାହିତ କରୁଛନ୍ତି। ଏବେ ଅଭିଭାବକଙ୍କ ସମୟ ଅଭାବରୁ ଅନେକ ପିଲା ମୋବାଇଲକୁ ନିଜ ସାଥୀ ଭାବେ ଗ୍ରହଣ କରି ନେଇଛନ୍ତି। ଘଣ୍ଟା ଘଣ୍ଟା ଧରି ମୋବାଇଲ ସହ ରହୁଛନ୍ତି। ଏହା ଆମ ଶରୀର ଓ ମସ୍ତିଷ୍କ ପାଇଁ କେତେ ହାନିକାରକ ତାହା କାହାକୁ ଅଛପା ନାହିଁ। ତେଣେ ଛୋଟ ପିଲାଙ୍କୁ ଚୁପ୍ କରିବା ପାଇଁ ଅଭିଭାବକମାନେ ସେମାନଙ୍କ ହାତରେ ମୋବାଇଲ ଧରାଇ ଦେଉଛନ୍ତି । ମୋବାଇଲ ଦେଖିଲେ ଯାଇ ପିଲା କାନ୍ଦ ବନ୍ଦ କରୁଛି ନହେଲେ ଖାଉଛି। ପ୍ରାୟ ୩ବର୍ଷରୁ ୧୬ ବର୍ଷ ବୟସ ପିଲାଙ୍କୁ ଡ଼ିଜିଟାଲ ନିଶା ପ୍ରବଳ ଘାରିଛି। ଏହି ମୋବାଇଲ ଆସକ୍ତିକୁ ଯଦି ପରିବାର ପକ୍ଷରୁ ନିୟନ୍ତ୍ରଣ କରାନଯାଏ ତେବେ ଏହା ଆଗାମୀ ଦିନରେ ମାନବ ସମାଜକୁ ଧ୍ୱଂସ ଅଭିମୁଖେ ନେଇଯିବ ବୋଲି ବୁଦ୍ଧିଜୀବୀ ଆଶଙ୍କା କଲେଣି। ମୋବାଇଲ ଆସକ୍ତି ଯୋଗୁ ପିଲାଙ୍କ ମଧ୍ୟରେ ସହନଶୀଳତା ସହ ପଢ଼ିବା ଏବଂ ଲେଖିବା ମନୋଭାବ ସମ୍ପୂର୍ଣ୍ଣ ଉଭେଇ ଯାଇଛି। କମ ବୟସରୁ ପିଲା ଜିଦଖୋର ହେଉଛନ୍ତି ଓ ସେମାନଙ୍କ ଭିତରେ ନକରାତ୍ମକ ଭାବ ସହ ଆତ୍ମହତ୍ୟା ପ୍ରବଣତା ଦେଖ?ିବାକୁ ମିଳୁଛି। ଏହି ବଦଭ୍ୟାସ ସେମାନଙ୍କୁ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଁ ପ୍ରୋତ୍ସାହିତ କରୁଛି। ସହରରେ ଚଳିତବର୍ଷ ଘଟିଥ?ିବା କିଛି ହତ୍ୟା, ହତ୍ୟା ଉଦ୍ୟମ, ଚୋରି ଏବଂ ଡ଼କାୟତି ମାମଲାରେ ଅନେକ ନାବାଳକଙ୍କ ସମ୍ପୃକ୍ତି ଥ?ିବା ଜଣାପଡ଼ିଛି। ଏନେଇ ସେମାନଙ୍କ ଅଭିଭାବକ ଏବଂ ସମ୍ପୃକ୍ତ ନାବାଳକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ କହିଛନ୍ତି। ମୋବାଇଲ ମାନିଆ ଯୋଗୁ ଏବର ପିଲା ବାହାର ଦୁନିଆ ସହ ସମ୍ପର୍କ ଛିନ୍ନ କରୁଛି। ଶାରୀରିକ ପରିଶ୍ରମ ନ କରିବା ସହ ଖେଳ କସରତ ପାଇଁ ବାହାରକୁ ଯାଉ ନାହିଁ। ମୋବାଇଲ ନିଶାରେ ରାତି ରାତି ଅନିଦ୍ରା ରହୁଛି। ସୁନିଦ୍ରା ପାଇଁ ଅନେକ ନିଶା ବଟିକାର ଆଶ୍ରୟ ନେଉଛନ୍ତି। ସାମାଜିକ ଜୀବନରୁ ଦୂରେଇ ଯାଇ ପିଲା କେବଳ ନିଜ ମଧ୍ୟରେ ବଞ୍ଚୁଛନ୍ତି। ସେମାନେ ପାଠପଢ଼ା ସହ ଅନ୍ୟାନ୍ୟ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଦୁର୍ବଳ ପ୍ରଦର୍ଶନ କରୁଛନ୍ତି। ମୋବାଇଲରେ ଆସୁଥିବା ବିଭିନ୍ନ ଅନୁପ?ଯୁକ୍ତ ବିଷୟ ସେମାନଙ୍କ ଭବିଷ୍ୟତକୁ ଅନ୍ଧାର ଆଡ଼କୁ ଧୀରେ ଧୀରେ ଟାଣି ନେଉଛି ବୋଲି ବୁଦ୍ଧିଜୀବୀ ସୂଚନା ଦେଇଛନ୍ତି। ଏନେଇ ପିଲାଙ୍କ ଠାରୁ ଅଭିଭାବକମାନେ ବେଶୀ ସଚେତନ ହେବା ଉଚିତ। ଜିଲା ପ୍ରଶାସନ ଏନେଇ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାର ଆବଶ୍ୟକ?ତା ରହିଛି ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

# ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତିକୁ ସୁରକ୍ଷା ଦେବା ପାଇଁ ଅଣ୍ଟା ଭିଡ଼ିଲେ ବୁଦ୍ଧିଜୀବୀ ଓ ସନ୍ଥ ମହନ୍ତ

## ଗଠନ ହେଲା ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସୁରକ୍ଷା କ୍ରିୟାନୁଷ୍ଠାନ ସମିତି



**ପୁରୀ (ବ୍ୟୁରୋ):** ବିଭିନ୍ନ ସମୟରେ ଶ୍ରୀ ଜଗନ୍ନାଥ ସଂସ୍କୃତି ନେଇ ଦ୍ୱନ୍ଦ ଓ ବିବାଦ ମୁଣ୍ଡ ଟେକୁଛି। କିଏ ଧାମ ଶବ୍ଦ ବ୍ୟବହାର କଲେଣି ତ କିଏ ଅଦିନରେ ରଥ ଯାତ୍ରା କଲେଣି। ଏ ସବୁ କଥା ଜଗନ୍ନାଥ ପ୍ରେମୀ ଙ୍କୁ ଦାରୁଣ ଆଘାତ ଦେଉଛି। ଧର୍ମକୁ ନଷ୍ଟ ବା ବିକୃତ କରିବାର ମସୁଧା ଦେଇ ଅଥବା ପ୍ରଚୁର ଆର୍ଥିକ ଲାଭ ଉଦେଶ୍ୟରେ ହେଉ କି କିଛି ବ୍ୟକ୍ତି ବା ସଂସ୍ଥା ଏଭଳି ଅବାଂଛିତ ପଦକ୍ଷେପ ନେଉଛନ୍ତି। ଏ ସବୁକୁ ପ୍ରତିହତ କରି ମହାପ୍ରଭୁଙ୍କ ପ୍ରଚଳିତ ପରମ୍ପରା ଓ ସଂସ୍କୃତି କୁ ସୁରକ୍ଷା ଦେବା ପାଇଁ ଆଜି ପୁରୀ ରାଧାବଲ୍ଲଭ ମଠ ପରିସରରେ ଆହୂତ ହୋଇଥିବା ବୈଠକ ରେ ସର୍ବସମ୍ମତି କ୍ରମେ 'ଶ୍ରୀ ଜଗନ୍ନାଥ ସଂସ୍କୃତି ସୁରକ୍ଷା କ୍ରିୟାନୁଷ୍ଠାନ ସମିତି ଓଡିଶା ' ନାମରେ ଏକ ଅନୁଷ୍ଠାନ ଆତ୍ମପ୍ରକାଶ କରିଛି। ଏହି ସମିତିର ମାର୍ଗଦର୍ଶକ ରୂପେ ପରମହଂସ ପ୍ରଜ୍ଞାନାନନ୍ଦଜି ମହାରାଜ, ମହନ୍ତ ସଚ୍ଚିଦାନନ୍ଦ ଜି ମହାରାଜ ମନୋନୀତ ହୋଇଥିଲେ। ପ୍ର. ହରେକୃଷ୍ଣ ଶତପଥି, ସଭାପତି , ମହନ୍ତ ରାମକୃଷ୍ଣ ଦାସ ମହାରାଜ କାର୍ଯ୍ୟକାରୀ ସଭାପତି, ମହନ୍ତ ବିଜୟ ରାମାନୁଜ ଦାସ ଓ ଦୁର୍ଗାଦାସ ମହାପାତ୍ର ଉପସଭାପତି, ଶ୍ରୀ ମନୋଜ ରଥ ସମ୍ପାଦକ, ଡ଼ଃ ରାମଚରଣ ଦାସ ସଂଗଠନ ସମ୍ପାଦକ, ବାବା ସତ୍ୟାନନ୍ଦ ଦାସ କୋଷାଧକ୍ଷ ମନୋନୀତ ହୋଇଥିଲେ।ପଣ୍ଡିତ ନରେଶ ଦାଶ , ପଣ୍ଡିତ ମାତୃ ପ୍ରସାଦ ମିଶ୍ର , ପଣ୍ଡିତ ମହେଶ ସାହୁ , ପଣ୍ଡିତ ବିଶ୍ୱମ୍ବର ଦାଶ , ଡ଼ଃ ଅତୁଲ ନନ୍ଦ ଙ୍କୁ କାର୍ଯ୍ୟ କାରିଣୀ ସଦସ୍ୟ ରୂପେ ଗ୍ରହଣ କରାଗଲା । ଆଗାମୀ ଦିନରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ୧୦୦ ଜଣ କାର୍ଯ୍ୟକାରୀ ସଦସ୍ୟ ଗ୍ରହଣ କରିବାକୁ ପ୍ରସ୍ତାବ ପାରିତ ହେଲା। ଏତତ ବ୍ୟତୀତ ନିମ୍ନ ଲିଖିତ ନିଷ୍ପତି ଗୁଡିକ ସର୍ବସମ୍ମତି କ୍ରମେ ନିଆଗଲା-

୧) ଖୁବ ଶୀଘ୍ର ୭ ଜଣିଆ ପ୍ରତିନିଧି ମଣ୍ଡଳ ମୁଖ୍ୟମନ୍ତ୍ରୀ,ଆଇନମନ୍ତ୍ରୀ, ମୁଖ୍ୟ ପ୍ରଶାସକ ରାଜ୍ୟପାଳଙ୍କୁ ଭେଟି ଶ୍ରୀ ଜଗନ୍ନାଥ ସଂସ୍କୃତିର ଅବକ୍ଷୟ ରୋକିବା ଆଇନ ପ୍ରଣୟନ କରିବା ପାଇଁ ପ୍ରସ୍ତାବ ଦେବେ।

୨)ଶ୍ରୀ ଜଗନ୍ନାଥ ଅନ୍ନିମସନ ଫିଲ୍ମ ବାବଦରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଣ୍ଣୟ ସନ୍ତୋଷ ଜନକ ହୋଇ ନଥିବାରୁ ପୁନର୍ବିଚାର ପାଇଁ ଆବେଦନ କରାଯିବ।

୩)ଶ୍ରୀ ଜଗନ୍ନାଥ ଅନ୍ନିମସନ ଫିଲ୍ମ ପ୍ରଦର୍ଶନ ସ୍ଥାନରେ ସ୍ଥାନୀୟ ଭକ୍ତ ମାନଙ୍କର ସହଯୋଗରେ ପ୍ରତିବାଦ ଓ ସଚେତନତା ସୃଷ୍ଟି କରାଯିବ।

୪)ଶ୍ରୀ ଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ପାଇଁ ଧର୍ମ ଗର୍ଜନ ସମାବେଶ ଆୟୋଜନ ହେବ

# ଆଚାର୍ଯ୍ୟ ବିନୋବା ଭାବେଙ୍କ ଜୟନ୍ତୀ ପାଳିତ



**ପୁରୀ (ବ୍ୟୁରୋ):** ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ସର୍ବୋଦୟନଗର ଠାରେ ଶୁକ୍ରବାର ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ଅବସରରେ ବିନୋ୍ୱାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ପରିଷଦ ପକ୍ଷରୁ ଆବାହକ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଜଳ, ଜମି ଓ ଜଙ୍ଗଲକୁ ନେଇ ଅନୁସୂଚୀତ ଜନଜାତିଙ୍କ ଆନ୍ଦୋଳନ ଓ ସରକାରଙ୍କ ସହଯୋଗରେ ବିନୋବା ଭାବେ ଗ୍ରାମଦାନ ମୂଳକ ଗ୍ରାମଦ୍ୟୋଗ ପ୍ରଧାନ ଅହିଂସାତ୍ମକ କ୍ରାନ୍ତିର ବାର୍ତ୍ତା ପ୍ରଚାର ପାଇଁ ଭାରତ ପଦଯାତ୍ରା ସମୟରେ ୨୯-୬-୧୯୫୫ ପରଠାରୁ ୨ ମାସ କାଳ କୋରାପୁଟରେ ରହିଥିବା ନଜିର ରହିଛି। ଏହି ସମୟ ମଧ୍ୟରେ ଭୂଦାନ ଯଜ୍ଞ କମିଟି କୋରାପୁଟରେ ୧୩ ହଜାର ଦାତାଙ୍କ ଠାରୁ ୧୮୧ ଗ୍ରାମଦାନ ଏବଂ ୭୮ ହଜାର ଏକର ଜମି ପାଇଥିଲେ । କଟକ, ବାଲେଶ୍ୱର ଏବଂ ସମ୍ବଲପୁରର ଶତାଧିକ ଭୂଦାନ କର୍ମୀ କୋରାପୁଟରେ କାର୍ଯ୍ୟ କରିଥିଲେ । କୋରାପୁଟରେ ଚାଲିଥିବା ଭୂଦାନ ଆନ୍ଦୋଳନ ସମଗ୍ର ଦେଶକୁ ପ୍ରେରଣା ଦେଇଥିଲା ।ସେତେବେଳେ ଡ୍ରୁମୁରିରିପଦର ଠାରେ ଅନୁଷ୍ଠିତ ଏକ ସଭାରେ ବିନୋବା ମନ୍ତବ୍ୟ ଦେଇ କହିଥିଲେ ଯେ, କୋରାପୁଟରେ ୨ ଶହ ଗାଁର ଗ୍ରାମବାସୀମାନେ ସେମାନଙ୍କର ସମସ୍ତ ଜମି ଭୂଦାନକୁ ଦାନ କରିଛନ୍ତି ଓ ସେମାନଙ୍କ ଗ୍ରାମରେ କେହି ଭୂମିହୀନ ରହିବେ ନାହିଁ । ତେବେ ୧୯୫୫ ରେ ବିନୋବା ଭାବେ ଓଡ଼ିଶା ଛାଡ଼ିବା ବେଳକୁ ଓଡ଼ିଶାରେ ୮୧୨ ଗ୍ରାମ ଦାନ ଗ୍ରାମ ଥିଲା ଯେଉଁଥିରୁ ୬୦୫ ଟି କେବଳ କୋରାପୁଟ ଜିଲ୍ଲାର ଥିଲା । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ , ଗୌରାଙ୍ଗ ଚରଣ ପରିଡ଼ା,ପ୍ରାଧାପକ କାର୍ତ୍ତିକ କୁମାର ଦାସ, ଆଇନଜୀବୀ ଭାଗବତ ପ୍ରସାଦ ପଟ୍ଟନାୟକ, ଇଂ ଗିରିଜା ଶଙ୍କର ପାଢ଼ୀ,ସର୍ବୋଦୟ ନଗର ସଭାପତି ଶରତ ଚନ୍ଦ୍ର ପ୍ରଧାନ,ସନ୍ତୋଷ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ରାଉତ,ବନମାଳି ପୃଷ୍ଟି, ପ୍ରାକ୍ତନ ପୋଲିସ ଅଧିକାରୀ ଦେବେନ ଦାଶ , ରାଜ କିଶୋର ସାହୁ, ଶଙ୍କର ବାରିକ, ସଞ୍ଜୟ କୁମାର ଦାସ,ବିଜୟ କୁମାର ପଣ୍ଡା,କିଶୋର ଚନ୍ଦ୍ର ପଟ୍ଟନାୟକ, ଗୋଲକ ଚନ୍ଦ୍ର ଜେନା, ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

### ■ ବିଶ୍ୱନିୟନ୍ତାଙ୍କ ରଥସେବା ସମ୍ମାନ

# ସେବା ଓ ସମର୍ପଣ ପାଇଁ କୃତଜ୍ଞତା ଆବଶ୍ୟକତା



**ପୁରୀ (ବ୍ୟୁରୋ):** ଯେଉଁମାନେ ବିଶ୍ୱନିୟନ୍ତାଙ୍କ ରଥଯାତ୍ରା କୁ ନିଜର ସେବା ଓ ସମର୍ପଣ ଦ୍ୱାରା ସଫଳ କରନ୍ତି, ସେମାନଙ୍କ ପାଖରେ ଏହି ଜାତି କୃତଜ୍ଞତା ଜ୍ଞାପନ କରିବା ଏକ ଆବଶ୍ୟକତା ବୋଲି କହିଛନ୍ତି ଆଇନ, ଅବକାରୀ ଓ ନିର୍ମାଣ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ- ହରିଚନ୍ଦନ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ପୁରୀ ଟାଉନହଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଷଷ୍ଠତମ ସମ୍ମାନ ପ୍ରଦାନ ଉତ୍ସବରେ ଭାବେ ଯୋଗ ଦେଇ ମନ୍ତ୍ରୀ ହରିଚନ୍ଦନ କହିଥିଲେ ଯେ ଆଗାମୀ ବର୍ଷ ସରକାରଙ୍କ ସହଯୋଗ ରେ ଏପରି ସମ୍ମାନ ପ୍ରଦାନ କରାଯିବା ସହିତ ସେବାୟତ ଓ ବିଶ୍ୱକର୍ମାଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତା ଓ ସଂପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନା ଓ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାଂସଦ ଡକ୍ଟର ସମ୍ବିତ ପାତ୍ର, ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ କହିଥିଲେ ଯେ ଶ୍ରୀଶ୍ରୀକ୍ଷେତ୍ର ସୂଚନା ର ଏହି ଉଦ୍ୟମ ଓ ସଫଳ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ, କେନ୍ଦ୍ରୀୟ ରେଞ୍ଜ ପୋଲିସ ମହାନୀରିକ୍ଷକ ଡକ୍ଟର ସତ୍ୟଜିତ ନାୟକ,ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମଧୁସୂଦନ ସିଂହାରୀ, ବଳରାମ କୋଟ ମହନ୍ତ ରଘୁବୀର ଦାସ, ଅନୁଷ୍ଠାନର ଉପଦେଷ୍ଟା ତଥା ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସଦସ୍ୟ ଡକ୍ଟର ବଦ୍ରି ମିଶ୍ର, ସେବାୟତ ମାଧବଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ରାମଚନ୍ଦ୍ର ଦାସ ମହାପାତ୍ର, ଭଗବାନ ସୁଆର,ତଳୁଛ ନୀଳକଣ୍ଠ ମହାପାତ୍ର ଯୋଗଦାନ କରି ରଥଯାତ୍ରା ସୁପରିଚାଳନାରେ ସମସ୍ତ ସେବାୟତ,ରଥ ବିଶ୍ୱକର୍ମା, ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ, ଓଡ଼ିଶା ର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ପୁରୀ ସହରବାସୀଙ୍କ ତ୍ୟାଗ ଓ ସମର୍ପଣ ଠାରେ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ବିଶ୍ୱନାଥ ମିଶ୍ର, ଶ୍ୟାମପ୍ରକାଶ ସେନାପତି ଓ ରିତେଶ ମହାନ୍ତି ସଞ୍ଚାଳନ କରିଥିବା ବେଳେ ମଧୁସୂଦନ ମିଶ୍ର, ହେକ୍ଟର ମିଶ୍ର, ଭବାନୀ ପ୍ରସାଦ ସାହୁ ଓ ଉପାଧକ୍ଷ ଭରତ କୁମାର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଏକଦିବସୀୟ ପ୍ରାକୃତିକ କାରୁକଳା ଶିବିର

**ପୁରୀ (ବ୍ୟୁରୋ):** ଗୋରୁଆଳ ସ୍ଥିତ ନୂଆପାଟଣା ଠାରେ ଓଡ଼ିଶା କଲେଜ ଅଫ୍ ଆର୍ଟ୍ ଆଣ୍ଡ କ୍ରାଫ୍ଟସ୍ କାପାସିଟ ବିଲିଡିଙ୍ଗ କାର୍ଯ୍ୟକ୍ରମ ନାଚୁରାଲ କ୍ରାଫ୍ଟସ୍ ଆଣ୍ଡ ଇକୋ ଫ୍ରେଣ୍ଡଲି ଇନଭାଇଟ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମଟି ଇମପିଲିମେଣ୍ଟିଙ୍ଗ୍ ଏଜେନ୍ସୀ , ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଏବଂ ସେଣ୍ଟର ଫର ପରିବେଶ ଷ୍ଟଡିଜ ଙ୍କ ମିଳିତ ସହଯୋଗରେ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।ଏହି ଏକଦିବସୀୟ ପ୍ରଶିକ୍ଷଣରେ ୫୦ ଜଣ ସରକାରୀ ଉଚ୍ଚବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାଟି ତଥା ପ୍ରାକୃତିକ ଉପାଦାନକୁ ବ୍ୟବହାର କରି ପରିବେଶ ଅନୁକୂଳ ହସ୍ତଶିଳ୍ପ ଓ ସୃଜନଶୀଳ କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।ଏଥିରେ ଆଗକୁଥିବା ଗଣେଶ ପୂଜାକୁ ଲକ୍ଷ କରି ମାଟି ର ଗଣେଷ, କପଡ଼ା, ବିଭିନ୍ନ ପ୍ରକାରର ଶସ୍ୟ ଓ ବୀଜ, କାଗଜ ଓ ପତ୍ର, ଦ୍ୱାରା ନିର୍ମିତ ନୂତନ କୌଶଳ ର ମୂର୍ତ୍ତିମାନ କଳା ମହିବିଦ୍ୟାଳୟର ଅଧାପକ ମାନଙ୍କ ଦ୍ୱାରା ଶିକ୍ଷକ ମାନଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିଲା। ଅତିଥି ଭାବେ ସିଇଏସ ର କୋଡିନେଟର ପ୍ରଭାତ ଦାସ୍ , ସିଇଏସ ର ସୂଚନା ଅଧିକାରୀ ପ୍ରଶାନ୍ତ ନାୟକ ଯୋଗଦାନ କରିଥିଲେ। ମହାବିଦ୍ୟାଳୟ ର ଅଧକ୍ଷ ଡକ୍ଟର ଦୁର୍ଗା ମାଧବ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଶିକ୍ଷକ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଓଡ଼ିଆ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଦୁର୍ଗା ମାଧବ କର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଖାଦ୍ୟ ସୁରକ୍ଷା ଯାଞ୍ଚ, ୧୨ ହଜାର ଟଙ୍କା ଫାଇନ୍



**ପୁରୀ (ବ୍ୟୁରୋ):** ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ମହାନଗର ନିଗମ ଅନ୍ତର୍ଗତ ବଡ଼ଶଙ୍ଖ, ରେଡକ୍ରସ ରୋଡ, ମାର୍କେଟ ଛକରେ ଥିବା ବିଭିନ୍ନ ଫଳ ଗୋଦାମ, ଫଳ ଖୁଚୁରା ବିକ୍ରେତା ଏବଂ ମିଠା ଦୋକାନରେ ତପସ୍ୱିନୀ ବେହେରା (ନିଯୁକ୍ତ ଅଧିକାରୀ ଖାଦ୍ୟ ସୁରକ୍ଷା), ବେଦଶ୍ରୀ ସାହୁ (ଖାଦ୍ୟ ସୁରକ୍ଷା ଅଧିକାରୀ)ଙ୍କ ଦ୍ୱାରା ଖାଦ୍ୟ ସୁରକ୍ଷା ଏବଂ ମାନକ ଆଇନ, ୨୦୨୬ ର ବ୍ୟବସ୍ଥା ଏବଂ ଏହା ଅଧୀନରେ ପ୍ରଣୀତ ନିୟମ ଏବଂ ନିୟମାବଳୀର ପାଳନ ସୁନିଶ୍ଚିତ କରିବା ପାଇଁ ଏକ ଖାଦ୍ୟ ସୁରକ୍ଷା ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ, ପାଚିବା ପାଇଁ ଫଳ ଉପରେ ସିଧାସଳଖ କୃତ୍ରିମ ପାଚିବା ଏଜେଣ୍ଟ ବା କେମିକାଲସ ବ୍ୟବହାର କରାଯାଉଥିବା ଜଣାପଡ଼ିଥିଲା। ମାନବ ଖାଦ୍ୟ ପାଇଁ ଅନୁପଯୁକ୍ତ ବୋଲି ଜଣାପଡ଼ିଥିବା ୨୦ କିଲୋଗ୍ରାମ କଦଳୀ ଜବତ କରାଯାଇ ଉପଯୁକ୍ତ ପ୍ରକ୍ରିୟା ଅନୁଯାୟୀ ନଷ୍ଟ କରାଯାଇଥିଲା। ସମ୍ପୃକ୍ତ ଖାଦ୍ୟ ବ୍ୟବସାୟ ପରିଚାଳକମାନଙ୍କୁ ଅନଧିକୃତ/ଅସୁରକ୍ଷିତ ପାଚିବା ଏଜେଣ୍ଟ ବା କେମିକାଲସ ବ୍ୟବହାରରୁ ବିରତ ରହିବା ଏବଂ ନିର୍ଦ୍ଧାରିତ ଖାଦ୍ୟ ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତା ଆବଶ୍ୟକତା ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ଖାଦ୍ୟ ସୁରକ୍ଷା ଆବଶ୍ୟକତା ଉଲ୍ଲଂଘନ ପାଇଁ, ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଏଫବିଓ (ଗୁଡ଼ିକ) ଉପରେ ୧୨ ହଜାର ଟଙ୍କା ମାତ୍ର ଜରିମାନା ଲାଗୁ କରାଯାଇଥିଲା।

# ଜିଲ୍ଲା କଂଗ୍ରେସ ସେବାଦଳ ମୁଖ୍ୟ ଭାବେ ଅବିନାଶ ମିଶ୍ର ମନୋନୀତ



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା କଂଗ୍ରେସ ସେବାଦଳ ର ମୁଖ୍ୟ ସଂଯୋଜକ ହେଲେ ଅବିନାଶ ମିଶ୍ର । ଶ୍ରୀ ମିଶ୍ର ପୂର୍ବରୁ ସଦର ବ୍ଲକ କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ଥିଲେ । ଦଳ ତାଙ୍କୁ ପୂନର୍ବାର ଭରସା କରି ଏହି ଗୁରୁଦାୟିତ୍ୱଟି ଦେଇଛି ଏହି ପରିପେକ୍ଷୀରେ ଶ୍ରୀ ମିଶ୍ର ରାଜ୍ୟ କଂଗ୍ରେସ ର ସଭାପତି ଭକ୍ତ ଚରଣ ଦାସ, ସେବାଦଳ ରାଷ୍ଟ୍ରୀୟ ମୁଖ୍ୟ ବିଭୀ ଶ୍ରୀନିବାସ, ରାଜ୍ୟ ସେବାଦଳର ମୁଖ୍ୟ ଶୁଭେନ୍ଦୁ ମହାନ୍ତି, ଜିଲ୍ଲା କଂଗ୍ରେସ ସଭାପତି ରାଜେଶ ମିଶ୍ର, ପୂର୍ବତନ ସେବାଦଳ ଜିଲ୍ଲା ମୁଖ୍ୟ ଉମାପଦ ମିଶ୍ର, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଓ ଟୀକା ପଟ୍ଟନାୟକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି । ସେ ଯେଉଁ ଗୁରୁଦାୟିତ୍ୱ ନେଇଛନ୍ତି ସେଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିବା ସହ ନିଜ ଦାଇତ୍ୱକୁ ସୂଚାରୁ ରୂପେ ତୁଲାଇବେ ବୋଲି ପ୍ରତିଶୃତି ଦେଇଛନ୍ତି ।

# ସର୍ବନିମ୍ନ ଦରମା ପାଇଁ ଗାଁ ସାଥୀଙ୍କ ଦାବିପତ୍ର



**ପୁରୀ (ବ୍ୟୁରୋ):** ରାଜ୍ୟ ଗାଁ ସାଥୀ ( ମେଟ ) ମଜଦୂର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ ସଭାପତି କୁଳମଣି ମେଣ୍ଟା ଓ ସମ୍ପାଦକ ସଚ୍ଚିକାନ୍ତ ବେହେରା, ପବିତ୍ର ସୁନ୍ଦରାଏ ,ତପନ କୁମାର ମହାନ୍ତିଙ୍କ ନେତୃତ୍ୱରେ ସୁବାଷ ବୋଷ ଛକ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ଯାଇ ସଂଘର ସଦସ୍ୟମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ୧୮ବର୍ଷ ଧରି ସର୍ବାଧିକ ଶିକ୍ଷାଗତ ଯୋଗ୍ୟତା ଆଧାରରେ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇ ସରକାରଙ୍କ କାର୍ଯ୍ୟକୁ ସଫଳ ରୂପାୟନ କରି ସରକାରୀ ମାନ୍ୟତା ଏବଂ ଦରମା ପାଇଁ ସରକାରଙ୍କ ପାଖରେ ବାରମ୍ବାର ଦାବି ରଖୁଥିଲେ ମଧ୍ୟ ଅଦ୍ୟାବଧି ତାହା ପୂରଣ ହୋଇପାରିନାହିଁ । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଆମ୍ଭ ମାନଙ୍କ ପାଇଁ ଦରମା ଓ ସରକାରୀ ମାନ୍ୟତା ଦେବା ପାଇଁ ଦେଇଥିବା ଦୃଢ ପ୍ରତିଶ୍ରୁତି ଆମ୍ଭ ଗାଁ ସାଥି (ମେଟ) ମାନଙ୍କୁ ନୂତନ ଆଶାର କିରଣ ପ୍ରଦାନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ପୂରଣ ହୋଇପାରିନାହିଁ ।

# ଗୋପାଳ ଦାଦାଙ୍କ ଷୋହଳ ହଜାର



ଜୟଶ୍ରୀ ମୁଦ୍ରା



ପୁରୀ ବଡ଼ଦାଣ୍ଡର ଛକରେ ବସେ ଗୋପାଳ ଦାଦା । ବୟସ ୬୨, କିନ୍ତୁ ହାତରେ ଗୋଟେ ଝକଝକ୍ ସ୍ମାର୍ଟଫୋନ୍। ଲୋକେ ପଚାରନ୍ତି, 'ଦାଦା ଭିକ୍ଷା କରୁଛ, ପୁଣି ଏତେ ଦାମୀ ଫୋନ୍ ? ଗୋପାଳ ଦାଦା ହସି ହସି କୁହନ୍ତି, 'ଆରେ ବାବୁ, ଏଇଟା ମୋର ବ୍ୟାଙ୍କ୍। ଜଣେ ଦାତାବାବୁ ପ୍ରତି ମାସରେ ୬୦୦ ଟଙ୍କା ପଠାନ୍ତି। ଟଙ୍କା ରଖିବାକୁ ସେ ମୋତେ ଏଇ ଫୋନ୍ ଟା ଦେଇଛନ୍ତି । PhonePe ରେ ଆସେ। ମୁଁ ବି ଦିନକୁ ଯାହା ପାଏ, ଜମା କରେ। ଷୋଳ ହଜାର ହୋଇସାରିଲାଣି। ବୁଢ଼ା ହେଲେ କାମକୁ ଆସିବ।'
ଗୋପାଳ ଦାଦାଙ୍କର ଗୋଟେ ଅଭ୍ୟାସ। ସଞ୍ଜ ହେଲେ ଫୋନ୍ ଖୋଲି ସନ୍ତୁଳନ ଦେଖିବେ। ଆଉ କହିବେ, 'ଜୟ ଜଗନ୍ନାଥ, ଆଜି ଆଉ ୨୦୦ ବଢ଼ିଲା।'

ଗୋଟେ ଦିନ ସକାଳୁ ଫୋନ୍ ବାଜିଲା। ଓଲଟା ପଟୁ ଗୋଟେ ସୁନ୍ଦର ମାଡାମ୍ ଙ୍କ ସ୍ୱର, 'ନମସ୍ତେ ଦାଦା, ମୁଁ SBI ରୁ କହୁଛି। ଆପଣଙ୍କ ଆଧାର କାର୍ଡ ଲିଙ୍କ୍ ହେଉନି। ନହେଲେ ଆକାଉଣ୍ଟ୍ ବନ୍ଦ ହୋଇଯିବ। ଗୋଟେ OTP ଯିବ, ସେଇଟା କୁହନ୍ତୁ। ଜଲଦି।'ଗୋପାଳ ଦାଦା ଘାବରେଇ ଗଲେ। 'ମୋ ଟଙ୍କା ବନ୍ଦ ହେଇଯିବ ?'
OTP ଆସିଲା, ସେ ବି କହିଦେଲେ। ଦେଢ଼ ଘଣ୍ଟା ପରେ ପୁଣି ମେସେଜ୍। '୧୬,୦୦୦ ଡେବିଟ୍ ହେଲା।' ଡେବିଟି କଣ ଜାଣିବା ପାଇଁ ସେ ଆଗ ଦୌଡ଼ି ଗଲେ ବ୍ୟାଙ୍କ୍। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରୁ ଡେବିଟି କଥା ଜାଣିଲା ପରେ ଦାଦାଙ୍କ ମୁଣ୍ଡ ଘୁରିଗଲା। ତାପରେ ଗଲେ ସାଇବର ଥାନା ।
ପ୍ରଥମ ଦିନ - 'ଫର୍ମ ଭର।'
ଦ୍ୱିତୀୟ ଦିନ - 'ଆଧାର ଜେରକ୍ସ ଆଣ।'
ତୃତୀୟ ଦିନ - 'ସାର୍ ମିଟିଂ ରେ ଅଛନ୍ତି।'
ଚତୁର୍ଥ ଦିନ - ଖରାରେ ଚାଲି ଚାଲି ଦାଦାଙ୍କ ଗୋଡ଼ ଫୁଲିଗଲା। କିନ୍ତୁ ଟଙ୍କା ଫେରିଲାନି। ଛିଣ୍ଡା ଚପଲ, କାଖରେ ଫଟା ଛତା,ଚିରା ଲୁଗାପଟାକୁ ଦେଖି ପଞ୍ଚମ ଦିନ ଥାନାର SI ସାର୍ ତାଙ୍କୁ ଡାକିଲେ। ପଚାରିଲେ, 'ତୁ ଭିକ୍ଷା କରୁ, ପୁଣି ୧୬ ହଜାର କେମିତି ଜମା କଲୁ ?'ଗୋପାଳ ଦାଦା ଲୁହ ପୋଛି କହିଲେ, 'ବାବୁ, ପେଟ ପାଇଁ ଭିକ୍ଷା କରେ। କିନ୍ତୁ ମରିବା ପୂର୍ବରୁ ଦୁଇ ଟଙ୍କା ଜମା କରି ରଖିବାର ଇଛା ଥିଲା। ଜଣେ ଦାତା ମୋତେ ସବୁ ମାସରେ କିଛି ଖାଦ୍ୟ ଆଉ ବସ୍ତ୍ର ଦିଅନ୍ତି। ସେ ସବୁ ମାସରେ ଆସି ପାରିଲେନି। ସେଇ ଦାତା ବାବୁ କହିଥିଲେ ଫୋନ୍ ରେ ଟଙ୍କା ସୁରକ୍ଷିତ। ମୋତେ ସେ ଏଇ ଫୋନ ଟି ଦେଇଥିଲେ। ଏଇ ଫୋନ୍ ରେ ସବୁ ମାସରେ ଟଙ୍କା ଭରି ଦଉଥିଲେ ଆଉ ମୁଁ ବି ଯାହା ଭିକ୍ଷା କରେ କିଛି ସଂଚୟ କରେ। ଏବେ ତ ସବୁ ଗଲା। ପାଖରେ ଚା ପିଇବାକୁ ବି ୧୦ ଟଙ୍କା ନାହିଁ।'SI ସାର୍ ଙ୍କ ଆଖି ତରବର। ସେ ନିଜ ପକେଟ୍ ରୁ ୫୦୦ ଟଙ୍କା ବାହାର କରି ଦାଦାଙ୍କ ହାତରେ ଦେଇ କହିଲେ,'ଦାଦା ଏଇଟା ରଖ। ଆଉ ଶୁଣ, ମନେ ରଖ।

ବ୍ୟାଙ୍କ୍ କେବେ ବି OTP ମାଗେନି। ଜଲଦି କର ବୋଲି କେହି କହିଲେ ବୁଝିଯାଅ ସେ ଠକ। ଟଙ୍କା ଯଦି ଯାଇସାରିଛି ତେବେ ଯାଉ, କିନ୍ତୁ ବୁଦ୍ଧିଟା ବଞ୍ଚିଯାଉ। ଘରକୁ ଯାଅ।'ଗୋପାଳ ଦାଦା ସେଦିନ ଠାରୁ ବଡ଼ଦାଣ୍ଡରେ ବସି କେବଳ ଭିକ୍ଷା ମାଗନ୍ତିନି। ଯେଉଁ ମାସୀ, ଯେଉଁ ଭାଇ, ଯେଉଁ ପିଲା ଆସୁନା କାହିଁକି, ସମସ୍ତଙ୍କୁ ସେ କୁହନ୍ତି–
'ବେଟା ମୋ କଥା ଶୁଣ। କେହି OTP ମାଗିଲେ କାହାକୁ କହିବନି । ମୋର ଷୋହଳ ହଜାର ଗଲା, ତୁମର ଯେମିତି ନ ଯାଉ।'
ଲୋକେ ଏବେ ତାଙ୍କୁ 'ସାଇବର ଗୋପାଳ ଦାଦା' ବୋଲି ଡାକନ୍ତି।

*ଉପସ୍ଥାପିକା, ଆକାଶବାଣୀ, ପୁରୀ*
*ମୋ: ୯୮୬୧୦୧୭୦୭୮*

# ମଧ୍ୟବିତ୍ତର କାହାଣୀ



ସରୋଜ ରଞ୍ଜନ ମହାନ୍ତି

ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିବା ଏକ ଐଶ୍ୱରୀୟ ଆଶୀର୍ବାଦ, କାରଣ ପ୍ରତି ମୂହୁର୍ତ୍ତରେ ସଂଘର୍ଷ କରି କରି ନିଜ ମାନବ ଜନ୍ମ କୁ ସାର୍ଥକ କରିବାର ଅପୂର୍ବ ସୁଯୋଗ ମିଳିଥାଏ ।

ମଧ୍ୟବିତ୍ତ ଆଖିରେ ଆଖିଏ ସ୍ୱପ୍ନ । ପିଲାଙ୍କୁ ଭଲ ପାଠ ପଢେଇବ, ଭଲ ଘର କରିବ, ଗାଡ଼ି କରିବ ଏବଂ ଟିକେ ଭଲରେ ଚଳିବ । କେତେଜଣ ସ୍ୱପ୍ନ ପୂରଣ କରିବାରେ ସଫଳ ହୁଅନ୍ତି ଆଉ କେତେଜଣ ଏସବୁ ସ୍ୱପ୍ନ କୁ ପୂରଣ କରିବାକୁ ଯାଇ ଋଣ ଜାଲରେ ଛନ୍ଦି ହୋଇ ଛଟପଟ ହୁଅନ୍ତି । ନା ସେମାନେ ତଳକୁ ଯାଇ ଜୀବନ ସହିତ ବୁଝାମଣା କରିପାରନ୍ତି ନା ଧନୀକ ର ଜୀବନ ଉପଭୋଗ କରିପାରନ୍ତି ।

ସବୁବେଳେ ବଡଲୋକ ହେବା ପାଇଁ ସ୍ୱପ୍ନ ଦେଖନ୍ତି । ପିଲାଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବାକୁ ଯାଇ ନିଜ ରୋଜଗାରର ବଡ଼ଅଂଶ ଖର୍ଚ୍ଚ କରିଦିଅନ୍ତି । ପିଲାଟି ବଡ଼ ହୋଇ ଭଲ ଚାକିରୀ ଖଣ୍ଡେ ପାଇଲା ତେବେ ଭଲ କଥା । ଯଦି ଚାକିରି ନକରି ନିଜ ଗୋଡ଼ରେ ନିଜେ ଠିଆ ହେବାପାଇଁ ବ୍ୟବସାୟ କରିବାକୁ ମନ ବଳାଇଲା ତେବେ ପରିବାର ପାଇଁ ମୁଣ୍ଡ ଉପରେ ଖଣ୍ଡା ଝୁଲିବା ପରିସ୍ଥିତି । କାରଣ ବର୍ତ୍ତମାନ ପରିପ୍ରେକ୍ଷୀରେ ବିନା ମୂଳଧନ ରେ କେବଳ ପରିଶ୍ରମ ଏବଂ ବୁଦ୍ଧି ଖଟାଇ ସଫଳ ବ୍ୟାବସାୟୀ ଟିଏ ହେବା କାଠିକର ପାଠ । ମଧ୍ୟବିତ୍ତ ଙ୍କୁ ସର୍ବଦା ଭୟ ଘାରିଥାଏଫ। କେତେବେଳେ ପ୍ରଶାସନ ର ଭୟ, କେତେବେଳେ ଆଇନ୍ ର ଭୟ ଏବଂ ବର୍ତ୍ତମାନ କର ବ୍ୟବସ୍ଥାରେ ପେଶି ହୋଇଯିବାର ଭୟ । ବଜାରରେ ଭଲ ନାମ ଏବଂ ସୁଯୋଗ ପାଇଁ ଯଦି କମ୍ପାନୀ ପଞ୍ଜିକରଣ କଲା ତେବେ ଲାଭ ନ ହେଉଣୁ ଚାଟାର୍ଡ ଆକାଉଣ୍ଟାଣ୍ଟ ଖର୍ଚ୍ଚ ର ଭୟ । ବର୍ତ୍ତମାନ ର ବ୍ୟବସ୍ଥାରେ ମଧ୍ୟବିତ୍ତ ପିଲାଟିଏ ବ୍ୟବସାୟ କରିବା କଷ୍ଟକର କିନ୍ତୁ ତା ମାନେ ନୁହେଁ ଯେ ମଧ୍ୟବିତ୍ତ ପିଲାମାନେ ସଫଳ ବ୍ୟବସାୟୀ ହୋଇନାହାନ୍ତି । ଆମ ବ୍ୟବସ୍ଥା ର ପ୍ରତିକୂଳ ପରିବେଶ ସହିତ ସଂଘର୍ଷ କରି ଅନେକ ସଫଳତା ର ଶୀର୍ଷ କୁ ଯାଇଛନ୍ତି ।

ବର୍ତ୍ତମାନ ଶାସନ ରେ ଗରିବ ପାଇଁ ସବୁପ୍ରକାର ସୁବିଧା କରାଯାଇଛି ଏବଂ ଧନୀକ ପାଇଁ ସବୁ ହାତ ପାଆନ୍ତାରେ କିନ୍ତୁ ବିଚରା ମଧ୍ୟବିତ୍ତ ଟି ତ୍ରିଶଙ୍କୁ ଅବସ୍ଥାରେ ପଡ଼ି ଛଟପଟ ହେଉଛି । ଦେଶ ଚଳିବାରେ ମଧ୍ୟବିତ୍ତ ର ଯୋଗଦାନ ବହୁତ କାରଣ ସେମାନଙ୍କ ସଂଖ୍ୟା ଅଧିକ ଏବଂ ଋଣ କରନ୍ତୁ ପଛକେ ଅଧିକ ବ୍ୟୟ କରନ୍ତି ଯାହା ଦ୍ୱାରା ଅନେକ ବ୍ୟବସାୟ ଚାଲେ ଏବଂ ଦେଶକୁ ଅଧିକ କର ମିଳେ । ଆମ ଶାସନ ବ୍ୟବସ୍ଥାରେ ମଧ୍ୟବିତ୍ତ କୁ ଆୟକରରେ କିଛିଟା ରିହାତି ଦିଆଯାଇଛି କିଛି ମାତ୍ରାରେ ତାର କ୍ରୟ କରିବାର କ୍ଷମତା ବୃଦ୍ଧି କରିବା ପାଇଁ ଯାହାକି ପରୋକ୍ଷରେ ଦେଶ ଚଳିବାରେ ସହାୟକ ହୁଏ । ମଧ୍ୟବିତ୍ତ ର ଜନ୍ମ ଦେଶ ଚଳିବାରେ ସହାୟକ ହେବାପାଇଁ ।

ମଧ୍ୟବିତ୍ତ ର ମୂଖ୍ୟ ଶତ୍ରୁ ହେଉଛି ତା ସ୍ୱପ୍ନ ଏବଂ ଉଚ୍ଚ ଆଶା । ଭଗବାନ ମଧ୍ୟ ବିତ୍ତ କରି ଜନ୍ମ ଦିଅନ୍ତୁ କିନ୍ତୁ ସ୍ୱପ୍ନ ନ ଦିଅନ୍ତୁ ।

*ଅପଣ୍ଡରା, ମାଛଗାଁ, ଜଗତସିଂହପୁର*
*ଫୋନ୍ - ୯୭୭୭୫୦୪୫୫୪*



# ସାମାଜିକ ଗଣମାଧ୍ୟମର ଅପବ୍ୟବହାର



ଅରବିନ୍ଦ ତ୍ରିପାଠୀ

ବତର୍ମାନ ସମୟରେ ସାମଜିକ ଗଣମାଧ୍ୟମର ବିନିଯୋଗ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରାସଙ୍ଗିକତା ବହନ କରୁଛି। ଗଣତନ୍ତ୍ରେର ସମସ୍ତଙ୍କର ସ୍ୱାଧୀନ ଭାବେ ମତବ୍ୟକ୍ତ କରିବାର ଅଧିକାର ଆମ ସମ୍ବିଧାନ ଆମକୁ ପ୍ରଦାନ କରିଛି। ସାଂପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମେର ନିଜର ମତ ତଥା ଅନ୍ୟ କୌଣସି ପ୍ରସଙ୍ଗ ଆମେ ଉପସ୍ଥାପିତ କଲା ସମୟରେ ଅତି ସାବଧାନ ଓ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ନିଜର ସୁରକ୍ଷା ସହିତ ରାଷ୍ଟ୍ରର ସମ୍ମାନ, ସ୍ୱାଭିମାନ ଓ ଅନ୍ୟ କାହାର ଯେପରି ମାନ ହାନୀ ନ ହୁଏ ସେଥିପ୍ରତି ସମେସ୍ତ ଦୃଷ୍ଟଦେବା ଆବଶ୍ୟକ। ମିଥ୍ୟା ଅାରୋପ, ପ୍ରତ୍ୟାରୋପ, ଅନ୍ୟ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା, ଅଶ୍ଳୀଳ ଭାଷା ପ୍ରେୟାଗ, ଚରିତ୍ର ସଂହାର କଲାପରି ଲେଖିବା ପ୍ରାୟତଃ ଦେଖା ଯାଉଛି। କିଛି ଗଣମାଧ୍ୟମ ସଂସ୍ଥା ଯିଏକି ନିଜକୁ ନିଜେ ଆମେ ଉତ୍ତମ ବୋଲି ଦଶର୍କଙ୍କୁ କହିବା ସହ ଉକ୍ତ କାର୍ଯ୍ୟ କଳାପର ଲିପ୍ତ ଥା'ନ୍ତି। ପ୍ରଶ୍ନ ଉଠୁଛି ! ଏହାର ପ୍ରତିକାର କ'ଣ ? ଆମ ଆଇନ ଅବା ନ୍ୟାୟ ବ୍ୟବସ୍ଥା କ'ଣ କହୁଛି ସରକାର ଏ ସମସ୍ତ ପ୍ରସଙ୍ଗେର ଅବଗତ ଅଛନ୍ତି ତ ? ଏମିତି ବହୁତ ପ୍ରଶ୍ନ ସ୍ୱଭାବିକ। ସାମାଜିକ ଗଣମାଧ୍ୟମରେ ମାନହାନୀ, କୁତ୍ସାରଟନା, ଅପମାନ ସୂଚକ ମନ୍ତବ୍ୟ ଆଇନ,ପ୍ରଯୁକ୍ତି ଆଇନ ପ୍ରଚଳିତ ହୋଇ ଆସୁଛି। ସାମ୍ପ୍ରତିକ ସମୟେର ନୂତନ ଭାବେ ପ୍ରଚଳିତ ଭାରତୀୟ ନ୍ୟାୟ ସଂହିତାର ଧାରା ୩୫୬ ଅନ୍ତଗର୍ତ ସାମାଜିକ ଗଣମାଧ୍ୟମେର ଯେ କୌଣସି ବ୍ୟକ୍ତିବିଶେଷ କାହା ବିରୋଧରେ କୌଣସି ଅପମାନ ସୂଚକ ମନ୍ତବ୍ୟ, ପୋଷ୍ଟ, ସେୟାର କଲେ ସର୍ବାଧିକ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସହ ଜୋରିମାନାର ବ୍ୟବସ୍ଥା ରହିଛି। ଆଇନ ବିଶେଷଙ୍କ ମତ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନର ଧାରା ୬୬ ଅନ୍ତଗର୍ତ କୌଣସି ବ୍ୟକ୍ତି ସାମାଜିକ ଗଣମାଧ୍ୟେମର ଅପମାନ ସୂଚକ ବା ମାନହାନୀ ପୂର୍ଣ୍ଣ ମନ୍ତବ୍ୟ, ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କେଲ ସର୍ବାଧିକ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ୫ଲକ୍ଷ ଟଙ୍କା ଜୋରିମାନା ପ୍ରାବଧାନ ରହିଛି। ଏହା ସହିତ ଚାପ୍ଟର ୨ ଅନ୍ତଗର୍ତ ଧାରା ୪୩ ଅନୁସାରେ ସାମାଜିକ ଗଣମାଧ୍ୟେମର ପୋଷ୍ଟ ପାଇଁ ବ୍ୟବହୃତ କମ୍ପ୍ୟୁଟର ମାଲିକର ବିନା ଅନୁମତିରେ ଦେଖିଲେ ଅବା ଡାଟା ଡାଉନେଲାଡ଼ କେଲ, ହେରେଫର କେଲ, ଭାଇରସକୁ ପ୍ରବେଶ କରାଇବା ଭଳି ଘୃଣ୍ୟ କାମ କେଲଏକ କୋଟି ଟଙ୍କା ଅର୍ଥରାଶି ଜୋରିମାନାର ପ୍ରାବଧାନ ରହିଛି।

ବହୁ ଧାରା ରହିଥିଲେ ମଧ ସାଧାରଣ ନାଗରିକ ଏ ସମ୍ପକର୍ରେ ବିଶେଷଭାବେ ଅବଗତ ନ ଥାନ୍ତି। ସରକାର ବତର୍ମାନ ଏହା ବିରୋଧରେ କଠିନ

ଦଣ୍ଡ ବ୍ୟବସ୍ଥା ଓ ବିଶେଷ ଆଇନ ଆଣିବାକୁ କହିଲେ ମଧ ଏହାର ସଠିକ କାର୍ଯ୍ୟକାରିତାକୁ ନେଇ ଅେନକ ପ୍ରଶ୍ନ ସୃଷ୍ଟି ହେଉଛି। ଯେକୌଣସି ପ୍ରସଙ୍ଗ ଉପସ୍ଥାପନ କରିବା ପୂବର୍ରୁ ତାହାର ସତ୍ୟତା ସମ୍ପୂର୍ଣ୍ଣରୂେପ ବିଚାର କରିବା ନିହାତି ଆବଶ୍ୟକ। ବିଶେଷ ଭବେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମ୍ପକର୍ରେ କୌଣସି ଗୁରୁତ୍ୱପୂର୍ଣ୍ଣ,ସମ୍ବେଦନଶୀଳ ପ୍ରସଙ୍ଗରେ ଖାମଖିଆଲି ଢଙ୍ଗରେ ଉପସ୍ଥାପନ ନ କରି ସଠିକ ଭାବେ ସତ୍ୟତା ଓ ପ୍ରସଙ୍ଗଟି କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପରେ ନସ୍ଥିତି ଦୃଷ୍ଟି ନିକ୍ଷେପ କରି ବଶ୍ଲେିଷଣ ଅବା ଲେଖିବା ଆବଶ୍ୟକ। କୌଣସି ନିଦ୍ଦିର୍ଷ୍ଟ ଧର୍ମ, ଜାତି, ସମ୍ପ୍ରଦାୟ ଉପରେ ଆକ୍ଷେପ କରାଯିବା ସମ୍ପୂର୍ଣ୍ଣ ଭାବେ ବଜର୍ନୀୟ ହେବା ସହିତ ରାଜ୍ୟ ତଥା ଆମ ରାଷ୍ଟ୍ରରେ ଶାନ୍ତି, ସଦଭାବନା, ଭାତୃଭାବ, ସଂସ୍କୃତି, ଐତିହ୍ୟ ପ୍ରମୁଖକୁ ଗୁରୁତ୍ୱ ପ୍ରଦାନ କରି ସେ ଦିଗେର ଉକ୍ତ ସାମାଜିକ ଗଣମାଧ୍ୟମ ରେ ଚର୍ଚ୍ଚା ହେବା ଶୁଭଙ୍କର ହେବ। ବିଶେଷ ଭାବେ ପିତାମାତା ଓ ଅଭିଭାବକଙ୍କ ଭୂମିକା ବେଶୀ ରହିଥାଏ। ପିଲାମାନଙ୍କୁ




ସାମାଜକ ଗଣମାଧ୍ୟମରେ ଚରତ୍ର ସଂହାର ଧତବ୍ୟ ଅପରାଧ।

ସାମାଜିକ ଗଣମାଧ୍ୟମ ରେ ମିଥ୍ୟା ଆରୋପ, ପ୍ରତ୍ୟାରୋପ,ଅନ୍ୟ ବିରୋଧରେ ଆପତିଜନକ ମନ୍ତବ୍ୟ ଦେବା, ଅଶ୍ଳୀଳ ଭାଷା ପ୍ରୟୋଗର, ଚରିତ୍ର ସଂହାର କଲାପରି ଲେଖିବା ପ୍ରାୟତଃ ଦେଖା ଯାଉଛି। କୌଣସି ନିଦ୍ଦିର୍ଷ୍ଟ ଧମ, ଜାତି, ସମ୍ପ୍ରଦାୟ ଉପେର ଆକ୍ଷେପ କରାଯିବା ସମ୍ପୂର୍ଣ୍ଣ ଭାବେ ବଜର୍ନୀୟ ହେବା ସହିତ ରାଜ୍ୟ ତଥା ଆମ ରାଷ୍ଟ୍ରରେ ଶାନ୍ତି, ସଦଭାବନା, ଭାତୃଭାବ, ସଂସ୍କୃତି, ଐତିହ୍ୟ ପ୍ରମୁଖକୁ ଗୁରୁତ୍ୱ ପ୍ରଦାନ କରି ସେ ଦିଗରେ ଉକ୍ତ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେବା ଶୁଭଙ୍କର ହେବ। ବିଶେଷ ଭାବେ ପିତାମାତା ଓ ଅଭିଭାବକଙ୍କ ଶିକ୍ଷାଦେବା ସହିତ ସାମାଜିକ ଗଣମାଧ୍ୟମେର ସୁ ବ୍ୟବହାର ଉପରେ ବିଶକ୍ଷେ ଧ୍ୟାନ ଦେବା ଆବଶ୍ୟକ। ନିକଟରେ ଦେଖା ଯାଇଥିଲା ଜଣେ ବିଶିଷ୍ଟ ରାଜନେତାଙ୍କ ମୃତ୍ୟୁ ଖବରକୁ କେତକ ଗଣମାଧ୍ୟମ ଅତିରଞ୍ଜିତ, ମିଥ୍ୟା ଓ ମନଗଢ଼ା କାହାଣୀର ରୂପ ଦେଇ ପ୍ରସାରଣ କେଲ।

ଦୁଇବର୍ଷ ପରୂ୍ବେ ଗଣମାଧ୍ୟମ ଓ ପୁଜ୍ୟପୂଜା ସିଥ୍ୟା, ମନଗଢ଼ା କାହାଣୀ ଲେଖାର ପୋଷ୍ଟ କରି ତାଙ୍କ ଚରିତ୍ର ସଂହାର କଲା ପରି ଘୃଣ୍ୟ କାର୍ଯ୍ୟ କରିଥିଲା। କୌଣସି ସତ୍ୟତା ଓ ପ୍ରାମାଣିକତା ନଥାଇ ପୋଷ୍ଟ କରିବା ଏକ ମ କାଗଜ କଲମରେ ସୀମିତ ହେବା ଦେଖା ଦେଉଛି ଅଧିକାଂଶ କ୍ଷେତ୍ରେର। ଯଦି ରାଜ୍ୟ ଅବା କେନ୍ଦ୍ର ସରକାର ଆଇନ ଯାହା କହୁଛି ତାହା ଯଦି ଦୃଢ଼, ନିଷ୍ଠା, ଆନ୍ତରିକତା ସହିତ କାର୍ଯ୍ୟକରିବାକୁ ଚେଷ୍ଟା କରନ୍ତେ ତେବେ କୌଣସି ବ୍ୟକ୍ତି ବିଶେଷ ମାନହାନୀ ପୂର୍ଣ୍ଣ ପୋଷ୍ଟ କରିବାକୁ ସାହସ କରନ୍ତେ ନାହିଁ। ଅବଶ୍ୟ କିଛି ସ୍ୱଳ୍ପ ସଂଖ୍ୟକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଆମ ସଂସ୍କୃତି, ପରମ୍ପରା, କଳା ତଥା ସେଇ ସମ୍ପର୍କୀୟ ବିବରଣୀ ପ୍ରଦାନ କରିବାର ଦେଖାଯାଏ। ଆମ ଓଡ଼ିଶା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରବଚକ ବିରେନ୍ଦ୍ର ପଣ୍ଡା, ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ, ବରିଷ୍ଠ ସ୍ତମ୍ଭକାର ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ନିରଂଜନ ସାହୁଙ୍କ ସହିତ କିଛି ସ୍ୱଳ୍ପ ବ୍ୟକ୍ତି ବିଶେଷ ପୂଜ୍ୟପୂଜା ଓ ବରପୁତ୍ରଙ୍କୁ ସମ୍ମାନପୂର୍ବକ ଲେଖନୀ ଦ୍ୱାରା ଓଡ଼ିଶାର ସମ୍ମାନ ଓ ଗୌରବକୁ ବୃଦ୍ଧି କରିବାରେ ସାହାଯ୍ୟ କରିଆସୁଛନ୍ତି। ନିୟମିତ ଭାବେ ବରପୁତ୍ର ଓ ଆମ ମହାପୁରୁଷଙ୍କ ଆବିର୍ଭାବ, ତିରୋଧାନ ସହ ତାଙ୍କ କୀର୍ତି ଓ କୃତୀ ମୁଖପୁସ୍ତିକାରେ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ପ୍ରଦାନ କରନ୍ତି। ଏହା ସମସ୍ତଙ୍କ ପାଇଁ ବାର୍ତା। ଆଜିର ଯୁବପିଢ଼ି ଓ ଆଗାମୀ ପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ନିଶ୍ଚିତ ପାଲଟିବ। ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପଂଚସଖା, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରମୁଖଙ୍କ ପାଇଁ ଅାମେ ଗର୍ବିତ ଓ ଗୌରବାନ୍ୱିତ ମନେକର। ତାଙ୍କ ଆଦଶରେ ଆମେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ନା ସାମାଜିକ ଗଣମାଧ୍ୟମକୁ ଅପବ୍ୟବହାର କରିବା ? ଆମ ମହାନ ପରମ୍ପରା ସହିତ ଓଡ଼ିଶା ଶାନ୍ତିପ୍ରିୟ ରାଜ୍ୟ ଭବେ ସାରା ବିଶ୍ୱର ଗଣା। ଆଇନକୁ ସମେସ୍ତ ସମ୍ମାନ ଦେବା ସହ କୌଣସି ପ୍ରକାର ଅରୁଚିକର, ନିନ୍ଦନୀୟ ମନ୍ତବ୍ୟ ସବସାଧାରଣ ଅବା ସାମାଜିକ ଗଣମାଧ୍ୟମ ରେ ଦିଅନ୍ତୁ ନାହିଁ। ଯଦି କିଏ ଆଇନ ଉଲ୍ଲଂଘନ କରୁଚି, ତେବେ ଓକିଲଙ୍କ ପରାମର୍ଶ ନେବା ସହିତ ଆବଶ୍ୟକ ହେଲେ ସାଇବର ଅଧିକାରୀଙ୍କୁ ଜଣାଇବା ନିହାତି ଆବଶ୍ୟକ। ସାଇବର ଥାନା ଓ ଅଥର୍ନୈତିକ ଅପରାଧ କାର୍ଯ୍ୟାଳୟ ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ବିଶେଷ ସେଚତନ ହୋଇ ନିଜ କତର୍ବ୍ୟ ଉତମ ଭାବେ ସମ୍ପାଦନ କରି ଆସୁଛନ୍ତି। ନଜିେ ସେଚତନ ହୋଇ ଅନ୍ୟମାନଙ୍କୁ ସେଚତନତା ସମ୍ପର୍କରେ ଅବଗତ କରାନ୍ତୁ ତେବେ ଆମେ ଏକ ସୁସ୍ଥ, ଶାନ୍ତିପ୍ରିୟ ସମାଜ ଗଠନ କରିବରେ ନିଜର ଗୁରୁତ୍ୱପୂର୍ଣ୍ଣ ସହେଯାଗ ଦେଇପାରିବା।

*ସଂପାଦକ ଉତ୍କଳ ବୁଲେଟିନ୍ ତଥା*
*ମୁଖପାତ୍ର, ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ,*
*ଭୁବେନଶ୍ୱର*
*ଦୂରଭାଷ-୯୯୩୭୬୮୯୬୮୩*

# ଶିକ୍ଷକଙ୍କ ନୂଆ ଯାତ୍ରା



ଏସ. ଆର. ଶ୍ରଦ୍ଧାଞ୍ଜଳି

କେବେ ଓଡ଼ିଶାର ଗାଁଗୁଡ଼ିକରେ ପାଠଶାଳା ଥିଲା ଏକ ସରଳ ଶିକ୍ଷାର ଠିକଣା। ମାଟି ଚଟାଣ, କାଠର ପଟି, କଲମ ଓ କାଳି—ଏତିକିରେ ଚାଲୁଥିଲା ଶିକ୍ଷା। ଗୁରୁଙ୍କ କଥା ଥିଲା ପ୍ରମୁଖ ଜ୍ଞାନର ଉତ୍ସ। ଛାତ୍ର ଗୁରୁଙ୍କ ଠାରୁ କେବଳ ଗଣିତ ବା ବ୍ୟାକରଣ ଶିଖୁନଥିଲା; ଶିଖୁଥିଲା ଶୃଙ୍ଖଳା, ଶିଷ୍ଟାଚାର, ବଡ଼ଙ୍କୁ ସମ୍ମାନ ଓ ସମାଜ ପ୍ରତି ଦାୟିତ୍ୱ।ଆମ ଓଡ଼ିଶାର ଅନେକ ପରିବାରରେ ଆଜି ମଧ୍ୟ ଏମିତି ପୁରୁଣା ଗଳ୍ପ ଶୁଣିବାକୁ ମିଳେ—"ଆମ ସମୟରେ ସାର୍ ଯାହା କହୁଥିଲେ, ସେଇଟା ହିଁ ଶେଷ କଥା।" ପ୍ରଶ୍ନ କରିବା ପୂର୍ବରୁ ଦୁଇଥର ଭାବିବାକୁ ପଡୁଥିଲା। ଶିକ୍ଷକଙ୍କ କର୍ତ୍ତୃତ୍ୱ ଥିଲା ଶ୍ରେଣୀକକ୍ଷର ମେରୁଦଣ୍ଡ।

ସମୟ ବଦଳିଲା। ପଟିର ସ୍ଥାନ ନେଲା ଖାତା, କାଳିର ସ୍ଥାନ ନେଲା ବଲ୍‌ପେନ୍, ଆଉ କାଠର ପଟି ବଦଳିଗଲା ବ୍ଲାକ୍‌ବୋର୍ଡରେ। ଶିକ୍ଷକ ହେଲେ ପାଠ୍ୟପୁସ୍ତକର ପ୍ରମୁଖ ବ୍ୟାଖ୍ୟାତା। "ସାର୍ କହିଛନ୍ତି" ଅନେକ ସମୟରେ ଯୁକ୍ତିର ଶେଷ ସୀମା ଥିଲା।ତା'ପରେ ଆସିଲା ଇଣ୍ଟରନେଟ୍। ଆଜି ପୁରୀର ଜଣେ ଛାତ୍ର ଶ୍ରେଣୀକକ୍ଷରେ ଜଗନ୍ନାଥ ସଂସ୍କୃତି ବିଷୟରେ ପଢୁଥିବାବେଳେ ଘରକୁ ଫେରି ୟୁ ଟ୍ୟୁବ୍ ରେ ରଥଯାତ୍ରାର ଅନ୍ୟ ରାଜ୍ୟର ପରମ୍ପରା ଦେଖିପାରୁଛି। କଟକର ଜଣେ ଛାତ୍ର ଇତିହାସର ଏକ ଘଟଣା ବିଷୟରେ ଅନଲାଇନ୍ ରେ ବିଭିନ୍ନ ମତ ପଢ଼ିପାରୁଛି। ଗାଁର ଜଣେ ଛାତ୍ର ମଧ୍ୟ ମୋବାଇଲ୍ ମାଧ୍ୟମରେ ଦୁନିଆର ଯେକୌଣସି ଶିକ୍ଷା ସାମଗ୍ରୀ ପାଖରେ ପାଇପାରୁଛି।ଏବେ ତା'ସହ ଯୋଡ଼ିହୋଇଛି କୃତ୍ରିମ ବୁଦ୍ଧିମତ୍ତା—ଏଆଇ। ଛାତ୍ର କହୁଛି—"ମ୍ୟାମ୍, ଏହି ପ୍ରଶ୍ନଟା ଚାଟ୍ ଜିପିଟିକୁ ପଚାରିଲି, ଏହା ଏମିତି ବୁଝାଇଲା!"ଶିକ୍ଷକ ହସି କହିପାରନ୍ତି—"ଭଲ! ଏବେ ତୁମେ ମୋତେ କୁହ, ଏଆଇ ଯାହା କହିଲା, ସେଥିରେ କେତେଟା ଠିକ୍ ?" ଏଠାରୁ ଆରମ୍ଭ ହୁଏ ଆଜିର ଶିକ୍ଷକଙ୍କ ପ୍ରକୃତ ଭୂମିକା । ଗୁଗଲ୍ ତଥ୍ୟ ଦିଏ; ଶିକ୍ଷକ ତଥ୍ୟକୁ ପରଖିବା ଶିଖାନ୍ତି। ଏଆଇ ଉତ୍ତର ଦିଏ; ଶିକ୍ଷକ ଭଲ ପ୍ରଶ୍ନ କରିବା ଶିଖାନ୍ତି। ଧରନ୍ତୁ, ଜଣେ ଓଡ଼ିଆ ଶ୍ରେଣୀରେ ଛାତ୍ର 'ମାଟି' ଶବ୍ଦର ଅର୍ଥ ପଚାରିଲା। ଆଗରୁ ଶିକ୍ଷକ ଅର୍ଥ କହି ଦେଉଥାନ୍ତେ। ଆଜିର ଶିକ୍ଷକ ହୁଏତ ପଚାରିବେ—"ତୁମ ଘର ଆଖପାଖର ମାଟି କେମିତି ? ଚାଷୀ ପାଇଁ ମାଟିର ଅର୍ଥ କ'ଣ ? ଆଉ 'ମାଟି ମା' କହିଲେ ଅର୍ଥ କ'ଣ ବଦଳୁଛି ?" ଗୋଟିଏ ଶବ୍ଦ ଏଠାରେ ଭାଷାରୁ ସଂସ୍କୃତି, ସମାଜ ଓ ଜୀବନ ସହ ଯୋଡ଼ିଯାଏ।

ତେବେ କ'ଣ ଏହି ପରିବର୍ତ୍ତନରେ ଶିକ୍ଷକଙ୍କ କର୍ତ୍ତୃତ୍ୱ ହ୍ରାସ ପାଇଛି ?ନା। କର୍ତ୍ତୃତ୍ୱର ପରିଭାଷା ବଦଳିଛି। ଗୁରୁକୁଳର ଗୁରୁ ଛାତ୍ରର ଚରିତ୍ର ଗଢୁଥିଲେ। ଆଜିର ଡିଜିଟାଲ୍ ଯୁଗର ଶିକ୍ଷକଙ୍କୁ ସେହି କାମ ସହିତ ଡିଜିଟାଲ୍ ବିବେକ ମଧ୍ୟ ଗଢ଼ିବାକୁ ହେବ—କେଉଁ ତଥ୍ୟ ଠିକ୍ ?, କେଉଁଟି ଭୁଲ୍ ?, କେଉଁଠି ଆଇ ର ଉତ୍ତରକୁ ପରଖିବା ଦରକାର, ଏବଂ ପ୍ରଯୁକ୍ତିକୁ ଜ୍ଞାନ ପାଇଁ ବ୍ୟବହାର କରିବା, ନା ଜ୍ଞାନକୁ ଏଡ଼ାଇବା ପାଇଁ—ତାହା ଶିଖାଇବାକୁ ହେବ ।ଗୁରୁକୁଳ ଆମକୁ ଗୁରୁ ଦେଇଥିଲା, ପୁସ୍ତକ ଆମକୁ ଜ୍ଞାନ ଦେଲା, ଗୁଗଲ୍ ? ଆମକୁ ଅସୀମ ତଥ୍ୟ ଦେଲା ଏବଂ ଇଓ ଆମକୁ ତୁରନ୍ତ ଉତ୍ତର ଦେଉଛି। କିନ୍ତୁ ଏହି ସବୁ ମଧ୍ୟରେ ଶିକ୍ଷକ ହିଁ ସେହି ମଣିଷ, ଯିଏ ଶିଶୁକୁ ଶିଖାଇପାରନ୍ତି—ତଥ୍ୟକୁ ଜ୍ଞାନରେ, ଜ୍ଞାନକୁ ବିବେକରେ ଏବଂ ବିବେକକୁ ଚରିତ୍ରରେ କିପରି ପରିଣତ କରିବାକୁ।

ତେଣୁ ପ୍ରଶ୍ନ ଏହା ନୁହେଁ—"ଗୁଗଲ୍ ଓ ଏଆଇ ଆସିଗଲା ପରେ ଶିକ୍ଷକଙ୍କ ଆବଶ୍ୟକତା ରହିଲା କି ?"ପ୍ରକୃତ ପ୍ରଶ୍ନ ହେଉଛି—"ଗୁଗଲ୍ ଓ ଏଆଇ ଥିବା ସତ୍ତ୍ୱେ ଆମେ କିପରି ଆହୁରି ଭଲ ଶିକ୍ଷକ ହୋଇପାରିବା ?"କାରଣ ଗୁଗଲ୍ ରାସ୍ତା ଦେଖାଇପାରେ, ଏଆଇ ଉତ୍ତର ଦେଇପାରେ; କିନ୍ତୁ ଜଣେ ଶିକ୍ଷକ ହିଁ ଶିଶୁକୁ ନିଜ ରାସ୍ତା ବାଛିବା ଶିଖାନ୍ତି। ତେଣୁ ଆସନ୍ତୁ, ଶିକ୍ଷକମାନେ—ଗୁଗଲ୍ କୁ ଭୟ କରିବା ନାହିଁ, ଏଆଇ କୁ ଏଡ଼ାଇବା ନାହିଁ; ବରଂ ଏହାକୁ ଶ୍ରେଣୀକକ୍ଷର ଶିକ୍ଷାର ସହଯୋଗୀ କରିବା, ନିଜକୁ କେବଳ ତଥ୍ୟର ଭଣ୍ଡାର ଭାବେ ନୁହେଁ, ପ୍ରଶ୍ନର ଉତ୍ତର ଖୋଜିବାର ସହଯାତ୍ରୀ ଭାବେ ପୁନଃପରିଭାଷିତ କରିବା। ଛାତ୍ର ଯଦି କହେ—"ଗୁଗଲ୍ ରେ ଅଲଗା ଅଛି" କିମ୍ବା "ଏଆଇ ଅନ୍ୟ କଥା କହୁଛି", ତେବେ ତା'ର ପ୍ରଶ୍ନକୁ ଅବାଧ୍ୟତା ନୁହେଁ, ଶିକ୍ଷାର ଏକ ସୁଯୋଗ ଭାବେ ଗ୍ରହଣ କରିବା। କାରଣ ଆମର ଆଗାମୀ ପିଢ଼ିକୁ ଏମିତି ଛାତ୍ର ଦରକାର ନାହିଁ, ଯେଉଁମାନେ କେବଳ ଗୁଗଲ୍‌ରୁ ଉତ୍ତର ଖୋଜିପାରିବେ; ଆମକୁ ଏମିତି ମଣିଷ ଦରକାର, ଯେଉଁମାନେ ଭୁଲ୍ ଉତ୍ତର ମଧ୍ୟରୁ ସତ୍ୟ ଖୋଜିପାରିବେ, ଭିଡ଼ ମଧ୍ୟରେ ନିଜର ଚିନ୍ତା ଗଢ଼ିପାରିବେ ଏବଂ ପ୍ରଯୁକ୍ତିର ହାତ ଧରି ମାନବିକତାକୁ ହାତଛଡ଼ା କରିବେ ନାହିଁ। ଗୁରୁକୁଳର ଗୁରୁ ଆମକୁ ମଣିଷ ଗଢ଼ିବାର ଦାୟିତ୍ୱ ଦେଇଗଲେ। ଏବେ ସେହି ଦାୟିତ୍ୱ ଆମର—କେବଳ ଡିଜିଟାଲ୍ ଭାବେ ଦକ୍ଷ ନୁହେଁ, ବରଂ ଚିନ୍ତାରେ ସ୍ୱାଧୀନ, ବିବେକରେ ସଚେତନ ଓ ଚରିତ୍ରରେ ଦୃଢ଼ ଏକ ପିଢ଼ି ଗଢ଼ିବା। ଶିକ୍ଷକ ବଦଳିବେ, ଶିକ୍ଷା ବଦଳିବ—କିନ୍ତୁ ଶିଶୁକୁ ମଣିଷ କରିବାର ଦାୟିତ୍ୱ କେବେ ବଦଳିବ ନାହିଁ।

*ଶିକ୍ଷୟତ୍ରୀ, ଡି ଏ ଭି ପବ୍ଲିକ ସ୍କୁଲ, ପୁରୀ*
*୭୮୫୪୮୦୨୮୦୫*

# ବ୍ରିକ୍ସ ମିଡିଆ କିଟ୍‌ରେ ପ୍ରସିଦ୍ଧ କୋରାପୁଟ କଫି




**ଭୁବନେଶ୍ୱର(ବ୍ୟୁରୋ):** ବ୍ରିକ୍ସ ମିଡିଆ କିଟ୍‌ରେ ସ୍ଥାନ ପାଇଛି ଓଡ଼ିଶାର ପ୍ରସିଦ୍ଧ କୋରାପୁଟ କଫି । ଯାହା ପୃଣିଥରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଓ ଓଡ଼ିଶାର କଫିକୁ ସ୍ୱତନ୍ତ୍ର ପରିଚୟ ଦେଇଛି । କିଟ୍‌ରେ ବିହାରର ପାରମ୍ପରିକ ଛତୁଆ, ମଖାନା, ଗୁଜରାଟର ପ୍ରସିଦ୍ଧ ହସ୍ତଶିଳ୍ପ ସହିତ ଭାରତର ବିବିଧ ସାଂସ୍କୃତିକ ରାନ୍ଧଣାଗତ ଦୃଶ୍ୟପଟର କିଛି ଉପାଦାନ ସ୍ଥାନ ପାଇଛି । ନୂଆଦିଲ୍ଲୀ ସ୍ଥିତି ଭାରତ ମଣ୍ଡପମ୍‌ରେ ଆସନ୍ତା ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହେଉଛି ୧୮ତମ ବ୍ରିକ୍ସ ସମ୍ମିଳନୀ । ଏଠାକୁ ଭାରତ ତଥା ବିଶ୍ୱର ନିମନ୍ତ୍ରିତ ସାମ୍ବାଦିକମାନେ ଆସୁଥିବା ବେଳେ ସେମାନଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଦେଶର ବିବିଧ ପରମ୍ପରା, ସ୍ଥାନୀୟ ଉତ୍ପାଦ ଏବଂ ହସ୍ତଶିଳ୍ପକୁ ମିଡିଆ କିଟ୍‌ରେ ସାମିଲ କରାଯାଇଛି । ଅନ୍ତର୍ଜାତୀୟ ଗଣମାଧ୍ୟମ ଆଗରେ ବିଦେଶ ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ରାଜ୍ୟର ପ୍ରସ୍ତୁତ ପ୍ରସିଦ୍ଧ ଉତ୍ପାଦକୁ ସାମିଲ କରିବାକୁ ଏହା ଏକ ପ୍ରୟାସ । ଯେମିତି ଏହା ଭାରତର କାହାଣୀ ସହ ବିବିଧତାକୁ ପ୍ରଦର୍ଶନ କରିବ, ସେହିଭଳି ଭାବେ ତା'ର ପରିକଳ୍ପନା କରାଯାଇଥିବା ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଓଡ଼ିଶା ସରକାରଙ୍କ ସହଭାଗିତାରେ କୋରାପୁଟ କଫିର ବ୍ରାଣ୍ଡିଂ ସହ ତା'ର ସ୍ୱାଦ ଓ ବାସ୍ନାକୁ ଅନୁଭବ କରିବାର ସୁଯୋଗ ବି ସମ୍ମିଳନୀରେ ମିଳିବ । ତେବେ ଅନ୍ତର୍ଜାତୀୟ ଦର୍ଶକଙ୍କ ସମ୍ମୁଖରେ ଭାରତ ତା'ର ବିବିଧତା, ନବସୃଜନ ଏବଂ ବିକାଶ କାହାଣୀକୁ ଉଜ୍ଜ୍ୱଳ କରିବା ପାଇଁ ଏଭଳି ଏକ ପରିକଳ୍ପନାକୁ ରୂପ ଦେଇଛି । ଓଡ଼ିଶାର ଶିଳ୍ପୀ ଚକ୍ ଖଡ଼ିରେ ପ୍ରସ୍ତୁତ କଲେ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେଉଥିବା ୫ ରାଷ୍ଟ୍ରମୁଖ୍ୟଙ୍କ ପ୍ରତିକୃତି । ଏଥି ସହିତ ବ୍ରିକ୍ସ ଲେଖାଥିବା ଇଂରାଜୀ ଅକ୍ଷର ପ୍ରତିକୃତି । ଓଡ଼ିଶାର ଗିନିଜ୍ ୱାର୍ଲ୍ଡ ରେକର୍ଡ ବିଜେତା ଶିଳ୍ପୀ ବିଜୟ କୁମାର ତାଙ୍କ ସୂକ୍ଷ୍ମ କଳା କାରିଗରରେ ଚମତ୍କାରିତା ପ୍ରଦର୍ଶନ କରିଛନ୍ତି । ଏହି ୨୩ ବର୍ଷୀୟ ଶିଳ୍ପୀ ତଥା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ବିଜୟଙ୍କୁ ଏହାକୁ ନିର୍ମାଣ କରିବାକୁ ଦୀର୍ଘ ମାସେ ସମୟ ଲାଗିଛି । ସେ ସ୍ୱତନ୍ତ୍ର ଭାବେ ସୂକ୍ଷ୍ମ ଯନ୍ତ୍ରାଂଶ ବ୍ୟବହାର କରି ଏହାକୁ ପ୍ରସ୍ତୁତ କରିଛନ୍ତି । ପ୍ରତି ପ୍ରତିକୃତିର ଉଚ୍ଚ ଗୋଟିଏ ସେଣ୍ଟିମିଟର ରହିଛି । ଏଥିରେ ସେ ବ୍ରାଜିଲ, ଋଷିଆ, ଭାରତ, ଚୀନ ଏବଂ ସାଉଥ ଆଫ୍ରିକାର ମୁଖ୍ୟଙ୍କ ପ୍ରତିକୃତି ପ୍ରସ୍ତୁତି ସହ ବ୍ରିକ୍ସ ଲେଖାଥିବା ଅକ୍ଷର, ଜାତୀୟ ପତାକା ଏବଂ ୨୦୨୬ ସମ୍ମିଳନୀ ଲୋଗୋ ତିଆରି କରିଛନ୍ତି । ଦକ୍ଷିଣ ଆଫ୍ରିକା ଦୂତାବାସ ବିଦେଶକୁ କଳାକୃତି ପଠାଇବା ପାଇଁ ଶିଳ୍ପୀ ବିଜୟ କୁମାରଙ୍କ ସହିତ ଯୋଗାଯୋଗ କରିଥିବା ଜଣାପଡ଼ିଛି । ପୂର୍ବରୁ ବିଜୟ ବିଶ୍ୱକପ୍ କଳାକୃତିଠୁ ନେଇ ଅନେକ କିଛି କରି ଚର୍ଚ୍ଚାରେ ରହିବା ସହ ପ୍ରଶଂସା ବହୁ ଜାତୀୟ ଓ ଅନ୍ତର୍ଜାତୀୟ ରେକର୍ଡ ସାଙ୍ଗକୁ ପୁରସ୍କାର ସାଉଁଟି ଚାଲିଛନ୍ତି ।

# ଆଧୁନିକ ଚାଉଳ, ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ଚାଷୀମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଏବଂ ସ୍ଥାନୀୟ ଦେଶୀ ଖାଦ୍ୟଶସ୍ୟର ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ପାଇଁ ଓଡ଼ିଶା ସରକାର ଏକ ଆଧୁନିକ ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ (କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି) କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ (ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ), ଫିଲିପାଇନ୍ସ ସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ. ନେସେ ଶ୍ରୀନିବାସୁଲୁ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିସନର-ତଥା-ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଜାଧବ ଏବଂ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ୩,୮୪୫ ବର୍ଗ ମିଟର ପରିମିତ ଅଞ୍ଚଳରେ ନିର୍ମିତ ହେବାକୁ ଥିବା ଏହି କାରଖାନାଟି ଚାଷୀ, କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,




ବେସରକାରୀ ସହଯୋଗୀ ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକର ମିଳିତ ସହଯୋଗରେ ପରିଚାଳିତ ହେବ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଚାଷୀମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ଉନ୍ନତ ମାନର ଦେଶୀ ବିହନ ପ୍ରଦାନ ସହ ସିଧାସଳଖ ବଜାର ସଂଯୋଗ ଯୋଗାଇଦେଇ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା। ଏହି ପ୍ରକଳ୍ପ ଅଧୀନରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ, ଉଚ୍ଚ ପ୍ରୋଟିନ୍ ଯୁକ୍ତ, ମିଲିଂ କ୍ଷମତା, ସୁଗନ୍ଧ ଥିବା ୨୯ଟି ସ୍ଥାନୀୟ ଦେଶୀ ଧାନ କିସମର ଗୁଣବତ୍ତା ପରୀକ୍ଷା କରାଯାଇଛି। ବିଶେଷ କରି କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଚାଉଳ, କଳାଜିରା ଧାନ ଏବଂ ରପ୍ତାନି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କଳା ଚାଉଳ ପ୍ରକ୍ରିୟାକରଣ ପାଇଁ ସ୍ୱତନ୍ତ୍ର ୟୁନିଟ୍ ସ୍ଥାପନ ଯୋଜନା ରହିଛି। କେବଳ ଚାଉଳ ପ୍ରସେସିଂ ନୁହେଁ, ବରଂ ମଲ୍ଟି-ମିଲେଟ୍ ଫ୍ଲେକ୍ସ, ମୋଟା ଓଜଜଓ-୧୪୭ ଚାଉଳ ଫ୍ଲେକ୍ସ, ଜିରା କୁକିଜ୍ ଏବଂ ଅନ୍ୟାନ୍ୟ ବେକରୀ ସାମଗ୍ରୀ ପ୍ରସ୍ତୁତ କରାଯାଇ 'ସୁଭଦ୍ରା ଶକ୍ତି ବଜାର' ମାଧ୍ୟମରେ ବିକ୍ରି କରାଯିବ ଏବଂ ଦେଶ ବିଦେଶରେ ଏହାକୁ ବିକ୍ରୟ ପାଇଁ ପଠାଯିବ। ଆଧୁନିକ ଶିଳ୍ପ ଭିତ୍ତିଭୂମି ଓ କମ୍ୟୁନିଟି ଭାଗୀଦାରିର ଏହି ମିଳିତ ପ୍ରଚେଷ୍ଟା ଓଡ଼ିଶାର କୃଷି ଉତ୍ପାଦଗୁଡ଼ିକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଚାଷୀ ଓ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ।

# ଲଘୁଚାପ ପ୍ରଭାବରେ ଦୁଇଦିନ ପ୍ରବଳ ବର୍ଷା



**ଭୁବନେଶ୍ୱର(ବ୍ୟୁରୋ):** ଲଘୁଚାପ ପ୍ରଭାବରେ ଦୁଇ ଦିନ ବର୍ଷା। ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଛି । ଆଜି ସକାଳ ୮ଟା ୩୦ ପର୍ଯ୍ୟନ୍ତ ଅତିପ୍ରବଳ ବର୍ଷା ପାଇଁ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାପରେ କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଆସନ୍ତାକାଲି ମଧ୍ୟ କଳାହାଣ୍ଡି ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । କେବଳ ବର୍ଷା ନୁହେଁ, ବଜ୍ରପାତ ଓ ଝଟକା ପବନ ପାଇଁ ମଧ୍ୟ ସତର୍କ ରହିବାକୁ ପଡ଼ିବ । ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ଝଟକା ପବନ ବହିପାରେ । ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ମତ୍ସ୍ୟଜୀବୀଙ୍କୁ ଓଡ଼ିଶା ଉପକୂଳ ଓ ସଲଗ୍ନ ସମୁଦ୍ର ଅଞ୍ଚଳ ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଜାରି ହୋଇଛି। ୧୨ ତାରିଖରୁ କମିବ ବର୍ଷା ପରିମାଣ ।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷାଙ୍କ ତିନିଦିନିଆ ମୟୂରଭଞ୍ଜ ଗସ୍ତ

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଓ ସଦସ୍ୟ କସ୍ତୁରୀ ମିଶ୍ର ତିନିଦିନିଆ ମୟୂରଭଞ୍ଜ ଗସ୍ତରେ ଆସି ଗତକାଲି ସେପ୍ଟେମ୍ବର ୯)ରେ ରାଇରଙ୍ଗପୁର ପହଞ୍ଚିଛନ୍ତି। ସେମାନେ ସେପ୍ଟେମ୍ବର ୧୨ ଯାଏଁ ଜିଲ୍ଲାରେ ରହି ଶିଶୁମାନଙ୍କ ସୁରକ୍ଷା, ପୋଷଣ, ଶିକ୍ଷା, ସ୍ୱାସ୍ଥ୍ୟ, ନିର୍ଯାତନା ଓ ଶୋଷଣରୁ ମୁକ୍ତି, ଉପଯୁକ୍ତ ଯତ୍ନ ଓ ପୁନର୍ବାସ ଆଦି କାର୍ଯ୍ୟକ୍ରମର ସମୀକ୍ଷା କରିବେ। ଗସ୍ତ ସୂଚୀ ଅନୁଯାୟୀ ଅଧକ୍ଷା ଓ ସଦସ୍ୟ ଗତକାଲି ଅପରାହ୍ନରେ ରାଇରଙ୍ଗପୁରରେ ପହଞ୍ଚି ରାତ୍ରି ଯାପନ କରିଥିଲେ। ଆଜି (ଗୁରୁବାର) ପୂର୍ବାହ୍ନରେ ଶୁକ୍ଳି ଆଇସିଡିଏସ ଅଧୀନ ଖୁଚିଂ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ରରୁଆଁ ସ୍ଥିତ ମା ବାସୁଲୀ ଟିଏଚଆର (ଟେକ୍ ହୋମ ରାସନ) ଛତୁଆ ୟୁନିଟ୍, ରାଇରଙ୍ଗପୁରସ୍ଥିତ ୱାନ୍ ଷ୍ଟପ୍ ସେଣ୍ଟର,ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଶିଶୁରୋଗ ଚିକିତ୍ସା ୱାର୍ଡ, ପ୍ରସୂତି ୱାର୍ଡ ଏବଂ ଶିଶୁ ଅନୁକୂଳ ପୁଲିସ ଥାନା ପରିଦର୍ଶନ କରି ସେଠାକାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଅପରାହ୍ନରେ ବିଜାତଳା ବ୍ଲକର ବଡାମତଳିଆ ଏସଏସଡି ଏବଂ ବିଶୋଇ




କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବି) ଓ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲ ଗସ୍ତ କରିବା ପରେ ବାରିପଦାରେ ପହଞ୍ଚିଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ଅଧକ୍ଷା ମୁଖ୍ୟତଃ ଶିଶୁମାନଙ୍କ ସୁରକ୍ଷା ଓ ନିରାପତ୍ତା, ହଷ୍ଟେଲ ଓ ଅନ୍ୟାନ୍ୟ ଶିଶୁ ଆଶ୍ରୟସ୍ଥଳୀରେ ଶିଶୁମାନଙ୍କ ନିରାପଦ ପରିବେଶ, ଯତ୍ନ ଓ ତଦାରଖ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିଥିଲେ। ସେହିପରି ଅଙ୍ଗନବାଡି କେନ୍ଦ୍ର ଏବଂ ଟିଏଚଆର ୟୁନିଟ ପରିଦର୍ଶନ ସମୟରେ ଶିଶୁମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟର ଗୁଣବତ୍ତା, ନିୟମିତତା,ସ୍ୱାସ୍ଥ୍ୟ ପରୀକ୍ଷା ଓ ବିକାଶ ନିରୀକ୍ଷଣ ଆଦିର ଅନୁଧ୍ୟାନ କରିଥିଲେ। ଶିଶୁମାନଙ୍କ ପ୍ରତି ଶାରୀରିକ, ମାନସିକ ନିର୍ଯ୍ୟାତନା,ଅବହେଳା ଓ ଶୋଷଣ ରୋକିବା ସହିତ ଅଭିଯୋଗ ମିଳିଲେ ଏହାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଶିଶୁ ଅନୁକୂଳ ପୁଲିସ ବ୍ୟବସ୍ଥାରେ ଶିଶୁମାନେ ପୁଲିସ ସହିତ ସମ୍ପର୍କରେ ଆସିଲେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ଓ ଶିଶୁ ଆନୁକୂଳ ବ୍ୟବହାର, ଆଇନଗତ ଅଧିକାରର ସୁରକ୍ଷା ଏବଂ ଆବଶ୍ୟକ ସହାୟତା ଉପଲବ୍ଧ ଉପରେ ଅନୁଧ୍ୟାନ କରିଥିଲେ। ସର୍ବୋପରି ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା,ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ କଲ୍ୟାଣ କମିଟି, ଶିଶୁ ଯତ୍ନ ଅନୁଷ୍ଠାନ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ଓ କାର୍ଯ୍ୟକାରିତା ଉପରେ ଅଧକ୍ଷା ଗୁରୁତ୍ୱାରୋପ କରିଥିଲେ। ପକ୍ସ ପୀଡିତା ଶିଶୁ ମାନଙ୍କ ପାଇଁ ସ୍ୱତନ୍ତ୍ର ପରାମର୍ଶ କକ୍ଷ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ଅନିଚ୍ଛିତ ଗର୍ଭଧାରଣ ଜନିତ ଜନ୍ମିତ ଶିଶୁଙ୍କ ଥଇଥାନ ପାଇଁ ଉପଯୁକ୍ତ କାଂଉନସେଲିଙ୍ଗ ପାଇଁ ପରାମର୍ଶ ଦେଇଥିଲେ। ଆସନ୍ତାକାଲି (ଶୁକ୍ରବାର) ଅନ୍ୟାନ୍ୟ କ୍ଷେତ୍ର ପରିଦର୍ଶନ ପରେ ଅପରାହ୍ନରେ ବାରିପଦାଠାରେ ତାଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏଥିରେ କ୍ଷେତ୍ର ପରିଦର୍ଶନ ଆଧାରରେ ଜିଲ୍ଲାରେ ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ସମୀକ୍ଷା କରାଯାଇ ଉପଯୁକ୍ତ ସୁଧାର ଦ୍ୱାରା ଏହାକୁ କିପରି ଆହୁରି ସଶକ୍ତ କରାଯିବ ସେ ଉପରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି। କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ସମୟରେ ତାଙ୍କ ସହିତ ଜିଲ୍ଲା ପ୍ରଶାସନର ରାଇରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଆଇସିଡିଏସ୍ ?ର ପ୍ରୋଗ୍ରାମ ଅଧିକାରିଣୀ ଜୟଶ୍ରୀ ହୋତା, ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଅନିତା ରାଣୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ହର୍ଣ୍ଣ ମାରିବାକୁ ନେଇ ତୁମୁଳ କାଣ୍ଡ

**ଭୁବନେଶ୍ୱର(ବ୍ୟୁରୋ) :** ରାଜଧାନୀରେ ଚାଞ୍ଚଲ୍ୟ । ହର୍ଣ୍ଣ ମାରିବାକୁ ନେଇ ତୁମୁଳ କାଣ୍ଡ । କପଲ୍‌ଙ୍କ ଲଙ୍କାକାଣ୍ଡ । ଆତଙ୍କ ଖେଳାଇଲେ ବଣ୍ଟି-ବବଲି । ନାକେଦମ୍ ହେଲା ପୁଲିସ୍ । ଏଭଳି ଘଟଣା ଘଟିଛି ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପ ନିକଟରେ । ସୂଚନା ଅନୁସାରେ ,ଗାଡ଼ି ସାଇଡ୍ କରିବାକୁ ହର୍ଣ୍ଣ ବଜାଇବାରୁ ଏଏସ୍‌ଓଙ୍କୁ ରାସ୍ତାରେ ନିର୍ଦ୍ଧୁମ ମାଡ଼ ମାରିଲେ ଦମ୍ପତି । ରାସ୍ତାରେ ଯାଉଥିବା ଜଣେ ସାମ୍ବାଦିକ ଇଝଡଙ୍କୁ ବଞ୍ଚାଇବାରୁ ସାମ୍ବାଦିକଙ୍କୁ ମଧ୍ୟ ଆକ୍ରମଣ କଲେ । ଜୀବନ ବିକଳରେ ସାମ୍ବାଦିକ ଜଣକ ରବୀନ୍ଦ୍ର ମଣ୍ଡପରେ ପଶି ଯାଇଥିଲେ ସୁଧା କମି ନଥିଲା ଆକ୍ରମଣ । ରବୀନ୍ଦ୍ର ମଣ୍ଡପ ଭିତରେ ସିକ୍ୟୁରିଟିଙ୍କୁ ମଧ୍ୟ ମାରପିଟ୍ କଲେ । ସାମ୍ବାଦିକ ହଲ୍ ଭିତରେ ଲୁଚିଥିବା ବେଳେ ସେଠାରେ ଯାଇ ତଣ୍ଟି ଚିପି ହତ୍ୟା କରିବାକୁ ମଧ୍ୟ ପଛାଇନଥିଲେ ଏମାନେ । କୌଶଳ କ୍ରମେ ସାମ୍ବାଦିକ ପୋଲିସକୁ ଡାକିଥିଲେ । ପିସିଆର୍ ଓ ଖାରବେଳ ନଗର ଥାନା ପୋଲିସ ପହଞ୍ଚି ବୁଝାସୁଝା କରିବା ବେଳେ ପୋଲିସକୁ ଠେଲାପେଲା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏଏସ୍‌ଓ, ସାମ୍ବାଦିକ ଓ ପୋଲିସଙ୍କୁ ଗାଳିଗୁଲଜ କରିବାର ଭିଡିଓ ଭାଇରାଲ ହୋଇଛି । ଦୀର୍ଘସମୟ ଧସ୍ତାଧସ୍ତି ପରେ ଆହତ ସାମ୍ବାଦିକ ଏବଂ ଏଏସ୍‌ଓଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା ପୋଲିସ । ଘଟଣାରେ କପଲ୍‌ଙ୍କ ସମେତ ତିନି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ ।

# ନନ୍ଦନକାନନରେ ଆରମ୍ଭ ହେବ ନାଇଟ୍ ଇକୋ ଟୁରିଜିମ୍



**ଭୁବନେଶ୍ୱର(ବ୍ୟୁରୋ) :** ରାଜ୍ୟ ସରକାର ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପ୍ରମୁଖ ଆକର୍ଷଣ ରାଜ୍ୟ ଉଦ୍ଭିଦ ଉଦ୍ୟାନ (ବଟାନିକାଲ୍ ଗାର୍ଡେନ)ର ଏକ ଅଂଶକୁ ରାତ୍ରିକାଳୀନ ପରିବେଶ ପର୍ଯ୍ୟଟନ (ନାଇଟ୍ ଇକୋ ଟୁରିଜିମ୍) ଏବଂ ପରିବେଶ ଶିକ୍ଷା ଗନ୍ତବ୍ୟସ୍ଥଳରେ ପରିଣତ କରିବାକୁ ଯୋଜନା କରୁଛନ୍ତି । ଯାହା ପରିଦର୍ଶକଙ୍କୁ ସୂର୍ଯ୍ୟାସ୍ତ ପରେ ଅର୍ଥାତ୍ ରାତିରେ ପ୍ରକୃତିକୁ ଅନୁଭବ କରିବାର ସୁଯୋଗ ଦେବ । ଜୈବ ବିବିଧତା ଏବଂ ସଂରକ୍ଷଣ ବିଷୟରେ ସଚେତନତାକୁ ପ୍ରୋତ୍ସାହିତ କରିବ । ପ୍ରସ୍ତାବ ଅନୁଯାୟୀ, ଏହି ପ୍ରକଳ୍ପ ପାଇଁ ଉଦ୍ୟାନ ମଧ୍ୟରେ ଏକ ପୃଥକ କ୍ଷେତ୍ର ପ୍ରସ୍ତାବିତ କରାଯାଇଛି । ଯେଉଁଥିରେ ପରିଦର୍ଶକଙ୍କ ଲାଗି ଯୋଜନା ହୋଇଛି । ଯେଉଁଠି ପ୍ରାକୃତିକ ଦୃଶ୍ୟ ସାଙ୍ଗକୁ ଜଳାଶୟ, ପ୍ରକୃତିଭିତ୍ତିକ ମନଲୋଭା ଉଦ୍ୟାନକୁ ଉପଭୋଗ କରିବାର ସୁଯୋଗ ମିଳିବ । ଯାହା ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ସୁରକ୍ଷିତ ରଖିବ । ଜଣେ ଅଧିକାରୀଙ୍କ ମତରେ ପ୍ରକଳ୍ପଟି 'ରାତିରେ ପ୍ରକୃତି ଅନୁଭବ କରନ୍ତୁ- ଶିଖନ୍ତୁ, ଉପଭୋଗ ସହ ସଂରକ୍ଷଣ କରନ୍ତୁ' ବିଷୟବସ୍ତୁ ଉପରେ କଳ୍ପନା କରାଯାଇଛି । ଯାହା ସଂରକ୍ଷଣ ଶିକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ପରିବେଶ ପର୍ଯ୍ୟଟନ ଉପରେ ଧ୍ୟାନ ଦେବ । ପ୍ରସ୍ତାବିତ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ଏବଂ ତଦାରଖ ପାଇଁ ଜଣେ ପରାମର୍ଶଦାତାଙ୍କୁ ନିଯୁକ୍ତି କରିବାର ପ୍ରକ୍ରିୟା ମଧ୍ୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆରମ୍ଭ ହୋଇଛି । ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଗଣ ମନୋରଞ୍ଜନ ନୁହେଁ, ବରଂ ପ୍ରକୃତି ପ୍ରଶଂସା ଏବଂ ପରିବେଶଗତ ଶିକ୍ଷା ବୋଲି ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଏହି ପ୍ରସ୍ତାବ କିଛି ସ୍ଥାନୀୟ ବାସିନ୍ଦା ଓ ନିୟମିତ ପରିଦର୍ଶକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିଛି । ସେମାନେ କୁହନ୍ତି, ଏହି ପଦକ୍ଷେପ ସହରର ପର୍ଯ୍ୟଟନରେ ନୂଆ ଅଧ୍ୟାୟ ଯୋଡ଼ିବ । ଲୋକେ ସାଧାରଣତଃ ଦିନରେ ଉଦ୍ୟାନ ବୁଲି ଆସନ୍ତି କିନ୍ତୁ ସନ୍ଧ୍ୟା ତଥା ରାତିରେ ଅଭିଜ୍ଞତା କିଛି ଅନନ୍ୟ ହୋଇପାରେ । ସନ୍ଧ୍ୟାର ଆକର୍ଷଣ ପାରମ୍ପରିକ ମନୋରଞ୍ଜନ ବିକଳ୍ପର ଏକ ସତେଜ ବିକଳ୍ପ ହେବ । ପରିବେଶପ୍ରେମୀଙ୍କ ମତରେ ପ୍ରକଳ୍ପର ସଫଳତା ପର୍ଯ୍ୟଟନ ଏବଂ ସଂରକ୍ଷଣ ଲକ୍ଷ୍ୟକୁ ସନ୍ତୁଳିତ କରିବା ଉପରେ ନିର୍ଭର କରିବ । ଯଦି ସତର୍କତାର ସହିତ ଯୋଜନା କରାଯାଏ, ତେବେ ଏପରି ପଦକ୍ଷେପଗୁଡ଼ିକ ସଂରକ୍ଷିତ ପ୍ରାକୃତିକ ସ୍ଥାନଗୁଡ଼ିକ ପାଇଁ ପ୍ରଶଂସା ସାଙ୍ଗକୁ ଜୈବ ବିବିଧତା ବିଷୟରେ ସଚେତନତା ସୃଷ୍ଟି କରିବ ।

# ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମରେ ୯୦% ସିଟ୍ ଖାଲି

**ଭୁବନେଶ୍ୱର(ବ୍ୟୁରୋ):** ଦିନ ଥିଲା ଢ଼େଙ୍କାନାଳସ୍ଥିତ କେନ୍ଦ୍ର ସରକାରଙ୍କ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ନାମ ଲେଖାଇବାକୁ ପିଲାଙ୍କ ଲମ୍ବା ଲାଇନ୍ ଲାଗୁଥିଲା । ନାମଲେଖା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ପିଲାମାନେ ବର୍ଷ ବର୍ଷ ଧରି ପ୍ରସ୍ତୁତି କରୁଥିଲେ । ବର୍ତ୍ତମାନ ଏମିତି ସମୟ ଆସିଛି ନାମଲେଖା ପାଇଁ ପିଲା ମିଳୁନାହାନ୍ତି । ଏଠାରେ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମରେ ୯୦% ସିଟ୍ ଖାଲି ପଡୁଛି । ଏତିକି ନୁହେଁ, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୭୨.୫%, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୭୫%, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୬୫%, ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜରେ ୯୦% ସିଟ୍ ଖାଲି ପଡ଼ିଛି । ବାରିପଦାର ଏମ୍‌ପିସି ସ୍ୱୟଂଶାସିତ କଲେଜ ଓ ବ୍ରହ୍ମପୁରର ସମ୍ରାଟ ଡିଗ୍ରୀ କଲେଜରେ ଚଳିତ ବର୍ଷ କେହି ନାମ ଲେଖାଇନାହାନ୍ତି । ଏହା ଦର୍ଶାଉଛି ଆଜିର ଯୁବପିଢ଼ି ଅର୍ଥାତ୍ 'ଜେନ୍-ଜି' ସାମ୍ବାଦିକତାରୁ ମୁହଁ ମୋଡୁଛନ୍ତି । ସୂଚନାଯୋଗ୍ୟ, କୋଭିଡ୍ ପୂର୍ବ ଅର୍ଥାତ୍ ୨୦୨୦ ମସିହା ପୂର୍ବରୁ ଢେଙ୍କାନାଳ ଆଇଆଇଏମ୍‌ସିରେ ନାମଲେଖା ପାଇଁ ରହିଥିବା ସିଟ୍ ଖାଲି ରହୁନଥିଲା । ଏହି ଅନୁଷ୍ଠାନରେ ଓଡ଼ିଆ ସାମ୍ବାଦିକତା ଓ




ଗଣମାଧ୍ୟମ ଯୋଗାଯୋଗ ବିଭାଗର ମୋଟ୍ ୩୦ଟି ସିଟ୍ ରହିଛି । ଚଳିତ ବର୍ଷ ଏହି ୩୦ ସିଟ୍‌ରେ ୬ ଜଣ ପିଲା ନାମଲେଖାଇଛନ୍ତି । ଇଂରାଜୀ ସାମ୍ବାଦିକତା ବିଭାଗରେ ୬୫ ସିଟ୍‌ରୁ ୧୭ ସିଟ୍ ଖାଲି ରହିଛି । ଏମିତି ସ୍ଥିତି ହୋଇଛି ଯେ ପ୍ରତିଷ୍ଠାନ କର୍ତ୍ତୃପକ୍ଷ ସିଟ୍ ପୂରଣ ପାଇଁ ବାରମ୍ବାର ସୋସିଆଲ୍ ମିଡିଆରେ ପ୍ରଚାର ପ୍ରସାର କରୁଛନ୍ତି । ଅନ୍ୟପଟେ ସାମ୍ସ ତଥ୍ୟ କହୁଛି, ଉତ୍କଳ ବିଶ୍ୱବିଦ୍ୟାଳୟରେ ମୋଟ୍ ୩୨ଟି ସିଟ୍‌ରୁ ୨୬ ଜଣ ନାମଲେଖାଇଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମୋଟ୍ ୪୦ଟି ସିଟ୍‌ରୁ ମାତ୍ର ୧୧ଟି ସିଟ୍‌ରେ ନାମଲେଖା ହୋଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଥିବା ୫୦ଟି ସିଟ୍‌ରୁ ୨୩ଟିରେ ନାମଲେଖା ହୋଇଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଥିବା ୩୨ ସିଟ୍‌ରୁ ମାତ୍ର ୮ ସିଟ୍ ପୂରଣ ହୋଇଥିବା ବେଳେ ବାକି ୨୪ରେ କେହି ନାମ ଲେଖାଇବାକୁ ନାରାଜ । ସେହିପରି ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜରେ ୩୨ଟି ସିଟ୍ ଥିବା ବେଳେ ମାତ୍ର ୩ଜଣ ନାମ ଲେଖାଇଛନ୍ତି । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପିଜି ବିଭାଗରେ ମୋଟ ୩୨ ସିଟ୍‌ରୁ ୧୧ଟି ନାମଲେଖା ହୋଇଛି । ସେହିପରି ସ୍ନାତକରେ ଚଳିତ ବର୍ଷ ସାମ୍ବାଦିକତା ପାଠ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିପାଇଁ ୪୮ଟି ସିଟ୍ ଥିଲା । ଏଥିରୁ ୩୭ ଜଣ ନାମଲେଖାଇଛନ୍ତି । ସବୁଠୁ ଆଶ୍ଚର୍ଯ୍ୟର କଥା, ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩୨ଟି ସିଟ୍ ରହିଛି ସତ ହେଲେ କେହି ନାମ ଲେଖାଇନାହାନ୍ତି । ସେହିପରି ବ୍ରହ୍ମପୁର ସ୍ଥିତ ସମ୍ରାଟ ଡିଗ୍ରୀ କଲେଜରେ ଥିବା ୧୨୦ସିଟ୍‌ରୁ ସବୁ ସିଟ୍ ଖାଲି ରହିଛି । ସାମ୍ବାଦିକତା ବିଭାଗର ଜଣେ ପ୍ରଫେସର କହିଛନ୍ତି, ସାମ୍ବାଦିକତା ପାଠ୍ୟକ୍ରମ ସରିବା ପରେ ନିଯୁକ୍ତି କ୍ଷେତ୍ରରେ ଭଲ ସୁଯୋଗ ସୃଷ୍ଟି ହେଉନି । ବିଶେଷ କରି ପାଠପଢ଼ି କୌଣସି ଏକ ସଂସ୍ଥାରେ କାର୍ଯ୍ୟ କରିବା ପାଇଁ ଯିବା ସମୟରେ ଭଲ ପାରିଶ୍ରମିକ ମିଳୁନି । ବିଶେଷ କରି ଓଡ଼ିଶାରେ କ୍ୟାରିୟର ପାଇଁ ବିଶେଷ ସୁଯୋଗ ନାହିଁ । ଆଗରୁ ଛାତ୍ରଛାତ୍ରୀ ସାମ୍ବାଦିକତାକୁ ନିଶା କରି ଆସୁଥିଲେ । ମାତ୍ର ଏବର ପିଢ଼ି ପେସା କରିବାକୁ ମନ ବଳାଉଛନ୍ତି । ହେଲେ ଭଲ ଆର୍ଥିକ ସୁବିଧା ନଥିବାରୁ ମୁହଁ ଫେରାଇ ନେଉଛନ୍ତି । ଆଉ ବାକି ଯେଉଁମାନେ ପଢୁଛନ୍ତି ସେମାନେ କେବଳ ପ୍ରଶାସନିକ ସେବା ପରୀକ୍ଷାରେ କ୍ୟାରିୟର ପାଇଁ ଏହାକୁ ପଢୁଛନ୍ତି । ଏପରିକି ଯେଉଁମାନେ ପାଠ ପଢ଼ି ଉତ୍ତୀର୍ଣ୍ଣ ହେଉଛନ୍ତି, ସେମାନେ କେବଳ କର୍ପୋରେଟ ଜର୍ଣ୍ଣାଲିମ୍ କିମ୍ବା କମ୍ୟୁନିକେସନ୍ ଜର୍ଣ୍ଣାଲିଜିମ୍‌ରେ କ୍ୟାରିୟର କରିବାକୁ ଇଚ୍ଛୁକ । ଅନେକ ଜର୍ଣ୍ଣାଲିଜିମ୍ ନକରି ୟୁଟ୍ୟୁବ୍ ଚ୍ୟାନେଲ୍ କରି ସେଠାରେ କଣ୍ଟେଣ୍ଟ ପକାଇ ରୋଜଗାର କରୁଛନ୍ତି । ଫଳରେ ସାମ୍ବାଦିକତାର ଗୁରୁତ୍ୱ କମିଯାଉଛି ।

### ବ୍ରିକ୍ସ ସମ୍ମିଳନୀରେ ମୋଦୀ-ପୁଟିନ ବୈଠକ

# ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା




**ନୂଆଦିଲ୍ଲୀ,୧୧।୯:** ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ତିନିଦିନିଆ ଭାରତ ଗସ୍ତରେ ଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଶୁକ୍ରବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ବୈଠକରେ ଭାରତ-ରୁଷ ସମ୍ପର୍କର ବିଭିନ୍ନ ଦିଗ ସହ ପ୍ରମୁଖ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। ବୈଠକ ପୂର୍ବରୁ ମୋଦୀ ଓ ପୁଟିନ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଚଳିତ ବର୍ଷ ଏହା ଦୁଇ ନେତାଙ୍କ ଦ୍ୱିତୀୟ ସାକ୍ଷାତ। ଏହା ପୂର୍ବରୁ ଅଗଷ୍ଟ ୩୧ରେ ବିଶକେକରେ ଅନୁଷ୍ଠିତ ୨୬ତମ ଏସ୍ ?ସିଓ ଶିଖର ସମ୍ମିଳନୀ ଅବସରରେ ଉଭୟ ନେତା ସାକ୍ଷାତ କରିଥିଲେ। ଦ୍ୱିପାକ୍ଷିକ ବୈଠକରେ ପ୍ରତିରକ୍ଷା ସହଯୋଗ ଏକ ପ୍ରମୁଖ ପ୍ରସଙ୍ଗ ରହିଥିବା ଜଣାପଡ଼ିଛି। ଚାଲୁଥିବା ପ୍ରତିରକ୍ଷା ପ୍ରକଳ୍ପ ସହ ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବଢ଼ାଇବା ନେଇ ଦୁଇ ନେତା ଆଲୋଚନା କରିଥିବା ଆଶା କରାଯାଉଛି। ଏହା ସହ ରାଜନୈତିକ, ଅର୍ଥନୈତିକ, ଶକ୍ତି, ମହାକାଶ, ଦକ୍ଷତା ଗତିଶୀଳତା ଏବଂ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା କରାଯାଇଛି। ମୋଦୀ ଓ ପୁଟିନ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ମଧ୍ୟ ଆଲୋଚନା କରିଛନ୍ତି। ଏହି ସଂଘର୍ଷ ସାମୁଦ୍ରିକ ବାଣିଜ୍ୟ ଓ ଭାରତୀୟ ନାବିକଙ୍କ ସୁରକ୍ଷାକୁ ପ୍ରଭାବିତ କରୁଥିବା ପ୍ରସଙ୍ଗ ବୈଠକରେ ଉଠିଛି। ସଂଘର୍ଷର ସମାଧାନ ପାଇଁ ଆଲୋଚନା ଓ କୂଟନୀତି ହିଁ ଏକମାତ୍ର ଉପାୟ ବୋଲି ମୋଦୀ ପୁନର୍ବାର ନିଜ ମତ ରଖିଛନ୍ତି।

୨୦୨୬ରେ ବ୍ରିକ୍ସର ଅଧ୍ୟକ୍ଷତା କରୁଛି ଭାରତ। ସେପ୍ଟେମ୍ବର ୧୨ ଓ ୧୩ରେ ନୂଆଦିଲ୍ଲୀରେ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ବ୍ରିକ୍ସ ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ନେତାଙ୍କ ସହ ଆମନ୍ତ୍ରିତ ପ୍ରତିନିଧିମାନେ ଯୋଗଦେବେ। ସମ୍ମିଳନୀରେ ସାଧାରଣ ପ୍ରାଥମିକତା ଉପରେ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ମଜବୁତ କରିବା ସହ ବିଶ୍ୱ ଓ ଆଞ୍ଚଳିକ ସ୍ତରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତବିନିମୟ ହେବ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ପୁଟିନ୍‌ଙ୍କୁ ଉପହାର ଦେଲେ 'ତିରୁକ୍କୁରାଲ' ପୁସ୍ତକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ କବି ତଥା ଦାର୍ଶନିକ ତିରୁଭଲ୍ଲୁରଙ୍କ ଦ୍ୱାରା ଲିଖିତ ପ୍ରସିଦ୍ଧ ତାମିଲ ଶାସ୍ତ୍ରୀୟ ପୁସ୍ତକ 'ତିରୁକ୍କୁରାଲ'ର ଏକ ରୁଷୀୟ ଅନୁବାଦ ଉପହାର ଦେଇଛନ୍ତି। ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ମୋଦୀ ଓ ପୁଟିନଙ୍କ ସାକ୍ଷାତ ସମୟରେ ଏହି ସାହିତ୍ୟିକ ଉପହାର ପ୍ରଦାନ କରାଯାଇଥିଲା। ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ଭାରତ ଦ୍ୱାରା ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ପୁଟିନ ଶୁକ୍ରବାର ଭାରତରେ ପହଞ୍ଚିଥିଲେ।

ଏହି ଉପହାର ଏପରି ଏକ ସମୟରେ ମଧ୍ୟ ଆସିଛି ଯେତେବେଳେ ନୂଆଦିଲ୍ଲୀ ଓ ମସ୍କୋ ପାରମ୍ପରିକ ସହଯୋଗ କ୍ଷେତ୍ର ବାହାରେ ସେମାନଙ୍କର ଦୀର୍ଘକାଳୀନ ରଣନୈତିକ ସହଭାଗୀତାକୁ ବିସ୍ତାର କରିବାକୁ ଚାହୁଁଛନ୍ତି। ତାମିଲ ସାହିତ୍ୟର ସବୁଠାରୁ ସମ୍ମାନିତ କୃତି ମଧ୍ୟରୁ ଗୋଟିଏ, 'ତିରୁକ୍କୁରାଲ' ନୀତିଶାସ୍ତ୍ର, ସଦ୍ ?ଗୁଣ, ଶାସନ, ପ୍ରେମ ଓ ଜୀବନ ଆଚରଣ ସହିତ ଜଡ଼ିତ ୧୩୩୦ଟି ଦୁଇ-ଧାଡ଼ି କାବ୍ୟିକକୁ ନେଇ ଗଠିତ।

## ଗାଟିଏ କାରରେ ବସି ଭାରତ ମଣ୍ଡପମ୍ ଯାତ୍ରା କଲେ ପୁଟିନ୍-ମୋଦୀ

କୁଟନୀତି ସାଧାରଣତଃ ରାଉଣ୍ଡ ଟେବୁଲ ବା ଗୋଲ୍ ଟେବୁଲ୍ ବୈଠକରେ ହିଁ ରଚା ଯାଇଥାଏ । ବିଶ୍ୱନେତାମାନଙ୍କ ମଧ୍ୟରେ ଆଲୋଚନା ରୁଦ୍ଧଦ୍ୱାର ବୈଠକରେ ହୋଇଥାଏ । ତେବେ ଏଇ ଅଳ୍ପ କିଛିଦିନ ମଧ୍ୟରେ ଗୋଲ୍‌ଟେବୁଲ୍‌ର ସ୍ଥାନ ନେଇଛି କାର୍ । ଦାମୀ ଓ ସୁରକ୍ଷିତ କା ?ରେ ଦୁଇ ଦେଶର ରାଷ୍ଟ୍ରମୁଖ୍ୟ କେଇ ମୁହୂର୍ତ୍ତ ବୁଲାବୁଲି କରି ଅନ୍ତରଙ୍ଗ ଆଳାପ କରିବା ସହ କୁଟନୀତିକୁ ପୂର୍ଣ୍ଣ ରୂପ ଦେବା ଏବେ ନୂଆ ଟ୍ରେଣ୍ଡ ଭାବେ ଉଭା ହୋଇଛି । ଶୁକ୍ରବାର ଭାରତର ରାଜଧାନୀ ଦିଲ୍ଲୀରେ ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି, ଯାହା ଏହି 'କାର୍ କୁଟନୀତି' ଶବ୍ଦର ଉପସ୍ଥିତିକୁ ପୁଣିଥରେ ପ୍ରମାଣିତ କରିଛି ।

ବ୍ରିକ୍ ସମ୍ମିଳନୀ ପାଇଁ ନୂଆଦିଲ୍ଲୀ ଆସିଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ସହ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକତ୍ର ଗୋଟିଏ କା ?ରେ ବସି ଅନତି ଦୂରରେ ଥିବା ଭାରତ ମଣ୍ଡପମ୍ ଯାତ୍ରା କରିଥିଲେ । ଏହି ଯାତ୍ରାରେ ଚର୍ଚ୍ଚାରେ ଥିଲା ପୁଟିନ୍ ?ଙ୍କ ବିଳାସପୂର୍ଣ୍ଣ ଲିମୁଜିନ୍ କାର, ଯାହା ଚଳନ୍ତା ଦୁର୍ଗ ଭାବେ ମଧ୍ୟ ସାରା ବିଶ୍ୱରେ ଜଣା । ଏହି କା ?ର ସୁରକ୍ଷା ପ୍ରଣାଳୀ ଖୁବ୍ ସଶକ୍ତ ଓ ଦୁର୍ଗ ଭଳି ଅଭେଦ୍ୟ ହୋଇଥିବାରୁ ଏହାକୁ ଚଳନ୍ତା ଦୁର୍ଗ ବୋଲି କୁହାଯାଇଥାଏ । ଗତବର୍ଷ ଚାଇନାରେ ଅନୁଷ୍ଠିତ ସଂଘାଇ କୋଅପରେସନ ଅର୍ଗାନାଇଜେସନ ବୈଠକରେ ଯୋଗଦେବା ଅବସରରେ ପୁଟିନ ଓ ମୋଦୀ ଏହି କା ?ରେ ଏକତ୍ର ଯାତ୍ରା କରିଥିଲେ । ସେତେବେଳେ ବି ଉଭୟ ନେତାଙ୍କ ଏହି କାର୍ କୁଟନୀତିକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା । ଶୁକ୍ରବାର ଦୁଇନେତାଙ୍କ ଭିତରେ ଦ୍ୱିପାକ୍ଷିକ କଥାବାର୍ତ୍ତା ପରେ ପ୍ରଧାନମନ୍ତ୍ରୀ ମୋଦୀ ପୁଟିନଙ୍କ ଏହି ଗାଡ଼ିରେ ବସି ଭାରତ ମଣ୍ଡପମକୁ ଯାତ୍ରା କରିଥିଲେ। ଦ୍ୱିପାକ୍ଷିକ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ପୁଟିନଙ୍କୁ ପ୍ରାଚୀନ ତାମିଲ ସାହିତ୍ୟିକ ଥିରୁଭଲ୍ଲୁରଙ୍କ ରଚିତ ପୁସ୍ତକ 'ଥିରୁକୁରାଲ୍ଲ'ର ରୁଷ ଭାଷାରେ ଅନୁଦିତ ପୁସ୍ତକକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ପୁସ୍ତକ ମାଧ୍ୟମରେ ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ସଂପର୍କ ଅଧିକ ସୁଦୃଢ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ ।

## ଶୋଇଥିବା ପତ୍ନୀ ଓ ୩ ଝିଅଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା

**ନୂଆଦିଲ୍ଲୀ,୧୧।୯:** ନୃଶଂସ। ଭୟଙ୍କର। ଲୋମହର୍ଷକାଣୀ ଓ ବର୍ବର। ଜଣେ ବ୍ୟକ୍ତି ନିଜ ପରିବାର ସହ ଘଟାଇଥିବା କାଣ୍ଡ ସମସ୍ତଙ୍କୁ କରିଛି ସ୍ତବ୍ଧ। ନିଦରେ ଶୋଇଥିବା ପତ୍ନୀ ଓ ୩ ଝିଅଙ୍କୁ ସେ ଅତ୍ୟନ୍ତ ନିର୍ମମ ଭାବେ କରିଛି ହତ୍ୟା। ସମସ୍ତେ ନିଦରେ ଶୋଇଥିବା ବେଳେ ବ୍ୟକ୍ତି ଜଣକ ଗୁପ୍ତ ଭାବେ ଘରେ ପଶିଥିଲା। ଏହାପରେ ପତ୍ନୀ ଓ ୩ ଝିଅଙ୍କ ମୁଣ୍ଡକୁ ଗୋଟିଏ ପଥରରେ ଛେଚି ଦେଇଥିଲା। ଏଥିଯୋଗୁ ଘଟଣା ସ୍ଥଳରେ ୪ ଜଣ ଯାକ ପ୍ରାଣ ହରାଇଛନ୍ତି। ରାଜସ୍ଥାନର ଜୟପୁରରରେ ଏପରି ଗୋଟିଏ ଘଟଣା ଘଟିଛି। ପ୍ରାଣ ହରାଇଥିବା ମହିଳା ଜଣଙ୍କ ହେଲେ ୪୦ ବର୍ଷୀୟ ଗୀତା ଝା। ସେହିପରି ଆକ୍ରମଣରେ ତାଙ୍କର ୩ ଝିଅ ନନ୍ଦିନୀ, ଗିରିଶା ଓ ରାଧିକା ପ୍ରାଣ ହରାଇଛନ୍ତି। ଏମାନଙ୍କ ବୟସ ୧୭ରୁ ୨୩ ବର୍ଷ ମଧ୍ୟରେ ହେବ। ଗୀତାଙ୍କ ସ୍ୱାମୀ ରାହୁଲ ଝା ହିଁ ସମସ୍ତଙ୍କୁ ପଥରରେ ଛେଚି ହତ୍ୟା କରିଥିବା ପୋଲିସ୍ କହିଛି। ଘଟଣା ପରେ ରାହୁଲ ଝା ଫେରାର ହୋଇ ଯାଇଛି। ତା'କୁ ଧରିବା ପାଇଁ ପୋଲିସ୍ ବିଭିନ୍ନ ସ୍ଥାନରେ ରେଡ ଜାରି ରଖିଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନଥିଲେ ହେଁ ପାରିବାରିକ ବିବାଦରୁ ଏତେ ବଡ଼ ଘଟଣା ଘଟିଥିବା ପୋଲିସ୍ ସନ୍ଦେହ କରୁଛି। ପୁଲିସ୍‌ର କହିବା କଥା ଯେ ପୂରା ଘଟଣା ଶୁକ୍ରବାର ଦିନ ୧୦ଟା ବେଳକୁ ସାମ୍ନାକୁ ଆସିଛି। ଘର ଭିତରେ ଆଜି ସକାଳୁ କୌଣସି ହଲଚଲ ନ ହେବାରୁ ପଡ଼ୋଶୀମାନେ ସନ୍ଦେହ କରିଥିଲେ। ଏହାପରେ ସେମାନେ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ଗୋବିନ୍ଦପୁରା ସ୍ଥିତ ଘରେ ପହଞ୍ଚିଲା ବେଳକୁ ସେଠାରେ କେବଳ ଅଭିଯୁକ୍ତ ରାହୁଲର ୮୫ ବର୍ଷୀୟ ବାପା ଉପସ୍ଥିତ ଥିଲେ। ଗୀତା ଓ ତାଙ୍କର ୩ ଝିଅ ରକ୍ତାକ୍ତ ଅବସ୍ଥାରେ ଘର ଭିତରେ ପଡ଼ି ରହିଥିଲେ। ଫରେନ୍ସିକ ଟିମ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ଛାନଭିନ କରିଛନ୍ତି।

### ସାମାଜିକ ଗଣମାଧ୍ୟମ ବ୍ୟବହାରରେ ନାବାଳକଙ୍କ ସୁରକ୍ଷା ପ୍ରସଙ୍ଗ

## କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୧୧।୯:** ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଥିବା ନାବାଳକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଏବଂ ୧୮ବର୍ଷରୁ କମ୍ ବୟସର ପିଲାଙ୍କ ସହିତ କୌଣସି ପ୍ଲାଟଫର୍ମ ଯେପରି ଚୁକ୍ତିବଦ୍ଧ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଏକ ଆବେଦନ ଉପରେ ଗୁରୁବାର ସୁପ୍ରିମକୋର୍ଟ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ତଥା ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟଠାରୁ ଜବାବ ଲୋଡ଼ିଛନ୍ତି । ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ 'ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ ଆଲିଏନ୍ସ' ନାମକ ଏକ ଏନଜିଓ ଦ୍ୱାରା ଦାଖଲ ହୋଇଥିବା ଏହି ଆବେଦନ ଉପରେ ଉଭୟ ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରିଛନ୍ତି।

ଆବେଦନରେ ୧୮ବର୍ଷରୁ କମ୍ ? ବୟସର ଶିଶୁମାନଙ୍କର ମୌଳିକ ଅଧିକାରର ପ୍ରବର୍ତ୍ତନ ଏବଂ ସୁରକ୍ଷା ପାଇଁ ଦାବି କରାଯାଇଛି। ଭାରତୀୟ ଚୁକ୍ତି ଆଇନର ଧାରା ୧୧ ଅନୁଯାୟୀ ଚୁକ୍ତି କରିବାରେ ଆଇନଗତ ଅକ୍ଷମତା ସତ୍ତ୍ୱେ ଏହି ଶିଶୁମାନଙ୍କୁ କୌଣସି ପ୍ରଭାବଶାଳୀ, ସମାନ ଏବଂ ପ୍ରବର୍ତ୍ତନଯୋଗ୍ୟ ବ୍ୟବସ୍ଥା ବିନା ସ୍ୱାଧୀନ ଭାବେ ଆକାଉଣ୍ଟ ସୃଷ୍ଟି, ରକ୍ଷଣାବେକ୍ଷଣ କରିବା ଏବଂ ସାମାଜିକ ଗଣମାଧ୍ୟମ ତଥା ଅନ୍ୟାନ୍ୟ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଉଛି। ଏହା ଗମ୍ଭୀର ସାମ୍ବିଧାନିକ ଚିନ୍ତାଜନକ ବିଷୟ। କାରଣ ଏଭଳି ନିୟନ୍ତ୍ରଣହୀନତା ଶିଶୁର ଜୀବନ, ମର୍ଯ୍ୟାଦା, ଗୋପନୀୟତା, ସୁରକ୍ଷା, ସୁସ୍ଥ ବିକାଶ ଏବଂ ସାମଗ୍ରିକ କଲ୍ୟାଣର ଅଧିକାର ପ୍ରତି ବିପଦ ସୃଷ୍ଟି କରେ। ରେକର୍ଡ ଆଇନଜୀବୀ ସକ୍‌ଥମ ମହେଶ୍ୱରୀଙ୍କ ମାଧ୍ୟମରେ ଦାଖଲ ହୋଇଥିବା ଏହି ଆବେଦନ, ସୂଚନା ପ୍ରଯୁକ୍ତିବିଦ୍ୟା(ମଧ୍ୟମ ମାର୍ଗଦର୍ଶିକା ଏବଂ ଡିଜିଟାଲ ମିଡିଆ ଆଚରଣ ସଂହିତା) ନିୟମ, ୨୦୨୧କୁ ସଂଶୋଧିତ କରିବା ପାଇଁ କିମ୍ବା ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ପ୍ରଣୟନ କରିବା ପାଇଁ ନିର୍ଦ୍ଦେଶ ମାଗିଛି। ଏହା ସୁନିଶ୍ଚିତ କରିବ ଯେ ପିତାମାତା କିମ୍ବା ଆଇନଗତ ଅଭିଭାବକଙ୍କ ସମ୍ମତି ବିନା ଏବଂ ପିତାମାତା କିମ୍ବା ଅଭିଭାବକଙ୍କ ପରିଚୟ ଯାଞ୍ଚ/ଇ-କଓ୍ୱାଇସି ସାପେକ୍ଷରେ ୧୮ବର୍ଷରୁ କମ୍ ବୟସର କୌଣସି ଶିଶୁ ସହିତ କୌଣସି ଡିଜିଟାଲ ପ୍ଲାଟଫର୍ମ ଯେପରି ଚୁକ୍ତିବଦ୍ଧ ନହୁଏ ।

### ଚୁଟ୍‌କୀରେ...

## ଭୁଶୁଡ଼ିଲା ଚର୍ଚ୍ଚର ଛାତ, ୩ ମୃତ

**ତାମିଲନାଡୁ,୧୧।୯:** ଗତକାଲି ରାତିରେ ତାମିଲନାଡୁର ଭେଲୋରରେ ଏକ ନିର୍ମାଣଧୀନ ଚର୍ଚ୍ଚର ଛାତ ଭୁଶୁଡ଼ି ପଡ଼ିଛି । ଫଳରେ ଭଗ୍ନାବଶେଷ ତଳେ ଚାପି ହୋଇ ୩ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ଅଗ୍ନିଶମ ବାହିନୀ ଏବଂ ଘଉଜର ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ସୂଚନାନୁଯାୟୀ, କଟପାଡି ନିକଟସ୍ଥ ମଣ୍ଡି କୃଷ୍ଣପୁରମରେ ନିର୍ମାଣାଧୀନ ଚର୍ଚ୍ଚ ଅଫ୍ ସାଉଥ୍ ଇଣ୍ଡିଆ କୋଠାର ଛାତ ସ୍ଲାବ୍ ଭୁଶୁଡ଼ି ପଡ଼ିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଶ୍ରମିକମାନେ ଛାତ ପାଇଁ କଂକ୍ରିଟ୍ ଢାଳୁଥିଲେ ଯେତେବେଳେ ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା । ଯାହା ଫଳରେ ଲୋକମାନେ ଭଗ୍ନାବଶେଷ ତଳେ ଫସି ଯାଇଥିଲେ । ସୂଚନା ପାଇବା ପରେ ଘଉଜର ଟିମ୍, ଜିଲ୍ଲା ପ୍ରଶାସନ, ପୋଲିସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସହିତ ମିଶି ନିର୍ମାଣସ୍ଥଳରେ ପହଞ୍ଚି ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଓ ୧୧ ଜଣ ଆହତ ହୋଇଛନ୍ତି । ଆହତ ୧୧ ଜଣ ଶ୍ରମିକଙ୍କୁ ଆମ୍ବୁଲାନ୍ସରେ ଭେଲୋର ସରକାରୀ ମେଡିକାଲ କଲେଜ ହସ୍ପିଟାଲ, ଖ୍ରୀଷ୍ଟିଆନ ମେଡିକାଲ କଲେଜ ହସ୍ପିଟାଲ ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଚିତ୍ତୁରର ଏକ ହସ୍ପିଟାଲକୁ ନିଆଯାଇଥିଲା ।

## ଭାରତ ସମେତ ତିବ୍ବତ ଓ ଆଫଗାନିସ୍ତାନରେ ଭୂକମ୍ପ ଝଟକା

**ନୂଆଦିଲ୍ଲୀ,୧୧।୯:** ମଧ୍ୟରାତ୍ରିରେ ହଠାତ୍ ଭୂକମ୍ପର ଝଟକା। ଭାରତର ବିଭିନ୍ନ ଅଞ୍ଚଳ ସମେତ ପଡ଼ୋଶୀ ଦେଶରେ ମଧ୍ୟ ଏକାଧିକ ଭୂକମ୍ପ ରେକର୍ଡ ହୋଇଛି। ଶୁକ୍ରବାର ରାତିରୁ ଭୋର ପର୍ଯ୍ୟନ୍ତ ଲଦାଖ, ଆସାମ ଓ ପଶ୍ଚିମବଙ୍ଗ ସମେତ ତିବ୍ବତ ଓ ଆଫଗାନିସ୍ତାନରେ ଭୂକମ୍ପ ହୋଇଥିବା ଜଣାପଡ଼ିଛି। ଲଗାତାର ଭୂକମ୍ପ ଯୋଗୁଁ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନିର ଖବର ମିଳିନାହିଁ। ସୂଚନା ଅନୁଯାୟୀ, ରାତି ପ୍ରାୟ ୧୨ଟା ୨୭ ମିନିଟ୍‌ରେ ଲେହ-ଲଦାଖରେ ୩.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଭୂକମ୍ପର କେନ୍ଦ୍ର ଭୂପୃଷ୍ଠଠାରୁ ପ୍ରାୟ ୧୨ କିଲୋମିଟର ଗଭୀରରେ ଥିବା ଜଣାପଡ଼ିଛି। ହଠାତ୍ ଭୂଇଁ ଥରିବାରୁ ଅନେକ ଲୋକଙ୍କ ନିଦ ଭାଙ୍ଗିଯାଇଥିଲା। ଭୟଭୀତ ହୋଇ କେତେକ ଲୋକ ଘରୁ ବାହାରକୁ ଚାଲିଆସିଥିଲେ।ଏହାର କିଛି ସମୟ ପରେ ଭୋର ପ୍ରାୟ ୧ଟା ୨୦ ମିନିଟ୍‌ରେ ଆସାମରେ ୩.୧ ତୀବ୍ରତାର ଭୂକମ୍ପ ରେକର୍ଡ ହୋଇଥିଲା। ଏହାର ଗଭୀରତା ପ୍ରାୟ ୩୯ କିଲୋମିଟର ଥିଲା। ସେହିପରି ପଶ୍ଚିମବଙ୍ଗର ଆଲିପୁରଦ୍ୱାରରେ ମଧ୍ୟ ୩.୦ ତୀବ୍ରତାର କମ୍ପନ ଅନୁଭୂତ ହୋଇଥିଲା। କେବଳ ଭାରତ ନୁହେଁ, ପଡ଼ୋଶୀ ଦେଶଗୁଡ଼ିକରେ ମଧ୍ୟ ଭୂକମ୍ପର କମ୍ପନ ରେକର୍ଡ ହୋଇଛି। ଭୋର ପ୍ରାୟ ୪ଟା ୨ ମିନିଟ୍‌ରେ ତିବ୍ବତରେ ୪.୭ ତୀବ୍ରତାର ଭୂକମ୍ପ ହୋଇଥିଲା। ଏହାର ଗଭୀରତା ପ୍ରାୟ ୩୦ କିଲୋମିଟର ଥିଲା। ଏହାର ପ୍ରାୟ ୧୮ ମିନିଟ୍ ପରେ, ଅର୍ଥାତ୍ ସକାଳ ୪ଟା ୨୦ ମିନିଟ୍‌ରେ ଆଫଗାନିସ୍ତାନରେ ୩.୫ ତୀବ୍ରତାର ଭୂକମ୍ପ ରେକର୍ଡ ହୋଇଥିଲା। ଏହି ଭୂକମ୍ପର ଗଭୀରତା ପ୍ରାୟ ୧୬୩ କିଲୋମିଟର ଥିଲା।

## ବିହାରରେ ୧୫ ଜିଲ୍ଲାର ୪୬ ଲକ୍ଷ ଲୋକ ପ୍ରଭାବିତ

**ପାଟନା,୧୧।୯:** ବିହାରରେ ବନ୍ୟା ସ୍ଥିତି ସଙ୍ଗୀନ ରହିଛି। ୧୫ ଜିଲ୍ଲାରେ ୪୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଶୁକ୍ରବାର ସୁଦ୍ଧା ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଗଙ୍ଗା, ଗଣ୍ଡକ, ବୁଢ଼ୀ ଗଣ୍ଡକ, କୋଶୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବିହାର ବିପର୍ଯ୍ୟୟ ପରିଚାଳନା ବିଭାଗ ସଦ୍ୟ ବୁଲେଟିନ୍ ଅନୁଯାୟୀ, ୧୫ ଜିଲ୍ଲାର ୮୮ ବ୍ଲକ, ୫୬୧ ଗ୍ରାମ ପଞ୍ଚାୟତରେ ୪୬.୮୮ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଜିଲ୍ଲା ମଧ୍ୟରେ ପାଟନା, ଭୋଜପୁର, ସରଣ, ବୈଶାଳୀ, ଭାଗଲପୁର, ବେଗୁସରାଇ ବକ୍ସର, ସମସ୍ତିପୁର, ମୁଙ୍ଗେର, କଟିହାର, ଲଖିସରାଇ, ଖଗରିଆ, ପୂର୍ଣ୍ଣିଆ, ମଧେପୁରା, ଅରରିୟା ରହିଛି। ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲାମାନଙ୍କ ମଧ୍ୟରେ ଭାଗଲପୁର, ପାଟନା, ସରଣ, ବୈଶାଳୀ, ବେଗୁସରାଇ, କଟିହାର, ପୂର୍ଣ୍ଣିଆ ଓ ବକ୍ସର ରହିଛି। ବିହାର ପାଣିପାଗ ବିଭାଗ କେନ୍ଦ୍ର ସୂଚନା ଅନୁଯାୟୀ, ସେପ୍ଟେମ୍ବରରେ ଏପର୍ଯ୍ୟନ୍ତ ୯୦ ମିମି ବର୍ଷା ରେକର୍ଡ଼ କରାଯାଇଛି, ଯାହାକି ସାଧାରଣଠାରୁ ୨୦ ପ୍ରତିଶତ ଅଧିକ। ଶୁକ୍ରବାର ସକାଳ ୬ଟାରେ ଗଙ୍ଗା ନଦୀ ଭାଗଲପୁରର ସୁଲତାନଗଞ୍ଜଠାରେ ବିପଦ ସଙ୍କେତଠାରୁ ୨.୧୨ ମିଟର ଉପରେ ୩୬.୬୨ ମିଟରରେ ପ୍ରବାହିତ ହେଉଥିଲା। ବନ୍ୟା ସ୍ଥିତିକୁ ଦେଖି ରାଜ୍ୟରେ ୧୧୯୪ଟି କମ୍ୟୁନିଟି କିଚେନ୍ ଖୋଲା ଯାଇଛି। ବିପନ୍ନଙ୍କ ପାଇଁ ୧୫ଟି ରିଲିଫ୍ ଶିବିର କାର୍ଯ୍ୟ କରୁଛି, ଯେଉଁଠାରେ ୧୧,୨୫୫ ଜଣ ବନ୍ୟା ପୀଡିତଙ୍କ ପାଇଁ ରହିବା, ଖାଦ୍ୟ, ଚିକିତ୍ସା ଓ ଅନ୍ୟାନ୍ୟ ଜରୁରୀ ସେବାର ବ୍ୟବସ୍ଥା କରାଯାଇଛି।

## ୧୦୦ ଶିଖ ଶ୍ରଦ୍ଧାଳୁଙ୍କୁ ହେମକୁଣ୍ଡ ସାହିବ ଆସିବାକୁ ଦେଲାନି ପାକିସ୍ତାନ

**ନୂଆଦିଲ୍ଲୀ,୧୧।୯:** ସମସ୍ତଙ୍କ ପାଖରେ ଭାରତ ଆସିବାକୁ ବୈଧ ଭିସା ଥିଲା। ୧୦୦ରୁ ଅଧିକ ଶିଖ ଶ୍ରଦ୍ଧାଳୁ ଏଥିପାଇଁ ଏୟାରପୋର୍ଟରେ ପହଞ୍ଚି ସାରିଥିଲେ। ସେମାନେ ଉତ୍ତରାଖଣ୍ଡରେ ଥିବା ପବିତ୍ର ହେମକୁଣ୍ଡ ସାହିବ ଆସିବାକୁ ଚାହୁଁଥିଲେ। କିନ୍ତୁ ପାକିସ୍ତାନ ଅଧିକାରୀମାନେ ୧୦୦ ଶିଖ ଶ୍ରଦ୍ଧାଳୁଙ୍କୁ ଭାରତ ଆସିବାକୁ ଦେଇ ନାହାନ୍ତି। ସାଧାରଣ ଲୋକଙ୍କ ଯାତ୍ରା ପାଇଁ ଏନଓସି ଆବଶ୍ୟକ ପଡୁ ନଥିବା ବେଳେ ପାକିସ୍ତାନ ଅଧିକାରୀ ଜାଣିଶୁଣି ଶିଖ ଶ୍ରଦ୍ଧାଳୁଙ୍କୁ ଏୟାରପୋର୍ଟରେ ଅଟକାଇ ହଇରାଣ କରିଛନ୍ତି। ପାକିସ୍ତାନ ଅଧିକାରୀଙ୍କ ଏପରି ପଦକ୍ଷେପକୁ ଶିଖ ଶ୍ରଦ୍ଧାଳୁମାନେ ଲଜ୍ଜାଜନକ ବୋଲି ମଧ୍ୟ କହିଛନ୍ତି। ବିବାଦ କାରଣରୁ ଭାରତ-ପାକିସ୍ତାନ ସ୍ଥଳ ସୀମା ବନ୍ଦ ରହିଛି। ତେଣୁ ଶିଖ ଶ୍ରଦ୍ଧାଳୁମାନେ ୟୁଏଇ ଦେଇ ଭାରତ ଆସିବାକୁ ଚାହିଁଥିଲେ। କିନ୍ତୁ ସେମାନଙ୍କୁ ପାକିସ୍ତାନ ଅଧିକାରୀମାନେ ଫୈଜଲାବାଦ ଅନ୍ତର୍ଜାତୀୟ ଏୟାରପୋର୍ଟରୁ ଉଡ଼ାଣ ପାଇଁ ଅନୁମତି ଦେଇ ନାହାନ୍ତି। ୟୁଏଇ ଯିବା ପାଇଁ ଶିଖ ଶ୍ରଦ୍ଧାଳୁଙ୍କ ପାଖରେ ଏନଓସି ନଥିବା ଆଳ ଦେଖାଇ ପାକିସ୍ତାନ କର୍ତ୍ତୃପକ୍ଷ ଏପରି ପଦକ୍ଷେପ ନେଇଛନ୍ତି। ଜଣେ ଶିଖ ଶ୍ରଦ୍ଧାଳୁ ଏୟାରପୋର୍ଟରୁ ଭିଡିଓ ରେକର୍ଡ କରି ସୋଶାଲ ମିଡିଆରେ ପୋଷ୍ଟ କରିଛନ୍ତି। ଏଥିରେ ସେ କହିଛନ୍ତି, "ପାକିସ୍ତାନୀ ପାସପୋର୍ଟରେ ଆମେ ଆଇନଗତ ଉପାୟରେ ଭିସା ହାସଲ କରିଥିଲୁ। ଏପରି ସ୍ଥିତିରେ ଇମିଗ୍ରେସନ ଅଧିକାରୀମାନେ କେଉଁ ଅଧିକାର ବଳରେ ଜଣେ ସାଧାରଣ ଲୋକଙ୍କୁ ଏନଓସି ମାଗୁଛନ୍ତି ?

ଯଦି କାହାର ଅପରାଧିକ ରେକର୍ଡ ଥିବା କିମ୍ବା ଅନ୍ୟ କୌଣସି କାରଣରୁ ସେମାନଙ୍କ ପାଇଁ ଏନଓସି ଆବଶ୍ୟକ ପଡ଼େ। ଆମେ ଏଠାକୁ ଆସିଛୁ। ଆମେ କୌଣସି ସରକାରୀ ଅଧିକାରୀ ନୁହଁ। ଆମ ପାଖରେ ପାସପୋର୍ଟ ଓ ଭିସା ଷ୍ଟାମ୍ପ ରହିଛି।" ଏହି ସମୟରେ ସେ ଗ୍ରୀନ ପାକିସ୍ତାନୀ ପାସପୋର୍ଟକୁ ମଧ୍ୟ ପ୍ରଦର୍ଶନ କରିଥିଲେ। ଶିଖ ଜଠାର ନେତା ପାପିନ୍ଦର ସିଂହଙ୍କ କହିବା କଥା ଯେ ଶ୍ରଦ୍ଧାଳୁମାନେ ଫୈଜଲାବାଦରୁ ସାରଜା ଓ ସେଠାରୁ ଦିଲ୍ଲୀ ଆସିବାର ଥିଲା। ସେମାନେ ଦିଲ୍ଲୀ, ଅମୃତସର, ଶ୍ରୀ ଆନନ୍ଦପୁର ସାହିବ ଓ ଶ୍ରୀ ହେମକୁଣ୍ଡ ସାହିବ ପାଇଁ ଭାରତୀୟ ଭିସା ହାସଲ କରିଥିଲେ। ତଥାପି ସେମାନେ ବେଆଇନ ଭାବେ ଏୟାରପୋର୍ଟରେ ଅଟକ ରଖାଯାଇଥିବା ସେ କହିଛନ୍ତି।

## କଙ୍ଗୋରେ ସ୍କୁଲରେ ନିଆଁ ; ୨୬ ଛାତ୍ରଛାତ୍ରୀ ମୃତ

**ନୂଆଦିଲ୍ଲୀ,୧୧।୯:** କଙ୍ଗୋର ପୂର୍ବତନ ସହର ବୁକାଭୁରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିଛି। ଗୁରୁବାର ସ୍ଥାନୀୟ ଦୁଇଟି ସ୍କୁଲରେ ଭୀଷଣ ନିଆଁ ଲାଗିଯିବାରୁ ୨୬ ଜଣ ଛାତ୍ରଛାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ପ୍ରାଦେଶିକ ସରକାରଙ୍କ ସୂଚନା ଅନୁଯାୟୀ, ମୃତକଙ୍କ ମଧ୍ୟରେ ୧୯ ଜଣ ବାଳିକା ଏବଂ ୭ ଜଣ ବାଳକ ରହିଛନ୍ତି । ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି । ସ୍ଥାନୀୟ ପ୍ରଶାସନର ସୂଚନା ମୁତାବକ, ପ୍ରଥମେ ଏକ ଘରେ ନିଆଁ ଲାଗିଥିଲା ଏବଂ ପରେ ଏହା ପାଖରେ ଥିବା ଦୁଇଟି ସ୍କୁଲକୁ ବ୍ୟାପି ଯାଇଥିଲା । ଏହି ଦୁଇଟି ସ୍କୁଲ ପାଖାପାଖି ରହିଥିଲା । ନିଆଁ ଦ୍ରୁତ ଗତିରେ ବ୍ୟାପିଯିବାରୁ ଛାତ୍ରଛାତ୍ରୀମାନଙ୍କୁ ସମ୍ଭାଳିବାର କୌଣସି ସୁଯୋଗ ମିଳି ନଥିଲା । 'ଫୁରାହା ମାଧ୍ୟମିକ ବିଦ୍ୟାଳୟ' ଏବଂ 'ଉଜାମା ପ୍ରାଥମିକ ବିଦ୍ୟାଳୟ' ରେ ଏହି ଦୁର୍ଘଟଣା ଘଟିଛି । ଅଗ୍ନିକାଣ୍ଡ ସମୟରେ ଅନେକ ଛାତ୍ରଛାତ୍ରୀ ଫୁରାହା ସେକେଣ୍ଡାରୀ ସ୍କୁଲ ଭିତରେ ହିଁ ଫସି ରହିଥିଲେ । ଧୂଆଁରେ ଶ୍ୱାସରୁଦ୍ଧ ହୋଇ କିଛି ଛାତ୍ରଙ୍କର ମୃତ୍ୟୁ ଘଟିଛି ।

ନିଆଁ ଲାଗିବା ପରେ ସ୍କୁଲ ପରିସରରେ ହାହାକାର ପଡ଼ିଯାଇଥିଲା । ସ୍କୁଲରୁ ବାହାରିବା ପାଇଁ ରାସ୍ତାଟି ବହୁତ ସଂକୀର୍ଣ୍ଣ ଥିଲା । ଅନେକ ଛାତ୍ରଛାତ୍ରୀ ମୁଖ୍ୟ ଦ୍ୱାର ଆଡ଼କୁ ଦୌଡ଼ିଥିବା ବେଳେ କେତେଜଣ ଝରକା ଦେଇ ବାହାରକୁ ଆସିବାକୁ ଚେଷ୍ଟା କରିଥିଲେ । ସ୍ଥାନୀୟ ଅଧିକାରୀ ମୋଇଜ ଲୁବାଲା କହିଛନ୍ତି ଯେ ବାହାରକୁ ବାହାରିବା ସମୟରେ ପିଲାମାନେ ପରସ୍ପର ସହ ଧକ୍କା ହୋଇଥିଲେ । ଅନେକ ପିଲା ତଳେ ପଡ଼ିଯିବାରୁ ତାଙ୍କର ଦଳାଚକଟାରେ ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ଆହତ ଛାତ୍ରଛାତ୍ରୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାକାର ନର୍ସ ସିଜା ଜିନ୍-ବ୍ୟାପ୍ଟିଷ୍ଟ କହିଛନ୍ତି ଯେ, ଆହତମାନଙ୍କ ସଂଖ୍ୟା ଏତେ ଅଧିକ ଥିଲା ଯେ ମେଡିକାଲ ଷ୍ଟାଫ୍‌ଙ୍କ ପାଇଁ ସଠିକ୍ ସଂଖ୍ୟା ହିସାବ ରଖିବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା । ଅନେକଙ୍କୁ ସ୍ଥାନୀୟ କେନ୍ଦ୍ରଗୁଡ଼ିକରେ ଚିକିତ୍ସା କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ନିଆଁ ଲାଗିବାର ସଠିକ୍ କାରଣ ଜଣାପଡ଼ିନାହିଁ । ସ୍ଥାନୀୟ ପ୍ରଶାସନର କହିବା କଥା ଯେ ଯେଉଁ ଅଞ୍ଚଳରେ ନିଆଁ ଲାଗିଥିଲା, ସେଠାରେ ଜନସଂଖ୍ୟା ବହୁତ ଅଧିକ ଏବଂ ଅଧିକାଂଶ ଘର କାଠରେ ତିଆରି ହୋଇଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପିଥିଲା ।

### ମଧ୍ୟପ୍ରାଚ୍ୟ ସଙ୍କଟ

## ସାଉଦି ଆରବ ଉପରେ ହୁତି ଆକ୍ରମଣ

### ମୋଚା ବନ୍ଦର ଦଖଲ କଲେ ବିଦ୍ରୋହୀ



**ନୂଆଦିଲ୍ଲୀ,୧୧।୯:** ଆମେରିକା ଓ ଏହାର ସହଯୋଗୀ ଦେଶଗୁଡ଼ିକ ଉପରେ ଚାପ ସୃଷ୍ଟି କରିବା ପାଇଁ ଇରାନ୍ ବର୍ତ୍ତମାନ ୟେମେନର ହୁତି ବିଦ୍ରୋହୀ ଏବଂ ଇରାକର ମିଲିସିଆ ଗୋଷ୍ଠୀଗୁଡ଼ିକୁ ବ୍ୟାପକ ଭାବେ ବ୍ୟବହାର କରୁଥିବା ଆଞ୍ଚଳିକ ଅଧିକାରୀ ଓ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୮ ତାରିଖରେ ଇରାନ୍ ସମର୍ଥିତ ହୁତି ସେନା ଦକ୍ଷିଣ ସାଉଦି ଆରବର ଅଭା, ନଜରାନ ଏବଂ ଜିଜାନଠାରେ ଥିବା ସରକାରୀ ତେଲ କମ୍ପାନୀ ''ଆରାମକୋ''ର ଶକ୍ତି ପ୍ରକଳ୍ପଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଯୋଗୁଁ ବିଭିନ୍ନ ପ୍ରକଳ୍ପରେ ନିଆଁ ଲାଗିବା ସହ ତେଲ ଯୋଗାଣ ବାଧାପ୍ରାପ୍ତ ହୋଇଛି ଏବଂ ୭୩ ଜଣ ଗୁରୁତର ଆହତ ହୋଇଥିବା ସାଉଦି କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି।

ଅନ୍ୟପକ୍ଷରେ, ଲାଲ ସମୁଦ୍ର କୂଳରେ ହୁତି ବିଦ୍ରୋହୀମାନେ ନିଜର ପ୍ରଭାବ ବୃଦ୍ଧି କରିବାରେ ଲାଗିଛନ୍ତି। ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଜଳପଥ ''ବାବ୍ ଏଲ୍-ମାଣ୍ଡେବ୍'' ପ୍ରଣାଳୀଠାରୁ ମାତ୍ର ୮୦ କିଲୋମିଟର ଦୂରରେ ଥିବା ଐତିହାସିକ ବନ୍ଦର ସହର ''ମୋଚା''କୁ ହୁତି ବିଦ୍ରୋହୀମାନେ ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ଏହାସହ ସେମାନେ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହାନିଶ୍ ଦ୍ୱୀପପୁଞ୍ଜ ଆଡ଼କୁ ଅଗ୍ରସର ହେଉଛନ୍ତି। ଷ୍ଟ୍ରେଟ୍ ଅଫ୍ ହୋରମୁଜରେ ଯୁଦ୍ଧ ଯୋଗୁଁ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ପରେ ସାଉଦି ଆରବ ଲାଲ ସମୁଦ୍ର ଦେଇ ତେଲ ପରିବହନ ବୃଦ୍ଧି କରିଥିଲା, ମାତ୍ର ବର୍ତ୍ତମାନ ଏହି ବିକଳ୍ପ ରାସ୍ତା ମଧ୍ୟ ସଙ୍କଟମୋଚନ ବଦଳରେ ହୁତିଙ୍କ ଲକ୍ଷ୍ୟସ୍ଥଳ ପାଲଟିଛି।

ସମ୍ପ୍ରତି ଘଟିଥିବା ଏହି ସଂଘର୍ଷ ଯୋଗୁଁ ୟେମେନରେ ପୁନର୍ବାର ସମ୍ପୂର୍ଣ୍ଣ ଗୃହଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ଦେଖାଦେଇଛି। ଗତ ଦୁଇ ସପ୍ତାହ ମଧ୍ୟରେ ତାଏଜ୍ ଏବଂ ହୋଡେଇଦାରେ ଚାଲିଥିବା ଲଢ଼େଇ ଯୋଗୁଁ ୨୦,୦୦୦ରୁ ଅଧିକ ଲୋକ ବିସ୍ଥାପିତ ହୋଇସାରିଛନ୍ତି। ହୁତି ବିଦ୍ରୋହୀଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ସାଉଦି ଆରବ ପାକିସ୍ତାନ ମାଧ୍ୟମରେ ତେହେରାନକୁ ଚେତାବନୀ ପଠାଇଛି। ତେବେ ଇରାନ୍ ବାହାର ପାଖରେ ହୁତିଙ୍କ ଉପରେ ନିଜର ନିୟନ୍ତ୍ରଣ ନଥିବା କହୁଥିଲେ ହେଁ ସୂତ୍ର ଅନୁଯାୟୀ ସାଉଦି ଆରବ ଉପରେ ଆକ୍ରମଣ କରିବାକୁ ଇରାନ୍ ହିଁ ହୁତିମାନଙ୍କୁ ଅସ୍ତ୍ରଶସ୍ତ୍ର ଓ ଆର୍ଥିକ ସହାୟତାର ପ୍ରଲୋଭନ ଦେଇ ନିର୍ଦ୍ଦେଶ ଦେଇଛି।





॥ ବିଶ୍ୱ ସଂସ୍କୃତ ସପ୍ତାହ ॥

# ଡ. ଗୋପାଳ ପ୍ରସାଦ ମହାପାତ୍ର ସମ୍ବର୍ଦ୍ଧିତ



**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ବିଶ୍ୱ ସଂସ୍କୃତ ସପ୍ତାହ-୨୦୨୬ ପାଳନ ପରିପ୍ରେକ୍ଷୀରେ ସତ୍ୟବାଦୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । 'ଆମ ଭାଷା, ଆମ ସାହିତ୍ୟ ଓ ସଂସ୍କୃତ ଭାଷା' ଶୀର୍ଷକ ଏହି ଆଲୋଚନାଚକ୍ରରେ କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟ ପୌରୋହିତ୍ୟ କରି ବକ୍ତବ୍ୟରେ ଭାରତ ସରକାରଙ୍କ ପକ୍ଷରୁ ସଂସ୍କୃତ ଭାଷାର ବିକାଶ ଓ ବ୍ୟାପକ ପ୍ରସାର ନିମନ୍ତେ ପ୍ରଣୟନ କରାଯାଇଥିବା ଅଷ୍ଟାଦଶ ଯୋଜନା ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ସଂସ୍କୃତ ଏକ ବିଜ୍ଞାନ ସମ୍ମତ ଭାଷା ହୋଇଥିବାରୁ ଇସ୍ରୋର ବିଭିନ୍ନ ପରୀକ୍ଷଣ ସମୟରେ ସଂସ୍କୃତ ଭାଷାର ବ୍ୟବହାର କରାଯାଏ । ଖ୍ୟାତିସଂପନ୍ନ ସଂସ୍କୃତ ବିଦ୍ୱାନ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସଂଯୋଜକ ଡକ୍ଟର୍ ଗୋପାଳ ପ୍ରସାଦ ମହାପାତ୍ର ଏହି ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ରୂପେ ଯୋଗଦେଇ ସହସ୍ରାଧିକ ବର୍ଷ ବ୍ୟାପୀ ଓଡ଼ିଆ ଓ ସଂସ୍କୃତ ଭାଷା କିଭଳି ପରସ୍ପରକୁ ପ୍ରଭାବିତ କରି ଆସିଛନ୍ତି, ସେ ବିଷୟରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ, ଓଡ଼ିଆ କାବ୍ୟରୁ ଅନେକ ପଂକ୍ତି ଆବୃତ୍ତି କରିବା ସହିତ ସଂସ୍କୃତ ସାହିତ୍ୟ ସହିତ କିପରି ସଂପର୍କିତ, ସେ ସମ୍ବନ୍ଧରେ ସବିଶେଷ ଚର୍ଚ୍ଚା କରିଥିଲେ । ଏହି ଅବସରରେ ପ୍ରଫେସର୍ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଞ୍ଚଳିକ, ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ପରିଦର୍ଶୀ ପ୍ରଫେସର୍ ଡ. ବବ୍ରୁବାହନ ମହାପାତ୍ର ଏହି ଆଲୋଚନା ଚକ୍ରର ସଂଯୋଜନା କରିଥିଲେ । ଏହି ଆଲୋଚନାଚକ୍ରରେ ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଆଞ୍ଚଳିକ-ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ମୁଖ୍ୟା ଡ. ଶର୍ମିଷ୍ଠା ମହାପାତ୍ର, ସହକାରୀ ପ୍ରଫେସର୍ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ, ପରିଦର୍ଶୀ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା, ଡ. ସଂଗୀତା ଜେନା, ଡ. ନିବେଦିତା ମହାନ୍ତି, ଡ. ବାସନ୍ତୀ ମହାନ୍ତି, ଡ. ସସ୍ମିତା ଜେନା ଓ ଡ. ମୋନାଲି ଟ୍ୟାଙ୍ଗ୍ ପ୍ରମୁଖ ସାମିଲ୍ ହୋଇଥିଲେ । ସ୍ନାତକୋତ୍ତର ପରିଷଦ ଅଧକ୍ଷା ଡ. ଲିପିକା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଶେଷ ପର୍ଯ୍ୟାୟରେ ଗଜାନନଙ୍କ ପୂଜା ପ୍ରସ୍ତୁତି

## ଆକର୍ଷଣ ସାଜିଛି ବାଲିପନ୍ତାଳ ଗ୍ରାମର ପଞ୍ଚମୁଖୀ ଯୁଥ୍ କ୍ଲବ୍

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଆଉ ମାତ୍ର ଦିନଟିଏ ପରେ ବିଘ୍ନ ବିନାଶନ ପ୍ରଭୁ ଶ୍ରୀ ଗଜାନନଙ୍କ ପୂଜା । ଏଥି ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପ୍ରତି ଅନୁଷ୍ଠାନରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । ସବୁଠୁ ବେଶି ଚର୍ଚ୍ଚାରେ ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ବାଲିପନ୍ତାଳ ଗ୍ରାମର ପଞ୍ଚମୁଖୀ ଯୁଥ କ୍ଲବ । ଏହି କ୍ଲବ ଦୀର୍ଘ ୩୪ ବର୍ଷ ଧରି ଗାଁରେ ଏକତା ଓ ସେବାର ପ୍ରତୀକ ସାଜିଛି । ପ୍ରଥମେ ମାତ୍ର ୧୦ ରୁ ୧୫ ଜଣ ଯୁବକଙ୍କୁ ନେଇ ଆରମ୍ଭ ହୋଇଥିବା ଅନୁଷ୍ଠାନ ଆଜି ୫୩ ଜଣ ସକ୍ରିୟ ସଦସ୍ୟଙ୍କୁ ନେଇ ଏକ ବଡ ପରିବାରରେ ପରିଣତ ହୋଇଛି । ପ୍ରତି ବର୍ଷ ନୂଆ ଯୁବକ ଯୋଡି ହେଉଛନ୍ତି, ସଦସ୍ୟ ସଂଖ୍ୟା କ୍ରମଶଃ ବଢି ଚାଲିଛି । ଏଠି ରାଜନୀତି ନାହିଁ, ଅଛି କେବଳ ଭାଇଚାରା ଓ ଦୃଢ ଏକତା । ଏହାହିଁ କ୍ଲବର ମୁଖ୍ୟ ଶକ୍ତି । ଚଳିତ ବର୍ଷ କ୍ଲବ ପକ୍ଷରୁ ୧୨ ଫୁଟ ଉଚ୍ଚର ବିଶାଳ ଓ ଆକର୍ଷଣୀୟ ମୂର୍ତ୍ତି ନିର୍ମାଣ କରାଯାଉଛି । ଏଥି ପାଇଁ ଦକ୍ଷ କାରିଗର ଙ୍କୁ ମୂର୍ତ୍ତି ଅର୍ଡର ଦିଆଯାଇଛି । ମଣ୍ଡପକୁ ରଙ୍ଗୀନ ଆଲୋକମାଳା, ଫୁଲ, କପଡା ତୋରଣରେ ସୁସଜ୍ଜିତ କରାଯାଇଛି । ସାଉଣ୍ଡ ସିଷ୍ଟମ, ପୂଜା ସାମଗ୍ରୀ ସବୁ ପ୍ରସ୍ତୁତ । ସଭାପତି ପପୁ ପରିଡା ଓ ଉପ ସଭାପତି ମିଥୁନ ସେନାପତି ଓରଫ ଚିକୁଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ନିଜ ନିଜ ଦାୟିତ୍ୱ ତୁଲାଇଛନ୍ତି । ପୂଜା ଦିନ ସନ୍ଧ୍ୟାରେ ୫୦୦ ରୁ ଅଧିକ ଲୋକଙ୍କ ପାଇଁ ପ୍ରସାଦ ସେବନ ଓ ଭବ୍ୟ ଭଜନ ସନ୍ଧ୍ୟା ଆୟୋଜନ କରାଯିବ । ସ୍ଥାନୀୟ ଭଜନ ମଣ୍ଡଳୀ ଓ କଳାକାର ଭଜନ ପରିବେଷଣ କରିବେ । ଶାନ୍ତି ଶୃଙ୍ଖଳା ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ ହେବେ । ଏ ସମ୍ପର୍କରେ କ୍ଲବର ସଦସ୍ୟ ତଥା ଯୁବ ରାଜନୈତିକ ବ୍ୟକ୍ତିତ୍ୱ ଚନ୍ଦନ ଦାସ କହିଛନ୍ତି - ଆମ କ୍ଲବର ମୂଳ ଶକ୍ତି ହେଉଛି ଏକତା । ଆମେ ଦଳ, ମତ, ରଙ୍ଗ ଭୁଲି ଗାଁ ପାଇଁ ଏକାଠି ହୋଇଛୁ । ଗଣେଶ ପୂଜା ବାହାନାରେ ଆମେ ଗ୍ରାମବାସୀଙ୍କୁ ଏକାଠି କରୁଛୁ । ପୂଜା ବ୍ୟତୀତ ବର୍ଷ ସାରା ବୃକ୍ଷ ରୋପଣ, ସଫେଇ ଅଭିଯାନ ଭଳି




ସାମାଜିକ କାର୍ଯ୍ୟ କରୁଛୁ । ଏହି ଏକତା ଆଗକୁ ବି ରହିବ ଓ ଗାଁର ବିକାଶରେ ଆମେ ସହଯୋଗ କରିବୁ । ବାଲିପନ୍ତାଳର ଏହି ଆଦର୍ଶ ଏବେ ସମଗ୍ର ଅସ୍ତରଙ୍ଗ ବ୍ଲକ ପାଇଁ ଉଦାହରଣ ପାଲଟିଛି । ଯେଉଁଠି ଅନେକ ସ୍ଥାନରେ ଗୋଷ୍ଠୀ କନ୍ଦଳ ଗାଁକୁ ଭାଙ୍ଗୁଛି, ସେଠି ବାଲିପନ୍ତାଳର ୫୩ ଯୁବକ ଏକତାର ମନ୍ତ୍ର ଜପି ଗାଁକୁ ଯୋଡୁଛନ୍ତି । ଏହା ପ୍ରଶଂସନୀୟ ।

# ଆଲମାରୀରେ ବନ୍ଦୀ ଭବିଷ୍ୟତ

- ଘରୁ ବ୍ୟାଟ୍ ଆଣି ଖେଳୁଛନ୍ତି ପିଲା
- କ୍ରୀଡ଼ା ଟଙ୍କା ଆତ୍ମସାତ୍



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫୩ଟି ବିଦ୍ୟାଳୟରେ ଖେଳ ବ୍ୟବସ୍ଥା ନାଁକୁ ମାତ୍ର । ପ୍ରାଥମିକ, ଉଚ୍ଚ ପ୍ରାଥମିକ ୧୩୧ ଟି ଏବଂ ଉଚ୍ଚ ବିଦ୍ୟାଳୟ ୨୨ ଟି ରେ ସରକାରୀ କ୍ରୀଡା ଅନୁଦାନ ହରିଲୁଟ ହେଉଥିବା ଅଭିଯୋଗ ସଙ୍ଗୀନ ହେଲାଣି । ବିଦ୍ୟାଳୟକୁ ଆସୁଥିବା ଖେଳ ସାମଗ୍ରୀ ଆଲମାରୀରେ ବନ୍ଦୀ, ନଚେତ କାଗଜରେ କିଣା ହୋଇ ଟଙ୍କା ବଣ୍ଟା ହେଉଛି । ସରକାରୀ ନିୟମ - ସମଗ୍ର ଶିକ୍ଷା ଅଧୀନରେ ପ୍ରତି ପ୍ରାଥମିକ ସ୍କୁଲକୁ ୫ ହଜାର, ଉଚ୍ଚ ପ୍ରାଥମିକକୁ ୧୦ ହଜାର ଓ ହାଇସ୍କୁଲକୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ କ୍ରୀଡା ଅନୁଦାନ ଆସେ । ଏହି ଟଙ୍କାରେ ଫୁଟବଲ, ଭଲିବଲ, କ୍ରିକେଟ କିଟ୍, ଲୁଡୁ, ଚେସ୍, ସ୍କିପିଂ ଦଉଡି କିଣି ପିଲାଙ୍କୁ ଦେବା କଥା । ହେଲେ ଅସ୍ତରଙ୍ଗ ମଣ୍ଡଳଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ରେ ଓଲଟା ଚିତ୍ର । ୭୦% ସ୍କୁଲରେ ଖେଳ ପଡିଆ ନାହିଁ, ଥିବା ପଡିଆ ଜଙ୍ଗଲମୟ । ଯେଉଁଠି ସାମଗ୍ରୀ ଅଛି, ତାହା ପ୍ରଧାନ ଶିକ୍ଷକଙ୍କ ଆଲମାରୀରେ ତାଲା ବନ୍ଦ । କାରଣ ପଚାରିଲେ ଉତ୍ତର - ପିଲା ଭାଙ୍ଗିଦେବେ, ହଜାଇଦେବେ । ଅପର ପକ୍ଷରେ ପିଲା ନିଜ ଘରୁ ପ୍ଲାଷ୍ଟିକ ବ୍ୟାଟ, ବଲ ଆଣି ଖେଳୁଛନ୍ତି । ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ । ସବୁଠୁ ବଡ ଅଭିଯୋଗ - କ୍ରୀଡା ଶିକ୍ଷକ, ପ୍ରଧାନ ଶିକ୍ଷକ ଓ କିଛି ବିଭାଗୀୟ ଅଧିକାରୀ ମିଶି ବିଲ୍ କରି ଟଙ୍କା ଆତ୍ମସାତ କରୁଛନ୍ତି । ୫୦ ଟଙ୍କିଆ ବଲକୁ ୧୫୦ ଟଙ୍କା ବିଲ୍, ନିମ୍ନ ମାନର ସାମଗ୍ରୀ କିଣା ଦେଖାଇ ଉଚ୍ଚ ବିଲ୍ । ଅନେକ ସ୍କୁଲରେ ଗତ ୨ ବର୍ଷର କ୍ରୀଡା ରେଜିଷ୍ଟର ନାହିଁ । ପିଇଟି ନାହାନ୍ତି, ତଥାପି ଖେଳ ଘଣ୍ଟା ନାହିଁ । ଶିକ୍ଷାବିତ୍ କହୁଛନ୍ତି - ଖେଳ ପିଲାର ଶାରୀରିକ ଓ ମାନସିକ ବିକାଶର ମୂଳ । ସରକାର ଖେଲୋ ଇଣ୍ଡିଆ ପାଇଁ କୋଟି କୋଟି ଖର୍ଚ୍ଚ କରୁଥିବା ବେଳେ ଅସ୍ତରଙ୍ଗରେ ପିଲା ପଡିଆରୁ ବଞ୍ଚିତ । ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ସମସ୍ତ ୧୫୩ ସ୍କୁଲର କ୍ରୀଡା ବିଲ୍, ଷ୍ଟକ୍ ରେଜିଷ୍ଟର ଯାଞ୍ଚ କରନ୍ତୁ । ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଲେ ପିଲା ପଡିଆକୁ ଫେରିବେ, ନହେଲେ ଭବିଷ୍ୟତ ଆଲମାରୀରେ ବନ୍ଦୀ ହୋଇ ରହିବ ।

# ଏକାଧିକ ଜନମୁଖୀ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ

**ପିପିଲି(ଅମୃତ ମିଡିଆ):** ପିପିଲି ଅଞ୍ଚଳର ସ୍ୱଚ୍ଛତା, ଆଲୋକୀକରଣ, ପାନୀୟ ଜଳ ଓ ନବୀକରଣଯୋଗ୍ୟ ଶକ୍ତି ସଚେତନତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏକାଧିକ ଜନମୁଖୀ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ ହୋଇଛି । ବ୍ଲକ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଯୋଗଦେଇ ପୂଜାର୍ଚ୍ଚନା ପରେ ପତାକା ଦେଖାଇ ସ୍ୱଚ୍ଛତା ଅଭିଯାନ ପାଇଁ ସୁଖିଲା ଅଳିଆ ସଂଗ୍ରହ ଯାନ ଏବଂ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ସଚେତନତା ପାଇଁ 'ସୋଲାର ରଥ'ର ଶୁଭାରମ୍ଭ କରିଥିଲେ । ଅନ୍ୟପକ୍ଷରେ ପିପିଲି ଏନ୍‌ଏସି ଅଞ୍ଚଳର ଆଲୋକୀକରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ 'ଗ୍ରୀନ୍ ଫିଲ୍ଡ ଲାଇଟ୍?' ପ୍ରକଳ୍ପର ଲୋକାର୍ପଣ କରାଯାଇଛି । ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ସାଂସଦ ଡକ୍ଟର ସମ୍ବିତ ପାତ୍ର ସୁଇଚ୍ ଟିପି ଏହି ପ୍ରକଳ୍ପର ଲୋକାର୍ପଣ କରିଥିଲେ । ସେହିପରି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ତୃଷାକୁ ଜଳଦାନ, ଏକ ମହତ୍ ଦାନ' ଉଦ୍ଦେଶ୍ୟରେ ଦୁଇଟି 'ୱାଟର କିଓସ୍କ' ପାନୀୟ ଜଳସେବା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମରେ ପିପିଲି ଏନ୍‌ଏସି ଅଧକ୍ଷ ଶେଖ ବାବୁ, ଉପାଧକ୍ଷା ଭାଗ୍ୟବତୀ ମହାରଣା, କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ଜେନା, ବିଡିଓ ସରୋଜ ରାଉତ, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ବିଭାଗୀୟ ସହକାରୀ ଯନ୍ତ୍ରୀ ତଥା ୱାଟକୋ ସହକାରୀ ଯନ୍ତ୍ରୀ ଲୋକନାଥ ବଳିଆରସିଂ, ଯନ୍ତ୍ରୀ ସଂଗ୍ରାମ ଅଧକ୍ଷ ଦେବସ୍ୱିନୀ ନନ୍ଦ ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।



# ଅସ୍ତରଙ୍ଗରେ ଦୁଇଫାଳ ହେଲା ପଦ୍ମ

## ବନ୍ଧୁମିଳନ ଜରିଆରେ ପୂର୍ବତନ ବିଧାୟକଙ୍କ ଶକ୍ତି ପ୍ରଦର୍ଶନ

**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକରେ ଶାସକ ବିଜେପି ଭିତରେ ବିଭାଜନ ରେଖା ସ୍ପଷ୍ଟ ହୋଇଛି । ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ପଦ୍ମ ଶିବିର ଦୁଇ ଫାଳ ହୋଇଯାଇଛି । ଗୋଟିଏ ପଟେ ପୂର୍ବତନ ବିଧାୟକ ଓ ତାଙ୍କ ଅନୁଗାମୀ, ଅନ୍ୟ ପଟେ ବର୍ତମାନର ବ୍ଲକ ନେତୃତ୍ୱ ଏବଂ ଦାୟିତ୍ୱରେ ଥିବା ସରପଞ୍ଚ, ସମିତି ସଭ୍ୟ ଶହ ଅନ୍ୟ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ।ଉଭୟଙ୍କ ମଧ୍ୟରେ ଏବେ ଛକାପଞ୍ଝା ଚାଲିଛି । ଏହାକୁ ନେଇ ଦଳର ପୁରାତନ କର୍ମୀ ଅସନ୍ତୁଷ୍ଟ, ସାଧାରଣ ଜନତା ବି ବିରକ୍ତ । ଗତ ଚାରି ବର୍ଷ ହେବ ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତର ଶାସନ ବିଜେପି ହାତରେ । ହେଲେ ଗାଁ ଲୋକ କହୁଛନ୍ତି ବିକାଶ ହୋଇନି । ମନରେଗା, ଆବାସ, ରାସ୍ତା, ପାନୀୟ ଜଳ ଯୋଜନାରେ ବ୍ୟାପକ ଅନିୟମିତତା । ମନରେଗାରେ ଜେସିବି ମେସିନରେ କାମ ଦେଖାଇ ମଜୁରୀ ହଡପ, ଆବାସ ପାଇଁ ଦଶ ରୁ କୋଡିଏ ହଜାର କମିଶନ ଚର୍ଚ୍ଚା । ଗରିବ ହିତାଧିକାରୀ କୁଡିଆରେ, ନେତାଙ୍କ ଘରେ ମାର୍ବଲ । ଏହି ଅସନ୍ତୋଷକୁ ପୁଞ୍ଜି କରି ପୂର୍ବତନ ବିଧାୟକ ଗୋଷ୍ଠୀ ପ୍ରତି ପଞ୍ଚାୟତରେ ବନ୍ଧୁ ମିଳନ ବୈଠକ ଡାକୁଛି । ବୈଠକରେ କୁହାଯାଉଛି, ବର୍ତମାନର ସରପଞ୍ଚମାନେ ପଞ୍ଚାୟତକୁ ଲୁଟିଲେ । ଏଥର ପରିବର୍ତ୍ତନ କର । ଏହା ପରୋକ୍ଷରେ ନିଜ ଦଳ ବିରୋଧରେ ପ୍ରଚାର । ଏହାର ପାଲଟା ଜବାବରେ ବର୍ତମାନ ଶିବିର ମିଶ୍ରଣ ପର୍ବ ଆରମ୍ଭ କରିଛି । ପ୍ରତି ପଞ୍ଚାୟତରେ ବିଜେଡି ଓ କଂଗ୍ରେସ ଛାଡି ହେଉ କି ମିଶ୍ରଣ ନାରା ପାଇଁ ନିଜ ଦଳୀୟ କର୍ମୀ ଙ୍କୁ ଟୋପି ପିନ୍ଧାଇ ମିଶ୍ରଣ ପର୍ବ ଯାହାକି ବିରୋଧୀ ଶିବିର ରେ ଚର୍ଚ୍ଚା । ଲକ୍ଷ୍ୟ ହେଲା ପୂର୍ବତନ ଗୋଷ୍ଠୀକୁ କହିବା, ଆମ ପାଖରେ ବି ଜନ ସମର୍ଥନ ଅଛି । ମାତ୍ର ଏହି କୌଶଳ ଓଲଟା ପଡିଛି । ପୁରାତନ ବିଜେପି କର୍ମୀ କହୁଛନ୍ତି, ଆମେ ବର୍ଷ ବର୍ଷ ଧରି ଦଳ ପାଇଁ ଝଣ୍ଡା ବୋହିଲୁ, ଦଳ ପାଇଁ ଦୀର୍ଘ ବର୍ଷ ହେଲା ପରିଶ୍ରମ କରିଛୁ , ଏବେ ପର ଦଳରୁ ଆସିଥିବା ଲୋକଙ୍କୁ ସମ୍ମାନ । ଏହାକୁ କର୍ମୀ ସହଜରେ ଗ୍ରହଣ କରୁନାହାନ୍ତି । କେନ୍ଦ୍ରାପଟି, ଆଳିସାହି, ଅସ୍ତରଙ୍ଗ ବଜାର ଆଦି ଅଞ୍ଚଳରେ ଏହାକୁ ନେଇ ଖୋଲା ଚର୍ଚ୍ଚା । ଜନତା କହୁଛନ୍ତି, ଯେଉଁ ଦଳ ନିଜ ଭିତରେ ଏକ ନୁହେଁ, ସେ ଆମ ସମସ୍ୟା କିପରି ବୁଝିବ । ୨୦୨୨ରେ ଆମେ ପରିବର୍ତ୍ତନ ଚାହିଁ ଭୋଟ ଦେଲୁ, ହେଲେ ସ୍ଥିତି ସମାନ । ଯେଉଁ ସରପଞ୍ଚ ସାଇକେଲରେ ବୁଲୁଥିଲେ, ସେ ଏବେ ଦାମୀ ଗାଡିରେ ବୁଲୁଛନ୍ତି, ଟଙ୍କା କେଉଁଠୁ ଆସିଲା ବୋଲି ପ୍ରଶ୍ନ ଉଠୁଛି । ଏହି ଗୋଷ୍ଠୀ କନ୍ଦଳର ପୂରା ଫାଇଦା ନେବାକୁ ବିଜେଡି ଓ କଂଗ୍ରେସ ଜଗି ବସିଛନ୍ତି । ରାଜନୈତିକ ସମୀକ୍ଷକଙ୍କ ମତରେ ଅସ୍ତରଙ୍ଗରେ ଏବେ ଚତୁର୍ମୁଖୀ ଲଢେଇ ହେବ । ବିଜେପିର ଦୁଇ ଗୋଷ୍ଠୀ, ବିଜେଡି ଓ କଂଗ୍ରେସ । ଯଦି ଶୀର୍ଷ ନେତୃତ୍ୱ ଶୀଘ୍ର ଏହି ବିଭାଜନ ରେଖାକୁ ଲିଭାଇ ନ ପାରେ, ତେବେ ୨୦୨୭ ପଞ୍ଚାୟତ ନିର୍ବାଚନରେ ଅସ୍ତରଙ୍ଗରେ ପଦ୍ମ ମଉଳିବା ନିଶ୍ଚିତ ।



# ଡେରୁଣିଆରେ ସଜେଇ ହେଉଛି ଗଜାନନଙ୍କ ମଣ୍ଡପ

## ■ ଆକର୍ଷଣ ସାଜିବ ନିୟୁ ଡିଭାଇନ ମେଲୋଡି

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଆଉ ଗୋଟିଏ ଦିନ ପରେ ବିଘ୍ନ ବିନାଶନ ପ୍ରଭୁ ଶ୍ରୀ ଗଜାନନଙ୍କ ପୂଜା । ଏଥି ପାଇଁ ଚଳଚଞ୍ଚଳ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ପ୍ରତ୍ୟେକ ଗାଁ । ପ୍ରତି ଛକରେ ଲାଗିଛି ରଙ୍ଗୀନ ଆଲୋକମାଳା, ପ୍ରତି ମଣ୍ଡପରେ ଚାଲିଛି ଶେଷ ମୁହୂର୍ତ୍ତର ପ୍ରସ୍ତୁତି । ଏହି କ୍ରମରେ ଅସ୍ତରଙ୍ଗ ବ୍ଲକ ଡେରୁଣିଆ ଗ୍ରାମର ହର ପାର୍ବତୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଭବ୍ୟ ଆୟୋଜନ କରାଯାଉଛି । ଏହି ଅନୁଷ୍ଠାନ ଦୀର୍ଘ ୨୯ ବର୍ଷର ପୁରୁଣା । ୨୯ ବର୍ଷ ଧରି ଗାଁରେ ଏକତା, ଭକ୍ତି ଓ ସଂସ୍କୃତିର ପ୍ରତୀକ ସାଜିଛି ଏହି କମିଟି । ୫୦ ଜଣ ସଦସ୍ୟଙ୍କୁ ନେଇ ଏହି ପୂଜା କମିଟି ଗଠିତ । ସମସ୍ତ ସଦସ୍ୟଙ୍କ ମଧ୍ୟରେ ଦୃଢ ଏକତା ରହିଛି । ପ୍ରତି ବର୍ଷ ପରି ଏ ବର୍ଷ ବି ସମସ୍ତେ ଏକାଠି ହୋଇ ପୂଜା ଆୟୋଜନ କରୁଛନ୍ତି । ସଭାପତି ସମ୍ପଦ




କୁମାର ସାହୁ ଓ ଉପ ସଭାପତି ପ୍ୟାରୀମୋହନ ବିଶ୍ୱାଳଙ୍କ ନେତୃତ୍ୱରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । ଚଳିତ ବର୍ଷ ପ୍ରଭୁ ଗଜାନନ ୧୨ ଫୁଟ ଉଚ୍ଚର ବିଶାଳ ମୂର୍ତ୍ତିରେ ପୂଜା ପାଇବେ । ମୂର୍ତ୍ତି ନିର୍ମାଣ ପାଇଁ କାରିଗର ଆସି କାମ କରୁଛନ୍ତି । ମଣ୍ଡପକୁ ଆକର୍ଷଣୀୟ ଢଙ୍ଗରେ ସଜାଯାଇଛି । ଲାଇଟ, ଫୁଲ ମାଳା, ତୋରଣରେ ଗାଁ ଝଲସୁଛି । ସବୁଠୁ ବଡ ଆକର୍ଷଣ ହେଉଛି ଭୁବନେଶ୍ୱରର ପ୍ରସିଦ୍ଧ ମେଲୋଡି ଗ୍ରୁପ ନିୟୁ ଡିଭାଇନ । ପୂଜା ପାଇଁ ସନ୍ଧ୍ୟାରେ ଏହି ମେଲୋଡି ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବ । ଏଥି ପାଇଁ ଗାଁରେ ଉତ୍ସାହ ଦ୍ୱିଗୁଣିତ ହୋଇଛି । ହଜାର ହଜାର ଦର୍ଶକ ଏହି କାର୍ଯ୍ୟକ୍ରମ ଦେଖିବାକୁ ଆସିବେ ବୋଲି ଆଶା । କମିଟି ପକ୍ଷରୁ ପ୍ରସାଦ ସେବନ, ଭଜନ ସନ୍ଧ୍ୟା ଓ ଶାନ୍ତି ଶୃଙ୍ଖଳା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରଶାସନ ସହ ଆଲୋଚନା କରାଯାଇଛି । ଡେରୁଣିଆ ଗ୍ରାମର ଏହି ହର ପାର୍ବତୀ ପୂଜା କମିଟିର ଏକତା ଏବେ ଅନ୍ୟ ଗାଁ ପାଇଁ ଉଦାହରଣ । ୨୯ ବର୍ଷ ଧରି ଏକତା ଅକ୍ଷୁର୍ଣ୍ଣ ରଖି ପୂଜା କରିବା ସହଜ କଥା ନୁହେଁ । ଏହି କ୍ଲବ କେବଳ ପୂଜା ନୁହେଁ, ବର୍ଷ ସାରା ସାମାଜିକ କାର୍ଯ୍ୟ ବି କରୁଛି । ଗାଁ ଲୋକେ କହୁଛନ୍ତି - ଏହି ପୂଜା ଆମ ଗାଁର ଗର୍ବ ।

### ୧୯ ବର୍ଷରେ ପାଦଦେଲା ବାବା ଗଜାନନ ପୂଜା କମିଟି

# ଆକର୍ଷଣୀୟ ତୋରଣ, ରଙ୍ଗୀନ ଆଲୋକମାଳା ଓ ମେଢ଼ସଜ୍ଜା କାର୍ଯ୍ୟ ଶେଷ ପର୍ଯ୍ୟାୟରେ

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଆଉ ଦିନ କେଇଟା ପରେ ଧରା ପୃଷ୍ଠକୁ ଅବତରଣ କରିବେ ପ୍ରଭୁ ବିଘ୍ନହର୍ତା ଗଜାନନ । ଏଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏବେ ଉତ୍ସବର ମାହୋଲ । ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମୁଖ୍ୟ ବଜାର ରୁ ଗାଁ ଯାଏଁ ସବୁଠି ମେଢ ସଜ୍ଜା, ତୋରଣ ଓ ଆଲୋକମାଳାର କାମ ଜୋରଦାର ଚାଲିଛି । ଏହି କ୍ରମରେ ଅସ୍ତରଙ୍ଗ ପଞ୍ଚାୟତ ଅସ୍ତରଙ୍ଗ ଗ୍ରାମର ବାବା ଗଜାନନ ପୂଜା କମିଟି ଚଳିତ ବର୍ଷ ୧୯ତମ ବର୍ଷରେ ପଦାର୍ପଣ କରିଛି । ୨୦୦୭ ମସିହାରେ ସ୍ଥାପିତ ହୋଇଥିବା ଏହି କମିଟି ଏବେ ଅଞ୍ଚଳର ଅନ୍ୟତମ ଆଗଧାଡିର ଓ ଲୋକପ୍ରିୟ ଗଣେଶ ପୂଜା କମିଟି ଭାବେ ପରିଚିତ । କମିଟିର ସଭାପତି ଫକୀର ନାୟକ ଓ ଉପସଭାପତି ମଣ୍ଟୁ ଓଝା, କମଳାକାନ୍ତ ସ୍ୱାଇଁ (ଗୁଡୁ )ଙ୍କ ନେତୃତ୍ୱରେ ୬୦ ଜଣ ସଦସ୍ୟ ଦିନରାତି ଏକ କରି ପୂଜା ପ୍ରସ୍ତୁତିରେ ଲାଗି ପଡିଛନ୍ତି । ପ୍ରତିବର୍ଷ ଏହି କମିଟି ଆକର୍ଷଣୀୟ ପୂଜା ଆୟୋଜନ କରି ଆସୁଛି । କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତା ୧୪ ତାରିଖ ସନ୍ଧ୍ୟା ୭ ଘଟିକା ସମୟରେ ବିଧିବଦ୍ଧ ଭାବେ ପ୍ରଭୁ ଗଣେଶଙ୍କ ପୂଜାର୍ଚ୍ଚନା ଆରମ୍ଭ ହେବ । ଏହା ପରେ ରାତି ୮ ଘଟିକାରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ, ରଙ୍ଗୀନ ଆଲୋକମାଳା ଓ ମେଢ ସଜ୍ଜା କାର୍ଯ୍ୟ ଶେଷ ପର୍ଯ୍ୟାୟରେ । ଏହି ପୂଜାର ମୁଖ୍ୟ ଆକର୍ଷଣ ହେବ ୨୩ ତାରିଖର ଭସାଣି ଉତ୍ସବ । ଭସାଣି ଶୋଭାଯାତ୍ରାରେ ଘଣ୍ଟ, ପଞ୍ଜାବୀ ବାଜା ସହ ମୁଖ୍ୟ ଆକର୍ଷଣ ଭାବେ ମା' ଚର୍ଚ୍ଚିକା ଧମାଲ ବାଜା ରହିବ । ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ଭସାଣିକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ କମିଟି ପ୍ରସ୍ତୁତ ରହିଛି ।



# ମାଟିଆପଡ଼ାରେ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା, ବେଲଗାମ ଯାତାୟାତ

**ପୁରୀ (ବ୍ୟୁରୋ):** ମାଟିଆପଡ଼ା ଛକରେ ଦିନର ଅଧିକାଂଶ ସମୟରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାର ଚିତ୍ର ଦେଖିବାକୁ ମିଳୁଛି । ଏଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସ କର୍ମଚାରୀ ରହିଥିବା ସତ୍ତ୍ୱେ ଚାରିଦିଗରୁ ବେଲଗାମ ଗାଡ଼ି ଯାତାୟତ ଯୋଗୁ ସମସ୍ୟା ଦେଖାଦେଉଛି । ଭିଡ଼ ମଧ୍ୟରେ ରୋଗୀବୁହା ଯାନ ଫସି ରହିଲେ ସମସ୍ୟା ସୃଷ୍ଟି ହେଉଛି । ଅଧିକାଂଶ ସମୟରେ ଗୁଣ୍ଡିଚା ମନ୍ଦିର ପଛପଟ ମାଟିଆପଡ଼ା ଛକ ଟ୍ରାଫିକରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନା ମୁତାବକ, ପୁରୀର ପ୍ରବେଶ ପଥ ଭାବେ ଡାକ୍ତରଖାନା ଛକ ଏବଂ ମାଟିଆପଡ଼ା ଛକ ରହିଛି । ମାଟିଆପଡ଼ା ଛକ ନିକଟରେ ପୁରୀର ମୁଖ୍ୟ ବସଷ୍ଟାଣ୍ଡ ରହିଛି । ଏହି ରାସ୍ତା ଦେଇ ପୁରୀରୁ ଗାଡ଼ି ବାହାରି ଜିଲା ସମେତ ରାଜ୍ୟର ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାତାୟାତ କରୁଛି । ଏହି ଛକ ଦେଇ କୋଣାର୍କ, ରେଳ ଷ୍ଟେସନ,ବଡ଼ଦାଣ୍ଡ ଏବଂ ଭୁବନେଶ୍ୱରକୁ ସମସ୍ତ ଗାଡ଼ି ଯାତାୟାତ କରୁଛି । ପୁରୀର ଏହି ପ୍ରବେଶ ପଥ ଏକ ବ୍ୟସ୍ତ ବହୁଳ ଟ୍ରାଫିକ ଛକ ଭାବେ ପରିଚିତ । ବେଲଗାମ ଗାଡ଼ି ଚଳାଚଳ, ବେଆଇନ ଗାଡ଼ି ପାର୍କିଙ୍ଗ ଏବଂ ଅନିୟନ୍ତ୍ରିତ ଟ୍ରାଫିକ ବ୍ୟବସ୍ଥା ଯୋଗୁ ଛକରେ ପ୍ରବଳ ଭିଡ଼ ଜମୁଛି । ଲୋକେ ଟ୍ରାଫିକ ନିୟମ ନ ମାନି ବିଭିନ୍ନ ରାସ୍ତାରୁ ମନ ଇଚ୍ଛାରେ ଗାଡ଼ି ଚଳାଚଳ ଯୋଗୁ ଅଧିକାଂଶ ସମୟରେ ଏଭଳି ଭିଡ଼ ଦେଖିବାକୁ ମିଳୁଛି । ବିଶେଷ କରି ସକାଳ ଓ ସନ୍ଧ୍ୟା ସମୟରେ ଏହି ମାଟିଆପଡ଼ା ଟ୍ରାଫିକ ଛକରେ



ବ୍ୟବସ୍ଥା ସମ୍ପୂର୍ଣ ଅନିୟନ୍ତ୍ରିତ ହୋଇ ପଡୁଥିବା ଦେଖିବାକୁ ମିଳୁଛି । ସକାଳ ସମୟରେ ବିଦ୍ୟାଳୟ ଯାଉଥିବା ଛାତ୍ରଛାତ୍ରୀ ଏବଂ କର୍ମକ୍ଷେତ୍ରକୁ ଯାଉଥିବା ଲୋକେ ସବୁଠାରୁ ବେଶୀ ହଇରାଣ ହେଉଥିବା ଦେଖିବାକୁ ମିଳୁଛି । କାର୍ଯ୍ୟରତ ପୁଲିସ ସହ ସ୍ଥାନୀୟ ଲୋକେ ସହଯୋଗ ନ କଲେ ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରି ହେଉ ନାହିଁ । ମାଟିଆପଡ଼ା ଛକରେ ଭିଡ଼ର ଅନ୍ୟତମ କାରଣ ହେଲା ଯାତ୍ରୀ ନେବା ଆଣିବା ପାଇଁ ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ଗାଡ଼ି ପାର୍କିଙ୍ଗ କରିବା । ଅଧିକାଂଶ ସମୟରେ ଶତାଧିକ ଗାଡ଼ି ମଧ୍ୟରେ ରୋଗୀବୁହା ଯାନ ଭିଡ଼ ମଧ୍ୟରେ ଫସି ରହୁଛି । ଏଠାରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସ୍ୱାଭାବିକ କରିବା ପାଇଁ ଏକାଧିକ ପୁଲିସ କର୍ମଚାରୀ ନିୟୋଜିତ କରିବା ପାଇଁ ସାଧାରଣ ଲୋକେ ପୁଲିସ ପ୍ରଶାସନ ନିକଟରେ - ଦାବି କରିଛନ୍ତି । ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ କହନ୍ତି, ମାଟିଆପଡ଼ା ଛକରେ ଟ୍ରାଫିକ ସମସ୍ୟା ସମ୍ପର୍କରେ ସେ ଅବଗତ ଅଛନ୍ତି । ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଙ୍ଗ , ବେଲଗାମ ଗାଡ଼ି ଚଳାଚଳ ଯୋଗୁ ଏଠାରେ ଟ୍ରାଫିକ ସମସ୍ୟା ଅନେକ ସମୟରେ ସୃଷ୍ଟି ହେଉଛି । ବେଆଇନ ପାର୍କିଙ୍ଗ ବ୍ୟବସ୍ଥାକୁ ହଟାଇ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।



# ବ୍ରହ୍ମପୁରରେ ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ

## ଅଯୋଧ୍ୟା ଓ ବାରାଣସୀ ଯାତ୍ରାକଲେ ୫ ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ

**ବ୍ରହ୍ମପୁର (ଅମୃତ ମିଡିଆ):** ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଗଞ୍ଜାମ ସମେତ ୫ଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ୨୫ ଜଣ ଏସ୍କର୍ଟ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିଛନ୍ତି। ବ୍ରହ୍ମପୁର ରେଳ ଷ୍ଟେସନରୁ ଏହି ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଇ ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାର ୪୬ ହଜାରରୁ ଅଧିକ ଲୋକ ଦେଶର ବିଭିନ୍ନ ପବିତ୍ର ତୀର୍ଥସ୍ଥାନ ପରିଦର୍ଶନ କରିସାରିଲେଣି। ଧାଡ଼ିର ଶେଷରେ ଥିବା ଲୋକଙ୍କ କଲ୍ୟାଣକୁ ସରକାର ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି। ଆର୍ଥିକ ଦୁର୍ବଳତା ଯୋଗୁଁ ଯେଉଁ ବରିଷ୍ଠ ନାଗରିକମାନେ ଦେଶର ପ୍ରମୁଖ ତୀର୍ଥସ୍ଥାନ ପରିଦର୍ଶନ କରିବାରୁ ବଞ୍ଚିତ ହେଉଥିଲେ, ସରକାରଙ୍କ ସହାୟତା ଯୋଗୁଁ ଆଜି ସେମାନଙ୍କର ସେହି ଇଚ୍ଛା ପୂରଣ ହୋଇପାରୁଛି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଏହାର ଏକ ଉଜ୍ଜ୍ୱଳ ଉଦାହରଣ ବୋଲି ସେ କହିଥିଲେ। ଏହି ଯାତ୍ରାରେ




ତୀର୍ଥଯାତ୍ରୀମାନେ ବାରାଣସୀର ପବିତ୍ର ଗଙ୍ଗା ଘାଟ, ବିଭିନ୍ନ ଶୈବ ପୀଠ, ଗଙ୍ଗା ଆରତି ଓ କାଶୀ ବିଶ୍ୱନାଥ ମନ୍ଦିର ଦର୍ଶନ କରିବା ସହ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ସାନ୍ନିଧ୍ୟ ଲାଭ କରିବେ। ତୀର୍ଥଯାତ୍ରୀଙ୍କ ଯାତ୍ରା ସମୟରେ ସମସ୍ତ ପ୍ରକାର ସୁବିଧା ଓ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଏସ୍କର୍ଟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ତୀର୍ଥଯାତ୍ରାରେ ଗଜପତି ଜିଲ୍ଲାରୁ ୭୨ ଜଣ, ନୟାଗଡ଼ରୁ ୧୧୯, କନ୍ଧମାଳରୁ ୯୧, ବୌଦ୍ଧରୁ ୫୫ ଏବଂ ଗଞ୍ଜାମରୁ ୪୩୮ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୫ ରାତି ଓ ୬ ଦିନର ଏହି ଯାତ୍ରା ସୁଖମୟ ଓ ଆନନ୍ଦମୟ ହେଉ ବୋଲି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ କାମନା କରିଥିଲେ। ସେମାନେ କହିଥିଲେ ଯେ, ଆର୍ଥିକ ଅସୁବିଧା ଯୋଗୁଁ ଯେଉଁ ବରିଷ୍ଠ ନାଗରିକମାନେ ଦୀର୍ଘଦିନ ଧରି ତୀର୍ଥଯାତ୍ରାର ସୁଯୋଗ ପାଇପାରୁନଥିଲେ, ସରକାରଙ୍କ ଏହି ଯୋଜନା ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ୱାସନ୍ ସ୍ୱାଗତ ଭାଷଣ ଦେଇ ତୀର୍ଥଯାତ୍ରୀମାନଙ୍କୁ ତୀର୍ଥର ଆନନ୍ଦ ଉପଭୋଗ କରିବା ସହ ମନ ଓ ଶରୀରକୁ ପ୍ରଫୁଲ୍ଲ ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଏ. ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଆଇଆରସିଟିସି ରିଜିଓନାଲ ମ୍ୟାନେଜର ଅନୁଜ ଦତ୍ତ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ. ରୁଦ୍ର ନାରାୟଣ ଦାସ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ କୁମାର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସରକାରଙ୍କ ଏହି ପଦକ୍ଷେପ ଓ ବ୍ୟବସ୍ଥା ପାଇଁ ତୀର୍ଥଯାତ୍ରୀମାନେ ଖୁସି ବ୍ୟକ୍ତ କରିବା ସହ ଯାତ୍ରାକୁ ନେଇ ଉତ୍ସାହ ପ୍ରକାଶ କରିଥିଲେ। ଯାତ୍ରୀ ମାନଙ୍କର ସ୍ୱାଗତ ଓ ମନୋରଞ୍ଜନ ପାଇଁ ଷ୍ଟେସନରେ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତର ଆୟୋଜନ ହୋଇଥିଲା। ଗୁରୁବାର ରାତିରେ ବ୍ରହ୍ମପୁର ରେଳ ଷ୍ଟେସନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ତୀର୍ଥଯାତ୍ରୀମାନଙ୍କୁ ସ୍ୱାଗତ କରାଯାଇ ସେମାନଙ୍କ ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ ଓ ଭୋଜନ ଆଦିର ସମସ୍ତ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିଲା।

## ଲଦ ଶିକ୍‌କାଙ୍କ ଗିରଫଦାରୀକୁ ମାନବ ଅଧିକାର ସୁରକ୍ଷା ମଞ୍ଚର ବିରୋଧ

## ତୁରନ୍ତ ମୁକ୍ତି ଓ ନିୟମଗିରିର ସୁରକ୍ଷା ଦାବି



**ବ୍ରହ୍ମପୁର (ଅମୃତ ମିଡିଆ):** ନିୟମଗିରିର ଜଳ, ଜମି, ଜଙ୍ଗଲ ଓ ଆଦିବାସୀଙ୍କ ଅଧିକାର ପାଇଁ ଦୀର୍ଘଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ସ୍ୱର ଉଠାଇଆସୁଥିବା ଆଦିବାସୀ ନେତା ତଥା ନିୟମଗିରି ସୁରକ୍ଷା ସମିତିର ସଭାପତି ଲଦ ଶିକକାଙ୍କ ଗିରଫଦାରୀକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ତୀବ୍ର ବିରୋଧ କରିଛି। ସୂଚନା ଯୋଗ୍ୟ ଯେ, ଆଗରୁ ଗିରଫ ଥିବା ଲଦ ସିକକା ଜାମିନ ପାଇ ଘରକୁ ଫେରୁଥିବା ବେଳେ ଅଧା ରାସ୍ତାରୁ ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂ ପୁର ଥାନା ପୋଲିସ ତାଙ୍କୁ ପୁଣି ଗିରଫ କରିଛି। ଏହାକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ଦୃଢ଼ ବିରୋଧ କରିବା ସହ ଆଜି ମଞ୍ଚର ଏକ ପ୍ରତନିଧି ଦଳ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଆବାହକ ଅବନୀ ଗୟା କହିଛନ୍ତି ଯେ, ଶ୍ରୀ ଶିକକାଙ୍କ ବିରୋଧରେ କୌଣସି ଅଭିଯୋଗ ଥିଲେ ତାହାର ଆଇନସମ୍ମତ ତଦନ୍ତ କରାଯାଉ; କିନ୍ତୁ ତାଙ୍କ ଗିରଫଦାରୀର ପ୍ରକୃତ କାରଣ ଓ ଆଇନଗତ ଆଧାର ସରକାର ସ୍ପଷ୍ଟ କରିବା ଆବଶ୍ୟକ। ପେସା ଆଇନ, ୧୯୯୬ ଓ ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅନୁଯାୟୀ ଆଦିବାସୀଙ୍କ ଅଧିକାର ଓ ଜୀବିକା ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଭାବେ ସ୍ୱର ଉଠାଇବାର ଅଧିକାରକୁ ସମ୍ମାନ କରାଯିବା ଉଚିତ। ଆଇନ ଅନୁଯାୟୀ ସ୍ଥାନୀୟ ଅଧିବାସୀ ଓ ଆଦିବାସୀ ସମାଜକୁ ଗ୍ରାମସଭାର ବିନା ମଞ୍ଜୁରୀରେ ତାଙ୍କୁ ତାଙ୍କ ବାସସ୍ଥାନ ବା ଭିଟାମାଟିରୁ କେହି ଉଚ୍ଛେଦ କରିପାରିବେ ନାହିଁ। କିନ୍ତୁ ରାଜ୍ୟ ସରକାର କର୍ପୋରେଟ ହାଉସର ସ୍ୱାର୍ଥ ରକ୍ଷା ପାଇଁ ନିରୀହ ଆଦିବାସୀଙ୍କୁ ଏକ ପାଖିଆ ଭାବେ ପୋଲିସ୍ ବଳ ଲଗାଇ ବଳ ପୂର୍ବକ ଭାବେ ଅନ୍ୟାୟ ପୂର୍ବ ବିସ୍ଥାପନ କରିବାକୁ ଷଡ଼ଯନ୍ତ୍ର କରୁଛି। ମଞ୍ଚ ପକ୍ଷରୁ ଲଦ ଶିକକାଙ୍କୁ ତୁରନ୍ତ ମୁକ୍ତି, ଗିରଫଦାରୀର କାରଣ ସ୍ପଷ୍ଟୀକରଣ, ଘଟଣାର ନିରପେକ୍ଷ ତଦନ୍ତ ଏବଂ ନିୟମଗିରିର ଜଳ-ଜମି-ଜଙ୍ଗଲ ଉପରେ ଆଦିବାସୀଙ୍କ ଅଧିକାର ସୁରକ୍ଷା ପାଇଁ ଦାବି କରାଯାଇଛି। ଏହି ଦାବିଗୁଡ଼ିକ ଉପରେ ସରକାର ତୁରନ୍ତ ପଦକ୍ଷେପ ନ ନେଲେ, ମାନବ ଅଧିକାର ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ଗଣତାନ୍ତ୍ରିକ ସଂଗଠନ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଶ୍ରୀ ଗୟା ସୂଚନା ଦେଇଛନ୍ତି। ଆଜି ମଞ୍ଚର ପ୍ରତିନିଧି ଦଳରେ ସମାଜସେବୀ ମନୋଜ କୁମାର ତରାଇ, ସଂଗଠକ ବିଜୟ କୁମାର ପାଢୀ,ସମ୍ପାଦକ ଗୁଣନିଧି ବେହେରା, ମହେଶ୍ୱର ବାଉତ୍ୟା ପ୍ରମୁଖ ରାଜସ୍ୱ ଆୟୁକ୍ତଙ୍କ ସଚିବ ବିରସେନ ପ୍ରଧାନଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

## ଉଲ୍ଲାସ ସଚେତନତା ରଥ ପରିକ୍ରମା



**ବେଗୁନିଆପଡା (ଅମୃତ ମିଡିଆ):** ସାକ୍ଷରତା ପକ୍ଷ ପାଳନ ଅବସରରେ ଜନସାଧାରଣଙ୍କ ମଧ୍ୟରେ ସାକ୍ଷରତା ଓ ଶିକ୍ଷା ପ୍ରତି ସଚେତନତା ସୃଷ୍ଟି ଲକ୍ଷ୍ୟରେ 'ଉଲ୍ଲାସ' ସଚେତନତା ରଥ ପରିକ୍ରମା କରିଛି। ଶୁକ୍ରବାର ଏହି ରଥ କେ. ବରିଡ଼ା ଓ ଏସ. ଛଚିନା ପଞ୍ଚାୟତ ଅଞ୍ଚଳର ଏସ. ଛଚିନା ରାଧାକୃଷ୍ଣ ହାଇ ସ୍କୁଲ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଠ ବରିଡା ପ୍ରାଥମିକ ବିଦ୍ୟାଳୟ, ବେଲପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେ. ବରିଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅମରେଶ୍ୱର ବିଦ୍ୟାପୀଠ ଆଦି ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । 'ଉଲ୍ଲାସ' ରଥ ବିଦ୍ୟାଳୟରେ ପହଞ୍ଚିବା ପରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଏହାକୁ ସ୍ୱାଗତ କରିଥିଲେ। ବିଦ୍ୟାଳୟ ପରିସରରେ ସାକ୍ଷରତାର ଗୁରୁତ୍ୱ, ଶିକ୍ଷାର ଆବଶ୍ୟକତା ଏବଂ ସମାଜରେ ନିରକ୍ଷରତା ଦୂରୀକରଣ ସମ୍ପର୍କରେ ସଚେତନତାମୂଳକ ବାର୍ତ୍ତା ଦିଆଯାଇଥିଲା। ସାକ୍ଷରତା କେବଳ ପଢ଼ିବା ଓ ଲେଖିବାରେ ସୀମିତ ନୁହେଁ; ଏହା ଜଣେ ବ୍ୟକ୍ତିଙ୍କୁ ସଚେତନ, ସ୍ୱାବଲମ୍ବୀ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବାରେ ସହାୟକ ହୋଇଥାଏ । ତେଣୁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଶିକ୍ଷା ଓ ସାକ୍ଷରତାର ମୁଖ୍ୟସ୍ରୋତରେ ସାମିଲ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। 'ଉଲ୍ଲାସ' ରଥର ଏହି ପରିକ୍ରମା ମାଧ୍ୟମରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ଓ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ସାକ୍ଷରତା ନେଇ ଏକ ସକାରାତ୍ମକ ବାର୍ତ୍ତା ପହଞ୍ଚିଛି। ପନ୍ଦର ବର୍ଷରୁ ଊର୍ଦ୍ଧ୍ୱ ଅଣ ସାକ୍ଷର ମହିଳା ଓ ପୁରୁଷ ମାନେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ନବ ଭାରତ ସାକ୍ଷରତା – ଉଲ୍ଲାସ କାର୍ଯ୍ୟକ୍ରମ ରେ ସାମିଲ ହେବା ଏହାର ଲକ୍ଷ । ବିଭିନ୍ନ ବିଦ୍ୟାଳୟରେ ରଥକୁ ଦିଆଯାଇଥିବା ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଧିକ ଉତ୍ସାହପୂର୍ଣ୍ଣ କରିଥିଲା। ସାକ୍ଷରତାର ଆଲୋକ ପ୍ରତ୍ୟେକ ପରିବାର ଓ ପ୍ରତ୍ୟେକ ଲୋକଙ୍କ ନିକଟରେ ପହଞ୍ଚାଇବା ସହ 'ଶିକ୍ଷିତ ଓ ସଚେତନ ସମାଜ' ଗଠନ ଦିଗରେ 'ଉଲ୍ଲାସ' ରଥ ପରିକ୍ରମା ଏକ ଗୁରୁତ୍ୱପୂର୍ଣ୍ଣ ସଚେତନତାମୂଳକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମ ରେ ସି ଆର ସି ସି ସୁନାକାନ୍ତ ସେଠୀଙ୍କ ସହ ସମସ୍ତ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର ସହ ଅପମାନ ଅଭିଯୋଗ

♦ କାର୍ଯ୍ୟାନୁଷ୍ଠାନ ଦାବିକଲା ଗଞ୍ଜାମ ଜିଲ୍ଲା ସରପଞ୍ଚ ମହାସଂଘ ♦ ସମର୍ଥନ ଜଣାଇଲେ କେନ୍ଦ୍ରାପଡ଼ା ଜିଲ୍ଲା ସରପଞ୍ଚ ମହାସଙ୍ଘର ସଭାନେତ୍ରୀ ଚାମେଲୀ ଓଝା ♦ କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିଙ୍କ ଉଦ୍ଦେଶ୍ୟରେ ଏସପିଙ୍କୁ ଦାବିପତ୍ର ପ୍ରଦାନ



**ଛତ୍ରପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଅନ୍ତର୍ଗତ ହରିପଦପୁର ଗ୍ରାମପଞ୍ଚାୟତର ସମସ୍ୟା ନେଇ ବ୍ଲକରେ ଅନୁଷ୍ଠିତ ସମିତି ବୈଠକରେ ବିଧାୟକଙ୍କ ସମ୍ମୁଖରେ ଉପସ୍ଥାପନ କରୁଥିବା ସମୟରେ ମହିଳା ସରପଞ୍ଚ ଜୟନ୍ତୀ ବେହେରାଙ୍କୁ ଦୁର୍ବ୍ୟବହାର, ଅପମାନଜନକ ଆଚରଣ ଓ ଜାତିଆଣ ମନ୍ତବ୍ୟ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାକୁ ଗଞ୍ଜାମ ଜିଲ୍ଲା ସରପଞ୍ଚ ମହାସଂଘ ଗୁରୁତର ଭାବେ ନେଇ ଦୋଷୀଙ୍କ ବିରୋଧରେ ତୁରନ୍ତ ଆଇନଗତ ପଦକ୍ଷେପ ଦାବି କରିଛି। ଏନେଇ ଶୁକ୍ରବାର ମହାସଂଘ ପକ୍ଷରୁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟ ରେ ଗଞ୍ଜାମ ଏସପି ଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ସଭାପତି ମନୋରଞ୍ଜନ ଗୌଡ଼, ଦକ୍ଷିଣ ଓଡିଶା ସରପଞ୍ଚ ମହା ସଂଘ ର ଜୋନ ସଭାପତି ଭାବନୀ ଶଙ୍କର ମଲ୍ଲିକ, କେନ୍ଦ୍ରାପଡ଼ା ଜିଲ୍ଲା ସରପଞ୍ଚ ମହାସଂଘ ର ସଭାପତିନେତ୍ରୀ ଚାମେଲୀ ଓଝାଙ୍କ ସମେତ ଜିଲ୍ଲାର ବହୁ ସରପଞ୍ଚ ଉପସ୍ଥିତ ଥିଲେ। ମହାସଂଘ ପକ୍ଷରୁ କୁହାଯାଇଛି ଯେ, ଜଣେ ମହିଳା ଜନପ୍ରତିନିଧିଙ୍କ ସହ ସମିତି ବୈଠକ ସମୟରେ ଏଭଳି ଆଚରଣ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଜନପ୍ରତିନିଧିଙ୍କ ମର୍ଯ୍ୟାଦା ପ୍ରତି ଅସମ୍ମାନ। ଏଥିସହ ମହିଳା ଜନପ୍ରତିନିଧିଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ସମସ୍ତଙ୍କ ଦାୟିତ୍ୱ ରହିଛି। ଘଟଣାର ନିରପେକ୍ଷ ତଦନ୍ତ କରିବା, ଅଭିଯୋଗରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବା, ମହିଳା ସରପଞ୍ଚଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇବା ଏବଂ ଭବିଷ୍ୟତରେ ଏଭଳି ଘଟଣା ଯେପରି ନ ଘଟେ ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ମହାସଂଘ ଦାବି କରିଛି। ଏହି ଅଭିଯୋଗ ଉପରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ଓ ରାଜ୍ୟ ସରପଞ୍ଚ ସଂଘ ମିଳିତ ଭାବେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବେ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଟାଟା ଡାକ୍ତରଖାନାରେ ଅସହାୟ ଯୁବକ

## ଘରଲୋକଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ



**ଯୋଡ଼ା (ଅମୃତ ମିଡିଆ):** ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ବାଲମ ଗ୍ରାମର ୨୫ ବର୍ଷୀୟ ତାପସ ପାତ୍ର (ପିତା- ଶରତ ପାତ୍ର) ଏବେ ଯୋଡ଼ାରେ ଅସହାୟ ଅବସ୍ଥାରେ ଅଛନ୍ତି। ସେ ଗତ କିଛି ମାସ ହେଲା ଯୋଡ଼ା ବ୍ଲକ ଭଦ୍ରାସାହି ସ୍ଥିତ ତାରିଣୀ ହୋଟେଲରେ ରୋଷେୟାଙ୍କ ପାଖରେ ହେଲପର ଭାବେ କାମ କରୁଥିଲେ। ତାପସଙ୍କ କହିବା ଅନୁଯାୟୀ ଦେହ ଅସୁସ୍ଥ ହେବାରୁ ସେ ମାଲିକଙ୍କୁ ଚିକିତ୍ସା ପାଇଁ ପାଉଣା ଟଙ୍କା ମାଗିଥିଲେ। ମାତ୍ର ମାଲିକ 'ଆଗ କାମ ସାର, ପରେ ଟଙ୍କା ଦେବି' ବୋଲି କହିବାରୁ ବଚସା ହୋଇଥିଲା ଏବଂ ତାପସ ହୋଟେଲ ଛାଡି ଡାକ୍ତରଖାନା ପଳାଇଥିଲେ। ସେ ବଡ଼ବିଲ ଡାକ୍ତରଖାନାରେ ଦେହ ଦେଖାଇବାରୁ ଡାକ୍ତର ତାଙ୍କୁ ଯୋଡ଼ା ସ୍ଥିତ ଟାଟା ଷ୍ଟିଲ ହସ୍ପିଟାଲକୁ ଯାଇ ଦେଖାଇବାକୁ କହିଥିଲେ। ଅର୍ଥ ଅଭାବରୁ ସାରା ରାତି ବଡ଼ବିଲ ଡାକ୍ତରଖାନାରେ କଟାଇ, ପରଦିନ ସକାଳେ ଏକ ଡାଲା ଗାଡିରେ ଲିଫ୍ଟ ମାଗି ଯୋଡ଼ା ଆସିଥିଲେ। ପହଞ୍ଚିବା ପରେ ସେ ସୁନା ନଦୀ ନିକଟରେ ଅଚେତ ହୋଇପଡିଥିଲେ। ପରେ କେହି ସହୃଦୟ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ଟାଟା ଷ୍ଟିଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେ ଜଣ୍ଡିସ ରୋଗରେ ଚିକିତ୍ସାଧୀନ ଅଛନ୍ତି। ଡିସଚାର୍ଜ ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ ଏବଂ ଘର ଲୋକଙ୍କ ସହ ଯୋଗାଯୋଗ ହୋଇପାରୁ ନାହିଁ ବୋଲି ଗଣମାଧ୍ୟମ ଆଗରେ କୋହଭରା କଣ୍ଠରେ କହିଛନ୍ତି। ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା ବଡ଼ବିଲ ତହସିଲଦାର ଶ୍ରୀଯୁକ୍ତ ରାକେଶ ପଣ୍ଡା ଓ ଚମ୍ପୁଆ ଉପ-ଜିଲ୍ଲାପାଳ ଶ୍ରୀଯୁକ୍ତ ଉମାକାନ୍ତ ପରିଡ଼ାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସମ୍ପର୍କ ହୋଇପାରି ନ ଥିଲା। ତେବେ ଏହି ସମ୍ବେଦନଶୀଳ ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତାପସଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇବାକୁ ଯୋଡ଼ା ଦୁର୍ଗା ବାହିନୀର ସଂଯୋଜିକା ଗମ୍ଭାରୀ ମୁଣ୍ଡା ଦାବି କରିଛନ୍ତି।

## କୋଟିଏରୁ ଊର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ଜବତ, ଜଣେ ଗିରଫ



**ପୋଲସରା (ଅମୃତ ମିଡିଆ):**ପୋଲସରା ପୋଲିସ ଆଜି ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରିଥିବା ପୁରୁଷୋତ୍ତମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଜିତ କୁମାର ନାୟକ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି । ଆରକ୍ଷୀ ଅଧିକାରୀ ସୁଜିତ କୁମାର ନାୟକ ଦେଇଥିବା ସୂଚନା ଅନୁଯାୟୀ ଆଜି ସକାଳେ ପୋଲସରା ପୋଲିସ ପକ୍ଷରୁ ମଥୁରା ନିକଟସ୍ଥ ମାର୍ଦ୍ଦା ମନ୍ଦିର ନିକଟରେ ଯାନବାହାନ ଯାଞ୍ଚ ଚାଲିଥିବା ବେଳେ ମଥୁରା ପଟୁ ବୁଢ଼ାମ୍ବ ଅଭିମୁଖେ ଯାଉଥିବା ଗୋଟିଏ ଧଳା ପିକଅପ୍ ଗାଡ଼ି ନମ୍ବର ଓଡି୦୨ବିଏନ୍-୦୦୮୭ ଉପରେ ସନ୍ଦେହ ହେବାରୁ ତାକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଗାଡି ମଧ୍ୟରୁ ୧୧ ଟି ପଲିଥିନ ବ୍ୟାଗ ରେ ଗଞ୍ଜେଇ ଥିବା ଜଣା ପଡିଥିଲା । ଉକ୍ତ ଗଞ୍ଜେଇ ର ଓଜନ ୫ . ୮୨ କ୍ୱିଣ୍ଟାଲ ଏବଂ ଆନୁମାନିକ ମୂଲ୍ୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଶ୍ରୀ ନାୟକ କହିଛନ୍ତି । ଗାଡି କୁ ଅଟକାଇବା ସମୟରେ ଗାଡି ଚାଳକ ସମେତ ଗାଡ଼ିରେ ବସିଥିବା ଅନ୍ୟ ଜଣେ ଦୌଡ଼ି ପଳାଇବାକୁ ଉଦ୍ୟମ କରିବା ସମୟରେ ପୋଲିସ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ପୋଲିସ ହାତରେ ଧରା ପଡ଼ିଥିବା ବ୍ୟକ୍ତି ଙ୍କ ନାମ ଚିତ୍ର ଷଣ୍ଢ ଏବଂ ତାଙ୍କ ଘର କନ୍ଧମାଳ ଜିଲ୍ଲା ର ଫିରିଙ୍ଗିଆ ଥାନା ଅନ୍ତର୍ଗତ ଟେଟେକାପଦର/ପାଟପୁର ବୋଲି କହିଛି । ତେବେ ଗାଡ଼ି ଚାଳକ ଫେରାର ହୋଇଯାଇଛି । ତାକୁ ଶୀଘ୍ର ଗିରଫ୍ କରାଯିବ ବୋଲି ମଧ୍ୟ ଆରକ୍ଷୀ ଅଧିକାରୀ କହିଛନ୍ତି । ପୋଲିସ ଚିତ୍ର ଷଣ୍ଢ କୁ କୋର୍ଟ ଚାଲାଣ କରିବା ସହିତ ଗଞ୍ଜେଇ , ପିକଅପ୍ ଗାଡ଼ି ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି । ପୋଲିସ ୫୩୬/୨୦୨୬ ନମ୍ବର ମୋକଦ୍ଦମା ରୁଜୁ କରି ଅଧିକ ତଦନ୍ତ କରୁଛି । ଆରକ୍ଷୀ ଅଧିକାରୀ ସୁଜିତ କୁମାର ନାୟକ ଏହି ସୂଚନା ଦେବା ସମୟରେ ଥାନା ଅଧିକାରୀ କୌଶିକ ମାଝୀ , ଏସ ?ଆଇ ସଂଗ୍ରାମ କେଶରୀ ସେଠୀ ଙ୍କ ସମେତ ଅନ୍ୟ ଆରକ୍ଷୀ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## କୃଷକ ସଂଗଠନ ଏଆଇକେଏମ୍‌ଏସ୍‌ର ତୃତୀୟ ଜିଲ୍ଲା ସମ୍ମିଳନୀ

**ବ୍ରହ୍ମପୁର /ସୋରଡ଼ା (ଅମୃତ ମିଡିଆ):** ସର୍ବଭାରତୀୟ କୃଷକ ସଂଗଠନ ଅଖିଳ ଭାରତ କିଷାନ୍ ମଜଦୁର ସଭାର ତୃତୀୟ ଜିଲ୍ଲା ସମ୍ମିଳନୀ ଶୁକ୍ରବାର ଦିନ ସୋରଡ଼ା କାଳୀମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଂଗଠନର ଲାଲ ପତାକାକୁ ବରିଷ୍ଠ ନେତା କାଳୀଚରଣ ନାୟକ ଉତ୍ତୋଳନ କରିବା ପରେ ଲଡ୍ଡୁ କିଶୋର ଡାକୁଆ, ନାରାୟଣ ନାୟକ, ଦୟାନିଧି ଗୌଡ଼, ସନ୍ତୋଷ ନାୟକ ଓ କୃଷ୍ଣ ପ୍ରଧାନଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀର ପରିଚାଳନା କରିଥିଲେ ।

ଏଆଇକେଏମଏସର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ସମ୍ମିଳନୀକୁ ଉଦ୍‌ଘାଟନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ବିରୋଧୀ ତଥା କର୍ପୋରେଟ ସପକ୍ଷବାଦୀ ନୀତିର ତୀବ୍ର ସମାଲୋଚନା କରିଥିଲେ । ଜାତୀୟ ସ୍ତରରେ ତିନି କଳା କୃଷି ଆଇନ ବିରୁଦ୍ଧରେ ଐତିହାସିକ କୃଷକ ଆନ୍ଦୋଳନ ବିଜୟୀ ହୋଇଥିଲେ ମଧ୍ୟ ଦେଶର କୃଷକମାନଙ୍କ ବିରୁଦ୍ଧରେ ମୋଦି ସରକାରର ଷଡଯନ୍ତ୍ର ବନ୍ଦ ହୋଇନାହିଁ ବୋଲି



କହିଥିଲେ । କର୍ପୋରେଟଙ୍କ ସ୍ୱାର୍ଥରେ କେନ୍ଦ୍ର ସରକାର ଜନ ବିରୋଧୀ ବିଦ୍ୟୁତ୍ ବିଲ୍ ଏବଂ ବିହନ ବିଲ୍ ଆଣିବାକୁ ଷଡଯନ୍ତ୍ର କରୁଛନ୍ତି । ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ କାମ ଦେବାକୁ ଉଦ୍ଦିଷ୍ଟ ମନରେଗା ଆଇନକୁ ହଟାଇ ସରକାର ଦେଶର କୋଟି କୋଟି ଶ୍ରମିକଙ୍କ କାମ ମାଗିବାର ଅଧିକାରକୁ ଛଡେଇ ନେଇଛନ୍ତି। ବର୍ତ୍ତମାନ ଆମେରିକା ସହ କରିବାକୁ ଯାଉଥିବା ମୁକ୍ତ ବାଣିଜ୍ୟ ଚୁକ୍ତି ଦେଶର କୃଷି ସମ୍ପୂର୍ଣ୍ଣ ବରବାଦ କରିଦେବ ବୋଲି ଚେତାବନୀ ଦେଇଥିଲେ । ଅନ୍ୟ ପକ୍ଷରେ ଓଡ଼ିଶାର ବିଜେପି ସରକାର କେନ୍ଦ୍ର ସରକାରଙ୍କ ଆଗରେ ନିଜକୁ ସମ୍ପୂର୍ଣ୍ଣ ଆତ୍ମ ସମର୍ପଣ କରିଦେଇଛନ୍ତି । ନିକଟରେ ଓଡିଶାର ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ ଯାଇ ଖଣି ଓ ଖଣିଜ ଆଇନରେ ସଂଶୋଧନ କରିବା ବେଳେ ଓଡିଶା ସରକାର ଓ ବିଜେପିର ୨୧ ଜଣ ସାଂସଦଙ୍କ ନୀରବ ସମର୍ଥନ ଏହାକୁ ପ୍ରମାଣିତ କରୁଛି ବୋଲି କହିଥିଲେ ।

ରାଜ୍ୟ କମିଟି ପକ୍ଷରୁ ସମ୍ପାଦକ ପ୍ରତାପ ନାୟକ ସଂଗଠନର ସର୍ବଭାରତୀୟ ସମ୍ମିଳନୀ ପରିପ୍ରେକ୍ଷୀରେ କେନ୍ଦ୍ର କମିଟିର ତରଫରୁ ଦେଶର କୃଷି ଓ କୃଷକଙ୍କ ସମସ୍ୟାକୁ ନେଇ ଜାରୀ ଡାକରାର ଚିଠାକୁ ଉପସ୍ଥାପିତ କରିଥିଲେ । ଏହା ଉପରେ ହୋଇଥିବା ଆଲୋଚନାରେ ଭାଗ ନେଇ ବିଭିନ୍ନ ବ୍ଲକରୁ ଆସିଥିବା ସଂଗଠନର ପ୍ରତିନିଧିମାନେ ନିଜ ନିଜର ମତ ରଖିଥିଲେ । ମଧ୍ୟାହ୍ନ ବିରତି ପରେ ସାଂଗଠନିକ ରିପୋର୍ଟ ଉପରେ ଆଲୋଚନା ହୋଇଥିଲା । ଉଭୟ ରିପୋର୍ଟକୁ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା ।

ଏହି ଅବସରରେ ଏଆଇକେଏମଏସର ଏକ ତେର ଜଣିଆ କମିଟି ଗଠିତ ହୋଇଥିଲା। ଲଡ୍ଡୁ କିଶୋର ଡାକୁଆ ସଭାପତି, କାଳୀ ଚରଣ ନାୟକ ଉପସଭାପତି, ଇଜକାଲ ଗମାଙ୍ଗ ସମ୍ପାଦକ ଓ ସନ୍ତୋଷ ନାୟକ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ଆସନ୍ତା ୧୬ ଓ ୧୭ ଦୁଇ ଦିନ ଧରି ରାୟଗଡା ଜିଲ୍ଲା ଗୁଣପୁର ଠାରେ ଆୟୋଜିତ ହେଉଥିବା ସଂଗଠନର ରାଜ୍ୟ ସମ୍ମିଳନୀ ପାଇଁ ୨୦ ଜଣ ପ୍ରତିନିଧି ମଧ୍ୟ ନିର୍ବାଚିତ ହୋଇଥିଲେ । ସମ୍ମିଳନୀ ସ୍ଥଳକୁ ସଂଗଠନର ପ୍ରୟାତ ନେତା ବାସୁଦେବ ମଲିକଙ୍କ ନାମରେ ନାମିତ କରାଯାଇଥିଲା । ସୁକାନ୍ତ ମଣ୍ଡଳ, ଝିଲିକା ମଣ୍ଡଳ, ବସନ୍ତ ନାୟକ, ଗଣପତି ନାୟକ ପ୍ରମୁଖ ସମ୍ମିଳନୀରେ ଅଂଶ ଗ୍ରହଣ କରିଥିଲେ। ଆଦିବାସୀ ନେତା ଯକ୍ଷ ମଣ୍ଡଳ ଧନ୍ୟବାଦ ଅର୍ପଣ କରିବା ପରେ ସମ୍ମିଳନୀର ସମାପ୍ତି ହୋଇଥିଲା ।

# ଈଶ୍ୱରପୁର ଫାଣ୍ଡି ଗାଡ଼ିକୁ ଈଶ୍ୱର ଭରସା



## ପୋଲିସ ଫିଟ୍ ଗାଡ଼ି ଅନ୍‌ଫିଟ୍
## ଚୋରଙ୍କୁ ସୁହାଉଛି ଦଦରାଗାଡ଼ି
## ଅଯୋଧ୍ୟା ଫାଣ୍ଡିକୁ ବାଇକ୍ ଭରସା

**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ଅଞ୍ଚଳରେ ଅପରାଧିକ ମାମଲାକୁ ରୋକିବା ସହ ଶାନ୍ତିଶୃଙ୍ଖଳା ରଖିବା ପାଇଁ ନୀଳଗିରି ଓ ବରହମପୁରରେ ଦୁଇଟି ଥାନା ଓ ଅଯୋଧ୍ୟା ଓ ଈଶ୍ୱରପୁରରେ ଦୁଇଟି ଫାଣ୍ଡି ରହିଛି। ନୀଳଗିରି ଥାନା ଅଧୀନରେ ଥିବା ଈଶ୍ୱରପୁର ହେଉଛି ଉତ୍ତେଜନା ପ୍ରବଣ ଅଞ୍ଚଳ ଓ ନୀଳଗିରି, ଔପଦା ଓ ସୋର ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା। ଈଶ୍ୱରପୁର ଫାଣ୍ଡି ଅଧୀନରେ ପ୍ରସିଦ୍ଧ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ, ବିଶେଶ୍ୱର ଶୈବପୀଠ, ଖମଖୁଟ ଡ୍ୟାମ ଥିବା ବେଳେ ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷା ଚିନ୍ତା ବଢ଼ିବାରେ ଲାଗିଛି। ସେହିପରି ବିଦୁରୁ ସନ୍ତରାଗଡ଼ିଆ ରାସ୍ତା ଦେଇ ଲଘୁ ଖଣିଜ ଦ୍ରବ୍ୟ ଓ ଗୋରୁ ଚାଲାଣ ପ୍ରଭୃତି ଚୋରା ବ୍ୟବସାୟ ମଧ୍ୟ ହୋଇଥାଏ।ହେଲେ ଉକ୍ତ ଫାଣ୍ଡିରେ ଥିବା ବୋଲେରୋ ଗାଡିର ଅବସ୍ଥା ଦେଖିଲେ ଗାଡିଟି ଚୋରଙ୍କୁ ସୁହାଉଥିବା ଭଳି ଲାଗୁଛି। ଗାଡିର ଦଦରା ହୋଇଯାଇଥିବା ବେଳେ ଡାହାଣପାର୍ଶ୍ୱ ମଡ଼ଗାର୍ଡ ଭାଙ୍ଗି କୁଆଡେ ପଳାଇଯାଇଛି। ଗାଡିର ଅଧିକାଂଶ ଯନ୍ତାଂଶ ସଠିକ୍ ନଥିବା ଦେଖିବାକୁ ମିଳିଛି। କେତେବେଳେ କେଉଁଠି ଯେ ଗାଡିଟି ଅଟକି ଯିବ ତାହା କୁହାଯାଇନପାରେ ଗାଡିଟିର ଫିଟ୍‌ନେସ୍ ଓ ଇନ୍ସୁରାନ୍ସ ନଥିବା ମଧ୍ୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଯେତେବେଳେ ଏହା ଏକ ଅପରାଧ ପୂର୍ଣ୍ଣ ଅଞ୍ଚଳ ଏଠାରେ ସର୍ବଦା ପୋଲିସ୍ ଫିଟ୍ ରହୁଛନ୍ତି ହେଲେ ଗାଡି ଅନ୍‌ଫିଟ୍ କାରଣରୁ ଏହା କେତେ ଚୋର ଧରିବାରେ ସହାୟହେଉଥିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଅଯୋଧ୍ୟାରେ ମଧ୍ୟ ଚକାଚକ୍ ଦୁଇ ମହଲା ବିଶିଷ୍ଟ ପୁଲିସ ଫାଣ୍ଡି ପ୍ରସ୍ତୁତ ହୋଇଛି। ଫାଣ୍ଡିକୁ ୭୮ ବର୍ଷ ବିତିଥିଲେବି ଏବେବି ବାଇକ ସହାୟତାରେ ଜମାଦାର ଚୋରକୁ ଧରିବା ପାଇଁ ଯାଆନ୍ତି। ଦୁର୍ଦ୍ଦିନ ଅବସ୍ଥାରେ ଚାଲିଛି ନୀଳଗିରି ଥାନା ଅଧୀନ ଅଯୋଧ୍ୟା ଫାଣ୍ଡି। ଉକ୍ତ ଫାଣ୍ଡି ଅଧୀନରେ ଭଉଁରିଆବାଡ, ଅଯୋଧ୍ୟା, ନରସିଂହପୁର, କାଂଶ, ଆରକେପୁର ପାଞ୍ଚୋଟି ପଞ୍ଚାୟତ ନିର୍ଭର କରିଥାଆନ୍ତି। ସୂଚନା ଅନୁଯାୟୀ ୧୯୪୭ ମସିହା ରାଜା ଶାସନ ସମୟରେ ବ୍ରିଟିଶ ସରକାର ଏକ ଅସ୍ଥାୟୀ କ୍ୟାମ୍ପ କରି ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଦ୍ଧରେ ଲଢୁଥିଲେ। ପାରା ସାହାଯ୍ୟରେ ବାର୍ତ୍ତା ପରିଚାଳନା କରାଯାଉଥିଲା। ଦୀର୍ଘ ୬୦ ବର୍ଷ ପର୍ଯ୍ୟନ୍ତ ଗ୍ରାମର ଜଣେ ଜୈନିକ ବ୍ୟକ୍ତିଙ୍କ ଘରେ ଫାଣ୍ଡି ଚାଲୁରହିଥିଲା। ପରେ ୭ ବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟରେ ଭଡା ସୂତ୍ରରେ ଫାଣ୍ଡି ଚାଲୁରହିବା ପରେ ୨୦୧୪ ମସିହାରେ ନୂତନ କୋଠା ନିର୍ମାଣ ହୋଇଥିଲା। ହେଲେ ଉକ୍ତ ଫାଣ୍ଡିରେ ଜଣେ ଜମାଦାରଙ୍କ ସହିତ ୪ ଜଣ କନେଷ୍ଟବଳ ଆବଶ୍ୟକତା ରହିଥିବା ବେଳେ ମାତ୍ରକ ଜଣେ ଜମାଦାର ଓ ୨ଟି କନେଷ୍ଟବଳ ସାହାଯ୍ୟରେ ଫାଣ୍ଡିଟି ଚାଲୁରହିଛି। ସେଥିରୁ ମଧ୍ୟ ଅନେକ ସମୟରେ ଜମାଦାର ଓ କନେଷ୍ଟବଳ ମାନେ ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ଭାଳିବାକୁ ଯିବା କାରଣରୁ ଅନେକ ସମୟରେ ଫାଣ୍ଡି ଜଣେ କନେଷ୍ଟବଳ କିମ୍ବା ତାଲା ଝୁଲିବା ପରିସ୍ଥିତି ଆସିଥାଏ। ଏହି ଫାଣ୍ଡି ଅଧୀନରେ ବାଲି, ମୋରମ ଖାଦାନ ଗୁଡିକ ରହୁଥିବା କାରଣରୁ ଅଧିକାଂଶ ସମୟରେ ଚୋରା କାରବାର ପାଇଁ ଗଣ୍ଡୋଗୋଳ ପରିସ୍ଥିତି ଦେଖିବାକୁ ମିଳିଥାଏ। ହେଲେ ଅଧିକାରୀ ଓ ଗାଡି ଅଭାବରୁ ଅଧିକାଂଶ ସମୟରେ ପୁଲିସକୁ ହଟହଟା ହେବାକୁ ପଡିଥାଏ। ସ୍ଥାନୀୟ ଅଞ୍ଚଳବାସୀ ୨୦୨୧ ମସିହାରୁ ଫାଣ୍ଡିକୁ ଥାନା ଦାବୀ କରିଆସୁଥିବା ବେଳେ ଏ ଦିଗରେ ପ୍ରସାଶନ ଦୃଷ୍ଟି ଦେଉନାହିଁ। ଫଳରେ ଖୁବ ଶୀଘ୍ର ଫାଣ୍ଡିରେ ଅଧିକ ଅଧିକାରୀ ନିୟୋଜିତ କରିବା ସହ ଏହାକୁ ଫାଣ୍ଡିରୁ ଥାନା କରିବା ଓ ଏକ ଗାଡି ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜାତୀୟ ରାଜପଥରେ ଟ୍ୟାଙ୍କରରୁ ତେଲଚୋରି
## ଡ୍ରାଇଭର, ହେଲ୍‌ପର ଗିରଫ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ପାରାଦୀପ ରୁ ଜାତୀୟ ରାଜପଥ ୫୩ ଦେଇ ରାଜ୍ୟର ବିଭିନ୍ନ ଅଂଚଳକୁ ପେଟ୍ରୋଲ ଓ ଡିଜେଲ ପରିବହନ ହୋଇଥାଏ, ଗୁରୁବାର ମଧ୍ୟାହ୍ନରେ ବାଲିଚନ୍ଦ୍ରପୁର ପୋଲିସ ପେଟ୍ରୋଲିଙ୍ଗ କରବା ସମୟରେ ଓଳାଶୁଣୀ, ପାରିପଳେଇ ଛକ ମଝିରେ ଏକ ପେଟ୍ରୋଲ, ଡିଜେଲ ବୋଝେଇ ଟ୍ୟାଙ୍କର OD୧୫ AC ୦୭୭୦ ରାଜପଥରେ ଦୀର୍ଘ ସମୟ ଠିଆ ହୋଇଥିବା ଦେଖି ଏ ଏସ ଆଇ ଅଚ୍ୟୁତାନନ୍ଦ ଦାସ ଓ କିଛି ଷ୍ଟାଫ ଘଟଣା ସ୍ଥଳରେ ପହଞ୍ଚି ଦେଖନ୍ତିତ ଟ୍ୟାଙ୍କରର ଡ୍ରାଇଭର ଓ ହେଲପର ଦୁଇଟି ପ୍ଲାଷ୍ଟିକ ଜାରରେ ଡିଜେଲ, ପେଟ୍ରୋଲ କାଟି ବିକିବା ପାଇଁ ଅପେକ୍ଷା କରିଥିଲେ। ପୋଲିସ ଘଟଣା ସ୍ଥଳରୁ ଟ୍ୟାଙ୍କର, କଟାଯାଇଥିବା ଡିଜେଲ ପେଟ୍ରୋଲ ଜବତ କରି ଡ୍ରାଇଭର, ହେଲପରକୁ କାବୁ କରିଥିବା ବେଳେ କିଣିବା ଲୋକ ଚତୁରତାର ସହିତ ଖସିଯାଇଥିଲା। ଏସ ଆଇ ପି କେ ସେଠି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚାଲୁ ରଖିଛନ୍ତି। ପୋଲିସ ୩୪୯/ ୨୬ଏକ ମାମଲା ରୁଜୁ କରି ବୌଦ୍ଧ ଜିଲ୍ଲାର ହରଭଙ୍ଗା ଥାନା କୁମାରୀ ଗ୍ରାମର ସତ୍ୟ ସୌରଭ ଅମାତଙ୍କ ପୁଅ ଡ୍ରାଇଭର ଚନ୍ଦନ ଅମାତ (୨୫) ଓ ବାଡଁସୁଣୀ ଥାନା ପଳାସ୍ୱାତ ଗ୍ରାମର ଚନ୍ଦ୍ରମଣି ପ୍ରଧାନଙ୍କ ପୁଅ ହେଲପର ବାଦଲ କୁମାର ପ୍ରଧାନ (୨୮) କୁ ଗିରଫ କରିଛି। ଏ ନେଇ ବାଲିଚନ୍ଦ୍ରପୁର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସ ଡି ପି ଓ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ସୂଚନା ଦେଇଥିଲେ। ଯେ ପାରାଦୀପ ରୁ ବୌଧ ଜିଲ୍ଲାର ରଞ୍ଜିତ ପ୍ରଧାନଙ୍କ ମା ଦୁର୍ଗା ଫିଲିଙ୍ଗ ଷ୍ଟେସନ ବୌଧ ଟାଉନକୁ ପେଟ୍ରୋଲ ଡିଜେଲ ବୋଝେଇ ଏକ ଟ୍ୟାଙ୍କର ଯାଉଥିବା ବେଳେ ଗାଡ଼ିର ଡ୍ରାଇଭର ଓ ହେଲପର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାରିପଳେଇ ଛକ ନିକଟରେ ଗାଡି ରଖି ଚୋରି କରି ତେଲ କାଟି ବିକିବା ପାଇଁ ପ୍ରସ୍ତୁତ ଥିବାବେଳେ ବାଲିଚନ୍ଦ୍ରପୁର ପୋଲିସ ଦ୍ୱାରା ଧରା ପଡ଼ିଥିଲେ। ସେମାନେ ତେଲ ବିକ୍ରି ପାଇଁ କାଟିଥିବା ମଧ୍ୟ ସ୍ୱୀକାର କରିଛନ୍ତି। ତେବେ ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ତେଲ ଟ୍ୟାଙ୍କର ଗାଡି, ଦୁଇଟି ମୋବାଇଲ ଫୋନ, ତେଲ କାଟିବା ପାଇଁ ପ୍ଲାଷ୍ଟିକ ପାଇପ, ଦୁଇଟି ହାତୁଡି, ସିଲ ଖୋଲିବା ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି, ଦୁଇଟି ପେଟ୍ରୋଲ ଓ ଡିଜେଲ ବୋଝେଇ କୋଡିଏ ଲିଟର ଯାର ଜବତ କରିଥିବା ବେଳେ ଚୋରା ପେଟ୍ରୋଲ ଡିଜେଲ କିଣିବା ଲୋକକୁ ଖୁବଶୀଘ୍ର ଧରାଯିବ ବୋଲି କହିଥିଲେ। ଗିରଫ ଡ୍ରାଇଭର ଚନ୍ଦନ ଓ ହେଲପର ବାଦଲକୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଦିଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ବିଜନେସ...

କରିଥିଲେ, ଯାହାକୁ ପ୍ରଧାନମନ୍ତ୍ରୀ ଗ୍ରହଣ କରିଥିଲେ । ସେହିପରି ଆମେରିକା ଥିବା ଗ୍ରୁପ ୭ ବା ଜି ୭କୁ ଟାର୍ଗେଟ କରିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଭାରତ ଆସିଥିବା ପୁଟିନ ଆଜି ଭାରତ ମଣ୍ଡପମରୁ ଜି ୭ର ଅର୍ଥନୀତିକୁ କଟାକ୍ଷ କରିଛନ୍ତି। ବିଶ୍ୱ ଅର୍ଥନୀତିରେ ଜି ୭ର ଯୋଗଦାନ ହ୍ରାସ ପାଉଥିବା ବେଳେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ଭାଗିଦାରୀ ବୃଦ୍ଧି ପାଉଥିବା ସେ ତୁଳାତ୍ମକ ଢଙ୍ଗରେ ଉପସ୍ଥାପନ କରିଛନ୍ତି। ବ୍ରିକ୍ସ ବିଜନେସ ସମ୍ମିଳନୀ ୨୦୨୬କୁ ସମ୍ବୋଧନ କରି ପୁଟିନ କହିଛନ୍ତି ବିଶ୍ୱ ଅର୍ଥନୀତିକୁ ଜି ୭ ଦେଶଗୁଡ଼ିକର ଯୋଗଦାନ ୧୮%। ଏହା ତୁଳନାରେ ବ୍ରିକ୍ସ ସଦସ୍ୟଙ୍କ ଯୋଗଦାନ ପ୍ରାୟ ୪୦% ରହିଛି। ଜି୭ର ନିୟମିତ ପ୍ରାୟସ ଉପରେ ପ୍ରଶ୍ନ ଉଠାଇ ପୁଟିନ କହିଛନ୍ତି, "ମୁଁ ଜାଣିପାରୁ ନାହିଁ ସେମାନେ କାହିଁକି ନିଜକୁ ଏମିତି କହୁଛନ୍ତି" ରୁଷ ଏକଦା ଆମେରିକା ରହିଥିବା ସମୂହରେ ରହିଥିଲା। ରୁଷ ରହିଥିବା ଯାଏ ଏହା ଗ୍ରୁପ ୮ ଭାବେ ପରିଚିତ ଥିଲା। ୨୦୧୪ରେ କ୍ରିମେଆ ଘଟଣା ପାଇଁ ରୁଷକୁ ବହିଷ୍କାର କରାଯାଇଥିଲା। ସେବେଠାରୁ ଏହା ଜି୭ ଭାବେ ପରିଚିୟ ହାସଲ କରିଛି। ଏଥିରେ ଆମେରିକା, କାନାଡା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଓ ଇଟାଲୀ ରହିଛନ୍ତି। ପୁଟିନ ବ୍ରିକ୍ସକୁ ବିଶ୍ୱର ସର୍ବବୃହତ୍ତ ଅର୍ଥନୀତିକ ବ୍ଲକ ଭାବେ ବର୍ଣ୍ଣନା କରି କହିଛନ୍ତି ଯେ ବିଶ୍ୱ ଯୋଗାଣରେ ପରିବର୍ତ୍ତନ ହେଉଥିଲେ ହେଁ ଏହାର ସଦସ୍ୟମାନେ ଶକ୍ତିଶାଳୀ ହେଉଛନ୍ତି ଓ ସଦସ୍ୟ ରାଷ୍ଟ୍ରଙ୍କ ପ୍ରଭାବ ବୃଦ୍ଧି ପାଉଛି। ବିଶ୍ୱ ଅର୍ଥନୀତିକ ପ୍ରତି ଭାରତର ଅବଦାନ ସମ୍ପର୍କରେ ପୁଟିନ କହିଛନ୍ତି, ବିଶ୍ୱ ଏବେ ଗୋଟିଏ ବଡ଼ ଆର୍ଥିକ ପରିବର୍ତ୍ତନ ସହ ଗତି କରୁଛି। ଏଥିସହ ବ୍ରିକ୍ସ ବାହାରେ ଥିବା ରାଷ୍ଟ୍ରଗୁଡ଼ିକର ସହଯୋଗ ପାଇଁ ଏହି ସମୂହ ସବୁବେଳେ ଖୋଲା ରହିଥିବା ମଧ୍ୟ ମତ ରଖିଛନ୍ତି। ପଶ୍ଚିମ ଦେଶଗୁଡ଼ିକ ବ୍ରିକ୍ସ ରାଷ୍ଟ୍ରକୁ ଦୁର୍ବଳ କରିବାକୁ ବାରମ୍ବାର ଉଦ୍ୟମ କରୁଥିବାର ଅଭିଯୋଗ ଆଣିଛନ୍ତି ପୁଟିନ। ସେ କହିଛନ୍ତି, "ବ୍ରିକ୍ସର ପଶ୍ଚିମ ପ୍ରତିଦ୍ୱନ୍ଦ୍ୱୀ ନିଜର ପୂର୍ବ ନେତୃତ୍ୱ ପୁଣି ହାସଲ କରିବାକୁ ଉଦ୍ୟମ କରୁଛନ୍ତି। ଏହି ସଂଘର୍ଷ ସରକାରୀ ସ୍ତରରେ ବେଆଇନ ଢଙ୍ଗରେ ମୋଡ ବଦଳାଇବାରେ ଲାଗିଛି।" ରୁଷ ଉପରେ ପଶ୍ଚିମ ଦେଶଗୁଡ଼ିକ ଲଗାଇଥିବା ବ୍ୟାନକୁ ମଧ୍ୟ ପୁଟିନ ବେଆଇନ କହିଛନ୍ତି। କଟକଣା ସତ୍ତ୍ୱେ ମସ୍କୋ ନିଜର ଆର୍ଥିକ ପ୍ରଦର୍ଶନ ବଳବତ୍ତର ରଖିଥିବା ସେ ଦାବି କରିଛନ୍ତି। ବିଶ୍ୱ ଅର୍ଥନୀତିରେ ପରିବର୍ତ୍ତନ ହେଉଥିବାରୁ ସେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ ଅଧିକ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି।

### ୨,୪୩,...

ଦ୍ୱାରା ବଜାୟ ରଖାଯାଇଥିବା ସାଂସ୍କୃତିକ ସମ୍ପର୍କକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ, ଓଡ଼ିଶାର ବିଶ୍ୱସ୍ତରୀୟ ପରିଚୟକୁ ମଜବୁତ କରିବା ଏବଂ ଏହାର ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖିବାରେ ପ୍ରବାସୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ୟୁଏଇ ଗସ୍ତ ଆବୁଧାବୀରୁ ସରକାରୀ, ସାର୍ବଭୌମ, ପ୍ରତିଷ୍ଠାନଗତ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କ ସହିତ ଉଚ୍ଚସ୍ତରୀୟ ଆଲୋଚନା ସହିତ ଆରମ୍ଭ ହୋଇଥିଲା। ଏହାର ଏକ ପ୍ରମୁଖ ଆକର୍ଷଣ ଥିଲା 'ଇଣ୍ଟରନ୍ୟାସନାଲ ହୋଲ୍‌ଡିଂ କମ୍ପାନୀ' ଏବଂ 'ଆଦାନୀ ଗ୍ରୁପ୍'କୁ ନେଇ ହୋଇଥିବା ରଣନୈତିକ ସହଭାଗିତା, ଯେଉଁଥିରେ କ୍ରିଟିକାଲ୍ ମିନେରାଲ ଓ ରେୟାର୍ ଆର୍ଥସ୍, ମେଟାଲ୍ସ ଓ ମେଟାଲର୍ଜି, କେମିକାଲ୍ସ ଓ ପେଟ୍ରୋ-କେମିକାଲ୍ସ, ନବୀକରଣୀୟ ଶକ୍ତି ଉପକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷ ଭିତ୍ତିଭୂମି, ପର୍ଯ୍ୟଟନ, ଦକ୍ଷତା ବିକାଶ ଏବଂ ଅନ୍ୟାନ୍ୟ ରଣନୈତିକ କ୍ଷେତ୍ରଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା।ପ୍ରଥମ ଦିନରେ 'ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍' ସହିତ ଆଲୋଚନା, ନିବେଶ ଓ ଭିତ୍ତିଭୂମି ସୁଯୋଗ ଉପରେ ପ୍ରତିଷ୍ଠାନଗତ ଆଲୋଚନା ଏବଂ ଓଡ଼ିଶାରେ ଏକ ପେଟ୍ରୋ-କେମିକାଲ ଡାଉନଷ୍ଟ୍ରିମ୍ ଇକୋସିଷ୍ଟମର ସମ୍ଭାବ୍ୟ ବିକାଶ ନେଇ 'ବୋରୁଜ୍' ସହିତ ଆଲୋଚନା ହୋଇଥିଲା।ଦ୍ୱିତୀୟ ଦିନରେ ଆଇ.ଟି. ଏବଂ ଇ.ଏସ୍.ଡି.ଏମ୍., କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ ଏବଂ ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ, ଲଜିଷ୍ଟିକ୍ସ, ଦକ୍ଷତା ବିକାଶ, ରେୟାର ଆର୍ଥସ୍, ସର୍କୁଲାର୍ ଇକୋନୋମି, କେମିକାଲ୍ସ ଏବଂ ଆଲୁମିନିୟମ କ୍ଷେତ୍ରକୁ ବ୍ୟାପକ କରାଯାଇଥିଲା। ବିଭିନ୍ନ କମ୍ପାନୀଗୁଡ଼ିକର ବୁଝାମଣାପତ୍ର ଏବଂ ନିବେଶ ପ୍ରସ୍ତାବଗୁଡ଼ିକ ସମ୍ଭାବ୍ୟ ପ୍ରକଳ୍ପ ଓ ଭାଗିଦାରୀର ପରିସରକୁ ଆହୁରି ବଢ଼ାଇଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ ୟୁଏଇର ନେତୃତ୍ୱ ଏବଂ ଶିଳ୍ପ ପ୍ରତିନିଧୀଙ୍କ ସହିତ ଉଚ୍ଚସ୍ତରୀୟ ଆଲୋଚନା କରିଥିଲେ ଏବଂ 'ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ୍' ପରିଦର୍ଶନ କରିଥିଲେ, ଯାହା ଓଡ଼ିଶାର ଡାଉନଷ୍ଟ୍ରିମ ଶିଳ୍ପ ଇକୋସିଷ୍ଟମ ସହିତ ଜଡ଼ିତ ଉନ୍ନତ ଆଲୁମିନିୟମ ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ଏବଂ ମୂଲ୍ୟବୃଦ୍ଧି ପଦ୍ଧତିଗୁଡ଼ିକୁ ଅନୁଧ୍ୟାନ କରିବାର ଏକ ସୁଯୋଗ ପ୍ରଦାନ କରିଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡ଼ିଶା ମୂଲ୍ୟବୃଦ୍ଧି, ପ୍ରଯୁକ୍ତିବିଦ୍ୟା, ବିଶ୍ୱସ୍ତରୀୟ ସହଭାଗିତା ଏବଂ ଦକ୍ଷ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ଆଧାର କରି ଶିଳ୍ପ ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟକୁ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ଅଛି। ସେ ନିବେଶକମାନଙ୍କ ପାଇଁ ରାଜ୍ୟର ପ୍ରାକୃତିକ ସମ୍ପଦ, ପ୍ରତିଯୋଗୀ ଶକ୍ତି ଉପଲବ୍ଧତା, ରଣନୈତିକ ବନ୍ଦର, ଶିଳ୍ପ ଭିତ୍ତିଭୂମି, ଦକ୍ଷ କାର୍ଯ୍ୟଶକ୍ତି ଏବଂ ଶିଳ୍ପ ଇକୋସିଷ୍ଟମକୁ ମୁଖ୍ୟ ସୁବିଧା ଭାବରେ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ଓଡ଼ିଶାର ୟୁଏଇ ସହଭାଗିତା ବ୍ୟକ୍ତିଗତ ନିବେଶଠାରୁ ଆଗକୁ ଯାଇ ଉତ୍ପାଦନ, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ରପ୍ତାନି, ଇନୋଭେସନ, ଦକ୍ଷତା ଏବଂ ଉଦ୍ୟମିତାରେ ଦୀର୍ଘସ୍ଥାୟୀ ଭାଗିଦାରୀ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି।

### ବରଗଡ଼ ...

ଏବଂ ବରଗଡ଼ ଏସ୍‌ପି ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ ଥିଲେ। ଅଚ୍ୟୁତଙ୍କୁ କିଏ ଓ କେଉଁ କାରଣରୁ ଗୁଳି କରି ହତ୍ୟା କଲା, ତାହା ଏବେ ବି ରହସ୍ୟାବୃତ ହୋଇଥିବା ବେଳେ ବ୍ୟକ୍ତିଗତ ଶତ୍ରୁତା ନା ଅନ୍ୟ କୌଣସି କାରଣରୁ ସେ ହତ୍ୟାର ଶିକାର ହେଲେ ସେ ନେଇ ଉଭୟ ଜିଲା ପୋଲିସ ତଦନ୍ତ କରୁଛନ୍ତି । ଅନ୍ୟ ପଟେ ହତ୍ୟାକାଣ୍ଡକୁ ନେଇ ମିଳିଥିବା ଗୁଳି, ରାଜନୈତିକ ବିବାଦ ପଛର ପ୍ରକୃତ ଉଦ୍ଦେଶ୍ୟ କ'ଣ, ସେ ନେଇ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୋଲିସ ଆଧାରରେ ମିଳିଥିବା ପ୍ରମାଣ ଆଧାରରେ ରହସ୍ୟର ଉନ୍ମୋଚନ ପାଇଁ ପୋଲିସ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି ।ଘଟଣାସ୍ଥଳରେ ପର୍ବତନ ମନ୍ତ୍ରୀ ରିତା ସାହୁଙ୍କ ସମେତ ବିଜେଡିର ସ୍ଥାନିୟ ନେତା ଓ ବ୍ଲକର ଜନପ୍ରତିନିଧି ମାନେ ପହଞ୍ଚିଥିଲେ। ଏଭଳି ରହସ୍ୟଜନକ ହତ୍ୟା ଘଟଣାକୁ ନେଇ ଆଗଲପୁର ସମେତ ବରପାଲି ଓ ଡୁଙ୍ଗୁରିପାଲି ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ସହ ଆଶ୍ଚର୍ଯ୍ୟଚକିତ କରିଦେଇଛି। ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛ।

# ପରିବେଶ ସୁରକ୍ଷା ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ସଚେତନତା ଅଭିଯାନ



ଯାଜପୁର (ଅମୃତ ମିଡିଆ) 'ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ୍ ମୁକ୍ତ ଜୀବନ' ବିଷୟବସ୍ତୁକୁ ନେଇ ଚାଲିଥିବା ପରିବେଶ ସୁରକ୍ଷା ଅଭିଯାନ ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ତଥା ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଟାଉନସିପସ୍ଥିତ ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଆୟୋଜିତ 'ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନା' ରାଲିରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ମଦନ ମୋହନ ସାହୁ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଚିଫ୍ କର୍ପୋରେଟ୍ ସର୍ଭିସେସ୍ ରବି ମାରିକଙ୍କ ସମେତ ଟିଏସକେ, ନୀଳାଚଳ ଇସ୍ପାତ ନିଗମ ଏବଂ ଜିନ୍ଦଲ ଷ୍ଟେନଲେସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସମସ୍ତ ଅଂଶଗ୍ରହଣକାରୀମାନେ 'ମିଶନ ଲାଇଫ୍' ଶପଥ ପାଠ କରିଥିଲେ। ଅଣ-ଯାନ୍ତ୍ରିକ ପରିବହନକୁ ପ୍ରୋତ୍ସାହିତ କରିବା, ବାୟୁ ଗୁଣବତ୍ତା ମାନରେ ଉନ୍ନତି ଆଣିବା ଏବଂ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେହିପରୀ ସେପ୍ଟେମ୍ବର, ୭ ତାରିଖ ଦିନ ଯାଜପୁର ଜିଲ୍ଲା ଡୁବୁରୀସ୍ଥିତ ଗୋଳାଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ମଧ୍ୟ 'ମିଶନ ଲାଇଫ୍' ଶପଥ ଗ୍ରହଣ କରିଥିଲେ ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ବିକଶିତ ଭାରତ ଯୁବନେତୃତ୍ୱ ସଂଳାପ
## ଯୁବପିଢ଼ିଙ୍କ ପାଇଁ ଜାତୀୟସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଦେଶର ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ସୃଜନଶୀଳତା, ନବସୃଜନ ଓ ଦେଶ ଗଠନ ପ୍ରତି ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିକସିତ ଭାରତଯୁବ ନେତୃତ୍ୱ ସଂଳାପ- ୨୦୨୭ ଆୟୋଜିତ ହେଉଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନରେ ମାଇଁ ଭାରତ ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ଏହି ସଂଳାପ ମାଧ୍ୟମରେ ଯୁବମାନଙ୍କୁ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ପ୍ରତି ନିଜର ଚିନ୍ତାଧାରା ଓ ଅବଦାନ ଉପସ୍ଥାପନ କରିବାର ସୁଯୋଗ ମିଳିବ। ଏହାର ପ୍ରଥମ ପର୍ଯ୍ୟାୟ ଭାବେ ବିକଶିତ ଭାରତ କୁଇଜ ଆୟୋଜିତ ହେଉଛି। ଏହା ଏକ ଜାତୀୟ ସ୍ତରର ଅନଲାଇନ୍ କୁଇଜ୍ ଯାହା ମାଇଁ ଭାରତ ପୋର୍ଟାଲ୍ ମାଧ୍ୟମରେ ବିଭିନ୍ନ ଭାଷାରେ ଆୟୋଜିତ ହେଉଛି ଓ ଯୋଗ୍ୟ ଯୁବମାନେ ବ୍ୟକ୍ତିଗତ ଭାବେ ଏଥିରେ ଅଂଶଗ୍ରହଣ କରିପାରିବେ। କୁଇଜ୍‌ରେ ଚୟନିତ ଅଂଶଗ୍ରହଣକାରୀମାନେ ପରବର୍ତ୍ତୀ ବିକଶିତ ଭାରତ ଏସେ ଚ୍ୟାଲେଞ୍ଜ ପର୍ଯ୍ୟାୟକୁ ଯିବେ।୧୭ ଅଗଷ୍ଟ ୨୦୨୬ ସୁଦ୍ଧା ୧୫ରୁ ୨୯ ବର୍ଷ ବୟସର ଯୁବକ/ଯୁବତୀ ଏଥିରେ ଅଂଶଗ୍ରହଣ କରିପାରିବେ। ମାଇଁ ଭାରତ ପୋର୍ଟାଲ୍‌ରେ ପୂର୍ବରୁ ପଞ୍ଜୀକୃତ ଥିବା ଯୁବମାନଙ୍କୁ ପୁନର୍ବାର ପଞ୍ଜିକରଣ କରିବାର ଆବଶ୍ୟକତା ନାହିଁ ଓ ଅନ୍ୟ ଯୋଗ୍ୟ ଯୁବମାନେ ପୋର୍ଟାଲ୍‌ରେ ପଞ୍ଜିକରଣ କରି ଏହି ପ୍ରକ୍ରିୟାରେ ଯୋଗଦେଇପାରିବେ। ବର୍ତ୍ତମାନ ବିକଶିତ ଭାରତ କୁଇଜ୍ ୧୭ ଅଗଷ୍ଟରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ତେଣୁ ଜିଲ୍ଲାର ସମସ୍ତ ଯୋଗ୍ୟ ଯୁବକ/ ଯୁବତୀଙ୍କୁ ଏହି ସମୟସୀମା ମଧ୍ୟରେ କୁଇଜ୍‌ରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଉଛି। ଏହି କୁଇଜ୍ ମାଧ୍ୟମରେ ଯୁବମାନେ ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକରେ ଆଗକୁ ବଢ଼ିବାର ସୁଯୋଗ ପାଇପାରିବେ। କୁଇଜ୍ ପରେ ଚୟନିତ ଯୁବମାନେ ୫୦୦ ଶବ୍ଦର ବିକଶିତ ଭାରତ ଏସେ ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତ୍ୟେକ ଜିଲ୍ଲାର ଶ୍ରେଷ୍ଠ ୫୦ଟି ନିବନ୍ଧକୁ ଜିଲ୍ଲା ଚମ୍ପିୟନସିପ୍‌ର ପିପିଟି ପର୍ଯ୍ୟାୟ ପାଇଁ ଚୟନ କରାଯିବ। ସେଠାରୁ ପ୍ରତ୍ୟେକ ଜିଲ୍ଲାର ଶ୍ରେଷ୍ଠ ଦୁଇଜଣ ପ୍ରସ୍ତୁତକାରୀ ରାଜ୍ୟ ସ୍ତର ପାଇଁ ଯୋଗ୍ୟତା ହାସଲ କରିବେ। ରାଜ୍ୟ ସ୍ତରରେ ଚୟନିତ ଯୁବମାନେ ନିଜର ଚିନ୍ତାଧାରା ଓ ପ୍ରସ୍ତୁତି ଏକ ଜୁରି ସମ୍ମୁଖରେ ଉପସ୍ଥାପନ କରିବେ। ରାଜ୍ୟ ପ୍ରଦର୍ଶନ ଆଧାରରେ ଜାତୀୟ ପର୍ଯ୍ୟାୟ ପାଇଁ ରାଜ୍ୟ ଦଳ ଚୟନ କରାଯିବ। ଏହା ମାଧ୍ୟମରେ ବିଭିନ୍ନ କ୍ଷେତ୍ରର ପ୍ରତିଭାବାନ ଯୁବମାନେ ନିଜର ଦକ୍ଷତା ପ୍ରଦର୍ଶନର ସୁଯୋଗ ପାଇପାରିବେ। ଜିଲ୍ଲାର ଯୋଗ୍ୟ ଯୁବମାନଙ୍କୁ ବିକଶିତ ଭାରତ କୁଇଜ୍‌ରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ଏହି ଜାତୀୟ ଯୁବ ମଞ୍ଚର ଅଂଶ ହେବାକୁ ଅନୁରୋଧ କରାଯାଇଛି ଓ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟ ନିଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ମାଇଁ ଭାରତ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ଯୁବ ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଧର୍ମଶାଳାରେ ଜଙ୍ଗଲ କିସମ ପାହାଡ଼ରେ ଭୟଙ୍କର ପଥରବ୍ଲାଷ୍ଟିଂ
## ପୋଲିସ ଓ ବନ ବିଭାଗ ଚୁପ୍





**ଜେନାପୁର (ଅମୃତ ମିଡିଆ) :** ସରକାରଙ୍କ ଆଇନ ଅନୁସାରେ ସଂରକ୍ଷିତ ଜଙ୍ଗଲରୁ କୌଣସି ଜଙ୍ଗଲଜାତ ସାମଗ୍ରୀ ଲୁଟ ଧର୍ତ୍ତବ୍ୟ ଅପରାଧ। ହେଲେ ପ୍ରାୟ ୨୫ ବର୍ଷ ହେଲା ସଂରକ୍ଷିତ ଜଙ୍ଗଲ ଉପରେ କଳାପଥର ମାଫିଆଙ୍କ ରାବଣରାଜ ଚାଲିଛି। ରାଜ୍ୟରେ ବି.ଜେ.ପି ସରକାର ଆସିବା ପରେ ଏହି ମାଫିଆରାଜ ସମସ୍ତ ସୀମା ଅତିକ୍ରାନ୍ତ କରି ଏହି ଜଙ୍ଗଲ କିସମ ଜଙ୍ଗଲ ମାଟିରେ ମିଶିବାକୁ ଯାଉଛି। କଟକ ବନଖଣ୍ଡ ଅନ୍ତର୍ଗତ ଡାଳିଯୋଡା ଫରେଷ୍ଟ ରେଂଜର ଜେନାପୁର ଥାନା ଅନ୍ତର୍ଗତ ବଳରାମପୁର ସଂରକ୍ଷିତ ଜଙ୍ଗଲରେ ଏଭଳି ମାଫିଆରାଜ ଚାଲିଛି। ପୋଲିସ, ବନ ବିଭାଗ, ପ୍ରଶାସନ ଓ ଧର୍ମଶାଳାର ମାଫିଆ ସିଣ୍ଡିକେଟର ନେତାଙ୍କ ମିଳିତ ସଲାସୁତରାରେ ଚାଲିଥିବା ଏହି ଲୁଟ ନିକଟରେ କ୍ଷମତାସୀନ ଡବଲ ଇଂଜିନ ସରକାର ସରକାର ସଂପୂର୍ଣ୍ଣ ଅସହାୟ ହେଇ ପଡିଛି। ଏହି ସଂରକ୍ଷିତ ଜଙ୍ଗଲ ଅଧୀନରେ ଥିବା ବାଘୁଆ, ବିଛାଖଣ୍ଡୀ ଓ କୁସୁନପୁର ପାହାଡରୁ ଦିନ ଦିପହରେ ଟ୍ରିପ ଟ୍ରିପି କଳାପଥର ଲୁଟ ଚାଲିଛି। ଗୋଟିଏ ଗୋଟିଏ ୱାଗନ ହୋଲ ବ୍ଲାଷ୍ଟିଂରେ ପାହାଡରୁ ଶତାଧିକ ଟ୍ରିପ କଳାପଥର ପାହାଡରୁ ଖସୁଛି। ଏହାର କୁପ୍ରଭାବରେ ଆଖପାଖ ଅଂଚଳର ୫୦ ଟି ଗ୍ରାମରେ ମାଟି ଚହଲି ଯାଉଛି। ଏପରିକି ଏଥିପାଇଁ ମୃଦୁ ଭୂମିକମ୍ପ ହେବା ପରି ଅନୁଭବ ହେଉଛି। ଘରର କାନ୍ଥ ଓ ଛାତ ଫାଟି ଯାଉଛି। ପ୍ରଚଣ୍ଡ ଶବ୍ଦର ପ୍ରଭାବରେ ଜୀବଜନ୍ତୁ ମାନେ ଭୟଭୀତ ହୋଇ ପାହାଡ ଛାଡି ପଳାଉଛନ୍ତି। ହେଲେ କଟକ ବନଖଣ୍ଡର ଫରେଷ୍ଟର, ରେଂଜର ଓ ଜେନାପୁର ଥାନା ପୋଲିସକୁ କିନ୍ତୁ ଏହି ପ୍ରଚଣ୍ଡ ଶବ୍ଦ ଶୁଭୁନାହିଁ କିମ୍ବା ଶହ ଶହ ଟ୍ରିପ କଳାପଥର ଲୁଟ ଦେଖାଯାଉ ନାହିଁ। ବାଘୁଆ ପାହାଡକୁ ବିଜୁ ଜନତା ଦଳ ସରକାରରେ ବ୍ୟାପକ ଚଂଚକତା କରାଯାଇ କଳାପଥର ଲୁଟ ଚାଲିଥିଲା। ହେଲେ ବି.ଜେ.ପି ସରକାର କ୍ଷମତାକୁ ଆସିବା ପରେ ପାହାଡ ପର୍ବତ ସୁରକ୍ଷା ମଂଚ ସଭାପତି ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ରାଜ୍ୟର ପ୍ରଥମ ଜନଆନ୍ଦୋଳନ ମୁଣ୍ଡ ଟେକିଥିଲା। ବାଘଆ ସୁରକ୍ଷା ନାମରେ ମୁଣ୍ଡ ଟେକିଥିବା ଏହି ଆନ୍ଦୋଳନ ସଫଳ ହେଲା। ସତୀଶ ବିଶ୍ୱାଳଙ୍କ ଦାବି ଅନୁସାରେ ଏହି ବାଘୁଆ ପାହାଡ ଜଙ୍ଗଲ କିସମ ବୋଲି ପ୍ରମାଣିତ ହେବା ସହ ପାହାଡକୁ ଲିଜ ନେଇଥିବା ରାଜ୍ୟ ବାହାରର କମ୍ପାନୀର ଲିଜ ବାତିଲ କରାଗଲା। ଏହାପରେ ଏହି କମ୍ପାନୀ ମଧ୍ୟ ପାହାଡ ଛାଡି ପଳାଇବାକୁ ବାଧ ହେଲା। ହେଲେ ଏହାପରେ କିଛିଦିନ ହେବ ଏହି ପାହାଡରୁ କଳାପଥର ଚାଲାଣ ବନ୍ଦ ଥିବା ବେଳେ ପୁନଶ୍ଚ ଏହି ପାହାଡରୁ କଳାପଥର ଚାଲାଣ ଚାଲିଛି। ସେହିପରି କୁସୁନପୁର ପାହାଡରୁ କଳାପଥର ଚାଲାଣ ବନ୍ଦ ଥିବା ବେଳେ କିଛିଦିନ ହେବ ଖୁଲମଖୁଲା ଏଠାରୁ ଦୈନିକ ଶତାଧିକ ଟ୍ରିପ କଳାପଥର ଲୁଟ ଚାଲିଛି। ବି.ଜେ.ଡି ସରକାରରେ ଏଠାରୁ କଳାପଥର ଲୁଟ ଚାଲିଥିବା ବେଳେ ପାହାଡ ପର୍ବତ ସୁରକ୍ଷା ମଂଚର ସଭାପତିଙ୍କ ଦାବି ପରେ ଏହା ଜଙ୍ଗଲ କିସମ ପାହାଡ ବୋଲି ପ୍ରମାଣିତ ହେବାସହ ପାହାଡରୁ କଳାପଥର ଲୁଟ ବନ୍ଦ ହୋଇଥିଲା। ପୁନଶ୍ଚ ବି.ଜେ.ପି ସରକାର କ୍ଷମତାକୁ ଆସିବା ପରେ ଧର୍ମଶାଳା ପାହାଡ ଲୁଟ ସିଣ୍ଡିକେଟର ନେତାଙ୍କ ତତ୍ତ୍ୱାବଧାନରେ ଏହି ଲୁଟ ବେଧଡକ ଚାଲିଛି। ବିଛାଖଣ୍ଡୀ ପାହାଡର ଜଙ୍ଗଲ କିସମ ପାହାଡ ଅଂଚଳରୁ ମଧ୍ୟ ଏହି ସିଣ୍ଡିକେଟ ଜରିଆରେ ଖୋଲାଖୋଲି କଳାପଥର ଲୁଟ ଚାଲିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜେନାପୁର ଥାନା ଠାରୁ ମାତ୍ର କିଛି ଦୂରରେ ଏବଂ ଜଙ୍ଗଲ ବିଭାଗର ଚଢେଇଧରା ଠାରେ ଫରେଷ୍ଟର କାର୍ଯ୍ୟାଳୟ ନିକଟରୁ ଜଙ୍ଗଲ କିସମ ପାହାଡରୁ କଳାପଥର ଲୁଟ ଚାଲିଛି। ଏଥିରୁ ସ୍ଥାନୀୟ ପୋଲିସ ଏବଂ ବନ ବିଭାଗ ଏଠାରୁ ମୋଟା ଅଙ୍କର ମାସିକିଆ ଚାନ୍ଦା ନେଇ କଳାପଥର ଲୁଟ କରୁଥିବାର ସାଧାରଣରେ ହେଉଥିବା ଅଭିଯୋଗ ସ୍ପଷ୍ଟ ହେଉଛି । ତେବେ ଏଥିନେଇ ବରିଷ୍ଠ ସାମ୍ବାଦିକ କାର୍ତିକ ସ୍ୱାଇଁଙ୍କ ଫେସବୁକରୁ କଳାପଥର ଲୁଟ ନେଇ ବାରମ୍ବାର ଜିଓ ଟ୍ୟାଗ ଭିଡିଓ ଭାଇରାଲ ହେଲା ପରେ ବି ପୋଲିସ ଏବଂ ବନ ବିଭାଗର ନୀରବ ରହିଛି। ଏଥିରୁ ଏହି ଦୁଇ ବିଭାଗ ଲୋକଙ୍କ ନଜରରେ ସିଧାସଳଖ ଚୋର ହୋଇଯିବା ସହ ସରକାରରକୁ ଜନବିରୋଧୀ କରୁଥିବାର ପ୍ରମାଣିତ ହୋଇଛି। ଏଭଳି ଲୁଟ ପାଇଁ ଦିନକୁ ଦିନ ରାଜ୍ୟରେ କ୍ଷମତାସୀନ ମୋହନ ସରକାର ବିରୋଧରେ ଜନମତ ଦାନା ବାଂଧୁଛି। ଏଥିନେଇ ଗୁରୁବାର ପାହାଡ ପର୍ବତ ସୁରକ୍ଷା ମଂଚ ତରଫରୁ ସଭାପତି ସତୀଶ ବିଶ୍ୱାଳ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାର ମାତ୍ର କେଇଘଂଟା ମଧ୍ୟ ମୁଖ୍ୟ ଶାସନ ସଚିବଙ୍କ ତରଫରୁ ଏଥିନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

# ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**ଖୋର୍ଦ୍ଧା (ଅମୃତ ମିଡିଆ) :** ସରକାରୀ ଆଶ୍ରମ ବିଦ୍ୟାଳୟ,ଶିଆଳିଆ ଠାରେ କୁରାଢମଲ୍ଲ କ୍ଲଷ୍ଟରର ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଭାସିନୀ ଷଡ଼ଙ୍ଗୀ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ଧୂପ, ପୁଷ୍ପ ଅର୍ପଣ କରି ମାସିକ ବୈଠକକୁ ଶୁଭାରମ୍ଭ କରିଥିଲେ. ଏହି ବୈଠକରେ କୁରାଢମଲ୍ଲ କଷ୍ଟରର ଦଶ ଗୋଟି ବିଦ୍ୟାଳୟର ପ୍ରଧାନ ଗୁରୁଜୀ, ଗୁରୁ ମାଆ ତଥା ଏଫ୍‌ଏଲ୍‌ଏନ୍ ଶ୍ରେଣୀ ପରିଚାଳନା କରୁ ଥିବା ଗୁରୁଜୀ ଓ ଗୁରୁ ମାଆମାନେ ଅଂଶ ଗ୍ରହଣ କରି ବୈଠକରେ ଆଲୋଚିତ ସମସ୍ତ ପ୍ରସଙ୍ଗରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବୈଠକରେ ମୌଳିକସ୍ତର ପ୍ରସ୍ତୁତିସ୍ତର, ମଧ୍ୟସ୍ତର ପାଇଁ ଆକଳନ ରୂପ ରେଖ, ସାମଗ୍ରୀକ ପ୍ରଗତି ପତ୍ର, ଗ୍ୟାଲେରୀ ପରିଭ୍ରମଣ, ଶ୍ରେଣୀ କକ୍ଷରେ ଦଳଗତ କାର୍ଯ୍ୟ ସୁପ୍ରଭାବ, ଶିକ୍ଷଣ ସୋପାନ ରେଜିଷ୍ଟର, ଜିଲ୍ଲା ଓ କ୍ଲଷ୍ଟରସ୍ତରୀୟ ଶୈକ୍ଷିକ ଆଲୋଚନା, ପିଏମ୍‌ଇ -ବିଦ୍ୟା ଏବମ୍ ଦୀକ୍ଷାରେ ନାମାଙ୍କନ ପ୍ରଣାଳୀ ଓ ଚଳିତ ମାସ ପାଇଁ ଥିବା ନ୍ୟସ୍ତ କାର୍ଯ୍ୟ –'ଶିକ୍ଷଣ ପାଇଁ କଥା ବାର୍ତ୍ତା 'ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକକୁ ଖୋରଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋନାଲିସା ନାୟକ ଓ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ପରିଦର୍ଶନରେ ଆସି ବୈଠକରେ ଆଲୋଚିତ ସମସ୍ତ ପ୍ରସଙ୍ଗକୁ ବିଦ୍ୟାଳୟ ସ୍ତର ରେ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ସିଆରସିସି ମନୋଜ ଦାଶ ଓ ସମ୍ବଲ ଶିକ୍ଷକ ଶ୍ରୀଯୁକ୍ତ ରବିନାରାୟଣ ସାହୁ ଏହି ବୈଠକକୁ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀଯୁକ୍ତ ଅମିୟ କୁମାର ପରିଡ଼ା ଓ ଉକ୍ତ ବିଦ୍ୟାଳୟର ଗୁରୁ ମାଆମାନେ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ପରିଶେଷରେ ଗୁରୁଜୀ ଶ୍ରୀଯୁକ୍ତ ଯୁଧିଷ୍ଠିର ସାହୁ, ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରିଥିଲେ।




# ପ୍ରଥମ ଟି-୨୦ରେ ସାମସନ ଆଉଟ, ବୈଭବ ଇନ୍



**ନୂଆଦିଲ୍ଲୀ :** ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ପ୍ରଥମ ଟି-୨୦ ମ୍ୟାଚ ସେପ୍ଟେମ୍ବର ୧୩ ତାରିଖ ରବିବାର ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ଏହି ମ୍ୟାଚରେ ଟିମ ଇଣ୍ଡିଆର ପ୍ଲେଇଂ ଇଲେଭେନ୍‌କୁ ନେଇ ଚର୍ଚ୍ଚା ବଢ଼ିଛି। ବିଶେଷକରି ବୈଭବ ସୂର୍ଯ୍ୟବଂଶୀ ଭାରତୀୟ ମାଟିରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ସୁଯୋଗ ପାଇପାରନ୍ତି। ବୈଭବ ନିକଟରେ ଇଂଲଣ୍ଡ ବିପକ୍ଷରେ ନିଜର ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ଅନ୍ୟପଟେ ସଞ୍ଜୁ ସାମସନ ଦଳରେ ଥିଲେ ମଧ୍ୟ ପ୍ରଥମ ମ୍ୟାଚରେ ତାଙ୍କୁ ସୁଯୋଗ ମିଳିବା କଷ୍ଟକର ଲାଗୁଛି। ଦୁଲୀପ ଟ୍ରଫି ଫାଇନାଲରେ ଦ୍ୱିଶତକ ହାସଲ କରିଥିବା ଇଶାନ କିଶନ ଉଇକେଟ୍‌କିପର ଭାବେ ଖେଳିପାରନ୍ତି। ପ୍ରଥମ ଟି-୨୦ରେ ବୈଭବ ସୂର୍ଯ୍ୟବଂଶୀ ଓ ଅଭିଷେକ ଶର୍ମା ଓପନିଂ କରିବାର ସମ୍ଭାବନା ଅଧିକ। ଉଭୟ ବିସ୍ଫୋରକ ବ୍ୟାଟର ହୋଇଥିବାରୁ ଭାରତକୁ ଦ୍ରୁତ ଆରମ୍ଭ ଦେଇପାରନ୍ତି। ଟି-୨୦ ବ୍ୟାଟିଂ ରାଙ୍କିଙ୍ଗ୍‌ରେ ଅଭିଷେକ ଶର୍ମା ତୃତୀୟ ସ୍ଥାନରେ ଅଛନ୍ତି। ତୃତୀୟ ନମ୍ବରରେ ଇଶାନ କିଶନ ଖେଳିପାରନ୍ତି। ସେ ଟି-୨୦ ବ୍ୟାଟିଂ ରାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନରେ ଥିବା ସହ ଅନେକ ଥର ଓପନିଂ ମଧ୍ୟ କରିଛନ୍ତି। କିନ୍ତୁ ବୈଭବଙ୍କୁ ଓପନିଂରେ ସୁଯୋଗ ଦେବା ପାଇଁ ଇଶାନଙ୍କୁ ନମ୍ବର-୩ରେ ଖେଳାଯାଇପାରେ। ଚତୁର୍ଥ ନମ୍ବରରେ ଅଧିନାୟକ ଶ୍ରେୟସ ଆୟର ଏବଂ ପଞ୍ଚମ ସ୍ଥାନରେ ଉପଅଧିନାୟକ ତିଲକ ବର୍ମା ଖେଳିପାରନ୍ତି। ପ୍ରଥମ ଟି-୨୦ରେ ଟିମ ଇଣ୍ଡିଆ ୩ ଜଣ ଅଲରାଉଣ୍ଡରଙ୍କ ସହ ମଇଦାନକୁ ଓହ୍ଲାଇପାରେ। ଶିବମ ଦୁବେ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କୁ ପ୍ଲେଇଂ ଇଲେଭେନ୍‌ରେ ସ୍ଥାନ ମିଳିପାରେ। ଏହା ସହ ପ୍ରମୁଖ ସ୍ପିନର ଭାବେ ବରୁଣ ଚକ୍ରବର୍ତ୍ତୀ ଖେଳିବାର ସମ୍ଭାବନା ରହିଛି। ଫାଷ୍ଟ ବୋଲିଂ ବିଭାଗରେ ଯଶପ୍ରୀତ ବୁମ୍‌ରା ଓ ଅର୍ଶଦୀପ ସିଂହ ଦାୟିତ୍ୱ ନେଇପାରନ୍ତି। ଆହତ ହେବା ପରେ ବୁମ୍‌ରାଙ୍କ ଫେରିବା ଭାରତୀୟ ବୋଲିଂ ଆକ୍ରମଣକୁ ଆହୁରି ଶକ୍ତିଶାଳୀ କରିବ। ଭାରତର ସମ୍ଭାବ୍ୟ ପ୍ଲେଇଂ ଇଲେଭେନ୍ : ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ଇଶାନ କିଶନ, ଶ୍ରେୟସ ଆୟର, ତିଲକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ।

# ବାଂଲାଦେଶକୁ ହରାଇ ଫାଇନାଲରେ ଭାରତ




**ଦୁବାଇ :** ଚଳିତ ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍‌ରେ ଭାରତ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି । ଗୁରୁବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ୍‌ରେ ଦଳ ୪୦ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ବଳରେ ୬ ୱିକେଟ୍ ହରାଇ ୧୪୯ରନ୍ ସଂଗ୍ରହ କରିଥିଲା । ଜବାବରେ ବାଂଲାଦେଶ ୭ ୱିକେଟ୍ ବିନିମୟରେ ୧୦୯ ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରଥମେ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ବାଂଲାଦେଶ । ଯଦିଓ ସ୍ପିନର ସୁଲତାନା ଖାତୁନ ଇନିଂସ୍‌ର ଦ୍ୱିତୀୟ ଓଭରରେ ଓପନର ସ୍ମୃତି ମନ୍ଧନାଙ୍କୁ (୨) ଆଉଟ୍ କରିଥିଲେ । ଏହାପରେ ପ୍ରତୀକା ରାୱଲ କ୍ରିଜ୍‌ରେ ଯୋଗଦେଇ ଅନ୍ୟ ଓପନର ଶେଫାଳି ବର୍ମାଙ୍କ ସହ ମିଶି ସ୍କୋରକୁ ୫୯ରେ ପହଞ୍ଚାଇଥିଲେ । ପ୍ରତୀକା ୨୦ (୧ଚୌକା, ୧ଛକା) ରନ୍ କରି ପାଭିଲିୟନ ଫେରିଥିଲେ । ଅଧିନାୟିକା ହର୍ମନପ୍ରୀତ କୌର ବାଂଲାଦେଶ ବୋଲରଙ୍କ ସାମ୍ନାରେ ସଂଘର୍ଷ କରିଥିଲେ । ଅନ୍ୟ ପଟରେ ଶେଫାଳି ଚିରାଚରିତ ଆକ୍ରମଣାତ୍ମକ ବ୍ୟାଟିଂ କରି ୩୫ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ । ତୃତୀୟ ୱିକେଟରେ ସଂଗୃହୀତ ହୋଇଥିଲା ୩୩ରନ୍ । ଦଳୀୟ ସ୍କୋର ୯୨ରେ ଶେଫାଳିଙ୍କ ୱିକେଟର ପତନ ଘଟିଥିଲା । ସେ ୭ଚୌକା ଓ ୩ ଛକା ବଳରେ ୬୪ ରନ୍ ସଂଗ୍ରହ କରିଥିଲେ । ୱିକେଟ୍ କିପର ବ୍ୟାଟର ରିଚା ଘୋଷ ୨୧ (୨ଛକା) ରନ୍ କରି ବିଦାୟ ନେଇଥିଲେ । ମାତ୍ର ଅଲରାଉଣ୍ଡର ଦୀପ୍ତି ଶର୍ମା ୬ବଲ୍‌ରେ ୧୩ (୧ଚୌକା, ୧ଛକା) ରନ୍ ଯୋଗ କରିବା ଫଳରେ ଦଳୀୟ ସ୍କୋର ୬/୧୪୯ରେ ପହଞ୍ଚିଥିଲା । ହର୍ମନପ୍ରୀତ ୨୪ (୨ଛକା) ରନ୍ କରି ଅପରାଜିତ ଥିଲେ । ବାଂଲାଦେଶ ପକ୍ଷରୁ ସୁଲତାନା ଖାତୁନ ୨ଟି ୱିକେଟ୍ ନେଇଥିଲେ । ୧୫୦ରନ୍ ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶର ଦୁଇ ଓପନର ଦିଲାରା ଅକତର ଓ ଜୁଆଇରିୟା ଫିର୍ଦୋସ ୨୬ରନ୍ ସଂଗ୍ରହ କରିଥିଲେ । ଷଷ୍ଠ ଓଭରରେ ସ୍ପିନର ଏନ୍ ଶ୍ରୀ ଚରଣୀ ଏହି ଯୋଡ଼ି ଭାଙ୍ଗିଥିଲେ । ଜୁଆଇରିୟା ୧୪ରନ୍ କରି ଆଉଟ୍ ହୋଇଥିଲେ । ପରେ ପରେ ଅଲରାଉଣ୍ଡର ଦୀପ୍ତି ଶର୍ମା ଅନ୍ୟ ଓପନର ଦିଲାରାଙ୍କୁ (୨୧) ପାଭିଲିୟନ ପଠାଇଥିଲେ । ମଧ୍ୟକ୍ରମରେ ଶୋଭାନା ମୋସ୍ତାରି ୧୮ ଓ ନିଗାର ସୁଲତାନା ୧୯ ରନ୍ କରି ଆଉଟ୍ ହେବା ପରେ ବାଂଲାଦେଶ ଆଉ ମ୍ୟାଚ୍‌କୁ ଫେରି ପାରିନଥିଲା । ଦଳ ୭/୧୦୯ ରନ୍‌ରେ ଅଟକି ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଫହିମା ଖାତୁନ ୧୪ ଓ ଶୋର୍ଣ୍ଣା ଅକତର ଅପରାଜିତ ୨୨ (୧ଚୌକା, ୧ଛକା) ରନ୍ କରିଥିଲେ । ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩ଟି, ନନ୍ଦନୀ ଶର୍ମା ୨ଟି ଏବଂ ଶ୍ରୀ ଚରଣୀ, ପ୍ରେମା ରାୱତ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

# ଦିନିକିଆ ବିଶ୍ୱକପ୍ ଖେଳିବା ନେଇ ରୋହିତଙ୍କ ପ୍ରତିକ୍ରିୟା



**ମୁମ୍ବାଇ :** ରୋହିତ ଶର୍ମାଙ୍କୁ ଯେତେବେଳେ ପଚରାଯାଇଥିଲା କି କ'ଣ ସେ ୨୦୨୭ରେ ୱାନଡେ ବିଶ୍ୱକପ ଖେଳିବେ ? ସେ ସ୍ପଷ୍ଟ ଭାବେ କହିଛନ୍ତି କି ଏହି ବିଷୟରେ ଏବେ କହିବା ଖୁବଶୀଘ୍ର ହେବ । ସେ ତାଙ୍କ ଭାଗିଦାରୀକୁ ନେଇ ଦ୍ୱାର ଖୋଲା ରଖିଛନ୍ତି, କିନ୍ତୁ ଏବେ ସ୍ପଷ୍ଟ ହୋଇନାହିଁ । ଇଂଲଣ୍ଡ ଗସ୍ତରେ ତାଙ୍କୁ ନେଇ ଖବର ଆସିଥିଲା କି ଜଣେ ଅଧିକାରୀ ତାଙ୍କୁ କହିଥିଲେ କି ସେ ବିଶ୍ୱକପ୍ ଯୋଜନାର ଭାଗିଦାରୀ ନାହାନ୍ତି । ବିସିସିଆଇ ଏଭଳି ଖବରକୁ ଖଣ୍ଡନ କରିଥିଲା । ଗ୍ଲୋବାଲ୍ ଫିନଟେକ ଫେଷ୍ଟରେ ଦର୍ଶକଙ୍କ ମଧ୍ୟରୁ ଜଣେ ରୋହିତ ଶର୍ମାଙ୍କୁ ପ୍ରଶ୍ନ ପଚାରିଥିଲେ କି କ'ଣ ସେ ୨୦୨୭ ଦିନିକିଆ ବିଶ୍ୱକପରେ ଖେଳିବେ ? ରୋହିତ ଏହାର ଉତ୍ତରରେ କହିଥିଲେ କି, ଅକ୍ଟୋବର ୨୦୨୭କୁ ଏବେ ସମୟ ଅଛି, ତାହା ବହୁ ଦୂରରେ ଅଟେ । ଏହି ବିଷୟରେ ସେତେବେଳେ ଦେଖିବା । ଭାରତର ପୂର୍ବତନ ଅଧିନାୟକଙ୍କ ଏହି ବୟାନର କେତେକ ଅର୍ଥ ରହିଛି । ଇଂଲଣ୍ଡ ଗସ୍ତରେ ତାଙ୍କୁ ନେଇ ଖବର ଆସିଥିଲା କି ଲର୍ଡ୍ସରେ ସେ ନିଜ ଶେଷ ୱାନଡେ ମ୍ୟାଚ୍ ଖେଳିପାରନ୍ତି । କିନ୍ତୁ ଉକ୍ତ ମ୍ୟାଚରେ ଶତକ ଯୋଡ଼ି ସେ ସାବ୍ୟସ୍ତ କରିଥିଲେ କି ସେ ଏବେ ବି କିଛି କରିପାରନ୍ତି । ରୋହିତ ଶର୍ମା ୨୦୨୭ ବିଶ୍ୱକପ ସମୟରେ ୪୦ବର୍ଷର ହୋଇଯିବେ । ସେ ଟି-୨୦ ଏବଂ ଟେଷ୍ଟରୁ ସନ୍ନ୍ୟାସ ନେଇ ସାରିଛନ୍ତି ଏବଂ ଭାରତ ଲାଗି କେବଳ ୱାନଡେ ଫର୍ମାଟରେ ଖେଳୁଛନ୍ତି । ଏଥିରେ ବି ତାଙ୍କ ସ୍ଥାନରେ ଗତ କିଛି ସପ୍ତାହରୁ ପ୍ରଶ୍ନ ଉଠୁଛି । ଏଭଳି ରିପୋର୍ଟ୍ସ ସାମ୍ନାକୁ ଆସିଛି ଯେଉଁଥିରେ କୁହାଯାଇଛି କି ଚୟନକର୍ତ୍ତା ଏବେ ବିଶ୍ୱକପ୍ ପୂର୍ବରୁ ରୋହିତ ଆଗକୁ ଯିବାକୁ ନେଇ ବିଚାର କରିପାରନ୍ତି । ମାତ୍ର ସମୀକ୍ଷା ବୈଠକ ପରେ ବିସିସିଆଇ ସଚିବ ଦେବଜିତ ସୈକିୟା ରୋହିତ ଶର୍ମାଙ୍କ ପ୍ରଶଂସା କରିଥିଲେ ଏବଂ ଏହି ରିପୋର୍ଟ ଗୁଡ଼ିକୁ କେବଳ ଗୁଜବ ବୋଲି ଖାରଜ କରିଥିଲେ । ସେ କହିଥିଲେ, ସେ ଚମତ୍କାର ଖେଳୁଛନ୍ତି । ସେ ଗତ ମ୍ୟାଚ୍ରେ ୧୩୦ରନ୍ କରିଥିଲେ । ଆପଣ ଆଉ କ'ଣ ଚାହୁଁଛନ୍ତି ? କାହିଁକି ଏପରି ଅନୁମାନ ? ମୁଁ ଅନୁମାନକୁ ବଢାଇବାକୁ ଚାହୁଁନାହିଁ ।

# ଓଡ଼ିଆ ପୁଅଙ୍କ ଡବଲ ଗୋଲ୍, ଫାଇନାଲରେ ଭାରତୀୟ ହକି ଟିମ୍



**ନୂଆଦିଲ୍ଲୀ :** ଚାଇନାରେ ଚାଲିଥିବା ଜୁନିୟର ପୁରୁଷ ଏସିଆ କପ ୨୦୨୬ରେ ଭାରତର ଦବଦବା। ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲରେ କମାଲ କରିଛନ୍ତି ଜୁନିୟର ହକି ଟିମର ଅଧିନାୟକ ତଥା ଓଡ଼ିଆ ପୁଅ ଅନମୋଲ ଇକ୍କା। ତାଙ୍କ ଡବଲ ଗୋଲ୍ ଯୋଗୁ ଭାରତ ବେଶ ଚମତ୍କାର ଢଙ୍ଗରେ ମାଲେସିୟାକୁ ହରାଇ ଦେଇଛି। ମାଲେସିୟା ବିପକ୍ଷ ମ୍ୟାଚ୍‌କୁ ଭାରତ ୩-୧ରେ ଜିତି ଜୁନିୟର ଏସିଆ କପ ଫାଇନାଲରେ ପ୍ରଥମ ଦଳ ଭାବେ ପ୍ରବେଶ କରିଛି। ଅନମୋଲ ୨ଟି ଗୋଲ ଦେଇଥିବା ବେଳେ ସୁଖବିନ୍ଦର ଭାରତ ପାଇଁ ଗୋଟିଏ ଗୋଲ ସ୍କୋର କରିଛନ୍ତି। ୫ଥର ଜୁନିୟର ଏସିଆ କପ ଜିତି ସାରିଥିବା ଭାରତ ଆଜି ମାଲେସିୟା ବିପକ୍ଷରେ ଆରମ୍ଭରୁ ଦମ ଦେଖାଇଥିଲା। ମ୍ୟାଚ୍‌ର ୧୬ତମ ମିନିଟରେ ଅନମୋଲ ଗୋଲ ସ୍କୋର କରି ଦଳକୁ ୧-୦ରେ ଆଗୁଆ କରିଦେଇଥିଲେ। କିନ୍ତୁ ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା। ଭାରତର ସମସ୍ତ ଆଟାକକୁ ମାଲେସିୟା ପଣ୍ଡ କରି ଦେଇଥିଲା। ଶେଷ କ୍ୱାର୍ଟରର ୬୪ ମିନିଟରେ ଭାରତ ପୁଣି ମାଲେସିୟାର ଡିଫେନ୍ସକୁ ଭେଦ କରିଥିଲା। ଆଉ ୫୧ତମ ମିନିଟରେ ସୁଖବିନ୍ଦର ଭାରତ ପାଇଁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଏହାର ୨ ମିନିଟ ପରେ ଅଧିନାୟକ ଅନମୋଲ ପୁଣି ଗୋଟିଏ ଗୋଲ କରି ସ୍ଥିତି ୩-୦ କରି ଦେଇଥିଲେ। ମ୍ୟାଚ ସରିବାକୁ ଆଉ ମାତ୍ର ୬ ମିନିଟ ଥିବାରୁ ଭାରତ ଫାଇନାଲକୁ ଯିବା ନିଶ୍ଚିତ ହୋଇଥିଲା। ଭାରତ ମଧ୍ୟ ନିଜ ଆକ୍ରମଣକୁ ଧିମା କରି ଦେଇଥିଲା। ଏହାର ଫାଇଦା ମାଲେସିୟାକୁ ଶେଷ ମିନିଟରେ ମିଳିଥିଲା। ମାଲେସିୟାର ଏମ ରାହୁଲ ୬୦ତମ ମିନିଟରେ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ। ହେଲେ ଭାରତ ୩-୧ରେ ମ୍ୟାଚ ଜିତି ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଭାରତର ମୁକାବିଲା ପାକିସ୍ତାନ କିମ୍ବା ଦକ୍ଷିଣ କୋରିଆ ସହ ହୋଇପାରେ। କାରଣ ଦ୍ୱିତୀୟ ସେମିରେ ମୁହାଁମୁହିଁ ହେବାକୁ ଯାଉଛନ୍ତି ଏହି ଦୁଇ ଦଳ। ଏମାନଙ୍କ ମଧ୍ୟରୁ ଯିଏ ଜିତିବ, ସେ ଭାରତ ବିପକ୍ଷରେ ଟ୍ରଫି ପାଇଁ ଟକ୍କର କରିବ। ଜୁନିୟର ଏସିଆ କପରେ ଭାରତ ଏଯାଏ ହାରି ନାହିଁ। ଗ୍ରୁପ ଏରେ ଥିବା ଭାରତ ୩ଟି ବିଜୟ ଓ ଗୋଟିଏ ଡ୍ର ସହ ୧୦ ପଏଣ୍ଟ ପାଇ ସେମିରେ ପ୍ରବେଶ କରିଥିଲା। ଏବେ ଦଳ ମାଲେସିୟାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏହି ଗ୍ରୁପରୁ ଦ୍ୱିତୀୟ ଦଳ ଭାବେ ଦକ୍ଷିଣ କୋରିଆର ୯ ପଏଣ୍ଟ ସହ ପ୍ରବେଶ କରିଛି।

# ଭାରତରେ ଟିମ୍ ଇଣ୍ଡିଆକୁ ମିଳିଲାନି ଘରୋଇ ଡ୍ରେସିଂରୁମ

**ନୂଆଦିଲ୍ଲୀ:** ନିଜ ଦେଶରେ ଭାରତ ଭ୍ରମଣକାରୀ ଦଳ । ଆସନ୍ତା ୧୩ ତାରିଖରୁ ଆଫଗାନିସ୍ତାନ ବିପକ୍ଷରେ ଟି-୨୦ ସିରିଜ୍ ଖେଳିବ ଟିମ୍ ଇଣ୍ଡିଆ । ଏହି ସିରିଜ୍ ପୂର୍ବରୁ କ୍ରିକେଟ୍ ଜଗତରେ ଏପରି ଏକ ଘଟଣା ସାମ୍ନାକୁ ଆସିଛି, ଯାହା ଭାରତୀୟ କ୍ରିକେଟ୍ ଇତିହାସରେ ପ୍ରଥମ । ନିଜ ଦେଶରେ ମ୍ୟାଚ୍ ହେଉଥିଲେ ମଧ୍ୟ ଟିମ୍ ଇଣ୍ଡିଆକୁ ଅତିଥି ବା ଭ୍ରମଣକାରୀ ଦଳ ଭାବେ ଡ୍ରେସିଂ ରୁମ୍ ବ୍ୟବହାର କରିବାକୁ ପଡ଼ିବ। ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବାକୁଥିବା ଏହି ସିରିଜ୍ ପାଇଁ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ହେଉଛି ଆନୁଷ୍ଠାନିକ ଭାବେ ଆୟୋଜକ ।ଯଦିଓ ସମସ୍ତ ମ୍ୟାଚ୍ ଭାରତର ଦିଲ୍ଲୀରେ ଖେଳାଯାଉଛି, କିନ୍ତୁ ପ୍ରଶାସନିକ ଏବଂ ଆନୁଷ୍ଠାନିକ ଦୃଷ୍ଟିକୋଣରୁ ଆଫଗାନିସ୍ତାନ ଦଳ ଏଠାରେ ଘରୋଇ ଦଳ ଅଟେ । ଏହି କାରଣରୁ ମ୍ୟାଚର ସମସ୍ତ ପ୍ରୋଟୋକଲ୍ ଓ ନିୟମ ଓଲଟା ରହିବ । ଆଫଗାନିସ୍ତାନରେ ଆନ୍ତର୍ଜାତୀୟ କ୍ରିକେଟ୍ ପାଇଁ ଉପଯୁକ୍ତ ଭିତ୍ତିଭୂମି ଏବଂ ସୁରକ୍ଷା ପରିସ୍ଥିତି ଅନୁକୂଳ ନଥିବାରୁ ସେମାନେ ପ୍ରାୟତଃ ଭାରତ କିମ୍ବା ଅନ୍ୟ କୌଣସି ନିରପେକ୍ଷ ସ୍ଥାନକୁ ନିଜର 'ହୋମ୍ ଗ୍ରାଉଣ୍ଡ' ଭାବେ ବ୍ୟବହାର କରିଥାଆନ୍ତି । ତେବେ ଭାରତୀୟ ମାଟିରେ ଆଫଗାନିସ୍ତାନ ପ୍ରଥମଥର ପାଇଁ ଭାରତ ବିରୋଧରେ କୌଣସି ଦ୍ୱିପାକ୍ଷିକ ସିରିଜର ଆୟୋଜନ କରୁଛି । ଆୟୋଜକ ହୋଇଥିବାରୁ ଆଫଗାନିସ୍ତାନର ଖେଳାଳିମାନେ ଅରୁଣ ଜେଟଲୀ ଷ୍ଟାଡିୟମର ମୂଳ 'ହୋମ୍ ଡ୍ରେସିଂ ରୁମ୍' ବ୍ୟବହାର କରିବେ। ଯାହାକି ଭାରତର ପୂର୍ବତନ କ୍ରିକେଟର୍ 'ରମଣ ଲମ୍ବା'ଙ୍କ ନାମରେ ନାମିତ ।ଅତିଥି ଦଳ ଭାବେ ଖେଳୁଥିବା ଭାରତୀୟ ଦଳ 'ଭ୍ରମଣକାରୀ ଡ୍ରେସିଂ ରୁମ୍' ବ୍ୟବହାର କରିବେ। ଯାହାକି ପୂର୍ବତନ କ୍ରିକେଟର୍ 'ପ୍ରକାଶ ଭଣ୍ଡାରୀ'ଙ୍କ ନାମରେ ନାମିତ ଅଛି ।କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଏହା ଏକ ଅଦ୍ଭୁତ ଏବଂ ବିରଳ ଦୃଶ୍ୟ ହେବ, ଯେଉଁଠାରେ ଭାରତୀୟ ଖେଳାଳିମାନେ ନିଜ ଦେଶର ମଇଦାନରେ ଖେଳିବା ସତ୍ତ୍ୱେ 'ଅତିଥି ଡ୍ରେସିଂ ରୁମ୍'ରୁ ବାହାରି ପଡ଼ିଆକୁ ଓହ୍ଲାଇବେ।



# ଭିଏତ୍‌ନାମ ଓପନ୍: ମାଳବିକାଙ୍କୁ ହରାଇ ସେମିରେ ତନ୍ୱୀ

**ଏନ୍‌ଗୁଏ ଷ୍ଟ୍ରିଟ୍:** ଏଠାରେ ଚାଲିଥିବା ଭିଏତ୍‌ନାମ ଓପନ୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ୩ ଭାରତୀୟ ମହିଳା ଖେଳାଳି ଶୀର୍ଷ ମାନ୍ୟତାପ୍ରାପ୍ତ ତନ୍ୱୀ ଶର୍ମା, ତୃତୀୟ ମାନ୍ୟତାପ୍ରାପ୍ତ ଈଶାରାଣୀ ବରୁଆ ଓ ରକ୍ଷିତା ଶ୍ରୀ ସନ୍ତୋଷ ରାମରାଜ (ଷଷ୍ଠ) ପ୍ରବେଶ କରିଛନ୍ତି। ତନ୍ୱୀ ଶର୍ମା ୨୧-୧୮, ୧୫-୨୧, ୨୧-୧୪ରେ ନିଜ ସାଥୀ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱର ୨୭ ନମ୍ବର ମାଳବିକା ବଂଶୁଦଙ୍କୁ ହରାଇଥିଲେ। ସେମିଫାଇନାଲ୍‌ରେ ତନ୍ୱୀ ଥାଇଲାଣ୍ଡର ସରୁନରାକ୍ ଭିତିଦ୍‌ସର୍ନଙ୍କୁ ଭେଟିବେ। ସେହିଭଳି ଈଶାରାଣୀ ୨୧-୧୫, ୨୧-୧୮ରେ ଚାଇନିଜ୍ ତାଇପେଇର ହୁଆଙ୍ଗ ଚିଙ୍ଗ ପିଙ୍ଗ୍‌ଙ୍କୁ ମାତ୍ ଦେଇଥିଲେ। ସେମିଫାଇନାଲ୍‌ରେ ସେ ରକ୍ଷିତା ଶ୍ରୀଙ୍କୁ ଭେଟିବେ। ରକ୍ଷିତା ୨୧-୧୨, ୨୧-୧୦ରେ ଆଉ ଜଣେ ଭାରତୀୟ ଖେଳାଳି ମାନସୀ ସିଂହଙ୍କୁ ପରାସ୍ତ କରିଥିଲେ। ତେବେ ମିଶ୍ରିତ ଯୁଗଳରେ ଭାରତୀୟ ଯୋଡ଼ି ବିମଳରାଜ ଆନ୍ନାଦୁରାଇ ଓ ଶ୍ରେୟା ବାଲାଜୀ ୧୨-୨୧, ୧୧-୨୧ରେ ଇଣ୍ଡୋନେସିଆର ଫୁୱାନାତ ହୋର୍ବାନଏୁଏକିତ୍ ଓ ଫୁଙ୍ଗଫା କୋର୍ପଥାମାକିତ୍‌ଙ୍କଠୁ ହାରି ବିଦାୟ ନେଇଛନ୍ତି।




## ଏସୀୟ କ୍ରୀଡ଼ା: ଭାରତୀୟ ଦଳରୁ ବାଦ୍ ପଡ଼ିଲେ ଅନୁ ରାଣୀ

**ନୂଆଦିଲ୍ଲୀ :** ଆଗାମୀ ଆଇଚି-ନଗୋୟା ଏସୀୟ କ୍ରୀଡ଼ା ପାଇଁ ଘୋଷିତ ଭାରତୀୟ ଆଥଲେଟିକ୍ସ ଦଳରୁ ବାଦ୍ ପଡ଼ିଛନ୍ତି ହାଙ୍ଗଝୋ ସ୍ୱର୍ଣ୍ଣ ପଦକ ବିଜୟିନୀ ଅନୁ ରାଣୀ। ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବାରେ ବିଫଳ ହେବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ, ଷ୍ଟାର୍ ଆଥଲେଟ୍ ଅବିନାଶ ସାବ୍‌ଲେ ନିଜ ପ୍ରିୟ ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ଯୋଗ୍ୟତା ଅର୍ଜନ କରିଛନ୍ତି। ଗୁରୁବାର ନୂଆଦିଲ୍ଲୀର ଜେଏଲ୍‌ଏନ୍ ଷ୍ଟାଡିୟମରେ ଅନୁଷ୍ଠିତ 'ଭାରତୀୟ ଆଥଲେଟିକ୍ସ ଫାଇନାଲ୍ ସିରିଜ୍' ଥିଲା ଏସୀୟ କ୍ରୀଡ଼ା ପାଇଁ ଖେଳାଳିଙ୍କ ଶେଷ ଯୋଗ୍ୟତା ଓ ଫିଟନେସ୍ ମୂଲ୍ୟାଙ୍କନର ସୁଯୋଗ। ଆହତ ସମସ୍ୟାରୁ ମୁକୁଳି ଫେରିଥିବା ଅନୁ ଜାଭଲିନ୍ ଥ୍ରୋରେ ୫୭.୫୦ ମିଟର ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ ଯୋଗ୍ୟତା ମାନଦଣ୍ଡ (୫୭.୬୨ ମିଟର)ଠାରୁ ମାତ୍ର ୧୨ ସେଣ୍ଟିମିଟର ପଛରେ ରହିଯାଇଥିଲେ। ଭାରତୀୟ ଦୌଡ଼କୁଦ ମହାସଂଘର କଡ଼ା ନିୟମ ଅନୁଯାୟୀ ମାନଦଣ୍ଡ ଛୁଇଁ ନ ପାରିବାରୁ ସେ ଦଳରୁ ବାଦ୍ ପଡ଼ିଛନ୍ତି। ଅନ୍ୟପଟେ, ଆହତ କାରଣରୁ ୧୪ ମାସର ବିରତି ପରେ ପ୍ରତ୍ୟାବର୍ତ୍ତନ କରିଥିବା ଅବିନାଶ ସାବ୍‌ଲେ ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌କୁ ୮ ମିନିଟ୍ ୩୨.୩୯ ସେକେଣ୍ଡରେ ଶେଷ କରି ନିର୍ଦ୍ଧାରିତ ମାନଦଣ୍ଡ (୮:୩୬.୫୭ ସେକେଣ୍ଡ)କୁ ସହଜରେ ହାସଲ କରିଛନ୍ତି। ଏହାଫଳରେ ସେ ଏସୀୟ କ୍ରୀଡ଼ାରେ ୫୦୦୦ ମିଟର ଦୌଡ଼ ସହ ଷ୍ଟିପଲ୍‌ଚେଜ୍‌ରେ ମଧ ଭାଗ ନେଇ ନିଜ ଟାଇଟଲ୍ ବଜାୟ ରଖିବାକୁ ପ୍ରୟାସ କରିବେ। ଏହି ପ୍ରତିଯୋଗିତାରେ ମହିଳା ହାମର ଥ୍ରୋୟର ତନ୍ୟା ଚୌଧୁରୀ ୬୮.୩୫ ମିଟର ଥ୍ରୋ କରି ନୂଆ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ମ୍ୟାଚ୍ ଫିକ୍ସିଂ : ସ୍କାନରରେ ଦୁଇ ପାକିସ୍ତାନ ଖେଳାଳିଙ୍କ ବ୍ୟାଙ୍କ ଆକାଉଣ୍ଟ




**ନୂଆଦିଲ୍ଲୀ :** ବିଶ୍ୱ କ୍ରିକେଟରେ ଫିକ୍ସିଂ ଝଡ଼କ। ପାକିସ୍ତାନ କ୍ରିକେଟରେ ଫିକ୍ସିଂ ଝଡ଼କୁ ନେଇ ହଇଚଇ। ବିବାଦରେ ପାକିସ୍ତାନ ଟିମର ଦୁଇ ବରିଷ୍ଠ ଖେଳାଳି ମହମ୍ମଦ ରିଜୱାନ ଓ ଇମାମ ଉଲ ହକ। ଫିକ୍ସିଂ ଚର୍ଚ୍ଚା ଭିତରେ ଲାହୋର ସ୍ଥିତ ପାକିସ୍ତାନର ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିଗେସନ ଏଜେନ୍ସି ବା ଏନସିସିଆଇଏ ଆଜି ରିଜୱାନ ଓ ଇମାନଙ୍କୁ ଘାଣ୍ଟିଛି। ଟିମ ଡ୍ରେସିଂ ରୁମ ତଥ୍ୟ ଲିକ ଅଭିଯୋଗ ଘଟଣାରେ ଉଭୟଙ୍କୁ ଜେରା କରାଯାଇଛି। ପାକିସ୍ତାନ କ୍ରିକେଟ ବୋର୍ଡ ପୂର୍ବରୁ ଦୁଇ ଖେଳାଳିଙ୍କ ମୋବାଇଲ ଫୋନ ପ୍ରାଧିକୃତ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲା। ଇଂଲଣ୍ଡ ବିପକ୍ଷ ଲର୍ଡସ ଟେଷ୍ଟ ପରେ ରିଜୱାନ ଓ ଇମାମଙ୍କ ସେମତ ୭ ଖେଳାଳିଙ୍କୁ ସ୍କ୍ୱାଡରୁ ବାଦ ଦିଆଯିବା ପରେ ଏପରି ପଦକ୍ଷେପ ନେଇଥିଲା ପିସିବି। ଏବେ ଦୁଇ ଖେଳାଳିଙ୍କୁ ଏନସିସିଆଇଏ ଜେରା କରିଛି। ସେହିପରି ଉଭୟଙ୍କ ବ୍ୟାଙ୍କ ନେଣଦେଣର ମଧ୍ୟ ଖୋଲାତାଡ଼ ଆରମ୍ଭ ହୋଇଛି। ପାକିସ୍ତାନ ଭିତ୍ତିକ ନ୍ୟୁଜ ଏଜେନ୍ସି ଅନୁଯାୟୀ, ଦୁଇ ଖେଳାଳିଙ୍କ ସହ ଜଡ଼ିତ ଆର୍ଥିକ କାରବାର ଓ ସନ୍ଦିଗ୍ଧ ନେଣଦେଣର ଯାଞ୍ଚ କରୁଛି ଏନସିସିଆଇଏ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଓ ଟେଷ୍ଟ ସିରିଜରେ ଦୁଇ ଖେଳାଳିଙ୍କ ବ୍ୟାଙ୍କ ଆକାଉଣ୍ଟରେ ଆର୍ଥିକ କାରବାର ହୋଇଥିଲା କି ନାହିଁ, ତାହା ଏବେ ଫୋକସରେ ରହିଛି। ଏଥିପାଇଁ ସେମାନଙ୍କ ବ୍ୟାଙ୍କ ତଥ୍ୟ ମାଗିଛି ଏନସିସିଆଇଏ। ଯଦି ରିଜୱାନ ଓ ଇମାନଙ୍କ ସହ ଜଡ଼ିତ ବ୍ୟାଙ୍କ ଆକାଉଣ୍ଟରେ ଆର୍ଥିକ କାରବାର ହୋଇଛି, ତା'ହେଲେ ଏନସିସିଆଇଏ ସେମାନଙ୍କୁ ଏହାର ଉତ୍ସ ସମ୍ପର୍କରେ ପଚରାଉଚରା କରିବ। ସ୍କ୍ୱାଡରୁ ବାଦ ପଡ଼ିଥିବା ୭ ଖେଳାଳିଙ୍କ ମଧ୍ୟରେ ଥିବା ରିଜୱାନ ଓ ଇମାମଙ୍କୁ ଏନସିସିଆଇଏ ପ୍ରଥମେ ସମନ କରିଥିଲା। ପ୍ରଥମେ ଟିମ ଡ୍ରେସିଂ ରୁମ ତଥ୍ୟ ଲିକ୍ ହିଁ ତଦନ୍ତକାରୀ ସଂସ୍ଥାର ଫୋକସରେ ରହିଛି। ସମନ ପାଇବା ପରେ ଉଭୟ ଲିଖିତ ଭାବେ ସେମାନଙ୍କ ଜବାବ ରଖିଛନ୍ତି ଓ ନୋଟିସର ପୂର୍ଣ୍ଣ ଜବାବ ଦେବାକୁ ଆଉ କିଛି ସମୟ ମାଗିଛନ୍ତି। ଆଗାମୀ ଦିନରେ ଏନସିସିଆଇଏ ରିଜୱାନ ଓ ଇମାମଙ୍କୁ ମୁହାଁମୁହିଁ ବସାଇ ଜେରା କରିପାରେ। ସୂତ୍ର ଅନୁସାରେ, ପିସିବି ପ୍ରଥମେ ରିଜୱାନ ଓ ଇମାମଙ୍କ ଫୋନକୁ ଜବତ କରିଥିଲା। ଏହାପରେ ସେଗୁଡ଼ିକୁ ଏନସିସିଆଇଏ ପାଖକୁ ପଠାଇଥିଲା। ତଦନ୍ତ ବେଳେ ଏଗୁଡ଼ିକୁ ଅନବ୍ଲକ କରାଯାଇ ଯାଞ୍ଚ କରାଯିବ ବୋଲି ଜଣାପଡ଼ିଛି।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)
ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra



# 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟ ବଣ୍ଟନରେ ଅନିୟମିତତା ଅଭିଯୋଗ

## ବିଧାୟକଙ୍କ ପ୍ୟାଡ୍‌ରେ ଉପରେ ବିଡ଼ିଓ ଓ ସହକାରୀ ଯନ୍ତ୍ରୀଙ୍କ ଦସ୍ତଖତକୁ ନେଇ ଚର୍ଚ୍ଚା

**ନୀଳଗିରି (ଅମୃତ ମିଡିଆ) :** ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଆସିଥିବା ଅର୍ଥ କିଏ କାର୍ଯ୍ୟ କରିବ ସେ ନେଇ ନୀଳଗିରି ବିଧାୟକଙ୍କ ପ୍ୟାଡରୁ ପ୍ରକଳ୍ପ ତାଲିକା, ଠିକାଦାରଙ୍କ ନାଁ ଦେଇଥିବା ବେଳେ ସେହି ପ୍ୟାଡକୁ କାର୍ଯ୍ୟକାରୀ କରିବା ପାଇଁ ବିଡ଼ିଓ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ସହକାରୀ ଯନ୍ତ୍ରୀ ଜେଇମାନଙ୍କୁ ନିର୍ଦ୍ଦେଶ ଦେବା ଘଟଣା ସରକାରଙ୍କ ନୀତି, ନିୟମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ କିପରି ସରକାରୀ ଅଧିକାରୀମାନେ ନେତାମାନଙ୍କ ଅଧୀନରେ କାର୍ଯ୍ୟ କରୁଛନ୍ତି ଓ ସରକାରୀ ଟଙ୍କାକୁ ଚଳୁ କରୁଛନ୍ତି ଏ ଚିଠି ସେମାନଙ୍କ ଅସଲ ଚେହେରା ସାମ୍ନାକୁ ଆଣିଦେଇଛି। ଅପରପକ୍ଷରେ କାର୍ଯ୍ୟ ବଣ୍ଟନରେ ପକ୍ଷପାତିତା କରାଯିବା ସହ ଦଳୀୟ ଭାବ ପୋଷଣ କରାଯାଇ ସରକାରୀ ଅର୍ଥ ଚଳୁ କରାଯାଉଥିବା ନିର୍ବାଚିତ ଜନପ୍ରତିନିଧି ମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ୨୬-୨୭ଆର୍ଥିକ ବର୍ଷରେ ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତକୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୧କୋଟି ୮ଲକ୍ଷ ୯୩ ହଜାର ଟଙ୍କା ଆସିଛି।



ସରକାରୀ ଦଳର ବିଧାୟକଙ୍କ ଚାପରେ ଆଇନକୁ ଚଳୁ କଲେ ବିଡ଼ିଓ

ଉକ୍ତ ଟଙ୍କା କାର୍ଯ୍ୟ କରିବା ପାଇଁ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ସରକାରୀ ପ୍ୟାଡରେ ୨୫ପଂଚାୟତ ପ୍ରକଳ୍ପ ତାଲିକା ଓ କାର୍ଯ୍ୟ ସମ୍ପାଦନ ପାଇଁ ଠିକାଦାର ନାଁ ଲେଖି ଦେଇଥିବା ବେଳେ ଉକ୍ତ ଚିଠିକୁ କାର୍ଯ୍ୟକାରୀ କରିବା ପାଇଁ ବିଡ଼ିଓ ବିକ୍ରମ କେଶରୀ ପରିଡା ଲିଖିତ ଭାବେ ସହକାରୀ ଯନ୍ତ୍ରୀଙ୍କୁ ଦେଇଥିଲା ବେଳେ ସହକାରୀ ଯନ୍ତ୍ରୀ ଇଂ ଗୟାଧର ସିଂ ଉକ୍ତ ଚିଠିକୁ ଯନ୍ତ୍ରୀମାନେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକଙ୍କ ଲେଟର ପ୍ୟାଡରେ ଲିଖିତ ଏହି ତାଲିକା ଏବେ ସୋସିଆଲ ମିଡ଼ିଆରେ ଘୁରିବୁଲୁଛି। ଉକ୍ତ ଘଟଣାକୁ ବିଜେଡି ଉଚ୍ଚ ନ୍ୟାୟାଳୟ ଆଇନଗତ ଲଢ଼େଇ କରିବା ସହିତ ନ୍ୟାୟ ପାଇଁ ବ୍ଲକ ଅଫିସ ଘେରାଉ କରାଯିବ ବୋଲି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ କହିଛନ୍ତି। ଅପରପକ୍ଷରେ ବିଡ଼ିଓଙ୍କ ସ୍ତ୍ରୀ ନୀଳଗିରି ତହସିଲଦାର ଥିବା ଉଭୟଙ୍କ ସୁରକ୍ଷା ପାଇଁ ବିଧାୟକଙ୍କ ସଖୀ କଣ୍ଢେଇ ବିଡ଼ିଓ ସାଜିଛନ୍ତି ବୋଲି ବିଜେଡି ବ୍ଲକ ସଭାପତି ତଥା ସିଆଡ଼ିମାଳ ସମିତି ସଭ୍ୟ ରାଜୀବୀ ଦାସ ବାବୁ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଭଉଁରିଆବାଡ଼ସରପଞ୍ଚ ସଞ୍ଜୟ ସିଂ, ଛତ୍ରପୁର ସରପଞ୍ଚ ମାଳତୀ ମାରାଣ୍ଡି, ଜମୁଡ଼ିଆ ସରପଂଚ ଚନ୍ଦମଣି ମୁର୍ମୁ,କେସିପୁର ସରପଞ୍ଚ ଶାନ୍ତି ଲତା ବିଶ୍ୱାଳ, ନରସିଂହ ପୁର ସରପଞ୍ଚ ଅନ୍ନପୂର୍ଣ୍ଣା ସିଂ, ପିଠାହତା ସରପଞ୍ଚ ମିନତୀ ମୁର୍ମୁ, ରାଧାକିଶୋରପୁର ସରପଞ୍ଚ ବସନ୍ତ କୁମାର ସିଂ, ସିଆଡ଼ି ମାଳ ସରପଞ୍ଚସୁରଥ ଚନ୍ଦ୍ର ସିଂ, ତେଲିପାଳ ସରପଞ୍ଚ ସରପଞ୍ଚ, ବାହାମଣି ମାରାଣ୍ଡି,ଆରବନ୍ଧ ସମିତି ସଭ୍ୟ ବିନତା ମଢେଇ, ମଛୁଆ ସମିତି ସଭ୍ୟ ରମାକାନ୍ତ ମହାଳିକ, ରାଧାକିଶୋରପୁର ପଂଚାୟତ ସାବିତ୍ରୀ ସିଂ, ଜାମୁଡିହା ରଶ୍ମିତା ମହାପାତ୍ର, ତେଲିପାଳ ସମିତି ସଭ୍ୟ ଟିକି ସିଂ, ପିଠାହତା ସମିତି ସଭ୍ୟ ପ୍ରଭାକର ବାଗୁଡାଇ,ନରଣପୁର ସମିତି ସଭ୍ୟ ବିଦ୍ୟୁତଲତା ପାତ୍ର, ନରସିଂହପୁର ସମିତି ସଭ୍ୟ। ଅହଲ୍ୟା ନାୟକ ପ୍ରମୁଖ କହିବା ସହିତ ନ୍ୟାୟ ପାଇଁ ପୂର୍ବତନ ବିଧାୟକ ନେତୃତ୍ୱରେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ବିଡ଼ିଓ ବିକ୍ରମ କେଶରୀ ପରିଡାଙ୍କୁ ପଚାରିବାରୁ ବିଧାୟକଙ୍କ ଚିଠିରେ ମୁଁ କିମ୍ବା ଅତିରିକ୍ତ ସହକାରୀ ଯନ୍ତ୍ରୀ ଲେଟର ନମ୍ବର ପକେଇ ନାହୁଁ କହିଛନ୍ତି। ତେଣୁ ସେଥିରେ କିଛି ଅସୁବିଧା ନାହିଁ ବୋଲି କହିଛନ୍ତି।

# ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲରେ ଚାରାରୋପଣ




**ବେତନଟୀ (ଅମୃତ ମିଡିଆ) :** ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀଙ୍କ ମନରେ ବୃକ୍ଷରୋପଣ ପ୍ରତି ଆଗ୍ରହ ଓ ଏହାର ଉପକାରିତା ସମ୍ବନ୍ଧରେ ସଚେତନତା ସୃଷ୍ଟିର ଉଦ୍ଦେଶ୍ୟ ରଖି ବେତନଟୀ ରୋଟାରୀ କ୍ଲବର ଚାରା ରୋପଣ କାର୍ଯ୍ୟକ୍ରମର ଯୋଜନାରେ କାର୍ଯ୍ୟକୁ ଆଗେଇ ନେଉଛି। ବିଭିନ୍ନ ସ୍ଥାନରେ ଚାରା ରୋପଣ କରୁଥିବା ବେଳେ ଆଜି ବେତନଟୀ ରୋଟାରୀ କ୍ଲବର ସଭାପତି ରୋଟାରୀଆନ ଶ୍ୟାମପ୍ରସାଦ ମଝୁଆଳ ଓ ସଂପାଦକ ରୋଟାରୀଆନ ସଂଜୟ କୁମାର ଭୂୟାଁଙ୍କ ଉପସ୍ଥିତିରେ ସ୍ଥାନୀୟ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଉପାଧ୍ୟାୟଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୌତମ ବେହେରା ବୃକ୍ଷରୋପଣର ଉପକାରିତା ଓ ଆବଶ୍ୟକତା ସମ୍ବନ୍ଧରେ ପିଲାମାନଙ୍କ ସମ୍ମୁଖରେ ବକ୍ତବ୍ୟ ରଖିଥିଲେ। ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ରୋଟାରୀଆନ ସଂଯୁକ୍ତା ଜୀ, ରୋଟାରୀଆନ୍ ସୁନୀଲ କୁମାର ଖଣ୍ଡେଲୱାଲ, କୁନା ମହାନ୍ତ, ବିଦ୍ୟାଳୟର ଶିକ୍ଷୟିତ୍ରୀ ବୈଜୟନ୍ତୀ ଜେନା, ମୀତା ପରିଡ଼ା, ଅନୁପମା ପଣ୍ଡା, ଶିକ୍ଷକ ଗିରିଧାରୀ ଦଳେଇ, ସଞ୍ଜୟ ମଢୁଆଳ, ସଞ୍ଜିବ ମାଥୁର, ସତ୍ୟବ୍ରତ ବାସୁରୀ, ଜ୍ୟୋତି ଶଙ୍କର ପ୍ରମୁଖ ସହଯୋଗ କରିଥିଲେ। ରୋଟାରୀ କ୍ଲବ ତରଫରୁ ବିଦ୍ୟାଳୟକୁ ଦାରୁବ୍ରହ୍ମଙ୍କ ଏକ ସୁନ୍ଦର ଫୋଟ ଚିତ୍ର ପ୍ରଦାନ ସହ ଛାତ୍ରଛାତ୍ରୀମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଇ ଉତ୍ସାହିତ କରାଯାଇଥିଲା। ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମଟିକୁ କ୍ଲବର ଉପସଭାପତି ରୋଟାରୀଆନ ରବିନ୍ଦ୍ରନାଥ ମିଶ୍ର ପରିଚାଳନା କରିବା ସହ ଧନ୍ୟବାଦ ମଧ ଅର୍ପଣ କରିଥିଲେ।

# ସରକାରୀ ସଂପତ୍ତିକୁ ସୁରକ୍ଷା ଦେବା ଦାୟିତ୍ୱ କାହାର ?

**କଟକ (ବ୍ୟୁରୋ)** ଗତ କେତେ ବର୍ଷ ହେଲା ସହରାଞ୍ଚଳରେ ଜମିର ମୂଲ୍ୟ ବଢ଼ିଯିବାରୁ ସରକାରୀ ଜମି ଉପରେ ନ୍ୟସ୍ତସ୍ୱାର୍ଥ ଜମି ମାଫିଆଙ୍କର ନଜର ପଡ଼ିଛି। ଯେକୌଣସି ଜାଗାରେ ସରକାରୀ ଜମି ଅଛି ତାକୁ କଳେ ବଳେ କୌଶଳେ ଦଖଲ କରିବା ଏବଂ ତାକୁ ବେଆଇନ ଭାବେ ସାଧାରଣ ଲୋକଙ୍କୁ ବିକ୍ରି କରିବାର ବହୁ ଦୃଷ୍ଟାନ୍ତ ରହିଛି। ଏହି କାର୍ଯ୍ୟରେ ରାଜସ୍ୱ ବିଭାଗର କର୍ମଚାରୀ, ସ୍ଥାନୀୟ ପୁଲିସ ସଂପୃକ୍ତ ରହି ଆର୍ଥିକ ଫାଇଦା ଉଠାଉଛନ୍ତି। ଏବେ ଗୋଟିଏ ଜମି ସଂପର୍କରେ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି। କଟକ ସହର ଖାନନଗରସ୍ଥିତ ନେତାଜୀ ବସ ଟର୍ମିନାଲ ପାଇଁ ରାଜ୍ୟ ସରକାର ଅନେକ ଜମି ଗ୍ରହଣ କରିଥିଲେ ଏବଂ ପ୍ରାୟ ପାଖାପାଖି ପାଞ୍ଚ ଏକର ଜମି ବଳି ପଡ଼ିଥିଲା ତାହା ଫାଙ୍କା ପଡ଼ିଥିଲା। ସେଇ ସବୁ ଜମିକୁ ରାଜ୍ୟ ସରକାର ଅନାବାଦି ଘୋଷଣା କରିଛନ୍ତି। ତେବେ ଅନାବାଦି ଜମିର ମାଲିକ ହେଲେ ରାଜ୍ୟ ସରକାର। ଏହି ଜମିକୁ ଆବାଦ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ ତାକୁ ତାରବାଡ଼ ଦେଇ ଘେର କରିଥିଲେ ଏବଂ ଗେଟ୍ ଲଗାଇ ଥିଲେ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଜମିକୁ କିଛି ଜମି ମାଫିଆ ନିଜ ଦଖଲକୁ ନେଇ କନା ଘେରେଇ ଗୃହ ନିର୍ମାଣ କରୁଛନ୍ତି। ଏ ଦିଗରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ଏବଂ କଟକ ମହାନଗର ନିଗମର ଅଧିକାରୀମାନେ କିପରି ଜାଣି ପାରୁନାହାନ୍ତି ତାହା ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ଏହି ମୂଲ୍ୟବାନ ଜମିକୁ ସୁରକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ ହୋଇଥିଲେ ମଧ ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ । ନଗର ଉନ୍ନୟନ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ।

# ଶକ୍ତିଶ୍ରୀ ସଚେତନତା ଶିବିର ଓ ଆତ୍ମରକ୍ଷା ପ୍ରଶିକ୍ଷିଣ ଶିବିର

## ଛାତ୍ରୀଟିଏ ନିଜ ଭିତରର ସାମର୍ଥ୍ୟର ସଦୁପଯୋଗ କରିପାରିଲେ ଶକ୍ତିଶ୍ରୀ ହେବ




**ଜେନାପୁର (ଅମୃତ ମିଡିଆ) :** ପ୍ରତ୍ୟେକ କ୍ଷେତ୍ରରେ ପୁରୁଷ ମାନଙ୍କ ତୁଳନାରେ ନାରୀମାନେ ଅଧିକ ସକ୍ଷମ ବୋଲି ବାରମ୍ବାର ପ୍ରମାଣିତ ହୋଇଛି। ଏ ଦୃଷ୍ଟିରୁ ଛାତ୍ରୀଟିଏ ମଧକଦାପି ଅବଳା ଏବଂ ଦୁର୍ବଳା ନୁହେଁ। ଛାତ୍ରୀମାନେ ନିଜ ଭିତରର ଶକ୍ତି, ସାମର୍ଥ୍ୟର ସଦୁପଯୋଗ କରିପାରିଲେ ବାସ୍ତବରେ ଛାତ୍ରୀଟିଏ ଶକ୍ତିଶ୍ରୀ ହୋଇପାରିବ ବୋଲି ମହାପୁରୁଷ ହାଡିଦାସ ମହାବିଦ୍ୟାଳୟର ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ମତ ପ୍ରକାଶ ପାଇଛି। ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଛତିଆର ମହାପୁରୁଷ ହାଡିଦାସ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅବସରରେ ଛଅ ଦିନ ବ୍ୟାପୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷିଣ ଶିବିରର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ.ତପନ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ପ୍ରଫେସର ଡ.ନୀରଂଜନ ପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଶକ୍ତିଶ୍ରୀ ସଂଯୋଜିକା ଡ.ଚନ୍ଦ୍ରକଳା ନାୟକ ଅତିଥି ପରିଚୟ ଏବଂ ଶକ୍ତିଶ୍ରୀର ଆଭିମୁଖ୍ୟ ସଂପର୍କରେ ଛାତ୍ରୀ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ସହ ସଂଯୋଜିକା ଅଧାପିକା ସ୍ୱର୍ଣ୍ଣମୁଦ୍ରା ମିଶ୍ର, ସୁଜାତା ବେହେରା ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଅଧାପକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଆଜିର ସଚେତନତା ଶିବିରକୁ +୩ ତୃତୀୟ ବର୍ଷର ଛାତ୍ରୀ ପ୍ରୀୟଙ୍କା ପ୍ରୀୟଦର୍ଶିନୀ ସଂଯୋଜନା କରିଥିଲେ। ମାଷ୍ଟର ଟ୍ରେନର ସସ୍ମିତା ବେହେରା ଓ ଜ୍ୟୋସ୍ନା ନନ୍ଦ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୩ ଟି ବିଭାଗରେ ଛାତ୍ରୀମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୋବିଜ୍ଞାନୀ ଡ.ସୁମିତ୍ରା ନନ୍ଦ ଶାରିରୀକ ଓ ମାନସିକ ସୁସ୍ଥତା ପାଇଁ ଛାତ୍ରୀ ମାନଙ୍କୁ ବିଭିନ୍ନ ଉଦାହରଣ ମାଧମରେ ପ୍ରେରଣା ଦେଇଥିଲେ। ଅଧାପିକା କବିତା ସାହୁ ଛାତ୍ରୀ ମାନଙ୍କୁ ଆତ୍ମ ବିଶ୍ୱାସ ବଳବତ୍ତର ରଖିବା ପାଇଁ ନିଜର ଉଦବୋଦନରେ ଉତ୍ସାହ ଯୋଗାଇଥିଲେ। ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ଅଭିନୟ ମାଧମରେ ନାରୀର ଆଭିମୁଖ୍ୟ, ତ୍ୟାଗ, ଆତ୍ମ ବିଶ୍ୱାସ ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରାୟ ଦୁଇଶହ ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

# କଟକ ନାଟ୍ୟୋତ୍ସବ-୨୦୨୬ ନେଇ ପ୍ରକ୍ରିୟା ଆରମ୍ଭ

**କଟକ (ବ୍ୟୁରୋ) :** କଟକ ନାଟ୍ୟୋତ୍ସବ-୨୦୨୬ ଆୟୋଜନ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସୂଚନା ଦେଇଛନ୍ତି ଯେ, ଯୁବ ପ୍ରତିଭାମାନଙ୍କୁ ପ୍ରତିଷ୍ଠିତ ମଞ୍ଚରେ ନିଜର କଳା ପରିବେଷଣ କରିବାର ସୁଯୋଗ ପ୍ରଦାନ କରିବା ଏହି ନାଟ୍ୟୋତ୍ସବର ମୂଳ ଲକ୍ଷ୍ୟ। ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଗୁଡ଼ିକ ନାଟ୍ୟୋତ୍ସବରେ ଭାଗ ନେଇପାରିବେ। ଚୟନ ପ୍ରକ୍ରିୟାର ଅଂଶ ଭାବେ କଟକ ଜିଲ୍ଲାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ନାଟ୍ୟ ଦଳଗୁଡିକ ନିଜ କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ୧୦ -୧୫ ମିନିଟ ଅବଧିର କ୍ଷୁଦ୍ର ଭିଡ଼ିଓ ଏବଂ ମୂଳ ଲେଖା ଦାଖଲ କରିବେ। ଭିଡ଼ିଓ ଦାଖଲ କରିବାର ଶେଷ ତାରିଖ ୨୧ସେପ୍ଟେମ୍ବର ୨୦୨୬ ରଖାଯାଇଛି। ପ୍ରାପ୍ତ ଭିଡିଓ ଡିକୁ ବିଚାରକମଣ୍ଡଳୀ ଦ୍ୱାରା ସମୀକ୍ଷା ଓ ମୂଲ୍ୟାୟନ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଗ୍ୟ ଦଳଗୁଡିକୁ ଚୟନ କରାଯିବ। ନାଟକ ଓଡିଆ ଓ ମୌଳିକ ହେବ ଆବଶ୍ୟକ। ନାଟକର ଚିନ୍ତନ, ପରିକଳ୍ପନାଠାରୁ ଆରମ୍ଭ କରି ମଞ୍ଚସ୍ଥ କରିବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନିଜେ କରିବେ। ନେତାଜୀ ସଂସ୍କୃତି ଭବନଠାରେ ଚୟନ କରାଯାଇଥିବା ଦଳଗୁଡିକ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୨୪ ରୁ ୩୦ ତାରିଖ ମଧ୍ୟରେ ସେମି ଫାଇନାଲ ପର୍ଯ୍ୟାୟ କରିବାକୁ ଆପାତତଃ ଧାର୍ଯ୍ୟ କରାଯାଇଛି। ସେମିଫାଇନାଲ ପର୍ଯ୍ୟାୟର ପ୍ରଦର୍ଶନ ଆଧାରରେ ୯ଟି ଶ୍ରେଷ୍ଠ ଦଳକୁ ଫାଇନାଲିଷ୍ଟ ଭାବେ ଚୟନ କରାଯିବ। ଏହି ୯ଟି ଦଳ ୨୮ ରୁ ୩୦ ଅକ୍ଟୋବର ୨୦୨୬ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଫାଇନାଲରେ ନିଜର ନାଟ୍ୟ ପ୍ରତିଭା ପ୍ରଦର୍ଶନ କରିବେ। ଗତବର୍ଷ ଭଳି ଚଳିତ ବର୍ଷ ମଧ ନାଟ୍ୟୋତ୍ସବର ବିଜେତା ଦଳକୁ ବାଲିଯାତ୍ରାର ବୈଷ୍ଣବ ପାଣି ମଞ୍ଚରେ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର , ବରିଷ୍ଠ ସିନେ ଅଭିନେତା ଶ୍ରୀ ଶ୍ରୀତମ ଦାସ, ଡେପୁଟି କଲେକ୍ଟର ସତରୂପା ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅଧିକ ସୂଚନା ନିମନ୍ତେ ଜିଲ୍ଲା ସଂସ୍କୃତି ବିଭାଗ ସହ ଯୋଗାଯୋଗ କରିବାକୁ ଅନୁରୋଧ।

# ଶିଶୁ ଓ କିଶୋର ଶ୍ରମ ସମ୍ପର୍କିତ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ

**ଖୋର୍ଦ୍ଧା (ଅମୃତ ମିଡିଆ) :** ଖୋର୍ଦ୍ଧା କଲେକ୍ଟୋରେଟ୍‌ର ସମ୍ମିଳନୀ କକ୍ଷରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟମନ) ଅଧିନିୟମ, ୧୯୮୬ ସମ୍ପର୍କିତ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ପ୍ରତାପ ଚନ୍ଦ୍ର ବେହେରିଆ, ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ତଥା ନୋଡାଲ୍ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକଟି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା। ବୈଠକରେ ଅଜୟ କୁମାର ପ୍ରଧାନ, ପ୍ରଭାଗିୟ ଶ୍ରମ ଆୟୁକ୍ତ ପ୍ରଭାକର ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ସଙ୍ଗ୍ରାମ ଦଳେଇ, ସହକାରୀ ଶ୍ରମ ଅଧିକାରୀ; ଜ୍ୟୋତି ରଞ୍ଜନ ବାରିକ, ସହକାରୀ ଶ୍ରମ ଅଧିକାରୀ, ସୁଶ୍ରୀ ଦେବାଶ୍ରୀ ବେହେରା, ସହକାରୀ ଶ୍ରମ ଅଧିକାରୀଙ୍କ ସମେତ ଶିଶୁ କଲ୍ୟାଣ କମିଟି ସଦସ୍ୟ, NGO ପ୍ରତିନିଧି, DCPU, EdTech, SDPO ଖୋର୍ଦ୍ଧା ଏବଂ ଚାଇଲ୍ଡ ହେଲ୍ପଲାଇନ୍ ସଦସ୍ୟମାନେ ଯୋଗଦେଇଥିଲେ। ବୈଠକରେ କେବଳ ଶିଶୁ ଓ କିଶୋର ଶ୍ରମିକଙ୍କ ଉଦ୍ଧାର ଉପରେ ନୁହେଁ, ବରଂ ଉଦ୍ଧାର ପରବର୍ତ୍ତୀ ସ୍ଥାୟୀ ପୁନର୍ବାସନ, ଆବଶ୍ୟକତା ଅନୁଯାୟୀ ଶିଶୁ ଓ କିଶୋରଙ୍କ ଟ୍ରାକିଂ, ତ୍ୱରିତ ଆର୍ଥିକ ସହାୟତା ଏବଂ ନିୟମିତ ଫଲୋଅପ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ପାଇଁ ଏକ ସମର୍ପିତ WhatsApp ଗ୍ରୁପ୍ ଗଠନ କରିବା ଏବଂ ପ୍ରତିମାସ ନିୟମିତ ସମୀକ୍ଷା ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅଧକ୍ଷ ମହୋଦୟ ଉଲ୍ଲେଖ କରିଥିଲେ ଯେ, ଶିଶୁ ଶ୍ରମ କେବଳ ଏକ ସ୍ୱତନ୍ତ୍ର ସମସ୍ୟା ନୁହେଁ; ଏହା ପଛରେ ଥିବା ଦାରିଦ୍ର୍ୟ, ଶିକ୍ଷାରୁ ବଞ୍ଚିତ, ସ୍କୁଲ୍ ଛାଡ଼ିବା, ପରିବାରର ଆର୍ଥିକ ଅସୁରକ୍ଷା, ପ୍ରବାସ ଓ ଅନ୍ୟାନ୍ୟ ସାମାଜିକ-ଆର୍ଥିକ କାରଣର ମୂଳ କାରଣ ବିଶ୍ଳେଷଣ କରି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ଏହା ସହିତ ଶିଶୁମାନଙ୍କୁ ଶିକ୍ଷା, କୌଶଳ ବିକାଶ, ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସରକାରୀ ସୁବିଧା ସହିତ ଯୋଡ଼ି ସେମାନଙ୍କର ସୁରକ୍ଷିତ ଓ ସ୍ଥାୟୀ ପୁନର୍ବାସନ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଏମ୍‌ଟି ୟୁନିଟ୍ ଜାହାଜକୁ ଆରେଷ୍ଟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ (ବ୍ୟୁରୋ) :** ପାରାଦୀପ ବନ୍ଦରରେ ଏମ୍‌ଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଆରେଷ୍ଟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାବସାୟିକ ବିବାଦକୁ ନେଇ ଇଣ୍ଟରଓସିନ ସିପିଙ୍ଗ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ ପକ୍ଷରୁ ଦାୟର ସାମୁଦ୍ରିକ ବିବାଦ ସଂପର୍କିତ ଆବେଦନର ହାଇକୋର୍ଟ ଶୁଣାଣି କରି ପାରାଦୀପ ବନ୍ଦରରେ ଏମ୍‌ଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଏ ସଂକ୍ରାନ୍ତୀୟ ମୂଳ ସାମୁଦ୍ରିକ ବିବାଦ ମାମଲାରେ ପ୍ରତିପକ୍ଷ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ବିଚାରାଧୀନ ଏହି ମାମଲାର ଚୂଡାନ୍ତ ରାୟ ପ୍ରକାଶ ପର୍ଯ୍ୟନ୍ତ ଜାହାଜ ଏମ୍‌ଟି ୟୁନିଟି (ଆଇଏମଓ ୯୩୮୮୭୯୨) ସଂପର୍କିତ ଦେୟ ବାବଦ ଅର୍ଥକୁ ଆବେଦନକାରୀ ସଂସ୍ଥାର ଜମା ରାଶିରୁ ନ କାଟିବାକୁ ପାରାଦୀପ ବନ୍ଦର ଟ୍ରଷ୍ଟକୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ସଂସ୍ଥାର ମୂଳ ଆବେଦନ ଓ ମଧ୍ୟବର୍ତ୍ତୀକାଳୀନ ଦୁଇ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ୪୨ ଲକ୍ଷ ୮୩ହଜାର ୨୭୧ ଟଙ୍କା ଦାବି କରି ଜାହାଜ ବିରୋଧରେ ଆବେଦନକାରୀ ସଂସ୍ଥା ଏହି ମାମଲା ଦାୟର କରିଛି। ମୂଳ ସାମୁଦ୍ରିକ ବିବାଦ ମାମଲା ବିଚାରାଧୀନ ଥିବା ବେଳେ ଜାହାଜକୁ ଆରେଷ୍ଟ କରାଯାଉ ବୋଲି ଦର୍ଶାଇ ଆବେଦନକାରୀ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ପ୍ରତିପକ୍ଷ ଜାହାଜଟି ଖୁବ ଶୀଘ୍ର ପାରାଦୀପ ବନ୍ଦର ଛାଡ଼ି ଚାଲିଯାଇ ପାରେ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଯଦି ପାରାଦୀପ ବନ୍ଦରରୁ ଜାହାଜ ଅନ୍ୟତ୍ର ଚାଲିଯାଏ ତେବେ ଏହି ମାମଲା ଅପ୍ରାସଂଗିକ ହୋଇଯିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହାପରେ ହାଇକୋର୍ଟ ଜାହାଜକୁ ପାରଦୀପ ବନ୍ଦରରେ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଧାୟକଙ୍କ ଦ୍ୱାରା ୬ଟି ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

**ଖଣ୍ଡପଡା (ଅମୃତ ମିଡିଆ) :** ଖଳିସାହି ଗ୍ରାମପଂଚାୟତ ଅଂର୍ଗତ ବିଭିନ୍ନ ସ୍ଥାନରେ ୭ ତାରିଖ ସୋମବାର ଅପରାହ୍ନରେ ପ୍ରାୟ ୩୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ୬ଗୋଟି ପ୍ରକଳ୍ପର ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଇଂ.ଦୁଷ୍ମ' କୁମାର ସ୍ୱାଇଁଙ୍କ କର କମଳରେ ଶୁଭ ଭିତିପ୍ରସ୍ଥର ସ୍ଥାପନ ଅନୁଷ୍ଠିତ ହୋଇଯାଇଥିବା ଦେଖାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷ ନିମର୍େ ମୁଖ୍ୟମନ୍ତ୍ରୀ ବିଶେଷ ସହାୟତା ଯୋଜନା ଅଂର୍ଗତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ପାଇଁ ପ୍ରଦତ୍ ଅନୁଦାନକୁ ନେଇ ସ୍ଥାନୀୟ ସମାଜସେବୀମାନଙ୍କ ଦ୍ୱାରା ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ.ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ଚନ୍ଦ୍ରକା' ବଳିଆରସିଂହ, ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ବ୍ଲକ୍ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ସୁନିତା ଜେନା, ସ୍ଥାନୀୟ ସମାଜସେବୀ ଜନ୍ମେଜୟ ନାୟକ, ସ୍ଥାନୀୟ ସରପଂଚ ଫକିର ମୋହନ ଦାସ ପ୍ରମୁଖ ଯୋଗଦେଇ ସ୍ଥାନୀୟ ଜନସମସ୍ୟା ସହ ତାହାର ଦୂରୀକରଣ ଉପରେ ଲୋକମାନଙ୍କୁ ବକ୍ତବ୍ୟ ପ୍ରସଙ୍ଗେ ଅବଗତ କରାଇଥିଲେ। ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ୫ଲକ୍ଷ ଟଙ୍କା ବ୍ୟୟ ବିନିମୟରେ ଖଳିସାହି ଜ୍ଞାନପୃଷ୍ଟି ଦୋକାନ ଠାରୁ ଗୌଡ଼ସାହି ବାରିତଳ ରାସ୍ତା ପର୍ଯ୍ୟ' ନୂତନ କଂକ୍ରିଟ୍ ରାସ୍ତା ଓ ଡ୍ରେନ୍ ନିର୍ମାଣ, ସେହିପରି ୩ ଲକ୍ଷ ଟଙ୍କା ବିନିମୟରେ ଦ୍ୱିତୀୟରେ ତେଲିସାହି ସୁଦାମ ସାହୁ ଘର ଠାରୁ ଛାଟିଆସାହୁ ଘର ପର୍ଯ୍ୟ' ନୂତନ କଂକ୍ରିଟ୍ ରାସ୍ତା ନିର୍ମାଣ। ଖଳିସାହି ଲକ୍ଷ୍ମୀ ବଜାର ମଧ୍ୟରେ ୪ଲକ୍ଷ ୫୩ ହଜାର ବ୍ୟୟ ବିନିମୟରେ ଅମୃତ ସରୋବର ପୋଖରୀକୁ ଲାଗି ନୂତନ ଦୁର୍ଗାଘର ନିର୍ମାଣ, ୧୬ ଲକ୍ଷ ଟଙ୍କା ବ୍ୟୟ ବିନିମୟରେ ଖଳିସାହି ନିଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ନିମର୍େ, କୋଟପୋଖରୀ ନୂଆସାହି ଠାରେ ୩ଲକ୍ଷ ଟଙ୍କା ବ୍ୟୟ ବିନିମୟରେ ନୂତନ ସାମୁଦାୟିକ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଉପରେ ବିଧାୟକ ଭିତିପ୍ରସ୍ଥର ସ୍ଥାପନ କରିଥିବା ବେଳେ ଅନ୍ୟ ଅତିଥିମାନେ ସହଯୋଗ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସୁକା' କୁମାର ଗଣ୍ଡିଆ, ବୈକୁଣ୍ଠ ବେହେରା, କାହ୍ନୁ କୋଠାଳ, ରାଧାଶ୍ୟାମ ମହାପାତ୍ର, ଚରଣ ସାହୁ, ପଦି ସାହୁ, ମାନସ ସାହୁ, ସୁଦାମ ସାହୁ ଓ ପୂର୍ବତନ ସରପଂଚ ନବ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ବିଶେଷ ସହାୟତା ପ୍ରଦାନ କରିଥିଲେ। ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଭିତିପ୍ରସ୍ଥର ସ୍ଥାପନ କରିଥିବା ଦେଖାଯାଇଛି। ସହରାଂଚଳର ୮ନଂ ୱାର୍ଡ଼ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିର ଠାରୁ ଆରମ୍ଭ ଉକ୍ତ ସମାରୋହ ଶେଷରେ ୧୩ନଂ ୱାର୍ଡ଼ ତଅଁଳାସାହି ଠାରେ ସମାପ୍ତ ହୋଇଥିଲା।ଏକ ଭବ୍ୟ ମୋଟର ସାଇକେଲ୍ ର୍‍ୟାଲି ଦ୍ୱାରା ବିଧାୟକ ସମର୍ଥକମାନଙ୍କ ଗହଣରେ ବିଭିନ୍ନ ସ୍ଥାନକୁ ଯାଇ ଭିତିପ୍ରସ୍ଥର ସ୍ଥାପନ କାର୍ଯ୍ୟ ତୁଲାଇଥିଲେ। ସରକାରୀ ପ୍ରଦତ ଅନୁଦାନ ଗୁଡ଼ିକ ମଧ୍ୟରେ ୧).୮ନଂ ୱାର୍ଡ଼ କୁମ୍ଭାରସାହି ସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିରର ମରାମତି ଓ ଉନ୍ନତିକରଣ ନିମର୍େ ୯ଲକ୍ଷ ଟଙ୍କା ପାଖରେ ଥିବା ୨).ତଅଁଳାସାହି କୋଠଘର ମରାମତି ନିମର୍େ ୨ଲକ୍ଷ ଟଙ୍କା, ୩).୫ନଂ ୱାର୍ଡ଼ କାଦୁଆସାହି ସ୍ଥିତ ହନୁମାନ ମନ୍ଦିର ଉନ୍ନତିକରଣ ଓ ମରାମତି ନିମର୍େ ୨ଲକ୍ଷ ଟଙ୍କା, ୪).୨ନଂ ୱାର୍ଡ଼ ତଳସାହିସ୍ଥିତ ମସ୍‌ଜିଦ୍‌ର ମରାମତି ଓ ଉନ୍ନତିକରଣ ନିମର୍େ ୬ଲକ୍ଷ ଟଙ୍କା, ୫). ନିକଟସ୍ଥ ବାହାଡ଼ାଶୁଣୀ ମନ୍ଦିରର ଉନ୍ନତିକରଣ ଓ ମରାମତି ନିମର୍େ ୫ଲକ୍ଷ ଟଙ୍କା, ୬).୩ନଂ ୱାର୍ଡ଼ କାଦୁଆସାହି ସ୍ଥିତ ଗୁରୁଦେବଙ୍କ ମନ୍ଦିର ଉନ୍ନତିକରଣ ଓ ମରାମତି ନିମର୍େ ୩ ଲକ୍ଷ ଟଙ୍କା, ୭).୧୦ନଂ ୱାର୍ଡ଼ ବ୍ରାହ୍ମଣସାହି ସ୍ଥିତ ମା'ଡୁମାଳୁଣୀ ମନ୍ଦିରର ମରାମତି ଓ ଉନ୍ନତିକରଣ ନିମର୍େ ୫ଲକ୍ଷ ଟଙ୍କା, ୮).ୱାର୍ଡ଼ ନଂ ୧୨ ମଧୁବନ ସାହି ସ୍ଥିତ ମଧୁବନ କ୍ଲବ୍‌ର ଉନ୍ନତିକରଣ ଓ ମରାମତି ନିମର୍େ ୬ ଲକ୍ଷ ଟଙ୍କା, ସେହିପରି ୯).୧୨ନଂ ୱାର୍ଡ଼ ଖଳଖଳା ସ୍ଥିତ ମେଣ୍ଢଇଶୁଣୀ ମନ୍ଦିରର ମରାମତି ଓ ଉନ୍ନତିକରଣ ନିମର୍େ ୫ ଲକ୍ଷ, ୧୦).୧୧ନଂ ୱାର୍ଡ଼ ଗଡ଼ଭିତରସାହି ସ୍ଥିତ ରାମଲୀଳା ଘର ମରାମତି ଓ ଉନ୍ନତିକରଣ ନିମର୍େ ୬ଲକ୍ଷ ଟଙ୍କା ଓ ୧୧).୧୩ନଂ ୱାର୍ଡ଼ ନୂଆ ତଅଁଳାସାହି ସ୍ଥିତ କମ୍ୟୁନିଟ୍ ସେଂଟରର ମରାମତି ଓ ଉନ୍ନତିକରଣ ନିମର୍େ ୬ ଲକ୍ଷ ଟଙ୍କାକୁ ମିଶାଇ ସର୍ବମୋଟ ୬୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅନୁଦାନ ରାଶି ସରକାର ଯୋଗାଇ ଦେଇଥିବା ବେଳେ ଏ ସବୁ ପ୍ରକଳ୍ପ ଗୁଡ଼ିକର ଶୁଭ ଭିତିପ୍ରସ୍ଥର ସ୍ଥାପନ କାର୍ଯ୍ୟକ୍ରମ ବିଧାୟକ ଇଂ. ସ୍ୱାଇଁଙ୍କ ଦ୍ୱାରା ହୋଇଯାଇଥିବା ଜଣାଯାଇଛି। କାର୍ଯ୍ୟକ୍ରମ ଗୁଡ଼ିକରେ ବିଧାୟକଙ୍କ ସହିତ ଯୋଗ ଦେଇଥିବା ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକ ବିଡ଼ିଓ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ, ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ବିଜେପି ନଗର ସଭାପତି ତଥା ୮ନଂ ୱାର୍ଡ଼ କାଉନ୍‌ସିଲର ଦିଗମ୍ବର ମିଶ୍ର, କାଉନ୍‌ସିଲର ସରୋଜ ପ୍ରଧାନ, କୁମୁଦିନୀ ନାୟକ, ଶ୍ୟାମସୁନ୍ଦର ରାମ, ପ୍ରମୋଦିନୀ ଦାସ, ବିଜୁଳି ଚୌଧୁରୀ, ସତ୍ୟପ୍ରିୟ ମହାପାତ୍ର, ମୋନାଲୀ ପ୍ରିୟଦର୍ଶିନୀ, ପିଙ୍କି ସାହୁ ପ୍ରମୁଖଙ୍କ ସହିତ ବହୁ ଦଳୀୟ କର୍ମୀ ଅଂଶଗ୍ରହଣ କରିଥିବାର ଦେଖାଯାଇଥିଲା। କାର୍ଯ୍ୟକ୍ରମରେ ସହରାଂଚଳର ପ୍ରମୁଖ ସମାଜସେବୀ ତଥା ସାମ୍ବାଦିକ ଚିତରନ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଖଣ୍ଡପଡ଼ା ବ୍ଲକ୍ ପକ୍ଷରୁ ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ଦାଶ, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ମହାି ପ୍ରମୁଖ ସମାରୋହରେ ଯୋଗଦାନ ପୂର୍ବକ ସହାୟତା ପ୍ରଦାନ କରିଥିବା ଦେଖାଯାଇଥିଲା। ସୂଚନା ଯୋଗ୍ୟ ଯେ ସହରାଂଚଳ ଏହି ୧୧ ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖଣ୍ଡପଡ଼ା ବ୍ଲକ୍ ମାଧ୍ୟମରେ କରାଯାଉଥିବାର ସୂଚନା ମିଳିଛି।





# ତାରିଣୀ ମନ୍ଦିରର ଦାନହୁଣ୍ଡି ଚୋରି

## ପୋଲିସ ଓ ସନ୍ଧାନୀ କୁକୁର ଚୋର ଧରିବାରେ ବିଫଳ



**ବାରିପଦା (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅଞ୍ଚଳରେ ଦିନକୁଦିନ ଲୁଟେରା ଏବଂ ଚୋରଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଥିବା ଦେଖିବାକୁ ମିଳୁଛି। ଏମିତିକି ଏହି ଥାନା ଅଞ୍ଚଳରେ ଲଗାତାର ଚୋରି ବଢିବା ସହିତ ବିଭିନ୍ନ ସମୟରେ ରାସ୍ତାରେ ଲୁଟ କରୁଛନ୍ତି ଲୁଟେରା। ହେଲେ ମୋରଡ଼ା ଥାନା ପୋଲିସ ହାତ ଖାଲି। ମାତ୍ର ଗୋଟେ ଘଟଣାରେ ମୋରଡ଼ା ଥାନା ଅଧିକାରୀ ସୁମିତ ସୋରେନଙ୍କ ସକ୍ରିୟତା ଯୋଗୁଁ ଲୁଟ ସାମଗ୍ରୀ ଉଦ୍ଧାର ସାଙ୍ଗକୁ ଲୁଟେରାକୁ ଧରିବାରେ ସଫଳତା ମିଳିଥିବା ଜଣାପଡ଼ିଛି। ମାତ୍ର ଆହୁରି ଅନେକ ଘଟଣାରେ ସମ୍ପୃକ୍ତଙ୍କୁ ଧରିବାରେ ବିଫଳ ପୋଲିସ ବୋଲି ଖୋଲାଖୋଲି ଆଲୋଚନା ହେଉଥିବା ଲକ୍ଷ୍ୟ କରାଯାଉଛି। ଯାହାକୁନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ଯେ, ପୋଲିସ କଣ ରାସ୍ତାରେ ଗାଡି, ମଟର ଅଟକାଇ ଚାଲାଣ କାଟି ଲୋକଙ୍କୁ ହିନସ୍ତା କରି ରାଜକୋଷ ସମୃଦ୍ଧ କରିବା ପାଇଁ ନିୟୋଜିତ କି ବୋଲି କ୍ଷମତାସୀନ ଲୋକଙ୍କ ସରକାର ଏବଂ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାଧାରଣ ଜନତା ପ୍ରଶ୍ନ ଉଠାଉଥିବା ଲକ୍ଷ୍ୟ କରାଯାଉଛି। ତେବେ କଣ ଏଇ ପରିବର୍ତ୍ତନର ସ୍ୱାଦ କି ବୋଲି ସମାଲୋଚନା କରିବା ସହିତ କରିଥିବା ଭୁଲର ସଂଶୋଧନ ଆଗକୁ ନିଶ୍ଚିତ ହେବ ବୋଲି ଚର୍ଚ୍ଚା ହେଉଥିବା ଲକ୍ଷ୍ୟ କରାଯାଉଛି। ତେବେ ଏକ୍ଷେତ୍ରରେ ଗୋଟେ କଥା କୁହାଯାଇ ପାରେ ଚୋରି ରୋକିବା ସମ୍ଭବ ନୁହେଁ। କିନ୍ତୁ ରାତି ଡ୍ୟୁଟିରେ ନିୟୋଜିତ ପୋଲିସ କର୍ମଚାରୀ ନିଜ ଡ୍ୟୁଟି ପ୍ରତି କେତେ ସଚେତନ ଏବଂ ସକ୍ରିୟ ତାର ଅନୁଧ୍ୟାନ କରିବା ଆବଶ୍ୟକ ଥିବା ବେଳେ ଏହା କାହାର ଦାୟିତ୍ୱ? ରାଜ୍ୟ ସରକାର, ସ୍ଥାନୀୟ ବିଧାୟକ କିମ୍ବା ସମ୍ପୃକ୍ତ ଥାନା ଅଧିକାରୀ କାହାର ବୋଲି ପ୍ରଶ୍ନ ଉଠୁଥିବା ବେଳେ ବିଭାଗୀୟ ବରିଷ୍ଠ ଅଧିକାରୀ ସ୍ପଷ୍ଟୀକରଣ ଦେବେ କି ବୋଲି ଆଲୋଚନା ହେଉଥିବା ବେଳେ ଜନତାଙ୍କ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ମୁହଁ ଖୋଲିବେ କି ବିଭାଗୀୟ ବରିଷ୍ଠ ଅଧିକାରୀ ତାହା ଏବେ ବଡ଼ ପ୍ରଶ୍ନ ହୋଇ ମୁଣ୍ଡ ଟେକିଥିବା ଲକ୍ଷ୍ୟ କରାଯାଉଛି। ଉଲ୍ଲେଖଯୋଗ୍ୟ ତାରିଣୀ ମନ୍ଦିର ମୋରଡା ଛକର କେନ୍ଦ୍ରସ୍ଥଳରେ ଅବସ୍ଥିତ। ଥାନା ସୀମା ଠାରୁ ମାତ୍ର ୧୫/୨୦ ପାହୁଣ୍ଡ ଦୂର। ପୁଣି ମୋରଡ଼ା ଏକ ସୀମାନ୍ତ ବ୍ୟବସାୟିକ କେନ୍ଦ୍ରସ୍ଥଳ। ଆଉ ବଜାର ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇ ରାତି ପେଟ୍ରୋଲିଂ ପାଇଁ କର୍ମଚାରୀ ନିୟୋଜିତ ହେଉଛନ୍ତି। ତାସତ୍ତ୍ୱେ ଏକ ସ୍ୱର୍ଣକାରର ସ୍ଥାନରୁ ଚୋରି ହେବା ଘଟଣା ଯେତିକି ଆଶ୍ଚର୍ଯ୍ୟଜନକ ତାଠାରୁ ଅଧିକ ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଉଥିବା ଦେଖିବାକୁ ମିଳୁଛି। ସେହିପରି ପ୍ରଶ୍ନ ଉଠୁଛି ବଜାରରେ ରାତି ଡ୍ୟୁଟିରେ ମୁତୟନ ପୋଲିସ କର୍ମଚାରୀ ଡ୍ୟୁଟି କରୁଥିଲେ ନା ଡ୍ୟୁଟି ନାମରେ ସୁଖ ନିଦ୍ରାରେ ଥିଲେ, ଏହାର ତଦାରଖ ଦାୟୀତ୍ୱ କାହାର ଥିଲା। ସେ ଦାୟୀତ୍ୱ ସଠିକ ଢଙ୍ଗରେ ନିର୍ବାହ ହୋଉଛି କି ନା ଏହାର ଯାଞ୍ଚ ଥାନା ଅଧିକାରୀ କରିଛନ୍ତି କି ନା? ଅନ୍ୟପଟେ ତାରିଣୀ ମନ୍ଦିର ଦାନ ହୁଣ୍ଡିରେ ପ୍ରାୟ ୧୫/୨୦ ହଜାର ଟଙ୍କାରୁ ଅଧିକ ଥିବାର ଅନୁମାନ କରାଯାଉଥିବା ବେଳେ ଠାକୁରାଣୀଙ୍କ ଅନ୍ୟ ସାମଗ୍ରୀ ଚୋରି ହୋଇନଥିବା ପୂଜକଙ୍କ ସୂତ୍ରରୁ ଜଣାପଡ଼ିଛି। ମାତ୍ର ଏହି ଘଟଣାକୁ ସ୍ଥାନୀୟ ଥାନା ଅଧିକାରୀ ଗମ୍ଭୀରତାର ସହ ନେଇ ଫୋରେନସିକ ଟିମ ସହ ସନ୍ଧାନୀ କୁକୁରର ସାହାଯତା ନେଇଥିଲେ ମଧ କୌଣସି ସୁଫଳ ମିଳିନଥିବା ଦେଖିବାକୁ ମିଳିଛି। ଯଦି ପୋଲିସ ନିଜର ମୂଳଦାୟୀତ୍ୱ ନିର୍ବାହରେ ବିଫଳ ତେବେ ରାସ୍ତାଘାଟରେ ଗାଡିମଟର ଚେକିଂ ସମୟରେ ସାମାନ୍ୟ ମାନବିକତା ଦେଖାଇ ବାସ୍ତବତା ପ୍ରତି ଗୁରୁତ୍ୱ ନ ଦେଇ କେବଳ ଚାଲାଣ କାଟିବାକୁ ଆଗ୍ରାଧିକାର ଦେଇ ଏତେ ସଜାଗ ଏବଂ ସକ୍ରିୟ ହେଉଛି କେମିତି ବୋଲି ଲୋକେ ପ୍ରଶ୍ନ ଉଠାଉଛନ୍ତି। ଅନ୍ୟପଟେ ମୋରଡା ଥାନା ଏକ ସୀମାନ୍ତ ଥାନା ହୋଇଥିବାରୁ ଏଠାରେ ଅଧିକ କର୍ମଚାରୀ ଆବଶ୍ୟକତାକୁ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅନୁଭବ କରି ପଦକ୍ଷେପ ଉଚିତ ପଦକ୍ଷେପ ଗ୍ରହଣ କରିବା ବଦଳରେ ନୀରବ କାହିଁକି ବୋଲି ପ୍ରଶ୍ନ ଉଠାଇ ଘଟୁଥିବା ଘଟଣାକୁ ପ୍ରଶମିତ କରିବାକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ପ୍ରଦାନ କରିବା ବଦଳରେ ନୀରବତା ଅବଲମ୍ବନ କରି ଜଣେ ବରିଷ୍ଠ ସଚ୍ଚୋଟ ପୋଲିସ ଅଧିକାରୀଙ୍କୁ ଜନଶରବ୍ୟର ଶିକାର ହେବା ପାଇଁ ଛାଡିଦେବା କେତେ ଯୁକ୍ତିଯୁକ୍ତ ବୋଲି ବିଭିନ୍ନ ଖଟିରେ ଚର୍ଚ୍ଚା ହେଉଥିବା ଲକ୍ଷ୍ୟ କରାଯାଉଛି। ତେବେ ମୋରଡା ଥାନା ଅଞ୍ଚଳରେ ଲଗାତାର ଘଟୁଥିବା ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ କି ପଦକ୍ଷେପ ନେଉଛନ୍ତି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତାଉପରେ ଅଞ୍ଚଳବାସୀଙ୍କ ନଜର ରହିଥିବା ଲକ୍ଷ୍ୟ କରାଯାଉଛି।

# ବ୍ରାହ୍ମଣୀଗାଁ ଜୋନ୍‌ରେ କନ୍ଧମାଳ ମିଳିତ ମଞ୍ଚର ନେତୃତ୍ୱସ୍ତରୀୟ କର୍ମଶାଳା



**ଫୁଲବାଣୀ (ଅମୃତ ମିଡିଆ) :** କନ୍ଧମାଳ ଜିଲ୍ଲାର ଅସ୍ମିତା ଓ ଅସ୍ତିତ୍ୱର ସୁରକ୍ଷା ସହ ଜିଲ୍ଲାର ବିକାଶ ଓ ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ କନ୍ଧମାଳ ମିଳିତ ମଞ୍ଚ, ଦାରିଙ୍ଗବାଡ଼ି ତରଫରୁ ବ୍ରାହ୍ମଣୀଗାଁ ଜୋନରେ ଏକ ନେତୃତ୍ୱ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଦାରିଙ୍ଗବାଡ଼ି ବ୍ଲକର ୮ଟି ଗ୍ରାମ ପଞ୍ଚାୟତରୁ ପ୍ରାୟ ୫୦୦ ଜଣ ବୁଦ୍ଧିଜୀବୀ, ରାଜନେତା, କର୍ମକର୍ତ୍ତା, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଓ ସଚେତନ ନାଗରିକ ଏହି କର୍ମଶାଳାରେ ଯୋଗଦେଇଥିଲେ। ମିଳିତ ମଞ୍ଚରେ କୁଇକୂଳ ସମିତି, ପାଣ ସମାଜ, ଆଦିବାସୀ ମହାସଂଘ, ଦଳିତ ଆଦିବାସୀ ମହାସଂଘ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଓ ଶୈଣ୍ଡିକ ସମାଜ ସମେତ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିମାନେ ସାମିଲ ହୋଇଥିଲେ। କର୍ମଶାଳାରେ କନ୍ଧମାଳ ଜିଲ୍ଲା ମେଡିକାଲ କଲେଜର ନାମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ମଧ ଆପତ୍ତି ଉଠାଯାଇଥିଲା। କନ୍ଧମାଳ ଜିଲ୍ଲା ମେଡିକାଲ୍ କଲେଜ୍ ର ନାମ ପରିବର୍ତ୍ତନ ଆଲୋଚନା ବହୁତ୍ ଜୋର୍ ଧରିଥିଲା। ଜିଲ୍ଲାର ଅସ୍ମିତା ଓ ଅସ୍ତିତ୍ୱକୁ କୌଣସି ପରିସ୍ଥିତିରେ କ୍ଷୁଣ୍ଣ ହେବାକୁ ଦିଆଯିବ ନାହିଁ ବୋଲି ମଞ୍ଚ ପକ୍ଷରୁ ମତ ପ୍ରକାଶ ପାଇଥିଲା। ଏହା ସହିତ 'କନ୍ଧମାଳ ବଞ୍ଚାଅ' ପ୍ରସଙ୍ଗକୁ ମଧ ଆଲୋଚନାରେ ପ୍ରାଧାନ୍ୟ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କନ୍ଧମାଳ ମିଳିତ ମଞ୍ଚ, ଦାରିଙ୍ଗବାଡ଼ି କମିଟିର ସଭାପତି ତଥା ପୂର୍ବତନ ଉପବାଚସ୍ପତି ଓ ଘୁ.ଉଦୟଗିରିର ପୂର୍ବତନ ବିଧାୟକ ସାଲୁଙ୍ଗା ପ୍ରଧାନ, ଉପସଭାପତି ତଥା କନ୍ଧମାଳ ଜିଲ୍ଲାର କଂଗ୍ରେସ ଲୋକସଭା ପ୍ରାର୍ଥୀ ଅମିର ଚାନ୍ଦ ନାୟକ, ସେକ୍ରେଟାରୀ ପ୍ରଶାନ୍ତ ନାୟକ, ସମ୍ପାଦକ ରଞ୍ଜନ ପ୍ରଧାନଙ୍କ ସମେତ ମଞ୍ଚର ସକ୍ରିୟ ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ଥିଲେ। ବୈଠକକୁ ପ୍ରଶାନ୍ତ ନାୟକ ଆରମ୍ଭ କରିଥିବା ବେଳେ ଶେଷରେ ବିପିନ ବସ୍ତିରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତିଙ୍କ ଦ୍ୱାରା ବୈଠକର ସମାପ୍ତି ଘୋଷଣା କରାଯାଇଥିଲା। ଆସନ୍ତା ସେପଟ୍ମେ୍ବର ୧୪ ତାରିଖରେ ଦାରିଙ୍ଗବାଡ଼ି ବ୍ଲକରେ ଏକ ବିଶାଳ ଜନସମାବେଶ ଆୟୋଜନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏହି ଜନସମାବେଶ ମାଧମରେ କନ୍ଧମାଳର ବିଭିନ୍ନ ସମସ୍ୟା ଓ ଅଧିକାର ସମ୍ପର୍କରେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ମିଳିତ ମଞ୍ଚର ଉପଦେଷ୍ଟା ଲମ୍ବୋଦର କହଁର ନିର୍ଦ୍ଦେଶ କ୍ରମେ କମିଟି ଗୁଡିକ ଗଠନ କରାଯାଇଛି।

# ଗରାପୁର ଆଶ୍ରମରେ ଶିବାନନ୍ଦ ଜୟନ୍ତୀ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ବ୍ଲକର ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପକ୍ଷରୁ ସ୍ୱାମୀ ଶିବାନନ୍ଦ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ବିଶ୍ୱଶାନ୍ତି ପାଇଁ ରୁଦ୍ରାଭିଷେକ, ପ୍ରାତଃ ପ୍ରାର୍ଥନା, ଜପ, ଧ୍ୟାନ ସହିତ ନଗର ପରିକ୍ରମା ପ୍ରଭୃତି କରାଯାଇଥିଲା। ଭକ୍ତମାନଙ୍କ ଦ୍ୱାରା ଶ୍ରୀଗୁରୁ ପାଦପୂଜା କରାଯିବା ସହ ସ୍ୱାମିଜୀଙ୍କ ଜୀବନଦର୍ଶନ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଶ୍ରୀମାଙ୍କ ସମେତ ଡ. କାଳିପ୍ରସନ୍ନ ଶତପଥୀ, ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଶ୍ରୀଧର ରାଉତ, ବ୍ରହ୍ମଚାରୀ ନୃସିଂହନାଥ, ପ୍ରମୋଦ ଦାସ, ଦେବେନ୍ଦ୍ର ସାମନ୍ତ, କମଳଲୋଚନ ସ୍ୱାଇଁ, ବର୍ଷା, କମଳା ମହାନ୍ତି, ଦ୍ରୌପଦୀ ରାଉତ, ସବିତା ମହାରଣା, ଶିବାନନ୍ଦ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା, ଅମୀୟ ପଣ୍ଡା, ବଗଡା ଓ ଏଣ୍ଡରର କୀର୍ତ୍ତନମଣ୍ଡଳୀ ପ୍ରମୁଖ ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଆସନ୍ତା ୨୪ତାରିଖ ସ୍ୱାମୀ ଚିଦାନନ୍ଦ ଜୟନ୍ତୀ ପର୍ଯ୍ୟନ୍ତ ଏକ ସାଧନା ପକ୍ଷ ପାଳନ ପରିପେକ୍ଷୀରେ ଏକ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବ ବୋଲି ଆଶ୍ରମ ପକ୍ଷରୁ ସୂଚନା ଦିଆଯାଇଛି।

# ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ୨୦୨୬-୨୭ ବର୍ଷ ପାଇଁ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ଯାଜପୁର ସାଂସଦ ଡ଼. ରବିନ୍ଦ୍ର ନାରାୟଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯିବା ସହ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ରୋଗୀଙ୍କୁ ଅଧିକ ସୁଗମ, ଗୁଣାତ୍ମକ ଓ ଉତ୍ତମ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା। ଭିତ୍ତିଭୂମିର ଉନ୍ନତି: ହସ୍ପିଟାଲର ଆବଶ୍ୟକ ଭିତ୍ତିଭୂମି ଓ ସୁବିଧା ସୁଯୋଗର ବିକାଶ କରିବା। ଏହି ବୈଠକରେ ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ନଗେନ୍ଦ୍ର ନାଥ ମହାପାତ୍ର ଉପସ୍ଥିତ ଥିଲେ।

# ପ୍ରହରାଜ ନନ୍ଦଙ୍କ କବିତା ନୈତିକ ଉତ୍ତରଣର ପ୍ରାସଙ୍ଗିକତା ବହନ କରେ : ଗାଳ୍ପିକ ସତ୍ୟପ୍ରିୟ ମହାଳିକ



**ନୀଳଗିରି (ଅମୃତ ମିଡିଆ) :** କବିତା ଗଳ୍ପପରି ଓ ଗଳ୍ପ କବିତାପରି ହେବା ଉଚିତ। ଯିଏ କବି ସେ ଗାଳ୍ପିକ ଏବଂ ଯେ ଗାଳ୍ପିକ ସେ ମଧ କବି ଅଟନ୍ତି। ପ୍ରହରାଜଙ୍କ କବିତା ପାଳଭୂତର ଛାୟାରେ ମୋର ପାଳଭୂତ ଗଳ୍ପର ଜନ୍ମ। ପ୍ରହରାଜଙ୍କ କବିତାରେ ପ୍ରକୃତି ଓ ପ୍ରତ୍ୟୟ ନିହିତ। କବିଙ୍କ କବିତା ସୁଖପାଠ୍ୟ ସହଜ ଓ ସୁବୋଧ। ପ୍ରହରାଜଙ୍କ କବିତାରେ ନୈତିକ ଉତ୍ତରଣର ପ୍ରାସଙ୍ଗିକତା ନିହିତ ଥାଏ। ପ୍ରହରାଜ ଜଣେ ସ୍ୱାଭାବିକ କବି ଅଟନ୍ତି। କବି ଭିତରେ ପ୍ରେମର ସ୍ୱାକ୍ଷର ନିହିତ। କବି ଥିଲେ ସଶକ୍ତ ଚିତ୍ରକଳ୍ପର ଚିତ୍ରକର। କବି ପ୍ରହରାଜ ଥିଲେ ପ୍ରାଚ୍ୟ ଜୀବନର ଦାର୍ଶନିକ। ଉଭୟ ଆତ୍ମିକ ଓ ଆଙ୍ଗିକ ସ୍ରଷ୍ଟା ଭାବରେ କବି ପ୍ରହରାଜଙ୍କ ଖ୍ୟାତି ସୁଦୂରପ୍ରସାରୀ। ତାଙ୍କ କବିତାରେ ସାମାଜିକ ପୁନର୍ଗଠନ ଓ ସଂସ୍କାରିତ ପ୍ରେମ ନିହିତ। ସର୍ବୋପରି ମନସ୍ତାତ୍ତ୍ୱିକ ଚିତ୍ର କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ କବିତାରେ ନିହିତ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରରେ କବି ପ୍ରହରାଜ ନନ୍ଦଙ୍କ ଜୟନ୍ତୀ ଅବକାଶରେ ଆଲୋଚକ ଗାଳ୍ପିକ ପ୍ରଫେସର ସତ୍ୟପ୍ରିୟ ମହାଳିକ ଓ ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଡ଼. ଅକ୍ଷୟ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କଣ୍ଠଶିଳ୍ପୀ ନିବେଦିତା ମହାପାତ୍ର ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଓଡିଶାର ଲବ୍ଧପ୍ରତିଷ୍ଠ କବି ମମତା ଦାଶ ଅତିଥି ଭାବରେ ଯୋଗଦେଇ ପ୍ରହରାଜ ନନ୍ଦ ଜଣେ ଆଧାତ୍ମିକ ସନ୍ଥ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶେଷରେ ନୂଆପଡାର ଅଧାପିକା ଜୟଶ୍ରୀ ବାରିକ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ।

# କୃଷକ ଉତ୍ପାଦକ ସଂଗଠନ ଓ ଅଗ୍ରଣୀ ଚାଷୀଙ୍କ ପାଇଁ ରପ୍ତାନି ଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



**ଜଗତସିଂହପୁର (ଅମୃତ ମିଡ଼ିଆ) :** ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନସ୍ଥ 'କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନି ବିକାଶ ପ୍ରାଧିକରଣ' ପକ୍ଷରୁ ଓଡ଼ିଶାର ଜଗତସିଂହପୁର ଜିଲ୍ଲାସ୍ଥିତ ରେଢୁଆର 'ଲାଲ୍' କନଫରେନ୍ସ ହଲ୍‌ଠାରେ ଆଜି (ଗୁରୁବାର) ଦିନ କୃଷକ ଉତ୍ପାଦକ ସଂଗଠନ(ଋଚଙ)ର ଏବଂ ଅଗ୍ରଣୀ ଚାଷୀମାନଙ୍କ ପାଇଁ ଏକ ଦିନିକିଆ ରପ୍ତାନି-ଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨୦ଟି କୃଷକ ଉତ୍ପାଦ ଉତ୍ପାଦକ ସଂଗଠନ(ଋଚଙ)ର ୧୦୦ରୁ ଅଧିକ ଅଗ୍ରଣୀ କୃଷକ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଜଗତସିଂହପୁରର ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଓଡ଼ିଶାର ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ସେଠୀ, ଶାଖା ପରିଚାଳକ ପାପୁ ରଞ୍ଜନ ସାହୁ, ଓରମାସର ଡେପୁଟି ସିଇଓ, ଚବକ୍ଷକ୍ଷବୟସଙ୍କଙ୍କର ପରିଚାଳକ ଅଞ୍ଜଳ କୁମାର ପଣ୍ଡା, ସସ୍ମିତା ପୁରୋହିତ, ସ୍କିମ ଅଫିସରେ ଶୁଭର୍ଜିତ ବେହେରା ଏବଂ ଲାଲ୍‌ର ସମ୍ପାଦିକା କାଦମ୍ବିନୀ ବେହେରା ପ୍ରମୁଖ ଏହି କର୍ମଶାଳାରେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। ଲାଲ୍ ର କ୍ଷେତ୍ରମୋହନ ବେହେରା, ସୁଧୀରଞ୍ଜନ ବାରିକ ଓ କୃଷ୍ଣଚନ୍ଦ୍ର ସ୍ୱାଇଁ ଏହି କର୍ମଶାଳାକୁ ସୁଚାରୁ ରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ। କୃଷିଜାତ ଦ୍ରବ୍ୟ ରପ୍ତାନି ପ୍ରକ୍ରିୟା, ଜିଲ୍ଲାରେ ସମ୍ଭାବନା ଥିବା କୃଷି ଉତ୍ପାଦ ଚିହ୍ନଟ ଏବଂ ଆନ୍ତର୍ଜାତୀୟ ମାନକ ଅନୁଯାୟୀ ବଜାର ସଂଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ନିଜ ବକ୍ତବ୍ୟରେ ବିଭୁ ପ୍ରସାଦ ତରାଇ କହିଥିଲେ ଲେ ଯେ ଇଚରଉଇର ଏହି ପ୍ରୟାସ ଜିଲ୍ଲାରେ ଉତ୍ପାଦିତ ହେଉଥୁବା ଡାଲି ଜାତୀୟ ଶସ୍ୟ, କ୍ଷୀରଜାତ ଦ୍ରବ୍ୟ, ପିଜୁଳି ଓ ପନିପରିବା ଭଳି କିଛି ସମ୍ଭାବନାପୂର୍ଣ୍ଣ ଉତ୍ପାଦର ଉପାନି ବଜାର ସଂଯୋଗ କ୍ଷେତ୍ରରେ ନିଶ୍ଚିତ ଭାବେ ସହାୟକ ହେବ। ଶ୍ରୀ ତରାଇ ମତ ପ୍ରକାଶ କରିଥିଲେ ଯେ ଏହି ପ୍ରକାର କର୍ମଶାଳା ଦ୍ୱାରା କୃଷକ ଉତ୍ପାଦକ ସଂଗଠନ ଏବଂ ଅଗ୍ରଗାମୀ ଚାଷୀମାନେ ଉପକୃତ ହେବେ ଏବଂ ଏହା ଜଗତସିଂହପୁର ଜିଲ୍ଲାରେ କୃଷକ ଉତ୍ପାଦକ ସଂଗଠନ ଓ କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକର ସମ୍ପ୍ରସାରଣରେ ସହାୟକ ହେବ। କୃଷିଜାତ ଦ୍ରବ୍ୟର ରପ୍ତାନି ବୃଦ୍ଧି ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜଗତସିଂହପୁରର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ, ସୋନାଲ୍ ବାର୍ତ୍ତା ଦେଇଥିଲେ ଯେ ଜିଲ୍ଲାରୁ କୃଷିଜାତ ଦ୍ରବ୍ୟର ରପ୍ତାନି ଏକ ପ୍ରାଥମିକତା ଭିତ୍ତିକ କ୍ଷେତ୍ର ଅଟେ ଏବଂ ଏ ଦିଗରେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଓ ସହଯୋଗ ଯୋଗାଇ ଦିଆଯିବ।

# ଏସ୍‌ସିବିରେ ପୁଣି ହେବ ଲିଭର୍ ପ୍ରତିରୋପଣ

## ୫ ରୋଗୀଙ୍କୁ ସ୍କ୍ରିନିଂ, ୨ଜଣଙ୍କ ପାଇଁ ଡୋନର୍ ଚୂଡ଼ାନ୍ତ

**କଟକ (ବ୍ୟୁରୋ) :** ଏସ୍‌ସିବି ମେଡିକାଲରେ ଦୁଇ ବର୍ଷ ହେବ ବନ୍ଦ ରହିଥିବା ଲିଭର୍ ପ୍ରତିରୋପଣ କାର୍ଯ୍ୟକ୍ରମ ପୁଣି ଥରେ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଚେନ୍ନାଇର ଏମ୍‌ଜିଏମ୍ ଇନଷ୍ଟିଚ୍ୟୁଟ୍ ସହିତ ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ବେଳେ ଆସନ୍ତା ୩୦ ତାରିଖରେ ଡାକ୍ତରୀ ଟିମ୍ ଏସ୍‌ସିବି ଆସିବେ। ଏଥିପାଇଁ ଏସ୍‌ସିବି ମେଡିକାଲ୍ ଲିଭର୍ ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ପକ୍ଷରୁ ୫ ଜଣ ରୋଗୀଙ୍କୁ ସ୍କ୍ରିନିଂ କରାଯାଇଛି। ଏମାନଙ୍କ ମଧ୍ୟରୁ ଦୁଇ ଜଣ ରୋଗୀଙ୍କ ଲିଭର ପ୍ରତିରୋପଣ ପାଇଁ ଡୋନର୍ ଭାବେ ଉଭୟଙ୍କ ପତ୍ନୀ ସମ୍ମତି ଦେଇଥିବା ବେଳେ ଅନ୍ୟ ତିନି ରୋଗୀଙ୍କ ଡୋନର୍ ସ୍ଥିର ହୋଇପାରିନାହିଁ। ଏଥିପାଇଁ ଡାକ୍ତରୀ ଟିମ୍ ସମସ୍ତ ପରୀକ୍ଷା ନିରୀକ୍ଷା ନିୟମିତ ବ୍ୟବଧାନରେ କରୁଛନ୍ତି। ଦିଲ୍ଲୀ ଏମ୍ସ ୫ ବର୍ଷ ତଳେ ଯେଉଁ ଲିଭର୍ ଟ୍ରାନ୍ସପ୍ଲାଣ୍ଟ କରୁଥିଲା ତାକୁ ବନ୍ଦ କରିଦେଇଛି। ଘରୋଇ ହସପିଟାଲରେ ଲିଭର ଟ୍ରାନ୍ସପ୍ଲାଣ୍ଟ କଲେ ରୋଗୀ ପିଛା ପାଖାପାଖି ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ସାରା ଦେଶରେ ଥିବା ଉଭୟ ଘରୋଇ ଓ ସରକାରୀ ହସପିଟାଲରେ ଚେନ୍ନାଇର ଏମଜିଏମ୍ ଇନଷ୍ଟିଚ୍ୟୁଟ୍ ଓ ହାଇଦ୍ରାବାଦ ଏଆଇଜି ହସପିଟାଲର ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଲିଭର ପ୍ରତିରୋପଣ କରିଥାନ୍ତି। ଏହି ଟିମ୍‌ରେ ୧୦ ଜଣ ଡାକ୍ତର ଓ ୧୦ ସହଯୋଗୀ କାମ କରୁଛନ୍ତି। ଏସ୍‌ସିବିରେ ଯଦିଓ ଭିତ୍ତିଭୂମି ରହିଛି, କିନ୍ତୁ ମାନବସମ୍ବଳ ସମସ୍ୟା ରହିଛି। ୨୦୨୨ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ହାଇଦ୍ରାବାଦ ଏଆଇଜି ହସପିଟାଲ ମଧ୍ୟରେ ଏମ୍‌ଓୟୁ ହୋଇଥିଲା। ୨୨ କୋଟି ଟଙ୍କା ମୂଲ୍ୟରେ ଏସ୍‌ସିବି ଟ୍ରମା କାଜୁଆଲିଟି କୋଠାର ଚାରି ମହଲାରେ ଲିଭର୍ ପ୍ରତିରୋପଣ ୟୁନିଟ୍ ପ୍ରସ୍ତୁତ କରାଯାଇଥିଲା। ୨୦୨୪ ଏପ୍ରିଲ ଓ ସେପଟ୍ମେ୍ବରରେ ଦୁଇ ଜଣ ରୋଗୀଙ୍କ ଲିଭର୍ ପ୍ରତିରୋପଣ କରାଯାଇଥିବା ବେଳେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଯାଇଛି। ପରବର୍ତ୍ତୀ ସମୟରେ ଏଆଇଜି ହସ୍‌ପିଟାଲ ଏହି ଚୁକ୍ତିନାମାରୁ ଓହରିଯାଇଥିଲା। ଏବେ ପୁଣି ଥରେ ରାଜ୍ୟ ସରକାର ଚେନ୍ନାଇର ଏମ୍‌ଜିଏମ୍ ଇନଷ୍ଟିଚ୍ୟୁଟ୍ ସହିତ ଚୁକ୍ତି କରିଛନ୍ତି। ଆସନ୍ତା ୩୦ ତାରିଖରେ ଏହି ଇନଷ୍ଟିଚ୍ୟୁଟ୍‌ର ଡାକ୍ତରୀ ଟିମ୍ ଏସ୍‌ସିବି ମେଡିକାଲ୍ ଆସୁଛନ୍ତି। ଆସନ୍ତା ଅକ୍ଟୋବରରେ ଏହି ଟିମ୍ ଏସ୍‌ସିବିରେ ଲିଭର୍ ପ୍ରତିରୋପଣ କରିବାକୁ ଯୋଜନା କରୁଛନ୍ତି। ଏଥିପାଇଁ ରୋଗୀଙ୍କ ସମସ୍ତ ପରୀକ୍ଷା ଓ ଅନ୍ୟାନ୍ୟ ଡାକ୍ତରୀ କାଗଜପତ୍ର କାମ ଶେଷ ହୋଇଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଛାତ୍ରମାନଙ୍କୁ ଶୋଷଣ

## ଡହଡ଼ହ ଖରାରେ ସ୍କୁଲ ଛାଡ଼ି ବ୍ଲକରେ ଖଟୁଛନ୍ତି ଛାତ୍ରଛାତ୍ରୀ



**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ବ୍ଲକ ପରିସରରେ ପଞ୍ଚଦଶ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଭିନ୍ନ ବର୍ଗର ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଚିହ୍ନଟ କରାଯାଇ ବିଭିନ୍ନ ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା। ଏହି ଶିବିରରେ ମୋଟ ୨୨୪ ଦିବ୍ୟାଙ୍ଗ ହିତାଧିକାରୀ ନାମ ପଞ୍ଜୀକରଣ କରିଥିବା ବେଳେ ୪୦ ଜଣ ଦୃଷ୍ଟିବାଧିତ, ୨୧ ଜଣ ମାନସିକ ଅନଗ୍ରସର ଓ ୧୬୩ ଜଣ ଅନ୍ୟ ବର୍ଗର ହିତାଧିକାରୀଙ୍କୁ ଚିକିତ୍ସକ ମାନେ ପରୀକ୍ଷା କରିଥିଲେ। ବ୍ଲକ ଦ୍ୱାରା ପରିଚାଳିକ ତଥା ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଉକ୍ତ ଶିବିର ବିଭିନ୍ନ ବ୍ଲକରେ ପରିଚାଳିତ ହୋଉଆସୁଅଛି। ମାତ୍ର ବିଡମ୍ବନାରେ ବିଷୟ ଯେ ନୀଳଗିରି ବ୍ଲକରେ ଅନୁଷ୍ଠିତ ହୋଇଥିବା ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥିଲା। ଡହଡହ ଖରାରେ କୋମଳମତି ସ୍କୁଲ ଛାତ୍ରମାନଙ୍କୁ ପାଣି ବୋହିବା ଓ ଚେୟାର ଟେବୁଲ ପକାଇବା, ଗେଟ ପାଖରେ ନିୟୋଜିତ କରାଇ ବାଇକ ଗୁଡିକ ଭିତରକୁ ନ ପସଇବା, ଧାଡି ବାନ୍ଧି ଲୋକମାନଙ୍କୁ ଯାତାୟତା କାର୍ଯ୍ୟ କରାଉଥିଲେ। ଏଠି ପ୍ରଶ୍ନ ଉଠେ କୋମଳମୋତି ପିଲା ମାନଙ୍କୁ ଡହଡହ ଖରାରେ ନିୟୋଜିତ କରିବାକୁ କିଏ ନିର୍ଦ୍ଦେଶ ଦେଲେ? ଗୋଷ୍ଠୀ ଶିକ୍ଷାଧିକାରୀ ଏବାବଦରେ ଅବଗତ ଅଛନ୍ତି କି? ଯଦି ଅବଗତ ଅଛନ୍ତି ତେବେ ପିଲା ମାନଙ୍କୁ ପାଠପଢ଼ା ଛାଡି ଭିନ୍ନକ୍ଷମ ଶିବିରକୁ ଛାଡିଲେ କେମିତି? ଯଦି ଛାଡିଲେ ଗୋଷ୍ଠୀ ଶିକ୍ଷାଧିକାରୀ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଠାରୁ ଅନୁମତି ଆଣିଥିଲେ କି? ଯଦି ପିଲାମାନଙ୍କର ଅଘଟଣ ଘଟିଥାନ୍ତା ତେବେ କିଏ ଦାୟୀ ରହିଥାଆନ୍ତା? ବୋଲି ଏପରି ଅନେକ ପ୍ରଶ୍ନ ବୁଦ୍ଧିଜୀବି ମହଲରେ ସୃଷ୍ଟି ହୋଇଛି। ଭିନ୍ନକ୍ଷମ ଶିବିରରେ ପିଲାମାନଙ୍କର ଭୂମିକା କଣ,କାହିଁକି ସେମାନଙ୍କୁ ଏଠାରେ ନିୟୋଜିତ କରାଗଲା ଜିଲ୍ଲାପାଳଙ୍କ ପକ୍ଷରୁ କୌଣସି ଚିଠି ହୋଇଥିଲା କି ବୋଲି ସାଧାରଣ ଲୋକେ ଅଭିଯୋଗ କରିଛନ୍ତି।ଏ ନେଇ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲମ୍ବୋଦର ସିଂଙ୍କୁ ପଚାରିବାରୁ ବିଡିଓ ସାର ଚିଠି କରିଥିବାରୁ ପିଲାଙ୍କୁ ପଠାଯାଇଥିଲା ବୋଲି କହିଥିଲେ। ଅପରପକ୍ଷରେ ବିଡିଓ ବିକ୍ରମ କିଶୋର ପରିଡାଙ୍କୁ ପଚାରିବାରୁ ଏନ୍‌ସିସି ପିଲାମାନଙ୍କୁ ନିୟୋଜିତ କରାଯାଇଥିଲା ସେମାନେ ସେବା କରିବା ପାଇଁ ନିୟୋଜିତ ହୋଇଥିଲେ,ଏହା ସେମାନଙ୍କ ଏନ୍‌ସିସି ଶିକ୍ଷାର ଏକ ଅଂଶ ବୋଲି କହିଛନ୍ତି।ପିଲା ମାନଙ୍କୁ ସ୍କୁଲ ସମୟରେ ଶ୍ରେଣୀଗୃହ ଛାଡି ପଠାଇ କାର୍ଯ୍ୟରେ କିପରି ନିୟୋଜିତ କରାଗଲା, ସେମାନଙ୍କ ଭବିଷ୍ୟତକୁ ନେଇ ଅଧିକାରୀମାନେ ଖେଳ ଖେଳୁଛନ୍ତି ବୋଲି ଅଭିଯୋଗ ଉଠିଛି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବୀ ହୋଇଛି। ସବୁଠାରୁ ବଡ ପ୍ରଶ୍ନ ଭିନ୍ନକ୍ଷମ ଶିବିର ଆୟୋଜନ ପାଇଁ ରାଜ୍ୟ ସରକାର ଖାଦ୍ୟ ଓ ପାନୀୟ ପାଇଁ ପ୍ରାୟ ୭୦ହଜାର ଟଙ୍କା ଦେଇଥିବା ବେଳେ ସେହି ଟଙ୍କା ଖର୍ଚ୍ଚ କରି ପାଣି, ଟେଷ୍ଟ, ଆଳୁ, ପାନିପରିବା, ତେଲ ମାସଲା ,ଚିଂଗୁଡି ଓ ରାନ୍ଧିବା ପାଇଁ ରାନ୍ଧୁଣି ଲାଗି ସରକାରୀ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ମାଗଣାରେ ଏନ୍‌ସିସି ପିଲାମାନଙ୍କୁ ଡହଡହ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳିରେ ବ୍ଲକ କାର୍ଯ୍ୟରେ ଲଗାଇ ବିଡିଓ ଫାଇଦା ନେବା କେତେ ଦୂର ଠିକ୍ ତାହା ଏବେ ନୀଳଗିରିରେ ଚର୍ଚ୍ଚା ଜୋର ଧରିଛି। ଏହି ଏନ୍‌ସିସି ପିଲାମାନଙ୍କୁ ଖଟାଇ ବିଡିଓ ସରକାରୀ ଟଙ୍କାକୁ ଆତ୍ମସାତ କରିବାର ଯୋଜନା ନୁହେଁ ତ ବୋଲି ପ୍ରଶ୍ନ ଉଠିଛି? ଯେଉଁ ରନ୍ଧା ଖାଦ୍ୟ କରାଯାଇଥିଲା ତାହା ମଧ ଅତି ନିମ୍ନମାନର ହୋଇଥିବାରୁ ଲୋକମାନେ ନଖାଇ ଫିଙ୍ଗି ହେଉଥିବାର ଦେଖିବାକୁ ମିଳୁଛି। ଉଚ୍ଚସ୍ତରୀୟ ତଦନ୍ତକରିବାକୁ ସାଧାରଣରେ ଦାବି ହେଉଛି।

# ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗ



**ଜୟପୁର (ଅମୃତ ମିଡିଆ) :** ଯୁବ ସାମ୍ବାଦିକ ଲୋକନାଥ ପଟ୍ଟନାୟକ (ରିଙ୍କୁ) ତଥା ସରଳ ବ୍ୟକ୍ତିତ୍ୱ ଏବେ ଆମ ଗହଣରେ ଆଉ ନାହାନ୍ତି। ସମ୍ବାଦ ଖବର କାଗଜ ରେ ସେ କାର୍ଯ୍ୟରତ ଥିଲେ। ଏକ ସଡ଼କ ଦୁର୍ଘଟଣା ରେ ସେ ଗୁରୁତର ରୂପେ ଆହତ ହୋଇଥିଲେ। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ରେ ସେ ଚିକିତ୍ସିତ ହେଉଥିଲେ। ଆଜି ଗୁରୁବାର ଭୋର ସକାଳେ ତାଙ୍କ ବିୟୋଗ ଖବର ଡାକ୍ତର ଟିମ୍‌ଙ୍କ ତରଫରୁ ସୂଚନା ହସ୍ତାନ୍ତର ହୋଇଥିଲା। ନିଜ ଦଳେଇ ସାହି ସମେତ ବୋରିଗୁମ୍ମା ଅଞ୍ଚଳ ସମ୍ପୂର୍ଣ୍ଣ ସ୍ତବ୍ଧ ହୋଇଯାଇଛି ତାଙ୍କ ବିୟୋଗରେ। ତାଙ୍କ ମେଳାପୀ ଏବଂ ହସ ହସ ଚେହେରା ଆଜି ସବୁକୁ ମୌନ କରି ନିସ୍ତେଜ ହୋଇଯାଇଛି। ପୁଅ ରିଙ୍କୁଙ୍କୁ ହରେଇ ବାପା ନରସିଂହ ପଟ୍ଟନାୟକ, ସାନ ଭାଇ ଚିଙ୍କୁ ପଟ୍ଟନାୟକ ସମେତ ପରିବାର ବର୍ଗ ସାଙ୍ଗ ସାଥି ସମସ୍ତେ ଶୋକପ୍ରକାଶ କରିଛନ୍ତି। ତାଙ୍କ ପାର୍ଥିବ ଶରୀର ବୋରିଗୁମ୍ମା ଦଳେଇ ସାହିସ୍ଥିତ ତାଙ୍କ ବାସଭବନରେ ଅଣାଯିବ। ତାଙ୍କ ପବିତ୍ର ଆତ୍ମା ସଦଗତି ପ୍ରାପ୍ତ ହେଉ ଏହା ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।




# ପାରାଦୀପର ବିଭିନ୍ନ ସ୍ପା ଉପରେ ଚଢ଼ଉ



**କୁଜଙ୍ଗ(ଅମୃତ ମିଡିଆ):** ପାରାଦ୍ୱୀପରେ ବେଆଇନି ଭାବେ ଚାଲିଥିବା ସ୍ପା ଉପରେ ପୋଲିସର ଜୋରଦାର ଚଢାଉ। ସ୍କୁଲ ଲାଇନ ର ଏକ ପ୍ରତିଷ୍ଠିତ ହୋଟେଲ ନିକଟରେ ଥିବା ଏକ ସ୍ପା ଓ ତରଣୀଗଡା ର ବିଭିନ୍ନ ସ୍ଥାନରେ ଥିବା ସ୍ପା ଉପରେ ପୋଲିସ୍ ର ଚଢ଼ାଉ କରିଛି। ବେଆଇନ୍ ଭାବେ ଚାଲୁଥିବା ଟାଇଟେନିକ ଓ ସିଗ୍ନେଚର ସ୍ପା ରେ ପୋଲିସ୍ ଚଢାଉ ସମୟରେ ୪ ଜଣ ଯୁବତୀ, ଦୁଇ ଗ୍ରାହକ ଓ ୨ ଜଣ ସ୍ପା ମାଲିକ ଙ୍କୁ ଅଟକ ରଖିଛି ପୋଲିସ। ଏହି ଚଢ଼ାଉରେ ପାରାଦ୍ୱୀପ ଆଦର୍ଶ ଥାନାର ୫ଟି ଟିମ୍ ସାମିଲ ହୋଇଥିଲେ। ଆଗକୁ ପାରାଦ୍ୱୀପ ର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆସୁଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପୋଲିସ କଡ଼ା ନଜର ରଖିବା ସହିତ ବେଆଇନ ମଦ , ଗଞ୍ଜେଇ, ବ୍ରାଉନ ସୁଗାର ବ୍ୟବସାୟୀ ଙ୍କ ଉପରେ ଚଢ଼ାଉ କରୁଥିବା ବେଳେ ଆଜି ସ୍ପା ମାନଙ୍କରେ ଚଢ଼ାଉ କରାଯାଇଛି। ପାରାଦ୍ୱୀପ ର ବିଭିନ୍ନ ସ୍ଥାନରେ କିଛି ଦଲାଲ ସ୍ପା ନାମରେ ରାଜ୍ୟ ତଥା ରାଜ୍ୟ ବାହାରୁ ଝିଅ ମାନଙ୍କୁ ଆଣି ଦେହ ବ୍ୟବସାୟ କରାଉଥିବା ଅଭିଯୋଗ ହେଉଥିଲା। ପାରାଦ୍ୱୀପ ଅତିରିକ୍ତ ଏସପି ଆଜିଙ୍କ୍ୟ ମାଣେ ଙ୍କ ନେତୃତ୍ୱରେ ପାରାଦ୍ୱୀପ ଆଦର୍ଶ ଥାନା ର ୫ ଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇ ଦୁଇଟି ବେଆଇନ ସ୍ପା ରୁ ୪ ଜଣ ଯୁବତୀ , ୨ ଜଣ ଗ୍ରାହକ ଓ ଦୁଇଜଣ ସ୍ପା ମାଲିକ ଙ୍କୁ ଥାନାରେ ଅଟକ ରଖିଛି। ଏହି ଚାରିଜଣଯାକ ଯୁବତୀ କଲିକତା ରୁ ଆସିଥିବା ଜଣାପଡିଛି। ଗିରଫ ସ୍ପା ମାଲିକ ଓ ଯୁବତୀ ମାନଙ୍କୁ ପଚରାଉଚରା ଚାଲିଛି ବୋଲି ଅତିରିକ୍ତ ଏସପି ପ୍ରକାଶ କରିଛନ୍ତି।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ମାନସିକ ଭିନ୍ନକ୍ଷମ ମାଆ ଝିଅ

**ପାରାଦୀପ/ଏରସମା(ଅମୃତ ମିଡିଆ):** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ର ଚଟୁଆ ପଞ୍ଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ନିଶାକର ସ୍ୱାଇଁଙ୍କ ଝିଅ ନିହାରିକା ଲେଙ୍କା ଦୀର୍ଘ ୧୪ ବର୍ଷ ହେବ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଝିମାଣୀ ଗ୍ରାମର ପ୍ରକାଶ ଲେଙ୍କାଙ୍କୁ ବିବାହ କରିଥିଲେ। ନିହାରିକାଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ?। ୧୦ ବର୍ଷ ଝିଅ ଜନ୍ମରୁ ମାନସିକ ଭିନ୍ନକ୍ଷମ ବର୍ଗର ଓ ମାଆ ନିହାରିକା ମଧ୍ୟ ଆଂଶିକ ମାନସିକ ଭିନ୍ନକ୍ଷମ ହୋଇ ଥିବାରୁ ପାରିବାରିକ ସ୍ଥିତି ସମ୍ଭବତଃ ଉତ୍ତମ ବୁଝାମଣାରେ ଚାଲି ପାରୁନଥିଲା। ଦୀର୍ଘଦିନ ହେବ ମାଆ ଝିଅଙ୍କ ଉପରେ ଅସନ୍ତୁଷ୍ଟ ଥିବା ସ୍ୱାମୀ ଅନେକ ସମୟରେ ସେମାନଙ୍କୁ ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ଦେବା ଘଟଣା ପାରିବାର ମଧ୍ୟରେ ସୀମିତ ନରହି ଥାନା ପର୍ଯ୍ୟନ୍ତ ଆସିଥିଲା। ଏ ସମ୍ପର୍କରେ ବିଶିଷ୍ଟ ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ପାରିବାରିକ ଅସନ୍ତୋଷ ଓ ଗଣ୍ଡଗୋଳର ଆପୋଷ ସମାଧାନ କରିଥିଲେ ମଧ୍ୟ ତାହା ଦିର୍ଘ ସ୍ଥାୟୀ ହୋଇ ପାରିନଥିଲା। ବିଗତ ଦୁଇ ମାସ ହେବ ନିହାରିକା ନିଜର ମାନସିକ ଭିନ୍ନକ୍ଷମ ଝିଅକୁ ଆଣି ବାପଘରକୁ ଚାଲି ଆସିଥିଲେ ମଧ୍ୟ ବାପଘର ର ଆର୍ଥିକ ଅବସ୍ଥା କହିଲେ ନସରେ। ନିହାରିକା ଙ୍କ ଦୁଇ ଭାଇ ଦୈନିକ ମୂଲ ମଜୁରୀ ଲାଗି ଯାହା ରୋଜଗାର କରନ୍ତି ତାହା ତାଙ୍କ ପରିବାର ପାଇଁ ଯଥେଷ୍ଟ ହେଉ ନଥିବାରୁ ଭଉଣୀ ଓ ଭାଣିଜୀ ର ବୋଝ ତାଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ପରି। ପ୍ରଶାସନିକ ସୁବିଧା ଓ ମାଳ ମାଳ ସରକାରୀ ଯୋଜନା ଭିତରେ ବିଚାରୀ ନିହାରିକା ଙ୍କ ନାମ କିପରି ସ୍ଥାନିତ ହୋଇ ପାରିନାହିଁ ତାହା ସମସ୍ତଙ୍କୁ ଚକିତ କରିଛି। ଜୀବନ ଧାରଣର ଅତ୍ୟାବଶ୍ୟକ ମୌଳିକ ସୁବିଧା ବର୍ତ୍ତମାନ ନିହାରିକା ଙ୍କ ପାଇଁ ସାତ ସପନ। ରହିବା ପାଇଁ ବାସଗୃହ, ଭିନ୍ନକ୍ଷମ ଝିଅର ଭତ୍ତା ଇତ୍ୟାଦି ସବୁଥିରୁ ବଞ୍ଚିତ ହେବା ପରେ ନିହାରିକା ନିରାଶ ହୋଇ ଚଟୁଆ ପଞ୍ଚାୟତର ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟଙ୍କ ନିକଟରେ ନିଜର ଅଭିଯୋଗ ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ। ସରପଞ୍ଚ, ଗ୍ରାମର ମୁରବୀ ପଦ୍ମଲୋଚନ ଦାଶ, ପ୍ରହଲ୍ଲାଦ ଦାଶ ପ୍ରମୁଖ ଦୈନିକ ଅସଂଖ୍ୟ ଅସହାୟ ମହିଳାଙ୍କ ମୁହଁରେ ଥାଇଥାନ କରି ହସ ଫୁଟାଉ ଥିବା ଶ୍ରୀମତୀ ଆଚାର୍ଯ୍ୟଙ୍କୁ ନିହାରିକା ଙ୍କ ସମ୍ପର୍କରେ ଅବଗତ କରାଇବା ପରେ ଶ୍ରୀମତୀ ଆଚାର୍ଯ୍ୟ ସେଠାରେ ପହଞ୍ଚି ନିହାରିକା ଙ୍କ ସାମ୍ପ୍ରତିକ ସମସ୍ୟା ଅବଗତ ହେବା ପରେ ଖୁବ ଶୀଘ୍ର ନିହାରିକା ଙ୍କୁ ପ୍ରଶାସନିକ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବ୍ୟାସ ଫାଉଣ୍ଡେସନର ଅଧକ୍ଷାଙ୍କ ଏପରି ସମର୍ପିତ ଉଦ୍ୟମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।



# ଲକ୍ଷାଧିକ ଟଙ୍କାର ମୂର୍ତ୍ତି ଓ ଗହଣା ଚୋରିର ପର୍ଦ୍ଦାଫାଶ : ୩ ଅଭିଯୁକ୍ତ ଗିରଫ

**ପାରାଦୀପ(ଅମୃତ ମିଡିଆ):** ପାରାଦୀପ ଉପକଣ୍ଠ ସ୍ଥିତ ନିମିଢି ଗ୍ରାମର ମାନସ ରଞ୍ଜନ ସ୍ୱାଇଁଙ୍କ ବାସଗୃହ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ଗତ ରବିବାର ମଧରାତ୍ରରେ କବାଟ ତାଡି ଠାକୁରଙ୍କ ବିଭିନ୍ନ ପ୍ରକାର ମୂର୍ତ୍ତି,ଗହଣା ସମେତ ମନ୍ଦିର ସାମଗ୍ରୀ ଚୋରିର ପର୍ଦ୍ଦାଫାଶ କରିଛି ପାରାଦୀପ ଲକ ପୋଲିସ। ଅଭିଯୋଗ ହେବାର ଚବିଶ ଘଣ୍ଟା ମଧ୍ୟରେ ପାରାଦୀପ ଲକ୍ ଥାନା ପୋଲିସ ଚୋରି ସାମଗ୍ରୀ ଉଦ୍ଧାର କରିବା ସହିତ ଚୋରି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ।ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶଙ୍କ ସୂଚନା ଅନୁଯାୟୀ ନୀମିଢି ଗ୍ରାମର ମାନସ ରଞ୍ଜନ ସ୍ୱାଇଁଙ୍କ ଘରର ମନ୍ଦିର ଫାଟକ ଭାଙ୍ଗି ଗତ ୬ ତାରିଖ ବିଳମ୍ବିତ ରାତିରେ ଦୁର୍ବୃର୍ତ୍ତ ମାନେ ଠାକୁରଙ୍କ ସୁନା,ରୂପା,ତମ୍ବା ଆଦି ଧାତୁର ନିର୍ମିତ ବିଭିନ୍ନ ପ୍ରକାର ଅଳଙ୍କାର ଚୋରି କରି ନେଇଥିବା ନେଇ ପରଦିନ ଅଥାତ୍ ସେପଟମ୍ବର ୭ ତାରିଖରେ ଶ୍ରୀ ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଦୁର୍ବୃର୍ତ୍ତ ମାନଙ୍କୁ ଠାବ କରି ଚୋରି ହୋଇଥିବା ମନ୍ଦିର ସାମଗ୍ରୀ ଉଦ୍ଧାର କରିବା ପାଇଁ ପୋଲିସ ତତ୍ପର ହୋଇ ପଡ଼ିଥିଲା। ଯାହାର ଫଳ ସ୍ୱରୂପ ପୋଲିସ ୩ ଅଭିଯୁକ୍ତ ପାରାଦୀପ ଲକ୍ ଥାନା ଅଧିନସ୍ଥ ପାରାଦୀପଗଡ ଗେଟ୍ ବଜାର ଅଞ୍ଚଳର ପ୍ରମୋଦ ନାୟକ,ନିମିଢ଼ି ଗ୍ରାମର ରଞ୍ଜନ ସ୍ୱାଇଁ ଓ ଗଞ୍ଜାମ ଜିଲ୍ଲା କୁକୁଡ଼ା ଖଣ୍ଡି ଗ୍ରାମର ଶ୍ୟାମ ସୁନ୍ଦର ରାଓଙ୍କୁ ପୋଲିସ ଗିରଫ କରିବା ସହିତ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି। ପୋଲିସ ଜବତ କରିଥିବା ସାମଗ୍ରୀ ଗୁଡ଼ିକର ଆନୁମାନିକ ମୂଲ୍ୟ ଚାରି ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି। ଗିରଫ ହୋଇଥିବା ତିନି ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନ ପାରାଦୀପ ଲକ୍ ଥାନା ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ତେବେ ଏ ବାବଦରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାଣେ ଏବଂ ଲକ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାଶ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ।




## ପୁରାତନ ବ୍ୟବସାୟୀଙ୍କ ବିୟୋଗରେ ପାରାଦୀପ ପୋର୍ଟ ବଣିକ ସଂଘର ଶୋକସଭା



**ପାରାଦୀପ(ଅମୃତ ମିଡିଆ):** ପାରାଦୀପ ବଡ଼ପଡ଼ିଆ ମାର୍କେଟ ର ପୁରାତନ ବ୍ୟବସାୟୀ ପି.କୁମାରନ ଙ୍କର ଗତ ସେପଟମ୍ବର ୩ ତାରିଖରେ କେରଳ ସ୍ଥିତ ନିଜ ବାସଭବନରେ ୬୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସୁଦୂର କେରଳ ରୁ ଆସି ବଡ଼ପଡ଼ିଆ ମାର୍କେଟ ରେ ଡେକାନ କେକ ହାଉସ ପ୍ରତିଷ୍ଠା କରି ଦୀର୍ଘ ୪୦ ବର୍ଷ ଧରି ବ୍ୟବସାୟ କରି ଆସୁଥିଲେ ପି.କୁମାରନ। ତାଙ୍କ ବିୟୋଗରେ ପାରାଦ୍ୱୀପ ପୋର୍ଟ ବଣିକ ସଂଘ ପକ୍ଷରୁ ଉପଦେଷ୍ଟା କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ଙ୍କ ଆବାହକତ୍ୱ ରେ ଗୁରୁବାର ସକାଳେ ଏକ ଶୋକ ସଭା ସଙ୍ଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏଥିରେ ବଣିକ ସଙ୍ଘ ସଭାପତି ଅମୀୟ ପାଣି. ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ. ଶମ୍ଭୁନାଥ ଖୁଣ୍ଟିଆ, ଶିଶିର ନାୟକ, ତାପସ ପରିଜା, ପ୍ରୀତିରଞ୍ଜନ ମହାପାତ୍ର, ପ୍ରକାଶ ନାୟକ, ଶକ୍ତିକାନ୍ତ ଦାସ, ଜିତେନ୍ଦ୍ର ଦାସ, ସୁବାସ ଦେଉରା ଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ରହି ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଏହି ପରିପ୍ରେକ୍ଷୀରେ କିଛି ସମୟ ସମ୍ପୁର୍ଣ୍ଣ ମାର୍କେଟ ବନ୍ଦ ରହିଥିଲା।

# ଟ୍ରେନରେ କଟି୪ ବାରହାମୃତ୍ୟୁ, ତଦନ୍ତ ଜାରି



**ଚଣ୍ଡିଖୋଲ(ଅମୃତ ମିଡିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଦକ୍ଷିଣ ପୂର୍ବ ରେଳ ପଥ ର ଧାନମଣ୍ଡଳ ଖୋସାଲିପୁର ନିକଟରେ ଥିବା ରେଳ ଫାଟକର କିଛି ଦୂରରେ ଜଙ୍ଗଲରୁ ପଦାକୁ ଆସୁଥିବା ବେଳେ ୪ଟି ବାରହାଙ୍କୁ ଭଦ୍ରକ ପଟୁ ଆସୁଥିବା ଟ୍ରେନ୍ ଧକ୍କା ଦେବାରୁ ଘଟଣା ସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏହି ବାରହା ମାନେ ନିକଟରେ ଥିବା ବରୁଣାବନ୍ତ ଜଙ୍ଗଲ ରୁ ବାହାରି ଧାନ ଫସଲ ଖାଇବାକୁବାହାରକୁ ଆସୁଥିଲା ସମୟରେ ଏପରି ଦୃଘଟଣା ଘଟିଥିବା କୁହାଯାଉଛି। ଏହି ଘଟଣା ପରେ ରେଳ ଫାଟକରେ ଥିବା ଜଗୁଆଳୀ ଚଣ୍ଡିଖୋଲ ବନ ବିଭାଗ କୁ ଖବର ଦେବାପରେ ଘଟଣା ସ୍ଥଳରେ ଚଣ୍ଡୀଖୋଲ ବନବିଭାଗ କର୍ମଚାରୀ ମାନେ ପହଞ୍ଚି ତଦନ୍ତ ଜାରିରଖିଥିଲା। ପରେ ସମସ୍ତ ମୃତ ବାରହାଙ୍କୁ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପ୍ରାଣୀ ଚିକିତ୍ସାଳୟକୁ ପଠାଯାଇ ସେଠାରେ ବ୍ୟବଚ୍ଛେଦ ହେବାପରେ ସେମାନଙ୍କୁ ପୋତି ଦିଆଯାଇଥିଲା।

# ବନ୍ୟା ଛାଡ଼ିବା ପରେ ଧସିଲା ନାଳିଆ ନଦୀବନ୍ଧ



**ଭଦ୍ରକ(ଅମୃତ ମିଡିଆ):** ଧସିଲା ନାଳିଆ ନଦୀର ନଦୀ ବନ୍ଧ। ବନ୍ୟା ଛାଡିଯିବା ପରେ ଧସିଲା ନାଳିଆ ନଦୀର ନଦୀବନ୍ଧ। ଫଳରେ ଭୟଭୀତ ହୋଇ ରହିଛନ୍ତି ଗାଁଲୋକ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ବ୍ଲକ ଅର୍ଣ୍ଣପାଳ ପଞ୍ଚାୟତର ରାଜୁଆଳିବିନ୍ଧା ଗାଁ ନିକଟରେ। ସାଳନ୍ଦୀ ନଦୀ ର ଜଳସ୍ତର ବଢ଼ିବା ଫଳରେ ଶାଖା ନଦୀ ନାଳିଆ ନଦୀର ବାରମ୍ବାର ବନ୍ୟା ଜଳ ଆସିଥିଲା। ଫଳରେ ବନ୍ୟା ସମୟ ରେ ତିହିଡି ବ୍ଲକ ଅଧିନସ୍ଥ ମାତଗଜପୁର ନିକଟରେ ନଦୀ ବନ୍ଧ ଭାଙ୍ଗି ଥିଲା ବେଳେ ବନ୍ୟା ଛାଡିଯିବା ପରେ ଭଦ୍ରକ ବ୍ଲକ ଅଧିନସ୍ଥ ରାଜୁଆଳି ବିନ୍ଧା ନିକଟରେ ନଦୀ ବନ୍ଧ ଧସିଯାଇଛି। ଏଠାରେ ନଦୀବନ୍ଧ ରାସ୍ତାର ପାଖାପାଖି ୪୦ ଫୁଟରୁ ଉର୍ଦ୍ଧ୍ୱ ବନ୍ଧ ନଦୀ ଭିତରକୁ ଧସି ଯାଇଛି। ଏହି ବନ୍ଧ ଉପରେ ପ୍ରତ୍ୟେକ ଦିନ ଦୁଇଟି ପଞ୍ଚାୟତର ଅନେକ ଗାଁର ଶହ ଶହ ଲୋକ ଯାତାୟାତ କରିଥାନ୍ତି। ତୁରନ୍ତ ବନ୍ଧର ମରାମତି ପାଇଁ ଗାଁଲୋକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ରୋଟାରୀ କ୍ଲବ୍ ଓ ବିପିସିଏଲ୍ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ

**ପାରାଦୀପ(ଅମୃତ ମିଡିଆ):** ସଞ୍ଜୀବନୀ ସପ୍ତାହ ଅବସରରେ ପାରାଦୀପ ରୋଟାରୀ କ୍ଲବ୍ ଏବଂ ବିପିସିଏଲ୍ ର ମିଳିତ ସହଯୋଗରେ ପାରାଦୀପ ସ୍ଥିତ ବିପିସିଏଲ୍ ଡିପୋ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଦିନ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଶିବିରରେ କଟକ ରେଡକ୍ରସ ସୋସାଇଟି ଦ୍ୱାରା ସମୁଦାୟ ୫୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୂର୍ବତଟ ରେଳପଥର ଏଆରଏମ୍ ଏନ୍.ଶାହୀ (ଆଇଆରଟିସ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପାରାଦୀପ ରୋଟାରୀ କ୍ଲବ୍ ର ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, କ୍ଲବ୍ ନିର୍ଦ୍ଦେଶକ ଡ଼ଃ.ପ୍ରଶାନ୍ତ କୁମାର ମହାପାତ୍ର, ଡ଼ଃ.କୈଳାସ ଚନ୍ଦ୍ର ମହାରଣା, ଦୀପକ କୁମାର ଷଡଙ୍ଗୀ, ବିପ୍ଲବ କୁମାର ଜେନା, ରଞ୍ଜିତ କୁମାର ବୋମାଲି ଏବଂ ବିପିସିଏଲ୍ ପ୍ଲାଣ୍ଟ ମୁଖ୍ୟ ଶିବାଶିଷ ମହାପାତ୍ର, ଏଲ୍.ପି.ଜି. ମୁଖ୍ୟ ଉପେନ୍ଦ୍ର ନାଥ ସେଠୀ, ଏବଂ ସୁରକ୍ଷା ଅଧିକାରୀ ମୁକେଶ ଦାସ ଓ ଅମଲ ଜ୍ୟୋତି ବେଗୁ ପ୍ରମୁଖ ଉପସ୍ଥିତ ଥିଲେ।



# ପ୍ରବୀଣ ଶିକ୍ଷାବିତ ବଟକୃଷ୍ଣ ଦାସଙ୍କ ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳୀ



**ମାହାଙ୍ଗା(ଅମୃତ ମିଡିଆ):** ପ୍ରବୀଣ ଶିକ୍ଷାବିତ, ସାହିତ୍ୟ ସଂସ୍କୃତି ଅନୁରାଗୀ ପୁରୁଷ, ଛାଣି ପୁର ହାଇସ୍କୁଲରୁ ଅବସରପ୍ରାପ୍ତ ସୁନାମ ଧନ୍ୟ ଶିକ୍ଷକ, ବଟକୃଷ୍ଣ ଦାଶଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତି ସଭା କୋଠ ପଦା ଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ଦାସଙ୍କ ସଂଯୋଜନା ରେ ଆୟୋଜିତ ଏହି ସ୍ମୃତି ସଭାରେ ଶିକ୍ଷାବିତ କୈଳାସ ଚନ୍ଦ୍ର ବଳବନ୍ତରାୟ, ଗୀତିକାର ବିଶ୍ୱେଶ୍ୱର ମହାନ୍ତି,ପୂର୍ବତନ ପ୍ରଧାନଶିକ୍ଷକ ଶାନ୍ତିଲତା ରାୟ,ସାହିତ୍ୟିକ ଡକ୍ଟର ଅଖିଳେଶ ପଦ ମହାନ୍ତି,ଡକ୍ଟର ଭାବଗ୍ରାହୀ ରାଉତ,କବି ପ୍ରଶାନ୍ତ କୁମାର କର,ଶିକ୍ଷାବିତ ବଟ କିଶୋର ପଣ୍ଡା, ଶିକ୍ଷାବିତ ରତ୍ନାକର ମହାନ୍ତି,ସମାଜସେବୀ ରାମଚନ୍ଦ୍ର ମହାପାତ୍ର,ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ର ପତି,ପୂର୍ବତନ ସରପଞ୍ଚ ହେମନ୍ତ କୁମାର ପ୍ରଧାନ,ସମାଜସେବୀ ଅଫସର ତୁଲ୍ଲା,ଡକ୍ଟର ସୁଧୀର ଚରଣ ସାମଲ,ପ୍ରଭାକର ଦାସ,ପଣ୍ଡିତ ବିଜୟ କୁମାର ଦାସ, ଶିକ୍ଷାବିତ ପ୍ରତାପ କିଶୋର ନାୟକ, କୃଷ୍ଣଚନ୍ଦ୍ର ବାରିକ, ପ୍ରବଚକ ଶୁକଦେବ ସ୍ୱାଇଁ, ଚୈତନ୍ୟ ପାଣି,ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶ ଏକାଧାରରେ ଜଣେ ସଂସ୍କୃତି ପ୍ରେମୀ, ବିଦ୍ୱାନ,ଯଶସ୍ୱୀ ପୁରୁଷ ଭାବେ ଅଭି ଭକ୍ତ କଟକ ଜିଲ୍ଲାରେ ବେଶ ପରିଚିତ ଥିଲେ ବୋଲି ମତବ୍ୟକ୍ତ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ କ୍ଷପ୍ରାରମ୍ଭରେ ପୁତ୍ର କିଶୋର ଚନ୍ଦ୍ର ଦାଶ ସ୍ୱର୍ଗତ ବଟକୃଷ୍ଣଙ୍କ ବହୁ ମୁଖୀ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ଏହି ସ୍ମୃତି ଉତ୍ସବକୁ ଅନନ୍ତ ଚରଣ ସାହୁ, ବିଘ୍ନ ରାଜ ଦାଶ, ସିଦ୍ଧ ରାଜ ଦାଶ, ବିଶ୍ୱଜିତ ମିଶ୍ର, ବିଜୟ କୁମାର ଦାଶ, ପ୍ରମୁଖ ପରିଚାଳନା କରିଥିଲେ।

# ଶିବାନନ୍ଦ ଜୟନ୍ତୀ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ବ୍ଲକର ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପକ୍ଷରୁ ସ୍ୱାମୀ ଶିବାନନ୍ଦ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ପାଇଁ ରୁଦ୍ରାଭିଷେକ, ପ୍ରାତଃ ପ୍ରାର୍ଥନା, ଜପ, ଧ୍ୟାନ ସହିତ ନଗର ପରିକ୍ରମା ପ୍ରଭୃତି କରାଯାଇଥିଲା। ଏଥିରେ ଶ୍ରୀମାଙ୍କ ସମେତ ଡ. କାଳିପ୍ରସନ୍ନ ଶତପଥୀ, ବଗଡା ଓ ଏଣ୍ଡରର କୀର୍ତ୍ତନମଣ୍ଡଳୀ ପ୍ରମୁଖ ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଆସନ୍ତା ୨୪ତାରିଖ ସ୍ୱାମୀ ଚିଦାନନ୍ଦ ଜୟନ୍ତୀ ପର୍ଯ୍ୟନ୍ତ ଏକ ସାଧନା ପକ୍ଷ ପାଳନ ପରିପେକ୍ଷୀରେ ଏକ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବ ନ କରାଯିବ ବୋଲି ଆଶ୍ରମ ପକ୍ଷରୁ ସୂଚନା ଦିଆଯାଇଛି।

# କୋରାପୁଟ ଜିଲ୍ଲାରେ ୪୭୭ ମିମି ବର୍ଷା

**କୋରାପୁଟ(ଅମୃତ ମିଡିଆ):** କୋରାପୁଟ ଜିଲାର ବିଭିନ୍ନ ବ୍ଲକ୍‌ରେ ଶୁକ୍ରବାର ୪୭୭ ମିମି ବର୍ଷା ରେକର୍ଡ ହୋଇଛି। ଜିଲାର କୁନ୍ଦ୍ରା ବ୍ଲକ୍‌ରେ ସର୍ବାଧିକ ୫୯ ମିମି ବର୍ଷା ରେକର୍ଡ ହୋଇଛି। ଜୟପୁରରେ ୫୪.୬, ଲମତାପୁଟରେ ୪୮, କୋଟପାଡ଼ ଓ ବୈପାରିଗୁଡ଼ାରେ ୪୬, ବୋରିଗୁମ୍ମାରେ ୪୩.୬ ଏବଂ ସେମିଳିଗୁଡ଼ାରେ ୪୩.୨ ମିମି ବର୍ଷା ହୋଇଛି। ସେହିପରି କୋରାପୁଟରେ ୩୧.୮, ନନ୍ଦପୁରରେ ୨୯, ପଟ୍ଟାଙ୍ଗିରେ ୨୧, ଲକ୍ଷ୍ମୀପୁରରେ ୨୦, ବନ୍ଧୁଗାଁରେ ୧୫.୨, ନାରାୟଣପାଟଣାରେ ୧୪.୬ ଏବଂ ଦଶମନ୍ତପୁରରେ ୫ ମିମି ବର୍ଷା ରେକର୍ଡ ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷେ ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ଶୁକ୍ରବାର କୋରାପୁଟ ଜିଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରିଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକର ବିଡ଼ିଓ ଓ ତହସିଲଦାରଙ୍କୁ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ୧୨ରେ ଯାଜପୁରରେ ତୃତୀୟ ଲୋକ ଅଦାଲତ

**ଯାଜପୁର(ଅମୃତ ମିଡିଆ):** ଯାଜପୁର ଜ଼ିଲ୍ଲା ଓ ଦୌରା ଅଦାଲତ ସମେତ ଜ଼ିଲ୍ଲା ର ସମସ୍ତ ଅଦାଲତ ପରିସରରେ ଆସନ୍ତା ସେପଟମ୍ବର ୧୨ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜ଼ିଲ୍ଲା ଆଇନ ସ୍ୱୋ ପ୍ରାଧିକରଣ ସଚିବ ଲିପା ମହାନ୍ତି ପ୍ରକାଶ କରିଛନ୍ତି କ୍ଷ ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାର ର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ୍ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷିତପୂରଣ ସମାଧାନ ଯୋଗ୍ୟ, ଟ୍ରାଫିକ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା ଶ୍ରମ ଓ ନିଯୁକ୍ତି ବିବାଦ, ପାରିବାରିକ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସମାଧାନ କରାଯିବ।

# ମେଘାସନ ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ ଉତ୍ସବ

**ବାରିପଦା /ଉଦଳା(ଅମୃତ ମିଡିଆ);** ନୂଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଚଳିତ ବର୍ଷ ନୂଆକରି ନାମ ଲେଖାଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ଉଦେଶ୍ୟରେ ଚଳିତ ସେପଟମ୍ବର ୮ ତାରିଖ ମଙ୍ଗଳବାରଦିନ ବେଶ ଆନନ୍ଦଉଲ୍ଲାସ ମଧ୍ୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍ ?ଘାଟନ କରିବା ସହିତ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାରେ ଯେଉଁ ଆନନ୍ଦ ଅନୁଭୁତ ହୋଇଥାଏ ଖୁବ୍ ଆବେଗତା ର ସହିତ ବ୍ୟକ୍ତ କରିଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ଶଙ୍ଖ ବଜାଇ ବେଦମନ୍ତ୍ର ଉଚାରଣ ପୂର୍ବକ ମଂଚାସୀନ ସମସ୍ତ ଅତିଥି ପୂଜାର୍ଚ୍ଚନା କରିଥିଲେ। ପରେ ବିଗତ ବର୍ଷର ଛାତ୍ର ଛାତ୍ରୀ ମାନେ ନବାଗତ ଭାଇ ଭଉଣୀ ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ସ୍ୱାଗତ ଜଣାଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରାଧାପିକା ଡ଼. ଶୁଭଦର୍ଶନି ମହାନ୍ତି ଆୟୋଜିତ ସାଧାରଣ ସଭାରେ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଓଡ଼ିଆ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ପ୍ରାଧାପକ ଡ଼. ନିରଂଜନ ପାଠୀ ଓଡ଼ିଆ ଭାଷା ସାହିତ୍ୟରେ ଥିବା ସ୍ୱତନ୍ତ୍ର ମହକ କିପରି ବାରି ହୋଇ ପଡ଼େ ବକ୍ତବ୍ୟରେ କହିଥିଲେ। ପ୍ରାଧାପକ ବୃନ୍ଦାବନ ମହାନ୍ତି ଓ ପ୍ରାଧାପକ ସରୋଜ କୁମାର ମହାନ୍ତି ଓଡ଼ିଆ ଲିପି ବହୁ ପୁରାତନ ହୋଇଥିବା ବେଳେ ଓଡ଼ିଶାର ଖାଦ୍ୟ, ପେୟ, ପୋଷାକ ଓ ପର୍ବ ପର୍ବାଣୀ ସବୁକିଛିରେ ଥିବା ସ୍ୱତନ୍ତ୍ରତା ସମ୍ପର୍କରେ ଅବଗତ କରାଇଥିଲେ। ଦିବସବ୍ୟାପି ନବାଗତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ପଢ଼ିବି, ଓଡ଼ିଆ ଲେଖିବି ଓ ଓଡ଼ିଆ ବୋଲି ମୁଁ ପରିଚୟ ଦେବି ଚର୍ଚ୍ଚାର ମାହୋଲ ଏକ ଭିନ୍ନସ୍ୱାଦର ବାତାବରଣ ଖେଳାଇ ଦେଇଥିଲା। ଅଧାପିକା ସୌମ୍ୟା ବାରିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସାମ୍ବିଧାନିକି ସ୍ୱୀକୃତି ଲାଭ କରିବାରେ ସମଗ୍ର ଭାରତ ବର୍ଷରେ ଓଡ଼ିଆ ଭାଷା ପ୍ରଥମ ଅଟେ ବୋଲି କହିବା ସହ ଏଥିପାଇଁ ଆମେ ଓଡ଼ିଆ ମାନେ ନିଜକୁ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ। ଅଧାପକ ସନ୍ତୋଷ କୁମାର ଜେନା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେବା ସହିତ ସ୍ୱାଗତ ଉତ୍ସବର ଯବନିକା ପକାଇଥିଲେ।



# ୧୪ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ରଣପୁର(ଅମୃତ ମିଡିଆ):** ଗୁରୁବାର ମଧ୍ୟାହ୍ନରେ ରଣପୁର କଲେଜ ରୋଡ୍‌ରେ ଚଢ଼ାଉ କରି ଅବକାରୀ ବିଭାଗ ୧୪୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧୪ଲକ୍ଷ ଟଙ୍କାହେବ। ଏହି ମାମଲରେ ଜଣକୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ସୂଚନାନୁସାରେ, ଗୁଇନ୍ଦା ସୂଚନାଧାରରେ ଅବକାରୀ ବିଭାଗର ଏକ ଟିମ୍ ଯୋଜନାବଦ୍ଧ ଭାବେ ରଣପୁର କଲେଜ ରୋଡ୍ ପାମ୍ପଡ଼ା ପ୍ରାଥମିକ ବିଦ୍ୟାଳୟ ନିକଟରେ ଛକି ରହିଥିଲେ। ଏହି ସମୟରେ ବିକ୍ରି କରିବାକୁ ରଣପୁର ଏନ୍‌ଏସି ୧୧ ନଂ ୱାର୍ଡର ମୀର ସାହିଲ (୨୪) ମୋଟରସାଇକଲ୍ (ଓଡ଼ି୦୨ଏଏସ୍ ୭୧୩୫)ରେ ଯାଉଥିଲା। ଅବକାରୀ ଟିମ୍ ଘେରାବନ୍ଦୀ କରି ଯାଞ୍ଚ କରିଥିଲେ। ମୀର ନିକଟରୁ ୧୪୫ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଥିଲା। ଏହି ଧର ପଗଡ଼ରେ ନିର୍ମଳ କୁମାର ବେହେରା , ବିକାଶ ଜେନା, ସଂଜୀବ ମହାପାତ୍ର ଓ ରମ୍ଭା ରାଉତ ସାମିଲ ହୋଇଥିଲେ।



## ୧୬୪ ଦିନରେ ଅହିଂସାପୂର୍ଣ୍ଣ ସଚେତନତା ପଦଯାତ୍ରା






## ରାଜ୍ୟ ଗାଁସାଥୀ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଧାରଣା ଓ ଦାବିପତ୍ର ପ୍ରଦାନ







## ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ମୁକାବିଲା ନେଇ ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ






# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.144, Saturday, 12 September 2026, Puri, Pages - 23, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୪, ଶନିବାର, ୧୨ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



